ଧରିତ୍ରୀ
DHARITRI
ଧରିତ୍ରୀ 51 Years
ପୃଷ୍ଠା–୧୨+୮
ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୬/୨୦୨୫ (୧୨+୮=୨୦ ପୃଷ୍ଠା) Bhubaneswar, Friday, September 26/2025 Page 20 ₹ 7.00 | SAMBALPUR
୫୧ଶ ଭାଗ ୩୦୨ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 302 ମୂଲ୍ୟ₹୭/-

# ସଡ଼କ ଦୁର୍ଘଟଣା: ୧୦ ମୃତ

## ସୁନ୍ଦରଗଡ଼ରେ ୬, କୋରାପୁଟରେ ୨, ରାୟଗଡ଼ାରେ ୨ ଜୀବନ ଗଲା

ରାଜ୍ୟରେ ବୁଧବାର ରାତିଠାରୁ ୨୪ ଘଣ୍ଟା ମଧ୍ୟରେ ତିନୋଟି ବଡ଼ ଦୁର୍ଘଟଣା ଘଟି ୧୦ ଜଣଙ୍କ ଜୀବନ ଯାଇଛି। ସେଥିରେ ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅଞ୍ଚଳରେ ଗୁରୁବାର ପୂର୍ବାହ୍ନରେ ଟ୍ରକ୍ ଓ ଯାତ୍ରୀବାହୀ ବସ୍ ମୁହାଁମୁହିଁ ଦୁର୍ଘଟଣା ଘଟି ୬ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୭ଜଣ ଆହତ ହୋଇଛନ୍ତି। ବସ୍‌ଟି ରାସ୍ତାକାମ ପାଇଁ ଜାମ୍ ଥିବାରୁ ରଙ୍ଗରୁଟ୍‌ରେ ଯାଉଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲା। ଗୋଟିଏ ପଟେ ରାସ୍ତାକାମ ୭ ବର୍ଷ ଧରି ନ ଶେଷ ହେବା ଏବଂ ଅନ୍ୟପଟେ ରୁଙ୍ଗ୍ ରୁଟ୍‌ରେ ଗାଡ଼ି ଚାଳନାର ପରିଣାମ ସ୍ୱରୂପ ୬ ଜୀବନ ଦୀପ ଲିଭିଯାଇଛି। ଅନ୍ୟପକ୍ଷରେ କୋରାପୁଟ ଓ ରାୟଗଡ଼ା ଜିଲାରେ ୨ ସଡ଼କ ଦୁର୍ଘଟଣାରେ ୪ଜଣଙ୍କ ମୃତ୍ୟୁ ଘଟିଛି।



ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅଞ୍ଚଳରେ ଗୁରୁବାର ଟ୍ରକ୍ ଓ ବସ୍ ମଧ୍ୟରେ ହୋଇଥିବା ଦୁର୍ଘଟଣା।

### ରଙ୍ଗରୁଟ୍‌ରେ ଟ୍ରକ୍-ବସ୍ ମୁହାଁମୁହିଁ

ବଣାଇଁ/ଟେନ୍‌ସା,୨୫।୯(ପ୍ରଦୀପ ତ୍ରିପାଠୀ/ସମୀର ପାଢ଼ୀ)

ରାଉରକେଲାରୁ କୋଇଡ଼ା ଯାଉଥିବା ଏକ ଯାତ୍ରୀବାହୀ ବସ୍ ଗୁରୁବାର ପୂର୍ବାହ୍ନରେ ଦୁର୍ଘଟଣାଗ୍ରସ୍ତ ହୋଇଛି। କେ. ବଲାଙ୍ଗ ଥାନା ଅନ୍ତର୍ଗତ ୫୨୦ନମ୍ବର ଜାତୀୟ ରାଜପଥର ରକ୍ସି ନିକଟରେ ରାସ୍ତା କାମ ଚାଲୁଥିବାରୁ ଜାମ୍ ପରିସ୍ଥିତି ସୃଷ୍ଟି ହୋଇଥିଲା। ତେଣୁ ବସ୍‌ଟି ରଙ୍ଗ ରୁଟ୍‌ରେ ଯିବାବେଳେ ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୬ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୭ଜଣ ଆହତ ହୋଇଛନ୍ତି। ୧୪ ଗୁରୁତରଙ୍କୁ ରାଉରକେଲା ହସ୍ପିଟାଲ ପଠାଯାଇଥିବାବେଳେ ଅନ୍ୟ ଆହତଙ୍କୁ ବଣାଇ ହସ୍ପିଟାଲରେ ଚିକିତ୍ସା କରାଯାଇଛି। ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ☞ପୃଷ୍ଠା–୪

### ଗଛରେ ପିଟିହେଲା ଟିପ୍ପର

ଗୁଣପୁର,୨୫।୯(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ବାଗଶଳା ପଞ୍ଚାୟତ ଅନ୍ତର୍ଗତ ଭାଲେରୀ କୁଡ଼ିଆ ମୁଖ୍ୟ ରାସ୍ତାରେ ଗୁରୁବାର ଭୋର ସମୟରେ ଏକ ଟିପ୍ପର ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯାଇଥିଲା। ଘଟଣାସ୍ଥଳରେ ଟିପ୍ପରରେ ବସିଥିବା ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ମୃତକ ଦ୍ୱୟ ହେଲେ ରାମନାଗୁଡ଼ା ବ୍ଲକ୍ ଅନ୍ତର୍ଗତ ଅର୍ଜୁନଗୁଡ଼ା ଗ୍ରାମର ଅଲିକ୍ଷ ପାତିକା ଓ ଅଜୟ ପାଲକା। ଗୁରୁତର ଆହତ ହୋଇଥିବା ଟିପ୍ପର ଚାଳକଙ୍କୁ ଗୁଣପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇ ଅଧିକ ଚିକିତ୍ସା ପାଇଁ କୋରାପୁଟ ମେଡିକାଲକୁ ☞ପୃଷ୍ଠା–୪

### ୨ ବାଇକ୍ ମୁହାଁମୁହିଁ ଧକ୍କା

କୋରାପୁଟ,୨୫।୯(ଅମିତାଭ ବେହେରା)

କୋରାପୁଟ ଜିଲା ନାରାୟଣପାଟଣାରେ ୨ ବାଇକ୍ ମୁହାଁମୁହିଁ ଧକ୍କାହୋଇ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪ ଗୁରୁତର ରହିଛନ୍ତି। ମୃତକ ହେଲେ ଗାଦବାଗୁଡ଼ା ଗ୍ରାମର ଅଭି ମିଣିଆକା ଓ ଶରତ ତାଡ଼ିଙ୍ଗି। ୪ ଗୁରୁତର ହେଲେ ଗଣେଶ ଶରଡିଆ, ପିଣ୍ଟୁ ଶରଡିଆ, ଶିବାନା ସିରିକା ଓ ନରି ମାଣ୍ଡିଙ୍ଗା। ସୂଚନା ଅନୁଯାୟୀ, ବୁଧବାର ରାତିରେ ନାରାୟଣପାଟଣା ସଦର ମହାକୁମାରେ ଥିବା ଷ୍ଟେଟ ବ୍ୟାଙ୍କ ନିକଟରେ ଦ୍ରୁତଗତିରେ ଆସୁଥିବା ୨ ବାଇକ୍(ଓଡି୧୦–ଏକ୍ସ–୬୯୩୬) ଏବଂ (ଓଡି୧୦–ବି–୯୩୦୪) ମହାଁମୁହିଁ ଧକ୍କା ହୋଇଥିଲା। ଗୋଟିଏ ବାଇକ୍‌ରେ ୪ ଜଣ ଓ ଅନ୍ୟ ☞ପୃଷ୍ଠା–୪

# ନିଖୋଜ ଶିଶୁଙ୍କ ଏତଲା ପଞ୍ଜୀକରଣ କରୁନି ପୋଲିସ

ରାଜ୍ୟରେ ବିଗତ କିଛିବର୍ଷ ହେଲା ଶିଶୁ ନିଖୋଜ ଘଟଣା ଅପରାଧର ପରିସରକୁ ବ୍ୟାପକ କରିଛି। ପିହୁ ନିଖୋଜ ବିଷୟ ଏବେ ମଧ୍ୟ ସମସ୍ତଙ୍କ ମନରେ ରହସ୍ୟ ଭଳି ରହିଯାଇଛି। ଭାରତର ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ(ସିଏଜି)ଙ୍କ ରିପୋର୍ଟରୁ ରାଜ୍ୟରେ ୫ ବର୍ଷରେ ୭୭,୨୬୮ ଶିଶୁ ନିଖୋଜ ହୋଇଥିବା ନେଇ ଦର୍ଶାଯାଇଥିବା ତଥ୍ୟ ଅନେକଙ୍କୁ ଅସ୍ତବ୍ୟସ୍ତ କରିବା ସ୍ୱାଭାବିକ। ସବୁଠାରୁ ସାଂଘାତିକ କଥା ହେଉଛି, ଶିଶୁଙ୍କ ନିଖୋଜ ସଂକ୍ରାନ୍ତ ସମସ୍ତ ଏତଲାକୁ ପୋଲିସ ପଞ୍ଜୀକରଣ କରୁନାହିଁ, ଯାହା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ କରୁଛି ବୋଲି ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି।

ଭୁବନେଶ୍ୱର,୨୫।୯(ରବିନାରାୟଣ ଜେନା)

ରାଜ୍ୟରେ ଅନେକ ହଜାର ଶିଶୁ ନିଖୋଜ ହୋଇଥିବା ନେଇ ଅଧିକାଂଶ ସମୟରେ ଶାସକ–ବିରୋଧୀ ମୁହାଁମୁହିଁ ହେଉଥିବାବେଳେ ବୁଧବାର ଗୃହରେ ଆଗତ ହୋଇଥିବା ଭାରତର ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ(ସିଏଜି)ଙ୍କ ରିପୋର୍ଟରେ ବହୁ ସାଙ୍ଘାତିକ ତଥ୍ୟ ଲୋକଲୋଚନକୁ ଆସିଛି। ରିପୋର୍ଟରେ କେଉଁଠି ଶିଶୁଙ୍କ ନିଖୋଜ ଅଭିଯୋଗ ପଞ୍ଜୀକରଣ କରାଯାଉ ନାହିଁ ତ ଆଉ କେଉଁଠି ରେକର୍ଡ ଠିକ୍ ଭାବେ ପ୍ରସ୍ତୁତ ହେଉନାହିଁ। ଗତ ୫ବର୍ଷ ମଧ୍ୟରେ ଅନେକ ହଜାର ଶିଶୁଙ୍କ ନିଖୋଜ ଏତଲାକୁ ପୋଲିସ ପଞ୍ଜୀକରଣ କରିନାହିଁ, ଯାହାକି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଖୋଲା ଉଲ୍ଲଂଘନ ହୋଇଛି ବୋଲି ସିଏଜିଙ୍କ ପକ୍ଷରୁ ମହାଲେଖାକାର ସୁବୁ ଆର୍ ଓ ଅତୁଲ ପ୍ରକାଶ ଖବରଦାତା ସମ୍ମିଳନୀରେ କହିଛନ୍ତି।

**ସିଏଜି ରିପୋର୍ଟ**

- ୫ ବର୍ଷରେ ୭୭,୨୬୮ ନିଖୋଜ ଅଭିଯୋଗ
- ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଉଲ୍ଲଂଘନ

ମହାଲେଖାକାର ସୁବୁ ଆର୍ କହିଛନ୍ତି, ନିଖୋଜ ଶିଶୁଙ୍କ କ୍ଷେତ୍ରରେ ସୁପ୍ରିମକୋର୍ଟ ୨୦୧୩ରେ ଏକ ନିର୍ଦ୍ଦେଶନାମାରେ ଦର୍ଶାଇଛନ୍ତି, ଏତଲା ପଞ୍ଜୀକରଣ ବାଧ୍ୟତାମୂଳକ। ଅପରାଧ ଓ ଆପରାଧିକ ନିୟନ୍ତ୍ରଣ ଟ୍ରାକିଂ ନେଟ୍‌ୱର୍କ ☞ପୃଷ୍ଠା–୪

# ଆଜି ଅବପାତର ରୂପ ନେବ ଲଘୁଚାପ

ଭୁବନେଶ୍ୱର,୨୫।୯(ବନ୍ଦନା ସେଠୀ)

**୩ଦିନ ଯାଏ ପ୍ରବଳ ବର୍ଷା**

ବଙ୍ଗୋପସାଗରରେ ଏବେ ଦୁଇଟି ଘୂର୍ଣ୍ଣିବଳୟ ସକ୍ରିୟ ରହିଥିବାବେଳେ ଉତ୍ତର ଏବଂ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାକୁ ଯାଉଛି। ଶୁକ୍ରବାର ଏହା ଉତ୍ତର–ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଦକ୍ଷିଣ ଓଡ଼ିଶା–ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳରେ ଅବପାତରେ ପରିଣତ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ତେବେ ୨୭ ତାରିଖ ଶନିବାର ବେଳକୁ ଏହା ଦକ୍ଷିଣ ଓଡ଼ିଶା–ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ। ବିଶେଷକରି ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷିବ। ୩ଦିନ ଧରି ଏଭଳି ସ୍ଥିତି ଲାଗି ରହିବ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେବା ସହ ସତର୍କ କରିଛି। ଗତ ୨୪ ଘଣ୍ଟାରେ ସାରା ରାଜ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବାବେଳେ ନୂଆପଡ଼ାଠାରେ ସର୍ବାଧିକ ୮୧.୮ ମି.ମି ବର୍ଷା ରେକର୍ଡ କରାଯାଇଛି। ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**
ସ୍ୱାସ୍ଥ୍ୟ ଟିକସର ଲାଭ





**ଦୁର୍ଗାପୂଜା ପାଇଁ ଚାଲିଛି ମେଢ଼ ପ୍ରସ୍ତୁତି:** କଟକ ଶେଖ୍‌ବଜାର ପୂଜା ମଣ୍ଡପରେ ମେଢ଼ ଢାଞ୍ଚାରେ ରୁପା ଅଳଙ୍କାରଗୁଡ଼ିକୁ କାରିଗରମାନେ ଖଞ୍ଜୁଛନ୍ତି। **(ଫଟୋ: ରାଜକିଶୋର ମହାନ୍ତି)**

# ଓଡ଼ିଶାରେ ୧,୭୦୦ କୋଟିର ରେଳ ପ୍ରକଳ୍ପ ଉଦ୍‌ଘାଟନ, ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର,୨୫।୯ (ଅନୁରାଧା ମହାରଣା)**

ଓଡ଼ିଶାରେ ରେଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ସଂଯୋଗୀକରଣ ବୃଦ୍ଧି କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧,୭୦୦ କୋଟିରୁ ଅଧିକ ମୂଲ୍ୟର ୩ଟି ପ୍ରମୁଖ ରେଳ ପ୍ରକଳ୍ପର ଶିଳନ୍ୟାସ ଓ ଶୁଭାରମ୍ଭ କରିବେ। ଏହି ପଦକ୍ଷେପଗୁଡ଼ିକ ଯାତ୍ରୀ ସୁବିଧା ବୃଦ୍ଧି, ପରିବହନକୁ ପ୍ରୋତ୍ସାହିତ କରିବା ସହ ରାଜ୍ୟରେ ଆର୍ଥିକ ଅଭିବୃଦ୍ଧି ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

ପ୍ରଧାନମନ୍ତ୍ରୀ ଆସନ୍ତା ୨୭ ତାରିଖରେ ଓଡ଼ିଶା ଗସ୍ତରେ ଆସି ସମ୍ବଲପୁର ସହର ଏବଂ ସରଲା ମଧ୍ୟରେ ରେଳ ଫ୍ଲାଏଓଭରର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ୨୭୩ କୋଟି ମୂଲ୍ୟରେ ନିର୍ମାଣ ହେବାକୁ ଥିବା ଏହି ଫ୍ଲାଏଓଭର ସରଲା ଷ୍ଟେଶନରେ ଦୀର୍ଘଦିନର ବାଧା ଦୂର କରିବ ଏବଂ ସମ୍ବଲପୁର-ଝାରସୁଗୁଡ଼ା ସେକ୍ସନରେ ସୁଗମ ତଥା ନିରବଚ୍ଛିନ୍ନ ରେଳ ଯାତାୟାତକୁ ସୁନିଶ୍ଚିତ କରିବ। ଏହି



ନରେନ୍ଦ୍ର ମୋଦି

ସେକ୍ସନ କୋଇଲା, ଖଣିଜ ପଦାର୍ଥ ଏବଂ ଶିଳ୍ପ ମାଲ ପରିବହନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗ ହୋଇଥିବାବେଳେ ଏହି ପ୍ରକଳ୍ପ ଓଡ଼ିଶାର ସମ୍ବଲପୁର ଅଞ୍ଚଳର ଲୋକମାନଙ୍କୁ ଅନେକ ଲାଭ ପ୍ରଦାନ କରିବ।

ସେହିପରି ୪୮୧ କୋଟି ଟଙ୍କା ଖର୍ଚ୍ଚରେ ହୋଇଥିବା କୋରାପୁଟ-ବାଇଗୁଡ଼ା ରେଳ ଲାଇନର ଦୋହରାକରଣ (୩୪ କିମି)କୁ ମୋଦି ଲୋକାର୍ପଣ କରିବେ। ଏହି ପ୍ରକଳ୍ପ ଖଣିଜ ପଦାର୍ଥ ଏବଂ କୃଷିଜାତ ଦ୍ରବ୍ୟ ପରିବହନକୁ ସୁଦୃଢ଼ କରିବା ସହିତ ସମ୍ବଲ ସମୃଦ୍ଧ ପାର୍ବତ୍ୟ କୋରାପୁଟ ଅଞ୍ଚଳରେ ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରିଛି। ୯୫୫ କୋଟି ବ୍ୟୟରେ ନିର୍ମିତ ମାନାବାର-କୋରାପୁଟ-ଗୋରାପୁର ରେଳଲାଇନର ଦୋହରାକରଣ (୮୨ କିମି)ର ମଧ୍ୟ ଲୋକାର୍ପଣ କରିବେ। ଏହି ରେଳଲାଇନ ବୈଲାଡିଲା ଖଣିରୁ ସାରା ଦେଶରେ ଇସ୍ପାତ କାରଖାନାକୁ ଲୁହାପଥରର ଦ୍ରୁତ ପରିବହନକୁ ସୁଗମ କରୁଛି। ଏହି ପ୍ରକଳ୍ପ ଦ୍ୱାରା ଓଡ଼ିଶାର କୋରାପୁଟ ଏବଂ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଜିଲାବାସୀ ବିଶେଷ ଭାବେ ଉପକୃତ ହେଉଛନ୍ତି। ଏହାସହ ପ୍ରଧାନମନ୍ତ୍ରୀ ବ୍ରହ୍ମପୁର ଏବଂ ଉଧନା (ସୁରଟ) ମଧ୍ୟରେ ଅମୃତ ଭାରତ ଏକ୍ସପ୍ରେସ୍‌କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବେ, ଯାହା ସିଧାସଳଖ ଓଡ଼ିଶାକୁ ଗୁଜରାଟ ସହିତ ସଂଯୋଗ କରିବ। ଏହି ଅମୃତ ଭାରତ ଏକ୍ସପ୍ରେସ ଓଡ଼ିଶାର ଗଞ୍ଜାମ, ରାୟଗଡ଼ା, କଳାହାଣ୍ଡି, ବଲାଙ୍ଗୀର ଓ ନୂଆପଡ଼ା, ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍, ବିଜୟନଗରମ୍ ଓ ମନ୍ୟମ, ଛତିଶଗଡ଼ର ମହାସମୁନ୍ଦ, ରାୟପୁର ଓ ଦୁର୍ଗ, ମହାରାଷ୍ଟ୍ରର ଗୋଣ୍ଡିଆ, ନାଗପୁର, ୱାର୍ଦ୍ଧା, ଅମରାବତୀ, ଆକୋଲା, ବୁଲଢାଣା, ଜଲ୍‌ଗାଓଁ, ଧୁଲେ ଓ ନନ୍ଦୁରବାର ଏବଂ ଗୁଜରାଟର ତାପି ଓ ସୁରଟ ଜିଲାର ଲୋକଙ୍କୁ ଯାତାୟାତ ସୁବିଧା ଯୋଗାଇ ଦେବ।

# ବିନା କାରଣରେ ଟ୍ରେନ୍ ଚେନ୍ ଟାଣିଲେ କଡ଼ା କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୨୫।୯(ଅନୁରାଧା ମହାରଣା)**

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଯାତ୍ରୀ ଏବଂ ସାଧାରଣ ଲୋକଙ୍କୁ ଯାତ୍ରା ସମୟରେ ଟ୍ରେନରେ ଆଲାର୍ମ ଚେନ୍ ପୁଲିଂ (ଏସିପି) ସୁବିଧାର ଅପବ୍ୟବହାର ନ କରିବାକୁ ଅନୁରୋଧ କରିଛି। ବିନା କାରଣରେ ବା ଏହି ସୁବିଧାର ଅପବ୍ୟବହାର କଲେ ଏଣିକି ରେଳ ଆଇନ ଅନୁଯାୟୀ ଆହୁରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଚେନ୍ ପୁଲିଂ କେବଳ ଚିକିତ୍ସା ସହାୟତା, ଅଗ୍ନି ବିପଦ କିମ୍ବା ସୁରକ୍ଷା ଚିନ୍ତା ଭଳି ପ୍ରକୃତ ଜରୁରିକାଳୀନ ପରିସ୍ଥିତି ସମୟରେ ବ୍ୟବହାର ପାଇଁ ଉଦ୍ଦିଷ୍ଟ। ମାତ୍ର ଅନେକ ସମୟରେ ଲୋକ ଏହାର ଅପବ୍ୟବହାର କରନ୍ତି। ଆଲାର୍ମ ଚେନ୍ ବାରମ୍ବାର ଟାଣିବା ଦ୍ୱାରା ଟ୍ରେନଗୁଡ଼ିକ ଅନାବଶ୍ୟକ ଭାବରେ ଅଟକି ରହେ, ଯଦ୍ୱାରା ସମୟାନୁବର୍ତ୍ତିତା ପ୍ରଭାବିତ ହୁଏ ଏବଂ ହଜାର ହଜାର ଯାତ୍ରୀଙ୍କୁ ଅସୁବିଧା ହୁଏ। ତେଣୁ ସୁଗମ ଟ୍ରେନ ପରିଚାଳନା ଓ ଯାତ୍ରୀଙ୍କ ସୁଗମ ଯାତ୍ରା ପାଇଁ ଅନାବଶ୍ୟକ ଭାବେ ଟ୍ରେନ୍ ଚେନ୍ ନ ଟାଣିବାକୁ ପରାମର୍ଶ ଦିଆଯାଇଛି।

### ୨ ବର୍ଷରେ ୩,୨୫୧ ଯାତ୍ରୀ ଗିରଫ

ଏଭଳି ବେଆଇନ କାର୍ଯ୍ୟ ଲାଗି ରେଳପଥ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଖୋର୍ଦ୍ଧାରୋଡ୍ ରେଳମଣ୍ଡଳରେ ୨୦୨୪ରେ ଚେନ୍ ପୁଲିଂ ପାଇଁ ୧,୭୬୧ ଜଣଙ୍କୁ ଗିରଫ କରାଯିବା ସହ ମୋଟ ୮,୧୪,୮୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିଭଳି ୨୪ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ଚେନ୍ ପୁଲିଂ ମାମଲାରେ ୧,୪୮୦ ଜଣଙ୍କୁ ଗିରଫ କରାଯାଇଛି। ତେବେ ସେପ୍ଟେମ୍ବରରେ ୭୮ ଜଣଙ୍କୁ ଏସିପି ପାଇଁ ଗିରଫ କରାଯାଇଥିବାବେଳେ କେବଳ ଗତ ୨୪ ତାରିଖରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳରେ ଆଲାର୍ମ ଚେନ୍ ପୁଲିଂର ୧୦ଟି ମାମଲା ରୁଜୁ କରାଯାଇ ସମ୍ପୃକ୍ତ ୫ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ଦିଆଯାଇଛି।

# ୬ ଓଏଏସ୍ ଅଧିକାରୀଙ୍କ ବଦଳି

### ୪ଜଣଙ୍କ ବାତିଲ, ଜଣଙ୍କ ଅତିରିକ୍ତ ଦାୟିତ୍ୱ ଅପସାରଣ

**ଭୁବନେଶ୍ୱର,୨୫।୯(ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁବାର ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍)ର ବରିଷ୍ଠ ଅଧିକାରୀସ୍ତରରେ ଅଦଳବଦଳ ହୋଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ୬ଜଣ ଓଏଏସ୍ ଅଧିକାରୀଙ୍କ ବଦଳି ହୋଇଥିବାବେଳେ ୪ଜଣଙ୍କ ବଦଳି ବାତିଲ ଏବଂ ଜଣଙ୍କର ଅତିରିକ୍ତ ଦାୟିତ୍ୱ ଅପସାରଣ କରାଯାଇଛି।

ସାଧାରଣ ପ୍ରଶାସନ ବିଭାଗ ସ୍ୱତନ୍ତ୍ର ସଚିବ ଘାସିରାମ ମୁର୍ମୁଙ୍କ ବିଜ୍ଞପ୍ତି ଅନୁଯାୟୀ, ଗୋପବନ୍ଧୁ ଏକାଡେମୀର ଉପମହାନିର୍ଦ୍ଦେଶକ ଶିବୋ ନାରାୟଣ ସାହୁଙ୍କୁ ସଂସଦୀୟ ବ୍ୟାପାର ବିଭାଗକୁ ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି। ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସ୍ୱତନ୍ତ୍ର ସଚିବ ସୁଜାତା ମେଶ୍ରାଙ୍କୁ ଅଗଷ୍ଟରେ ଉଚ୍ଚଶିକ୍ଷା ବିଭାଗକୁ ବଦଳି କରାଯାଇଥିବାବେଳେ ତାହାକୁ ସରକାର ବାତିଲ କରି ପୁନଃ ଅବସ୍ଥାପିତ କରିଛନ୍ତି। ସେହିପରି ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ବଦଳି ବାତିଲ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପୁନର୍ବାର ଅବସ୍ଥାପିତ କରାଯାଇଥିବାବେଳେ ସମବାୟ ବିଭାଗର ଅତିରିକ୍ତ ସଚିବ ଧରିତ୍ରୀ ମିଶ୍ରଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହୋଇଥିବା ବଦଳିବାତିଲ କରାଯାଇଛି। ସେହିପରି ସଞ୍ଜୟ କୁମାର ପ୍ରତିହାରୀଙ୍କ ପୂର୍ବ ବଦଳି ବାତିଲ କରାଯାଇ ପୁନର୍ବାର ଇଡ୍‌କୋର ଭୂ-ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି।

ବିଜ୍ଞପ୍ତି ଅନୁଯାୟୀ, ଗୋପବନ୍ଧୁ ଏକାଡେମୀର ଅତିରିକ୍ତ ନିର୍ଦ୍ଦେଶକ ଡ. ମୋନାଲିସା ଲେଙ୍କାଙ୍କୁ ପୁନର୍ବାର ସେହି କାର୍ଯ୍ୟାଳୟରେ ଉପ ମହାନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଥିବାବେଳେ ଶଶାଙ୍କ ଶେଖର ଦାଶଙ୍କୁ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ, ଧର୍ମେନ୍ଦ୍ର ମଲ୍ଲିକଙ୍କୁ ଓଟିଡିସିର ମହାପ୍ରବନ୍ଧକ, ମମତାରାଣୀ ନାୟକଙ୍କୁ ନଗର ଉନ୍ନୟନ ବିଭାଗ ଯୁଗ୍ମସଚିବ, ଚିନ୍ମୟ କୁମାର ଆଚାର୍ଯ୍ୟଙ୍କୁ ରାଜ୍ୟ ଔଷଧ ନିଗମର ମହାପ୍ରବନ୍ଧକ ଏବଂ ଅଶୋକ କୁମାର ଦାସଙ୍କୁ ଭୁବନେଶ୍ୱର ମହାନଗର ନିଗମର ଉପ ଆୟୁକ୍ତ ଭାବେ ନିଯୁକ୍ତ କରାଯାଇଛି। ଏହାବାଦ୍ ସରକାରଙ୍କ ପକ୍ଷରୁ ସଂସଦୀୟ ବ୍ୟାପାର ବିଭାଗ ଅତିରିକ୍ତ ସଚିବଙ୍କଠାରେ ନ୍ୟସ୍ତ ଥିବା ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଅତିରିକ୍ତ ଦାୟିତ୍ୱକୁ ଅପସାରଣ କରାଯାଇଛି।

# ଆର୍ଥିକ ଅନିୟମିତତା: ସୋନପୁର ଏଆର୍‌ସିଏସ୍ ନିଲମ୍ବିତ

**ଭୁବନେଶ୍ୱର,୨୫।୯(ରବିନାରାୟଣ ଜେନା)**

ଦୁର୍ନୀତି ବିରୋଧରେ ସମବାୟ ବିଭାଗ ଶୂନ୍ୟ ସହନଶୀଳ ନୀତି ଗ୍ରହଣ କରିଛି। ଆର୍ଥିକ ଅନିୟମିତତା ଓ ଦୁର୍ନୀତି ଅଭିଯୋଗରେ ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ, ସୋନପୁର ମଣ୍ଡଳ (ଏଆର୍‌ସିଏସ୍) ପାଣ୍ଡୁ ଚରଣ ସାହୁଙ୍କୁ ସରକାରଙ୍କ ପକ୍ଷରୁ ଗୁରୁବାର ନିଲମ୍ବନ କରାଯାଇଛି। ଏହି ନିଲମ୍ବନ ସମୟରେ ବରଗଡ଼ ଉପ-ନିବନ୍ଧକ ସମବାୟ ସମିତି ସମୂହଙ୍କ କାର୍ଯ୍ୟାଳୟରେ ତାଙ୍କର ମୁଖ୍ୟାଳୟ (ହେଡ୍‌କ୍ୱାର୍ଟର) ହେବ ବୋଲି ସମବାୟ ବିଭାଗ ପକ୍ଷରୁ ସ୍ଥିର କରାଯାଇଛି। ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, ନିଲମ୍ବନ ଆଦେଶ ବଳବତ୍ତର ରହିବା ପର୍ଯ୍ୟନ୍ତ ବିନା ଅନୁମତିରେ ସେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ। ଅନିୟମିତତାଠାରୁ ଦୂରରେ ରହି ନୀତିନିଷ୍ଠ କର୍ତ୍ତବ୍ୟ ସମ୍ପାଦନ ପାଇଁ ସମବାୟ ବିଭାଗ ପକ୍ଷରୁ କ୍ଷେତ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।




LOVED IN 100 COUNTRIES
BAJAJ
THE WORLD'S FAVOURITE INDIAN
ଦୁନିଆ ଦେଖୁଛି
ତୁ ଦେଖା !
HAT-TRICK SAVINGS
SAVE ₹17 500/-
100% GST BENEFIT + NO PROCESSING FEE + INSURANCE SAVINGS
ଦେଢ ଗୁଣା GST ଲାଭ ସବୁ ପଲ୍ସର୍ ରେ
MODEL | 125 CF | NS 125 | 150 | N160 | NS 160 | NS 200
100% GST ଲାଭ | ₹7 963/-* | ₹9 240/-* | ₹10 059/-* | ₹11 424/-* | ₹11 636/-* | ₹12 943/-*
PF + ବୀମା ସଞ୍ଚୟ | ₹2 900/-* | ₹3 300/-* | ₹3 600/-* | ₹4 200/-* | ₹4 200/-* | ₹4 800/-*
ହ୍ୟାଟ୍-ଟ୍ରିକ୍ ସଞ୍ଚୟ | ₹10 863/-* | ₹12 540/-* | ₹13 659/-* | ₹15 624/-* | ₹15 836/-* | ₹17 743/-*
Flipkart ଓ amazon.in ରେ ମିଳୁଛି
pulsar
DEFINITELY DARING
ଆପଣଙ୍କ ପାଖ ଡୀଲର୍ ଙ୍କ ଠିକଣା ଜାଣନ୍ତୁ
72198 21111
BAJAJ SECURE
SHRIRAM Finance
IDFC FIRST Bank
BAJAJ AUTO CREDIT
L&T Finance
TATA CAPITAL Two Wheeler Loans
*ସର୍ତ୍ତ ଓ ନିୟମାବଳୀ ଲାଗିବ । ହ୍ୟାଟ୍-ଟ୍ରିକ୍ ସେଭିଙ୍ଗସ 22 ସେପ୍ଟେମ୍ବର 2025 ଠାରୁ ପ୍ରଯୁଜ୍ୟ । ବତାଯାଇଥିବା ମୋଟ ସଞ୍ଚୟରେ ଅଛି 100% GST ବେନିଫିଟ୍ (ଏକ୍ସ-ଶୋରୁମ୍ ମୂଲ୍ୟ ଓ ତଦ୍ଜନିତ ଯଥାପ୍ରଯୁଜ୍ୟ RTO କରରେ), ଶୂନ୍ୟ ପ୍ରୋସେସିଙ୍ଗ ଫୀ ଆଉ 1 ବର୍ଷର ଓନ୍ ଡ୍ୟାମେଜ୍ ଇନ୍ସ୍ୟୋରାନ୍ସ (OD) । ଅଞ୍ଚଳ ଅନୁସାରେ ଶୂନ୍ୟ PF ଆଉ OD ରେ ସଞ୍ଚୟ, ଫାଇନାନ୍ସର୍/ଇନ୍ସ୍ୟୋରର୍ ଙ୍କ ଉପରେ ନିର୍ଭର କରି ବଦଳିପାରେ । ଫାଇନାନ୍ସର୍ ଙ୍କ ନିଜସ୍ୱ ବିବେଚନା ଅନୁସାରେ ଫାଇନାନ୍ସ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍ଟୀ ନିୟମଗୁଡ଼ିକ ପାଳନ କରନ୍ତୁ ।


MARUTI SUZUKI
NEXA
CELEBRATIONS JUST GOT BIGGER.
WITH GST BENEFITS + LIMITED PERIOD FESTIVE OFFERS*
| PRICE REDUCTION OF UP TO# | NOW STARTING AT# | ADDITIONAL FESTIVE OFFERS OF UP TO*
FRONX | ₹1 12 600 | ₹6 84 900 | ₹75 000
GRAND VITARA | ₹1 07 000 | ₹10 76 500 | ₹1 60 000 + 5 Year Extended Warranty
BALENO | ₹86 100 | ₹5 98 900 | ₹92 500
IGNIS | ₹71 300 | ₹5 35 100 | ₹85 000
INVICTO | ₹61 700 | ₹24 97 400 | ₹1 55 000
XL6 | ₹52 000 | ₹11 52 300 | ₹55 000
JIMNY | ₹51 900 | ₹12 31 500 | ₹1 10 000
SCAN TO CONNECT TO A SHOWROOM NEAR YOU
*FESTIVE OFFERS VALID TILL 30TH SEP ONLY
NEXA SAFETY SHIELD
UP TO 100% WAIVER ON CAR LOAN PROCESSING FEE (ONLY TILL 30TH SEP)##
E-BOOK TODAY @ WWW.NEXAEXPERIENCE.COM
Contact us at 1800-200-6392 1800-102-6392
For detailed T&C kindly visit your nearest dealership. Features and accessories shown may not be a part of the standard fitment. Black glass shade on the vehicle is due to the lighting effect. Images used are for illustration purposes only. All offers are brought to you by NEXA dealers only. Offers and features may vary subject to the model and variant purchased. *The mentioned offers include "Consumer Offer + Booking offer + Exchange Bonus + Rural offer", and may vary from city to city. Please contact nearby dealership for more details. Maruti Suzuki reserves the right to withdraw offers at any point in time without any advance notice. All offers are applicable till 30th September '25 or till stocks last. Maruti Suzuki Smart Finance is now available pan India. Maruti Suzuki Subscribe is available only in selected cities. ##Offers include consumer offer, exchange bonus and institutional or rural offers (wherever applicable) on select models/variants. Finance is at the sole discretion of the financer by selected finance partners. #Prices and savings mentioned above are for select variants and may vary across cities/ variants.

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ହେଲ୍ପଏଜ୍ ଇଣ୍ଡିଆ ପକ୍ଷରୁ ଅନ୍ତର୍ଜାତୀୟ ବୟସ୍କ ଦିବସ ପାଳନ, ସ୍ଥାନ: ରେଡ଼କ୍ରସ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ମୋ' ବୋଉ, ମୋ' ଗାଁ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ପିତାମ୍ବର ନିଳମଣୀ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ପୁସ୍ତକ 'ସଂଗ୍ରାମୀ ପୀତାମ୍ବର' ଲୋକାର୍ପଣ, ସ୍ଥାନ: ବୁଦ୍ଧମନ୍ଦିର ସଭାଗୃହ, ସମୟ: ସନ୍ଧ୍ୟା ୬ଟା ।
- ଶାରଳା ସ୍ମାରକ ପକ୍ଷରୁ 'ଗଣେଶ ପରିଜା ସ୍ମାରକୀ ବକ୍ତୃତା' କାର୍ଯ୍ୟକ୍ରମ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦ ।
- ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ୪ର୍ଥ ଜାତୀୟ ପ୍ରେକ୍ଷାଳୟ ଉତ୍ସବ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ।

**କଟକ**
- ଶ୍ରୀରାମଚରିତ ମାନସ ଓ ସାମୂହିକ ରାମାୟଣ ପାଠର ଚତୁର୍ଥ ଦିବସ, ସ୍ଥାନ: ଶ୍ରୀରାଧା କୁଟୀର, ମହିଦାସ ବଜାର, ସମୟ: ସକାଳ ୭ଟା ।
- ଆର.ପି ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୩ ତମ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ବିଧାରପୁର, ତିଗିରିଆ ସମୟ: ସକାଳ ୯ଟା ।
- ରାଜ୍ୟରେ ୭୪ ମଦ ଦୋକାନ ଖୋଲିବା ନିଷ୍ପତ୍ତି ପ୍ରତ୍ୟାହାର ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- କଟକ ନାଟ୍ୟୋତ୍ସବ ଚୟନ ପ୍ରକ୍ରିୟାର ଅନ୍ତିମ ଦିବସ ନାଟକ ପ୍ରଦର୍ଶନୀ, ସ୍ଥାନ: ବିଜୁ ପଟ୍ଟନାୟକ ଫିଲ୍ମ ଓ ଟିଭି ଇନ୍‌ଷ୍ଟିଚ୍ୟୁଟ୍ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଓଡ଼ିଶା ପ୍ରୋ ଟି୨୦ ଲିଗ୍‌ର ଫାଇନାଲ ମ୍ୟାଚ୍, ସ୍ଥାନ: ବାରବାଟୀ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା ।

**ଖୋର୍ଦ୍ଧା**
- ଖୋର୍ଦ୍ଧା ଜିଲାପାଳ କାର୍ଯ୍ୟାଳୟ ନୂତନ କୋଠା ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାପରିଷଦ ବୈଠକ, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ ସମୟ: ପୂର୍ବାହ୍ନ ୧୧ଟା ।
- ପରିଛଲ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ପରିଛଲ ଖେଳପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା ।

**ବାଲେଶ୍ୱର**
- ବିଶାଳ ରକ୍ତଦାନ ଶିବିର, ସ୍ଥାନ: ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ।
- ଗବେଷଣା ଓ ପ୍ରକାଶନ ନୀତି-୨୦୨୫ ସମ୍ପର୍କିତ କର୍ମଶାଳାର ଉଦ୍‌ଯାପନୀ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ।
- ଶାରଦୀୟ ସାରସ୍ୱତ ସମାରୋହ, ସ୍ଥାନ: ହୋଟେଲ ଫାଣ୍ଟାସି, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା ୩୦ ।

**ଭଦ୍ରକ**
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ମତୋ ଯୁକ୍ତ ୨ କଲେଜ ପରିସର, ଚାନ୍ଦବାଲି ସମୟ: ପୂର୍ବାହ୍ନ ୧୦ଟା ।
- ବୁଢ଼ା ଗଣେଶ ଭସାଣି ଉତ୍ସବ, ସ୍ଥାନ: ପୁରୁଣା ବଜାର, ଭଦ୍ରକ, ସମୟ: ଅପରାହ୍ନ ୪ଟା ।

**କେନ୍ଦୁଝର**
- ବନ୍ୟପ୍ରାଣୀ ସୁରକ୍ଷା ପ୍ରପୀଡ଼ିତ ପରିଷଦ ବୈଠକ, ସ୍ଥାନ : ରୋଟାରୀ କ୍ଲବ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ଟା ।
- ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକଙ୍କ ସାଧାରଣ ବୈଠକ, ସ୍ଥାନ: ବଡ଼ମସିଣାବିଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଢେଙ୍କିକୋଟ, ସମୟ: ପୂର୍ବାହ୍ନ ୧୦ଟା ।

**ମୟୂରଭଞ୍ଜ**
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ,ବାରିପଦା,ସମୟ: ପୂର୍ବାହ୍ନ ୧୧ଟା ।

**ବ୍ରହ୍ମପୁର**
- ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା, ସ୍ଥାନ: ମହାତ୍ମା ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୮ଟା ।
- ବିଇଏମସି ସ୍ୱତନ୍ତ୍ର କର୍ପୋରେଶନ ବୈଠକ, ସ୍ଥାନ: ବିଇଏମ୍‌ସି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ।

**ଗଞ୍ଜାମ**
- ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଆସିକା ବ୍ଲକ୍ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା ।

**କନ୍ଧମାଳ**
- ରାହାଗିରି କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଫୁଲବାଣୀ, ସମୟ: ସକାଳ ୭ଟା ୩୦ ।
- ଆସ ସ୍କୁଲ ଯିବା ପଦଯାତ୍ରା, ସ୍ଥାନ: ଏଜେଓ ଉଚ୍ଚ ବିଦ୍ୟାଳୟ ଫୁଲବାଣୀ, ସମୟ: ସକାଳ ୯ଟା ।

**ଗଜପତି**
- ଆସ ସ୍କୁଲ ଯିବା ପଦଯାତ୍ରା, ସ୍ଥାନ: ମହେନ୍ଦ୍ରଗିରି ମ୍ୟୁନିସିପାଲଟି ହାଇସ୍କୁଲ ପାରଳାଖେମୁଣ୍ଡି, ସମୟ: ସକାଳ ୮ ଟା ।

**ଅନୁଗୋଳ**
- ଆଣ୍ଠୁଗଣ୍ଠି ବାତ, ଅଣ୍ଟାପୀଡ଼ା, ମେରୁଦଣ୍ଡ ଜନିତ ପୀଡ଼ା ପରୀକ୍ଷା, ସ୍ଥାନ: ଛେଣ୍ଡିପଦା ବ୍ଲକ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୮ଟା ।
- ଦୁର୍ଗାପୂଜା ପାଇଁ କୋଅର୍ଡିନେଶନ କମିଟି ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ।

**ଜଗତ୍‌ସିଂହପୁର**
- ପାରାଦୀପ ପୌରପରିଷଦ ପକ୍ଷରୁ ବିଶ୍ୱକର୍ମା ପୂଜା ମଣ୍ଡପ ଅଞ୍ଚଳରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାଙ୍କ ଛକ, ବଡ଼ପଡିଆ, ପାରାଦୀପ, ସମୟ: ସକାଳ ୭ ଟା ।

**କେନ୍ଦ୍ରାପଡ଼ା**
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ସୁନାଇଲୋ, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା ।

**ଯାଜପୁର**
- ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଦିବସ ଓ ଦୀନଦୟାଲ ଉପାଧ୍ୟାୟଙ୍କ ୧୧୦ ତମ ଜୟନ୍ତୀ ଉତ୍ସବ ପାଳନ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ରସୁଲପୁର ବ୍ଲକ୍ ଅଧୀନ ଉପେନ୍ଦ୍ର ନାଥ ଶାରଦା ମହାବିଦ୍ୟାଳୟ, ଖଇରାବାଦ-ମୁଗୁପାଳ, ସମୟ: ସକାଳ ୯ଟା ।
- ଯାଜପୁର ଜିଲା କେମେଷ୍ଟି ଆଣ୍ଡ୍ ଡ୍ରଗିଷ୍ଟ ଆସୋସିଏଶନର ବାର୍ଷିକ ଉତ୍ସବ, ସ୍ଥାନ: ଧର୍ମଶାଳା ଷ୍ଟାଡିୟମ୍ ପରିସର, ସମୟ: ପୂର୍ବାହ୍ନ ୧୧ଟା୩୦ ।

**ନୟାଗଡ଼**
- ଷୋଡଶ ଦିବସୀୟ ପୂଜାର ତ୍ରୟୋଦଶ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ, ନୟାଗଡ ପୁରୁଣା ସହର ରାଜବାଟି ପାଖ, ସମୟ: ସକାଳ ୭ଟା ।
- ନାରାୟଣୀଙ୍କ ଷୋଡଶ ପୂଜାର ତ୍ରୟୋଦଶ ଦିବସ, ସ୍ଥାନ: ଭାପୁର ବ୍ଲକର ପଥରଚକଡା ପୀଠ, ସମୟ: ସକାଳ ୮ଟା ।
- ସତ୍ୟସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ନୂଆଗାଁ ବ୍ଲକ ମହିପୁର ସମେତ ନୟାଗଡ ବ୍ଲକର ଚଣ୍ଡିବସ୍ତ ଓ ନୟାଗଡ ସହର, ସମୟ: ସକାଳ ୮ଟା ରୁ ରାତି ୯ଟା ୩୦ ।
- ରକ୍ତଦାନ ଶିବିର, ସ୍ଥାନ:ଖଣ୍ଡପଡା ବ୍ଲକ ସିଦ୍ଧାମୂଳା ହାଇସ୍କୁଲ, ସମୟ: ସକାଳ ୮ଟା୩୦ ।
- ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନର ଦଶମ ଦିବସ, ସ୍ଥାନ:ବଡପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ; ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ: ସକାଳ ୯ଟା ।
- କେମେଷ୍ଟିଆଣ୍ଡ ଡ୍ରଗିଷ୍ଟ ବୈଠକ, ସ୍ଥାନ:ନୟାଗଡ, ସମୟ: ମଧ୍ୟାହ୍ନ ୧୨ଟା ।
- ଷୋଡଶ ଦିବସୀୟ ପୂଜାର ତ୍ରୟୋଦଶ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ବିମଳାଙ୍କ ଷୋଡଶ ପୂଜାର ତ୍ରୟୋଦଶ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା ।

**ନବରଙ୍ଗପୁର**
- ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ୍, ସ୍ଥାନ: ନବରଙ୍ଗପୁର ଟେକ୍ନୋ ଗୁରୁକୁଳ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ନବରାତ୍ରି ଉପଲକ୍ଷେ ପଞ୍ଚମ ଦିନରେ ସ୍କନ୍ଦ ମାତାଙ୍କ ପୂଜା, ସ୍ଥାନ: ଉମରକୋଟ ଗୁଲିପାଟଣା, ସମୟ: ସନ୍ଧ୍ୟା ୭ଟା ।

**କୋରାପୁଟ**
- ସୁସ୍ଥ ନାରୀ ସଶକ୍ତ ପରିବାର କାର୍ଯ୍ୟକ୍ରମ, ସ୍ଥାନ: ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ମଧ୍ୟାହ୍ନ ୧୨ଟା ୩୦ ।

**ରାଉରକେଲା**
- ନବରାତ୍ରି ପୂଜା, ସ୍ଥାନ: ଜଗଦା ମା' ବାଟ ମଙ୍ଗଳା ମନ୍ଦିର, ସମୟ: ସକାଳ ୬ଟା ।
- ପବିତ୍ର ଜାଗୃତି ଯାତ୍ରାକୁ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ସିଭିଲଟାଉନଶିପ୍ ଗୁରୁଦ୍ୱାରା, ସମୟ: ପୂର୍ବାହ୍ନ ୧୦ଟା ।
- ଛାତ୍ର ସମାବେଶ, ସ୍ଥାନ: ରାଉରକେଲା ଏନ୍‌ଆଇଟି କମ୍ପ୍ୟୁଟର ବିଭାଗ, ସମୟ: ପୂର୍ବାହ୍ନ ୧୧ଟା ।
- ସାହିତ୍ୟ ଓ ସରଳୀକରଣ କର୍ମଶାଳା, ସ୍ଥାନ: ବାସନ୍ତୀ ପାଠାଗାର, ବାସନ୍ତୀ କଲୋନି, ସମୟ: ସନ୍ଧ୍ୟା ୭ଟା ।

**ବରଗଡ଼**
- ପଞ୍ଜୀକରଣ ଅବଧି ବୃଦ୍ଧି ଦାବିରେ ଚାଷୀଙ୍କ ଧାରଣା,ସ୍ଥାନ:ତହସିଲ କାର୍ଯ୍ୟାଳୟ, ଅତାବିରା, ସମୟ:ପୂର୍ବାହ୍ନ ୧୦ଟା ୩୦
- ସୁପ୍ରିୟା ସ୍ମାରକୀ ଫୁଟବଲ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼,ସମୟ: ଅପରାହ୍ନ ୨ଟା ।

**କଳାହାଣ୍ଡି**
- ଦୁର୍ଗାପୂଜା ପାଇଁ କଳସ ଯାତ୍ରା, ସ୍ଥାନ: ଭବାନୀପାଟଣା ପ୍ରଦେଶୀପଡା, ସମୟ: ଅପରାହ୍ନ ୪ଟା ।
- ଜଳ ଓ ପରିମଳ ଉପରେ ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ।

**ଦେବଗଡ଼**
- ନବରାତ୍ର ପୂଜା ପଞ୍ଚମ ଦିବସ ପୂଜା ଆରମ୍ଭ, ସ୍ଥାନ: ମା' କନକଦୁର୍ଗା ମନ୍ଦିର, ଶନି ମନ୍ଦିର, ଶିରିଡ଼ିସାଇ ମନ୍ଦିର, ମା' ପଧାନୀ ଓ ଦକ୍ଷିଣକାଳୀ ମନ୍ଦିର, ଦେବଗଡ଼ ସହର, ସମୟ: ପୂର୍ବାହ୍ନ ୧୧ଟା ।
- ୭୮ତମ ଓଡ଼ିଶା ନାଟ୍ୟ ସଂଘ ଦିବସ ପାଳନ, ସ୍ଥାନ: ଦେବଗଡ଼ ସଂସ୍କୃତି ଭବନ, ସମୟ: ସନ୍ଧ୍ୟା ୬ଟା ୩୦ ।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

**ସୁବର୍ଣ୍ଣପୁର**
- ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ସ୍କନ୍ଦମାତା ବେଶ, ସ୍ଥାନ: ମନ୍ଦିର ପରିସର, ସମୟ: ସକାଳ ୮ଟା ୩୦ ।
- ନବରାତ୍ରର ପଞ୍ଚମ ଦିବସ ପୂଜାର୍ଚ୍ଚନା,ସ୍ଥାନ: ଅମରପାଲି ଦୁର୍ଗାମନ୍ଦିର,ବୀରମହାରାଜପୁର ବ୍ଲକ,ସମୟ: ପୂର୍ବାହ୍ନ ୧୦ ଟା ।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ ଟା ୩୦ ।
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ମା' ଓ ଶିଶୁ ବିଭାଗ ଚିକିତ୍ସା କେନ୍ଦ୍ର ସଭାଗୃହ, ଡୁଙ୍ଗୁରିପାଲି, ସମୟ: ପୂର୍ବାହ୍ନ୧୧ ଟା ।
- ଗ୍ରାମ୍ୟ ପରିଚାଳନା କମିଟିର ବୈଠକ, ସ୍ଥାନ: ହାତିଲିମୁଣ୍ଡା,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା ।

**ନୂଆପଡ଼ା**
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଦଶମ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୧ଟା ।
- ଶ୍ରୀ ଦୁର୍ଗା ମନ୍ଦିରରେ ଅଖଣ୍ଡ ଦୀପ ପ୍ରଜ୍ୱଳନ, ସ୍ଥାନ: ବୋଡେନ ବ୍ଲକ ରାମତୀର୍ଥ ପାତାଳ ଗଙ୍ଗା, ସମୟ: ସକାଳ ୭ଟା ।
- ଶାରଦୀୟ ନବରାତ୍ର ଦୁର୍ଗା ପୂଜାରେ ମାତା କୁଷ୍ମାଣ୍ଡା ପୂଜା, ସ୍ଥାନ: କୋମନା ବ୍ଲକ ତରବୋଡ ସପ୍ତାହିକ ବଜାର ପଡିଆ, ସମୟ: ସକାଳ ୮ଟା ।
- ମିଶନ ଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫ ଧାରଣା ପଞ୍ଚମ ଦିବସ, ସ୍ଥାନ: ବ୍ଲକ ମିଶନ ଶକ୍ତି କାର୍ଯ୍ୟାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ରମଙ୍ଗଳ ଯୋଗରୁ ଅର୍ଥ ସମ୍ପର୍କିତ ସମସ୍ୟାକୁ ସୁଧାରି ନେବାରେ ସମର୍ଥ ହେବେ । ବିଶେଷ ଭ୍ରମଣଜନିତ ଶାରୀରିକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ । ବନ୍ଧୁମାନଙ୍କ ଗହଣରେ ନୂତନ ସ୍ଥାନ ପରିଦର୍ଶନରେ ଯାଇପାରନ୍ତି । ବ୍ୟବସାୟିକ ସ୍ଥିତି କେତେକାଂଶରେ ଚିନ୍ତାଜନକ ସ୍ଥିତିକୁ ଆସିଯାଇପାରେ ।

**ବୃଷ** ଗୁରୁଦୃଷ୍ଟ ମଙ୍ଗଳ ପ୍ରଭାବରୁ ନିଜର ଶକ୍ତି ଓ ସାମର୍ଥ୍ୟ ଉପରେ ଭରସା କରି ନୂତନ ଯୋଜନା କରିବେ । ଆସନ୍ତାକାଲିର ଆନୁଷ୍ଠାନିକ କାମ ସକାଶେ ଧାଁ ଦଉଡ କରିବାକୁ ପଡିବ । ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବ । ଶିଳ୍ପ,ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ ।

**ମିଥୁନ** ବୁଧାଦିତ୍ୟ ଯୋଗ ପ୍ରଭାବରେ କର୍ମାରମ୍ଭ, ଯାନ୍ତ୍ରିକ ଜିନିଷ କ୍ରୟ ଏବଂ ବୈବାହିକ ସମ୍ପର୍କିତ ଆଲୋଚନା କରିପାରନ୍ତି । ପୁରୁଣା କଳହକୁ କେନ୍ଦ୍ରକରି ଆତ୍ମୀୟଙ୍କ ସହ ସମ୍ପର୍କରେ ନ୍ୟୂନତା ପରିଲକ୍ଷିତ ହେବ । ଜମିଜମା ସମସ୍ୟାକୁ କେନ୍ଦ୍ର କରି ମାନସିକ ସ୍ଥିରତା ରହି ନ ପାରେ । ବ୍ୟବସାୟ ଓ ପରିବହନ ମଧ୍ୟ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି ।

**କର୍କଟ** କେନ୍ଦ୍ରସ୍ଥାନରେ ଚନ୍ଦ୍ରଙ୍କ ସ୍ଥିତି କାର୍ଯ୍ୟ ହାସଲ ଦିଗରେ ସହାୟକ ହେବ । ସହକର୍ମୀଙ୍କ ସହାୟତାରେ ଅର୍ଥ ସମ୍ପର୍କିତ କୌଣସି ଅନୁଚିନ୍ତା ସାୟାହ୍ନେ ଦୂର ହୋଇପାରେ । କର୍ମକ୍ଷେତ୍ରରୁ ଫେରନ୍ତା ବାଟରେ କୌଣସି ମୂଲ୍ୟବାନ ଦ୍ରବ୍ୟ ଲାଭ ହେବାର ସୂଚନା ରହିଛି । ଆକସ୍ମିକ ଜଣେ ପୁରୁଣା ବନ୍ଧୁଙ୍କ ଦେଖା ପାଇ ମନ ହାଲୁକା କରିବେ ।

**ସିଂହ** ଧନାଧିପଙ୍କ ଶୁଭତ୍ୱରୁ ଆର୍ଥିକ ଉନ୍ନତିଜନିତ ନୂଆ କାମ ଓ ଯୋଜନା ସକାଶେ ମନ ବଳାଇବେ । ପରିବାରର ଆବଶ୍ୟକତା ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି । କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ସହକର୍ମୀଙ୍କ ସହ ଉଚ୍ଚବାଚ୍ଚ ଘଟିପାରେ । ଶିଳ୍ପ,ବାଣିଜ୍ୟ ଓ ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହୋଇପାରନ୍ତି ।

**କନ୍ୟା** ନିଜ ରାଶିରେ ବୁଧଙ୍କ ସ୍ଥିତି ଶାରୀରିକ ସୁସ୍ଥତା ଓ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ ଲାଭର ସୁଯୋଗ ପ୍ରଦାନ କରିବ । କର୍ମକ୍ଷେତ୍ରରେ ତରବର ନ ହୋଇ କାମ କଲେ ସମସ୍ୟାର ସମାଧାନ ହୋଇପାରିବ । ସଂକୀର୍ଣ୍ଣ ସ୍ୱାର୍ଥର ବଶବର୍ତ୍ତୀ ହୋଇ ଆତ୍ମୀୟମାନେ ଶତ୍ରୁତା କରିପାରନ୍ତି । ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ ସମସ୍ୟା ଆସିପାରେ ।

**ତୁଳା** ଏକାଦଶସ୍ଥ ରାଶ୍ୟାଧିପତି ଯୋଗୁ ସ୍ୱାସ୍ଥ୍ୟରେ ଉନ୍ନତି ସାଙ୍ଗକୁ ଅଟକିଥିବା କାମଟିକୁ ସମ୍ପନ୍ନ କରିପାରିବେ । ଜିନିଷ କ୍ରୟ ସକାଶେ ମୋଟା ଅର୍ଥର ଆବଶ୍ୟକତା ପଡିପାରେ । କର୍ମକ୍ଷେତ୍ରରେ, ରାଜନୈତିକ ସ୍ଥିତିରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ । ଜମିଜମା, ଆରକ୍ଷୀ ମାମଲା ଓ ଭ୍ରାତୃ ବିବାଦର ସରଳ ସମାଧାନ ହୋଇଯିବ ।

**ବିଛା** ଆଜିର ଚନ୍ଦ୍ର ଯାତ୍ରା ଓ କର୍ମାରମ୍ଭ ପାଇଁ ପ୍ରୀତିଦାୟକ ରହିବ । ସ୍ୱାସ୍ଥ୍ୟୋନ୍ନତି କାରଣରୁ ମନ ହାଲୁକା ରହିପାରେ । ପ୍ରତ୍ୟେକ କ୍ଷେତ୍ରରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ । ଛୋଟ ଛୋଟ ଘଟଣାକୁ ଗୁରୁତ୍ୱ ଦେଲେ ସମସ୍ୟା ଆସିପାରେ । ଘରଭଡାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବାର ସମ୍ଭାବନା ରହିଛି ।

**ଧନୁ** ଦେବଗୁରୁଙ୍କ କୃପାରୁ ଆର୍ଥିକ, ସାମାଜିକ, ସାଙ୍ଗଠନିକ ତଥା ରାଜନୈତିକ କ୍ଷେତ୍ର ପାଇଁ ଅନୁକୂଳ ବାତାବରଣ ସୃଷ୍ଟିହେବ । ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ । ପରିବାରର ଆବଶ୍ୟକତାକୁ ଉପଲବ୍ଧିକରି ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି ।

**ମକର** କର୍ମଭାବସ୍ଥ ଚନ୍ଦ୍ରମଙ୍ଗଳ ଯୋଗରୁ ପାରିବାରିକ ସ୍ଥିତି ଭଲ ରହିବା ସହ କର୍ମକ୍ଷେତ୍ରରେ ସୁନାମ ଅର୍ଜନ କରିବେ । ପଡୋଶୀଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହେବେ । ସାହିତ୍ୟ, ସଭାସମିତି ଓ ରାଜନୈତିକ ସ୍ତରରେ ଟେନ୍ସନ ଲାଗି ରହିବ । ରାଗିଯାଇ ଯାହା ତାହା କହିବାରୁ ସମସ୍ୟା ଆସିପାରେ ।

**କୁମ୍ଭ** ମଙ୍ଗଳଙ୍କ ଶୁଭଦୃଷ୍ଟିରୁ ନିଜର ଲୋକ ଯେତେ ସମସ୍ୟା ସୃଷ୍ଟି କଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ । ବନ୍ଧୁମେଳରେ ଆଜି ଏକ ଭିନ୍ନ ପରିସ୍ଥିତିରେ ଭାଙ୍ଗି ପଡିଥିବା ସମ୍ପର୍କ ଯୋଡି ହୋଇଯିବ । ପିଲାଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ । ଶିଳ୍ପ,ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହେବାର ସୂଚନା ରହିଛି ।

**ମୀନ** ଚନ୍ଦ୍ରଙ୍କ କୋଣଭାବସ୍ଥ ବୃହସ୍ପତି ଆପଣଙ୍କୁ ଅର୍ଥ ଓ ସମ୍ମାନ ଦେବାର ପରିବେଶ ସୃଷ୍ଟି କରିପାରନ୍ତି । କିନ୍ତୁ ପରିବାରରେ ଆନ୍ତରିକତାର ଅଭାବଜନିତ କେତେକ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ । ବହୁତ ଦିନରୁ ଲାଗି ରହିଥିବା ରୋଗ ସମସ୍ୟା ଆଣିପାରେ । କୃତି ଓ କୃତିତ୍ୱଜନିତ ସନ୍ତାନଙ୍କ ଗୌରବରେ ନିଜକୁ ଗୌରବାନ୍ୱିତ ମନେକରିବେ ।

ଆଜି ସେପ୍ଟେମ୍ବର ୨୬ ତାରିଖ, ଆଶ୍ୱିନ ଶୁକ୍ଳପକ୍ଷର ନତଃପଞ୍ଚମୀ ଶୁକ୍ରବାର । ରାଶିନକ୍ଷତ୍ର-ବିଶାଖା/ତୁଳା, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୯ ଗତେ, ଘ.୦୬।୨୭ ମଧ୍ୟେ, ଘ.୦୭।୧୫ ଗତେ, ଘ.୦୮।୩୮ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୧୦।୦୮ ଗତେ, ଘ.୧୧।୩୭ ମଧ୍ୟେ ରାହୁ କାଳ ।

# ୨୦ ଜିଲାରେ ୭୫ଜଣ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବ

ଭୁବନେଶ୍ୱର,୨୫।୯(ସୌମ୍ୟରଞ୍ଜନ ରାଉତ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଦେଶକ୍ରମେ ଓଡ଼ିଶାରେ ୭୫ଜଣ ବରପୁତ୍ରଙ୍କ ନୂତନ ପ୍ରତିମୂର୍ତ୍ତି ନିର୍ମାଣ ଓ ସ୍ଥାପନ ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ୧୪ କୋଟି ଟଙ୍କାର ବ୍ୟୟବରାଦ ହୋଇଥିବାବେଳେ ଆସନ୍ତା ବର୍ଷ ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

ବିଭାଗର ସୂଚନାନୁସାରେ, ପୁରୀ ଜିଲାରେ ଭକ୍ତ ମନେଇ ସାହୁ, ଅଟଳ ବିହାରୀ ବାଜପେୟୀ, ଖୋର୍ଦ୍ଧା ଜିଲାରେ ସ୍ୱର୍ଗତ ବିଶ୍ୱନାଥ ଦାସ, କବିସଚ୍ଚିଦାନନ୍ଦ ରାଉତରାୟ, କବି କୁନ୍ତଳା କୁମାରୀ ସାବତ, ବୀର ସୁରେନ୍ଦ୍ର ସାଏ, ପଦ୍ମଶ୍ରୀ ଉପେନ୍ଦ୍ର ମହାରଥୀ, ବୀର ସିଡୋ ମୁର୍ମୁ ଓ କାହ୍ନୁ ମୁର୍ମୁ, ରବି ରାୟ, ବିନାୟକ ଆଚାର୍ଯ୍ୟ, ସୁରେନ୍ଦ୍ର ମହାନ୍ତି, ରାଧାନାଥ ରଥ, ଲାଲ ବାହାଦୁର ଶାସ୍ତ୍ରୀ, ହେମାନନ୍ଦ ବିଶ୍ୱାଳ, ପିଣ୍ଡିକି ବାହୁବଳେନ୍ଦ୍ର, ଧରଣୀଧର ନାୟକ, ଲକ୍ଷ୍ମୀକାନ୍ତ ମହାପାତ୍ର ଏବଂ କଟକ ଜିଲାରେ ଭୈରବ ମହାନ୍ତି, ସରଳା ଦେବୀ, ରାଣୀ ସୁକଦେବୀ, କବିଚନ୍ଦ୍ର କାଳୀ ଚରଣ ପଟ୍ଟନାୟକ, ନୀଳମଣି ବିଦ୍ୟାରତ୍ନ, ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ, ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତି ନିର୍ମାଣ ହେବ । ସେହିପରି ବାଲେଶ୍ୱର ଜିଲାରେ କବିବର ରାଧାନାଥ ରାୟ, ମୁକୁନ୍ଦ ପ୍ରସାଦ ଦାସ, ନେତାଜୀ ସୁବାଷ ଚନ୍ଦ୍ର ବୋଷ, ରାଧାନାଥ ରାୟ, ଖୁଦିରାମ ବୋଷ, ଜଗତ୍‌ସିଂହପୁର ଜିଲାରେ ଜାତୀୟ କବି ବୀର କିଶୋର ଦାସ, ଶାରଳା ଦାସ, ଅଟଳ ବିହାରୀ ବାଜପେୟୀ, ମହେଶ ଚନ୍ଦ୍ର ସୁବାହୁସିଂହ, ନୟାଗଡ଼ ଜିଲାରେ ଉତ୍କଳଘଣ୍ଟ ଯଦୁମଣି ମହାପାତ୍ର, ପଠାଣି ସାମନ୍ତ, ବରଗଡ଼ ଜିଲାରେ କୁଞ୍ଜ ବିହାରୀ ଦାସ, ଗଙ୍ଗାଧର ମେହେର, ମନହୋର ସିଂହ, ଅନୁଗୋଳ ଜିଲାରେ ବି.ଆର୍. ଆମ୍ବେଦକର, ନବକୃଷ୍ଣ ଚୌଧୁରୀ, ଢେଙ୍କାନାଳ ଜିଲାରେ ସାରଙ୍ଗଧର ଦାସ, ବାଜି ରାଉତ, ଭଦ୍ରକ ଜିଲାରେ ବିପ୍ଳବୀ ଚକ୍ରଧର ବେହେରା, ଶହୀଦ ନିରଞ୍ଜନ ବେହେରା, ସ୍ୱାମୀ ବିବେକାନନ୍ଦ, ଭଦ୍ରକ ଜିଲା ଧୂଷୁରୀରେ ଅଟଳ ବିହାରୀ ବାଜପେୟୀ, ବାଞ୍ଛାନିଧି ମହାନ୍ତି, ମୁରଲୀଧର ପଣ୍ଡା, ଲକ୍ଷ୍ମୀକାନ୍ତ ମହାପାତ୍ର, ଚାନ୍ଦବାଲିରେ ଅଟଳବିହାରୀ ବାଜପେୟୀ, ବଲାଙ୍ଗୀର ଜିଲାରେ ଡ. ହରେକୃଷ୍ଣ ମହତାବ, ଗଙ୍ଗାଧର ମେହେର, ଗଞ୍ଜାମ ଜିଲାରେ ଦିବାକର ପଟ୍ଟନାୟକ, ଉପେନ୍ଦ୍ର ଭଞ୍ଜ, ବଳଦେବ ରଥ, ଜୟମଙ୍ଗଳ ରଥ, ସନ୍ଥ ଅରକ୍ଷିତ ଦାସ, ପଦ୍ମଶ୍ରୀ ଭଗବାନ ସାହୁ, ହରିହର ମର୍ଦ୍ଦରାଜ, ଚକରା ବିଷୋୟୀ, ଶହୀଦ ଭଗତ୍ ସିଂ, ଶଶୀ ଭୂଷଣ ରଥ, ସମ୍ବଲପୁର ଜିଲାରେ ଲକ୍ଷ୍ମଣାନନ୍ଦ ସରସ୍ୱତୀ, ଉତ୍କଳମଣି ଗୋପବନ୍ଧୁ ଦାସ, ବୀର ଛବିଲ ସାଏ, ଚନ୍ଦ୍ରଶେଖର ଆଜାଦ, କେନ୍ଦ୍ରାପଡ଼ା ଜିଲାରେ ମଧୁସୂଦନ ଦାସ, ମୟୂରଭଞ୍ଜ ଜିଲାରେ ପଣ୍ଡିତ ରଘୁନାଥ ମୁର୍ମୁ, ଦିନଦୟାଲ ଉପାଧ୍ୟାୟ, ଅଟଳବିହାରୀ ବାଜପେୟୀ, କୋରାପୁଟ ଜିଲାରେ ଶ୍ୟାମା ପ୍ରସାଦ ମୁଖାର୍ଜୀ, କଳାହାଣ୍ଡି ଜିଲାରେ ରେଣ୍ଡୋ ମାଝୀ, କେନ୍ଦୁଝର ଜିଲାରେ ରମାଦେବୀ, ସୋନପୁର ଜିଲାରେ ଭୀମଭୋଇ ଓ ରାୟଗଡ଼ା ଜିଲାରେ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବ । ଏଥିପାଇଁ ପ୍ରାୟ ୧୪ କୋଟି ଟଙ୍କାର ବ୍ୟୟରେ ଓଡ଼ିଶାରେ ୭୫ଜଣ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଓ ସ୍ଥାପନ ଲାଗି ସରକାରଙ୍କ ତରଫରୁ ନିଷ୍ପତ୍ତି ନିଆଯାଇଛି। ଏଥିସହ ଏହି ସମସ୍ତ କାର୍ଯ୍ୟ ଆସନ୍ତା ବର୍ଷ ଶେଷ ସୁଦ୍ଧା ସାରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏନେଇ ସଂସ୍କୃତି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଷଣ୍ଢ ମହାଦେବଙ୍କର**
**ଗାଈ ସହଦେବଙ୍କର**
**ବଳଦ ବାପୁଡ଼ା କାହାରି ନୁହେଁ ।**

ଷଣ୍ଢ ମହଦେବଙ୍କର ବାହନ ଓ ଗାଈ ସହଦେବଙ୍କର ପ୍ରିୟ । ସେହି ଦୃଷ୍ଟିରୁ ଏମାନଙ୍କୁ ପୂଜାର୍ଚ୍ଚନା କରାଯିବା ସହ ଆଦର କରାଯାଇଥାଏ । ପରନ୍ତୁ ବଳଦକୁ ଏଭଳି ମର୍ଯ୍ୟାଦା ମିଳି ନ ଥାଏ । ଯେତେ ଖଟିଲେ, ଉପକାର କଲେ ମଧ୍ୟ କାଣିଚାଏ ଆଦର ମିଳିବା ଦୁଷ୍ପ୍ରାପ୍ୟ ହୋଇଥାଏ । ସେହିପରି ସମାଜରେ କେତେଜଣ ଲୋକ ଥାନ୍ତି, ଯେଉଁମାନେ ସବୁବେଳେ ଅବହେଳିତ ହୋଇ ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଷଣ୍ଢ ଖାଏ ଧାନ**
**ତନ୍ତୀ ଘର କୋରଖ ।**

ସାଧାରଣତଃ ଆମ ସମାଜରେ ନିରୀହ, ଦୁର୍ବଳ ତଥା ସାଧାରଣ ମଣିଷ ବିନା ଦୋଷରେ ଦଣ୍ଡିତ ହେଉଥିବାର ଦେଖିବାକୁ ମିଳୁଥିବାବେଳେ ଧୂର୍ତ୍ତ ବା ଚାଲାକ ପ୍ରକୃତିର ଲୋକ ଦୁର୍ନୀତି କରି ଖସିଯାଉଥିବା ଦେଖିବାକୁ ମିଳିଥାଏ । ଏଭଳି ଧୂର୍ତ୍ତ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏପରି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

## ପ୍ରଥମ ପୃଷ୍ଠାରୁ...

### ରଙ୍ଗ୍‌ରୁଟ୍‌ରେ ଟ୍ରକ୍-ବସ୍...

ଲୋକମାନେ ହେଲେ ସାନ ରକ୍ସିର ପୁଷ୍ପା ଗୋପ (୫୬), ବସ୍ କଣ୍ଡକ୍ଟର ଲାଠିକଟା ଅଞ୍ଚଳର ଶବର ବାର୍ଲା (୫୨), ରକ୍ସିର ମେରୀ ନାଗ(୫୦), ସତ୍ୟଭାମା ମହାକୁଡ(୫୫), ମଞ୍ଜାବେଡ଼ାର କରମପାଲ ସିଂ(୪୫) । ଅନ୍ୟ ଜଣେ ରାଉରକେଲା ଜେନେରାଲ ହସ୍ପିଟାଲରେ ମୃତ୍ୟୁବରଣ କରିଛନ୍ତି। ସେହେଲେ କେ.ବଲାଙ୍ଗ ଥାନା ବାକରପଡ଼ାର ସୁରୁ ମୁଣ୍ଡା(୪୫)। ତେବେ ମୃତକଙ୍କ ମଧ୍ୟରେ ୩ଜଣ ମହିଳା ଅଛନ୍ତି ବୋଲି ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, 'ଲିଙ୍ଗରାଜ' ନାମକ ଏକ ଘରୋଇ ବସ୍(ନଂ.ଓଡି ୨୩ସି ୮୭୭୭) ରାଉରକେଲାରୁ କୋଇଡ଼ା ଅଭିମୁଖେ ଯାଉଥିଲା । ଏଥିରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଥିଲେ । ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ରକ୍ସି ନିକଟରେ ରାସ୍ତାକାମ ଯୋଗୁ ରାସ୍ତା ଭିଡ଼ ଥିବାରୁ ଲିଙ୍ଗରାଜ ବସ୍‌ର ଡ୍ରାଇଭର ଗାଡ଼ିକୁ ରଙ୍ଗ ରୁଟ୍‌ରେ ନେଇ ଯାଉଥିଲେ । କିଛି ବାଟ ଗଲା ପରେ ବସ୍‌ଟି ବିପରୀତ ଦିଗରୁ ଆସୁଥିବା ଏକ ଲୁହାପଥର ବୋଝେଇ ଟ୍ରକ୍(ନଂ. ସିଜି ୨୨ଏଏଫ୍ ୯୨୭୩) ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ବସ୍ ସମ୍ମୁଖ ଏବଂ ବାମପାର୍ଶ୍ୱ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । ବସ୍‌ଟି ଚାପି ହୋଇଯାଇଥିବାରୁ ଯାତ୍ରୀମାନେ ବାହାରକୁ ବାହାରି ନ ପାରି ଚିତ୍କାର କରିଥିଲେ। ଖବରପାଇ କେବଲାଙ୍ଗ ପୋଲିସ, ଅଗ୍ନିଶମ କର୍ମଚାରୀ ଏବଂ ସ୍ଥାନୀୟ ଲୋକମାନେ ବସ୍‌ର ଝରକା, ପଛକାଚ ଭାଙ୍ଗି ଲୋକଙ୍କୁ ବାହାର କରିଥିଲେ। ଘଟଣାସ୍ଥଳରେ ୫ଜଣଙ୍କ ମୃତ୍ୟୁ ଘଟିଥିଲା । ଏପରି କି ମୃତକଙ୍କ ମଧ୍ୟରେ ଜଣଙ୍କ ମୁଣ୍ଡ ଶରୀରରୁ ସମ୍ପୂର୍ଣ୍ଣ ଅଲଗା ହୋଇଯାଇଥିଲା । ୧୪ଜଣ ଗୁରୁତରଙ୍କୁ ରାଉରକେଲା ପଠାଯାଇଥିବାବେଳେ ସେଠାରେ ଜଣଙ୍କ ମୃତ୍ୟୁ ଘଟିଥିଲା। ୫ ଜଣଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଦୀର୍ଘ ୧୫ ବର୍ଷ ଧରି ଏଠାରେ ରାସ୍ତା ନିର୍ମାଣ କରାଯାଉଛି। ଏପରିକି ବର୍ଷେ ହେଲାଣି ଜାମୁଡିହିରେ ଟୋଲ୍ ଆଦାୟ ଚାଲିଛି। ରାସ୍ତା ନିର୍ମାଣ ଯୋଗୁ ଅନେକ ସମୟରେ ରାସ୍ତା ଜାମ୍ ସ୍ଥିତି ସୃଷ୍ଟି ହେଉଥିବାରୁ ବସ୍ ଡ୍ରାଇଭରମାନେ ରଙ୍ଗ୍ ରୁଟ୍‌ରେ ବସ୍ ନେଉଛନ୍ତି, ଯାହାଫଳରେ ଏତେବଡ଼ ଦୁର୍ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନାକୁ ଦୃଷ୍ଟିରେ ରଖି ତିନି ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିବା କେବଲାଙ୍ଗ ଥାନା ଏସ୍‌ଆଇ ବାସୁଦେବ ବେହେରା କହିଛନ୍ତି।

### ଗଛରେ ପିଟିହେଲା...

ପଠାଯାଇଛି। ଭୋର ସମୟରେ ଟିପ୍ପରଟି ଗୁଣପୁରରେ ବାଲି ଅନ୍‌ଲୋଡ୍ କରି ଫେରିବା ସମୟରେ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥିବା ଜଣାପଡ଼ିଛି। ଗୁଣପୁର ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ତାଙ୍କ ପରିବାରକୁ ହସ୍ତାନ୍ତର କରିଥିବା ଗୁଣପୁର ଆଇଆଇସି କେକେବିକେ କହଁର ସୂଚନା ଦେଇଛନ୍ତି।

### ୨ ବାଇକ୍ ମୁହାଁମୁହିଁ...

ବାଇକ୍‌ରେ ୨ଜଣ ଯାଉଥିଲେ। ବିଳମ୍ବିତ ରାତି ହୋଇଥିବାରୁ ଦୁର୍ଘଟଣାର କାରଣ ସ୍ପଷ୍ଟ ହୋଇନାହିଁ। ନାରାୟଣପାଟଣା ପୋଲିସ ୨ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଇଥିଲା। ୪ ଗୁରୁତରଙ୍କୁ ପ୍ରଥମେ ନାରାୟଣପାଟଣା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏହା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଥାନାରେ ନଂ. ୭୪/୨୫ରେ ମାମଲା ରୁଜୁ ହୋଇଛି। ପୋଲିସ ୨ ବାଇକ୍ ଜବତକରି ତଦନ୍ତ କରୁଛି। ୨ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ଥାନାଧିକାରୀ ପ୍ରମୋଦ କୁମାର ନାୟକ ସୂଚନା ଦେଇଛନ୍ତି। ୪ ଗୁରୁତରଙ୍କ ମଧ୍ୟରୁ ଗଣେଷଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ବ୍ଲକ୍ ପ୍ରଶାସନ ପକ୍ଷରୁ ୨ ମୃତକଙ୍କ ପରିବାର ଲୋକଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଲେଖାଏ ଦିଆଯାଇଥିବା ଜଣାପଡ଼ିଛି।

### ନିଖୋଜ ଶିଶୁଙ୍କ...

ସିଷ୍ଟମ(ସିସିଟିଏନ୍‌ଏସ୍)ରେ ଜିଡି ଏଣ୍ଟ୍ରି ହେବା ପରେ ନିଖୋଜ ବ୍ୟକ୍ତିଙ୍କ ନାମ, ବୟସ, ଉଚ୍ଚତା, ତାଙ୍କ ଫଟୋ ଓ ଠିକଣା ଇତ୍ୟାଦି ସିଷ୍ଟମରେ ରହିବା ବାଧ୍ୟତାମୂଳକ। ହେଲେ ସିସିଟିଏନ୍‌ଏସ୍ ଡାଟାବେସ୍ ବିଶ୍ଳେଷଣରୁ ଜଣାପଡ଼ିଛି ଯେ, ଜାନୁଆରୀ ୨୦୧୮ରୁ ଡିସେମ୍ବର ୨୦୨୨ ମଧ୍ୟରେ ୭୭,୨୬୮ ନିଖୋଜ ବ୍ୟକ୍ତିଙ୍କ ନାମ ପଞ୍ଜୀକୃତ ହୋଇଛି। କିନ୍ତୁ ବାସ୍ତବକ୍ଷେତ୍ରରେ ୨୬ଟି ପୋଲିସ ଷ୍ଟେଶନରେ ଏହାର ଯାଞ୍ଚ କରାଯିବାରେ ଦେଖାଦେଇଥିଲା ଯେ, ୪ହଜାର ୬୨ଟି ଅଭିଯୋଗରୁ ୩ହଜାର ୫୭୪ଟି ପଞ୍ଜୀକୃତ ହୋଇଥିବାବେଳେ ଅନ୍ୟସବୁ ଅଭିଯୋଗ ସମ୍ପର୍କରେ ଉଲ୍ଲେଖ ନାହିଁ। ୪୮୮ଜଣ ନିଖୋଜଙ୍କ ସମ୍ପର୍କରେ କୌଣସି ଉଲ୍ଲେଖ ନ ଥିଲା। ଏହାବାଦ୍ ୭୮୮ଜଣ ନିଖୋଜ ବ୍ୟକ୍ତିଙ୍କୁ ଖୋଜା ଯାଇଥିଲେ ହେଁ କୌଣସି ରେକର୍ଡ ପ୍ରସ୍ତୁତ ହୋଇ ନ ଥିଲା।

ସେହିପରି ଜାନୁଆରୀ ୨୦୧୮ରୁ ମାର୍ଚ୍ଚ ୨୦୨୩ ମଧ୍ୟରେ ୧୮ ବର୍ଷରୁ କମ୍ ବୟସର ୧୩ହଜାର ୭୯୨ ନାବାଳିକା, ନାବାଳକ ନିଖୋଜ ଅଭିଯୋଗ ଆସିଥିଲା। ଏଥିମଧ୍ୟରୁ ୫,୫୬୬ ନିଖୋଜ ଅଭିଯୋଗରେ ଏକ ଲିଙ୍କ ହୋଇଥିବା ଏତଲା ନ ଥିଲା, ଯେତେବେଳେ ୩୫ ଅଭିଯୋଗରେ ଲିଙ୍କ୍ ହୋଇଥିବା ଏତଲା ନମ୍ବର 'ଶୂନ୍' ଭାବରେ ରେକର୍ଡ କରାଯାଇଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଉଲ୍ଲଂଘନ କରି ଏହି ନିଖୋଜ ଶିଶୁ ଅଭିଯୋଗ ବିରୁଦ୍ଧରେ ଏତଲା ପଞ୍ଜୀକରଣ ନ ହେବା ସୂଚାଇ ଥିଲା। ୬୮ଟି ପୋଲିସ୍ ଷ୍ଟେଶନର ପରୀକ୍ଷା ଯାଞ୍ଚ ସମୟରେ ଅଡିଟ୍ ଜାଣିବାକୁ ପାଇଲା ଯେ, ଗୋଟିଏ ଥାନାରେ ୩୧ଟି ମାମଲା ମଧ୍ୟରୁ ୬ଟି ମାମଲାରେ ନିଖୋଜ ଶିଶୁଙ୍କ ମାମଲା ପାଇଁ ଏତଲା ପଞ୍ଜୀକରଣ କରିନାହାନ୍ତି।

ସିସିଟିଏନ୍‌ଏସ୍‌ରେ ନିଖୋଜ ବ୍ୟକ୍ତି ଏବଂ ପିଲାମାନଙ୍କର ପଞ୍ଜୀକରଣ ନ ହେବା ଏବଂ ବିଳମ୍ବରେ ପଞ୍ଜୀକରଣ ହେବା ଯୋଗୁ ବ୍ୟକ୍ତି/ ଶିଶୁଙ୍କୁ ଖୋଜିବାରେ ସମ୍ଭାବନା ହ୍ରାସ ପାଇଥିଲା। ଏହାବ୍ୟତୀତ ଏହି ନିଖୋଜ ଶିଶୁଙ୍କ ମାମଲାଗୁଡ଼ିକର ତଦନ୍ତର ପ୍ରଭାବଶାଳୀ ଭାବରେ ତଦାରଖ କରାଯାଇପାରି ନାହିଁ। ରାଜ୍ୟ ଏବଂ ଜାତୀୟସ୍ତରରେ ନିଖୋଜ ଶିଶୁଙ୍କର ଏକ ସାଧାରଣ ଡାଟାବେସ୍ ରଖିବାରେ ପୋଲିସ ଅଧିକାରୀମାନେ ଲକ୍ଷ୍ୟ ହାସଲ କରିପାରି ନାହାନ୍ତି ବୋଲି ମହାଲେଖାକାରଙ୍କ ପକ୍ଷରୁ କୁହାଯାଇଛି।

### ଆଜି ଅବପାତର ରୂପ...

ତେବେ ଲଘୁଚାପ ପ୍ରଭାବରେ ଆସନ୍ତା ୨୪ ଘଣ୍ଟାରେ ଦକ୍ଷିଣ ଓ ଉତ୍ତର ଓଡ଼ିଶାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ତେବେ କୋରାପୁଟ ଏବଂ ମାଲକାନଗିରି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଓ ଘଡ଼ଘଡ଼ି ସହିତ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୪୦-୫୦ କି.ମି. ରହିବା ସହ ଝଟକା ପବନ ୬୦ କି.ମି. ବେଗରେ ବହିବ ବୋଲି ସୂଚନା ଦିଆଯାଇଛି। ସେହିପରି ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର, ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, କନ୍ଧମାଳ, ବାଲେଶ୍ୱର, ନୟାଗଡ଼ ଜିଲା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟ ଜିଲାଗୁଡ଼ିକରେ କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।




# ମାଛ ତରକାରି ଖାଇ ଶିଶୁ ମୃତ

## ଯାଆଁଳା ଭାଇ ଗୁରୁତର

**ବାସୁଦେବପୁର,୨୫।୯ (ନାରାୟଣ ପ୍ରସାଦ ବାରିକ)**

ମାଛ ତରକାରି ଖାଇବା ହେଲା କାଳ। ଜଣେ ଶିଶୁଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ଯାଆଁଳା ଭାଇ ଗୁରୁତର ହୋଇଛନ୍ତି। ଗୁରୁବାର ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବରଣ୍ଡୁଆ ପଞ୍ଚାୟତର ନଟାପଡ଼ା ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତ ଶିଶୁ ହେଲେ ନଟାପଡ଼ା ଗ୍ରାମର ସୁରେନ୍ଦ୍ର ବନ୍ଧଙ୍କ ୩ ବର୍ଷର ପୁଅ ସୁଜିତ। ତାଙ୍କ ଯାଆଁଳା ଭାଇ ଅଜିତ ଏବେ ବାସୁଦେବପୁର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସୁଜିତ ଓ ଅଜିତଙ୍କ ମା' କନକଲତାଙ୍କ କହିବା ଅନୁସାରେ ବୁଧବାର ଗାଁକୁ ଜଣେ ମାଛ ବିକାଳି ଆସିଥିଲେ। ସେ ତାଙ୍କଠାରୁ ମାଛ କିଣି ତରକାରି କରିଥିଲେ। ସେହି ତରକାରିକୁ ତାଙ୍କର ଦୁଇ ଶିଶୁପୁତ୍ର ମଧ୍ୟ ଖାଇଥିଲେ। ତରକାରି ଖାଇବା ପରେ ସନ୍ଧ୍ୟାଠାରୁ ଦୁଇପୁଅଙ୍କର ବାନ୍ତିହୋଇଥିଲା। ଚିକିତ୍ସା ପାଇଁ ଗୁରୁବାର ପୂର୍ବାହ୍ନରେ ସେମାନଙ୍କୁ ବାସୁଦେବପୁର ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ସୁଜିତଙ୍କୁ ମୃତ ଘୋଷଣା କରିଥିଲେ। ଖାଦ୍ୟରେ ବିଷକ୍ରିୟା ଯୋଗୁ ଏଭଳି ଘଟିଥିବା ଡାକ୍ତର କହିଥିବା କନକଲତା ପ୍ରକାଶ କରିଛନ୍ତି।




# ବାଲିଯାତ୍ରା ପ୍ଲଟ ଆବଣ୍ଟନ ପଞ୍ଜୀକରଣ ଆଜିଠୁ

**କଟକ,୨୫।୯(କାର୍ତ୍ତିକ ସାହୁ)**

ଐତିହାସିକ ବାଲିଯାତ୍ରା କଟକ-୨୦୨୫ ଆସନ୍ତା ନଭେମ୍ବର ୫ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଆବଣ୍ଟିତ ହେବାକୁ ଥିବା ପ୍ଲଟ ନିଲାମ ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିୟମ ଓ ସର୍ତ୍ତାବଳୀ ଲାଗୁ କରାଯାଇଛି। ଅତିରିକ୍ତ ଜିଲାପାଳ (ରାଜସ୍ୱ) ତଥା ବାଲିଯାତ୍ରା ପ୍ଲଟ ଆବଣ୍ଟନ କମିଟି ଅଧ୍ୟକ୍ଷ ଡ. ଦିବ୍ୟଲୋଚନ ମହାନ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଗୁରୁବାର ପ୍ରେସ୍ ବିବୃତିରେ ଏହି ସମ୍ବନ୍ଧୀୟ ସମସ୍ତ ସୂଚନା ଦେଇଛନ୍ତି।

ସୂଚନା ମୁତାବକ ପ୍ଲଟ ଆବଣ୍ଟନ ନିମନ୍ତେ ପଞ୍ଜୀକରଣ କାର୍ଯ୍ୟ ୨୬ ତାରିଖ (ଶୁକ୍ରବାର)ରୁ ଆରମ୍ଭ ହୋଇ ଅକ୍ଟୋବର ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ହାଇବ୍ରିଡ ମୋଡ୍ (ଉଭୟ ଅନ୍‌ଲାଇନ ଓ ଅଫଲାଇନ୍) ଜରିଆରେ ଆବେଦନ କରାଯିବାକୁ ସ୍ଥିର ହୋଇଛି। ଆବେଦନକାରୀ ପଞ୍ଜୀକରଣ ନିମନ୍ତେ ଆବେଦନପତ୍ର ସହିତ ବାରବାଟୀ ଷ୍ଟାଡିୟମ ସନ୍ନିକଟ ବାରବାଟୀ ପ୍ୟାଲେସଠାରେ ସରକାରୀ ଛୁଟିଦିନ ବ୍ୟତୀତ ନିର୍ଦ୍ଦିଷ୍ଟ ତାରିଖ ମଧ୍ୟରେ ଦୈନିକ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ମଧ୍ୟରେ ଦାଖଲ କରିପାରିବେ ଓ ପଞ୍ଜୀକରଣ ପତ୍ର ଗ୍ରହଣ କରିପାରିବେ। ଚଳିତବର୍ଷ ନିଲାମ ପ୍ରକ୍ରିୟା ସର୍ବନିମ୍ନ ୪୦ ଟଙ୍କା, ୫୦ ଟଙ୍କା ଓ ୬୦ ଟଙ୍କା ରଖାଯାଇ ଅକ୍ଟୋବର ୧୩ରୁ ଆରମ୍ଭ କରାଯିବ ବୋଲି ଅତିରିକ୍ତ ଜିଲାପାଳ ଡ. ମହାନ୍ତ ସୂଚନା ଦେଇଛନ୍ତି।

**ଅନ୍‌ଲାଇନ, ଅଫ୍‌ଲାଇନ୍‌ରେ ଆବେଦନ**

ଏତଦବ୍ୟତୀତ ଛୋଟ ଛୋଟ ବ୍ୟବସାୟୀମାନଙ୍କୁ ୮୦ ବର୍ଗଫୁଟ ପର୍ଯ୍ୟନ୍ତ ଜାଗା ୧୫୦୦ ଟଙ୍କା ହିସାବରେ ଯୋଗାଇ ଦିଆଯିବାକୁ ସ୍ଥିର କରାଯାଇଥିବା ସେ କହିଛନ୍ତି। କଟକ ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, କଟକ ସଦର ତହସିଲଦାର ଦେବଦତ୍ତ ପ୍ରଧାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଡେପୁଟି କଲେକ୍ଟର ପ୍ରଜ୍ଞା ପାରମିତା ଥାଟୋଇ ଓ ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ଦିନରେ ୩୪୯୪ ଇ-ଚାଲାଣ

## ୫୪,୮୨,୪୬୨ ଟଙ୍କା ଜରିମାନା

### ରାଜ୍ୟ ପରିବହନ ପ୍ରାଧିକରଣର ସ୍ୱତନ୍ତ୍ର ଚଢ଼ାଉ

**କଟକ,୨୫।୯(କାର୍ତ୍ତିକ ସାହୁ)**

ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନ ବିରୋଧରେ ସମଗ୍ର ରାଜ୍ୟରେ ସ୍ୱତନ୍ତ୍ର ଚଢ଼ାଉ କରାଯାଇଛି। ଗତ ୩ ଦିନରେ ରାଜ୍ୟରେ ମୋଟ ୩୪୯୪ଟି ଚାଲାଣ ଜାରି ହୋଇଛି। ଏଥିସହ ଜରିମାନା ବାବଦରେ ୫୪,୮୨,୪୬୨ ଟଙ୍କା ଆଦାୟ କରାଯାଇଛି। ତନ୍ମଧ୍ୟରେ ଓଭରଲୋଡିଂ ପାଇଁ ୧୭୬ଟି, ଫିଟ୍‌ନେସ୍ ଓ ପରମିଟ୍ ବାବଦରେ ୯୪୨ ଗାଡ଼ି ବିରୋଧରେ ଚାଲାଣ ଜାରି ହୋଇଛି। ସେହିପରି ପ୍ରଦୂଷଣ ପ୍ରମାଣପତ୍ର ନିୟମ ଉଲ୍ଲଂଘନ ପାଇଁ ୯୭୭, ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ ପାଇଁ ୨୧୪, ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନ ବ୍ୟବହାର ପାଇଁ ୧୩୦, ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ନିୟମ ଉଲ୍ଲଂଘନ ଯୋଗୁ ୨୦୪ଟି ଇ-ଚାଲାଣ ଜାରି କରାଯାଇଛି।

ସୂଚନାନୁସାରେ, ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶରେ ସ୍ୱତନ୍ତ୍ର ଚଢ଼ାଉ ଜାରି ରହିଛି। ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ନେତୃତ୍ୱ ଓ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗତ ୩ ଦିନ ମଧ୍ୟରେ ରାଜ୍ୟବ୍ୟାପୀ ଆରଟିଓ ଟିମ୍ ଦ୍ୱାରା ମୋଟରଯାନର ୭ଟି ନିୟମ ଉଲ୍ଲଂଘନକୁ ଗୁରୁତ୍ୱ ଦିଆଯାଇଛି। ଓଭରଲୋଡିଂ, ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ, ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନ ବ୍ୟବହାର, ବିନା ଫିଟନେସ, ବିନା ପରମିଟ ଓ ବିନା ପ୍ରଦୂଷଣ ପ୍ରମାଣପତ୍ର ଭଳି ନିୟମ ଉଲ୍ଲଂଘନ ସହ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଯାଞ୍ଚ ହୋଇଛି। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ମୋଟର ଯାନ ଆଇନ ଅନୁଯାୟୀ ଇ-ଚାଲାଣ ଜାରି ହୋଇଛି ଓ ଜରିମାନା ଆଦାୟ କରାଯାଇଛି। ସଡ଼କ ଦୁର୍ଘଟଣା ହ୍ରାସ କରିବା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ସଚେତନତା ସହ ଏନ୍‌ଫୋର୍ସମେଣ୍ଟକୁ ପ୍ରାଧାନ୍ୟ ଦେଇଛି। ଏଥିପାଇଁ ପ୍ରତି ସପ୍ତାହରେ ବିଭିନ୍ନ ବିଷୟରେ ରାଜ୍ୟ ପରିବହନ ପ୍ରାଧିକରଣ ନେତୃତ୍ୱରେ ସ୍ୱତନ୍ତ୍ର ଚଢ଼ାଉ କରାଯାଉଛି। ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଚଢ଼ାଉ ଆଗକୁ ଆହୁରି କଡ଼ାକଡ଼ି କରିବାକୁ ବିଭାଗ ନିଷ୍ପତ୍ତି ନେଇଛି। ଏଥିସହ ସଚେତନତା କାର୍ଯ୍ୟକ୍ରମକୁ ମଧ୍ୟ ବ୍ୟାପକ କରାଯିବ। ସମସ୍ତେ ସଡ଼କ ସୁରକ୍ଷା ନିୟମ ପାଳନ କରି ସୁରକ୍ଷିତ ଭାବରେ ଘରକୁ ଫେରିବାକୁ ନିବେଦନ କରାଯାଇଛି।



"ଯଦି ମା ଭଗବତୀଙ୍କ କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି ତେବେ ଆଉ ଏପରି କ'ଣ ରହିଛି- ଯାହା ତୁମକୁ ସ୍ପର୍ଶ କରିପାରିବ ? ଆଉ କାହାକୁ ବା ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ ଟିକିଏ ମଧ୍ୟ ତୁମକୁ ସକଳ ବାଧା ବିପତ୍ତି ଓ ସଂକଟରୁ ପାରିକରିଦେବ। -ଶ୍ରୀଅରବିନ୍ଦ

-ନଡଃ ପଞ୍ଚମୀ ଓ ବିରଜା ଦେବୀଙ୍କ ପଞ୍ଚମୀ ହୋମ



# ସ୍ୱାସ୍ଥ୍ୟ ଟିକସର ଲାଭ



ଗର୍ଡନ ବ୍ରାଉନ୍

ସାରା ବିଶ୍ୱରେ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ପାଣ୍ଠିର ଅଭାବ ରହିଛି। ଆବଶ୍ୟକ ଅନୁଯାୟୀ ସମ୍ବଳ ନ ଥିବାରୁ ଏହା ଭାରାକ୍ରାନ୍ତ ହୋଇପଡ଼ିଛି। ୨୦୨୩ରେ ନିମ୍ନ ଆୟ ବର୍ଗର ଦେଶଗୁଡ଼ିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ଜଣେ ଲୋକ ପିଛା ମାତ୍ର ୧୦ ଆମେରିକୀୟ ଡଲାର ଖର୍ଚ୍ଚ କରିଥିଲେ ଏବଂ ଏହା ଅତ୍ୟାବଶ୍ୟକ ସେବା ଉପଲବ୍ଧତା ନିଶ୍ଚିତ କରିବା ପାଇଁ ଦରକାର ହେଉଥିବା ଅର୍ଥର ୧୫% ରୁ କମ୍। ଚଳିତ ବର୍ଷ ବୈଶ୍ୱିକ ସ୍ତରରେ ସ୍ୱାସ୍ଥ୍ୟ ନିବେଶ ୪୦% ହ୍ରାସ ପାଇବ ବୋଲି ଆକଳନ କରାଯାଇଛି, ଯାହା ଏବକାର ସମସ୍ୟାକୁ ଆହୁରି ଜଟିଳ କରିବ। ୨୦୨୩ରେ ଏହି ନିବେଶ ୨୫ ବିଲିୟନ ଆମେରିକୀୟ ଡଲାର ଥିବାବେଳେ ନିକଟରେ ଆମେରିକା ଓ ୟୁରୋପରେ ଆର୍ଥିକ ସହଯୋଗ ହ୍ରାସହେବା ଯୋଗୁ ଚଳିତ ବର୍ଷ ଏହା ୧୫ ବିଲିୟନ ଡଲାର ହେବ ବୋଲି କୁହାଯାଇଛି। ଏଭଳି ଆର୍ଥିକ ସହଯୋଗ ହ୍ରାସର ପ୍ରଭାବ ବିକାଶଶୀଳ ବିଶ୍ୱରେ ଅନୁଭୂତ ହେଲାଣି। କେବଳ ୟୁଏସ୍ ଏଜେନ୍ସି ଫର୍ ଇଣ୍ଟରନ୍ୟାଶନାଲ ଡେଭଲପ୍‌ମେଣ୍ଟ ଦୂରେଇ ରହିବା ହେତୁ ଏହାର ପରିଣାମ ସ୍ୱରୂପ ପ୍ରାୟ ୫ ଲକ୍ଷ ଲୋକଙ୍କ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି।

ହଠାତ୍ ସମ୍ବଳଗୁଡ଼ିକୁ ବନ୍ଦ କରିଦେବା ଯୋଗୁ ଅନେକ ଗ୍ଲୋବାଲ ସାଉଥ୍ ବା ବିକାଶୀଳ ଦେଶ ବିଦେଶୀ ପାଣ୍ଠି ଉପରେ ଆଉ ନିର୍ଭର ନ କରି ଆତ୍ମନିର୍ଭରଶୀଳ ହେବାପାଇଁ ଆଗେଇଛନ୍ତି। ବିକାଶଶୀଳ ଦେଶଗୁଡ଼ିକର ନେତାମାନେ ପ୍ରତ୍ୟେକ ଅଞ୍ଚଳରେ ଟିକା ଉତ୍ପାଦନଠାରୁ ଆରମ୍ଭକରି ସ୍ୱାସ୍ଥ୍ୟସେବା ଯୋଗାଇଦେବା ଭଳି ସ୍ୱାସ୍ଥ୍ୟ ସକ୍ଷମତା ସୃଷ୍ଟିକରିବା ଉପରେ ଅଧିକ ଧ୍ୟାନ ଦେଇଛନ୍ତି। ସେହି ନେତାମାନଙ୍କ ମଧ୍ୟରେ ମୁଖ୍ୟ ହେଉଛନ୍ତି ନିକଟରେ ଆଫ୍ରିକା ହେଲ୍‌ଥ ସୋଭର୍ନିଟି ସମିଟ୍‌ର ଆୟୋଜନ କରିଥିବା ଘାନାର ରାଷ୍ଟ୍ରପତି ଜନ୍ ଡ୍ରାମାନି ମାହାମା ; ଡୋମେଷ୍ଟିକ୍ ହେଲ୍‌ଥ ଫାଇନାନ୍ସିଂରେ ଆଫ୍ରିକା ୟୁନିୟନର ଆଗରେ ଥିବା ର୍ୱାଣ୍ଡା ରାଷ୍ଟ୍ରପତି ପଲ୍ କାଗାମେ ଏବଂ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ଓଲୁସେଗୁନ ଓବାସାଞ୍ଜୋ ଓ ଏଲେନ୍ ଜନ୍‌ସନ ସାର୍‌ଲିଫ।

ଯେଉଁ ସରକାରଗୁଡ଼ିକ ସେମାନଙ୍କ ଦେଶରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆର୍ଥିକ ସହାୟତା ଅତ୍ୟଧିକ ହ୍ରାସ କରିଛନ୍ତି ସେମାନଙ୍କ ଉପରେ ଚାପ ରହିବ । ସେମାନଙ୍କୁ ସ୍ଥିତିର ପୁନର୍ବିଚାର କରିବାକୁ ହେବ। ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଆର୍ଥିକ ସହାୟତା ଉପରେ ଏହିସବୁ ସରକାର ଅତ୍ୟଧିକ ନିର୍ଭର କରନ୍ତି। ଏଣୁ ସେମାନଙ୍କ ଦେଶରେ ସ୍ୱାସ୍ଥ୍ୟ କ୍ଷେତ୍ରର କ୍ଷମତା ବଢ଼ାଇବା ସକାଶେ ନିଆଯାଉଥିବା ପଦକ୍ଷେପକୁ କେବେ ସେମାନେ ଆର୍ଥିକ ସାହାଯ୍ୟ ଯୋଗାଇଦେବେ ତାହା ପାଇଁ ଏକ ସମୟସୀମା ନିର୍ଦ୍ଧାରଣ କରିବା ଦରକାର। ଏହି ସମୟରେ, ବିଶ୍ୱ ଏବେ ଅତ୍ୟଧିକ ବ୍ୟାପୁଥିବା ଅଣ ସଂକ୍ରାମକ ରୋଗର



ସ୍ଥିତିକୁ ସାମ୍ନାକରୁଛି। ଏହା କ୍ଷତିକାରକ ଉତ୍ପାଦ ଖାଇବା ଯୋଗୁ ବୃଦ୍ଧି ପାଉଛି। ତମାଖୁ, ମଦ ଏବଂ ଶର୍କରାଯୁକ୍ତ ବା ଚିନି ଭାଗ ରହିଥିବା ପାନୀୟ ଯୋଗୁ ପ୍ରତିବର୍ଷ ୧ କୋଟିରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଉଛି। ଏହିସବୁ ଉତ୍ପାଦ ଯୋଗୁ ହେଉଥିବା ରୋଗ ଏବଂ ଘଟୁଥିବା ମୃତ୍ୟୁ ହ୍ରାସ କରିବା ସକାଶେ ବିଶେଷକରି ନିମ୍ନ ଓ ମଧ୍ୟମ ଆୟ ବର୍ଗର ଦେଶଗୁଡ଼ିକ (ଏଲ୍‌ଏମ୍‌ଆଇସିଏସ୍) ତୁରନ୍ତ ପଦକ୍ଷେପ ନେବା ଦରକାର। ଏହି ଦୁଇ ସମସ୍ୟାକୁ ସମାଧାନ କରିବାକୁ ହେଲେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ନୂଆ ପଣ୍ଡିଂ ବା ପାଣ୍ଠି ଯୋଗାଡ଼ର ଉତ୍ସକୁ ଚିହ୍ନଟ କରିବାକୁ ପଡ଼ିବ ଏବଂ କ୍ଷତିକାରକ ଉତ୍ପାଦ ବ୍ୟବହାର ହ୍ରାସ କରିବାକୁ ହେବ। ସୌଭାଗ୍ୟର କଥା , ଏହି ଉଭୟ ଲକ୍ଷ୍ୟ ହାସଲ କରିବା ଲାଗି ଏକ ଉପାୟ ଅଛି ଏବଂ ତାହା ହେଉଛି ସ୍ୱାସ୍ଥ୍ୟକର ବା ଟିକସ। ଚଳିତ ସପ୍ତାହରେ ନ୍ୟୁୟର୍କରେ ଜାତିସଂଘ ସାଧାରଣ ସଭାରେ ବିଶ୍ୱର ସବୁ ନେତା ଏକାଠି ହୋଇଥିବାରୁ ସେମାନେ ଏହି ନୀତିକୁ ଗ୍ରହଣ କରିବା ଆବଶ୍ୟକ। କେବଳ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ର ଲକ୍ଷ୍ୟ ଏହାକୁ ସ୍ୱୀକାର କରୁନାହିଁ , ବରଂ ଲରେନ୍ସ ଏଚ୍ ସମର୍ସ ଓ ଏନ୍.କେ. ସିଂଙ୍କ ସହ-ଅଧ୍ୟକ୍ଷତାରେ ଗଠିତ ଜି୨୦ର ସ୍ୱାଧୀନ ବିଶେଷଜ୍ଞ ଗୋଷ୍ଠୀ ଦ୍ୱାରା ୨୦୨୩ରେ ପ୍ରଦତ୍ତ ରିପୋର୍ଟରେ ଘରୋଇ ସମ୍ବଳର ସଞ୍ଚାଳନ ପାଇଁ କରାଯାଇଥିବା ସୁପାରିସରେ ଏହାକୁ ସୂଚିତ କରିଛି। ଟାସ୍କଫୋର୍ସ ଅନ୍ ଫିସିକାଲ ପଲିସି ଫର୍ ହେଲ୍‌ଥର ମୁଁ ଜଣେ ସଦସ୍ୟ। ଏହାର ୨୦୨୪ ରିପୋର୍ଟ ଅନୁଯାୟୀ ତମାଖୁ, ମଦ ଓ ଶର୍କରାଯୁକ୍ତ ପାନୀୟର ମୂଲ୍ୟ ୫୦% ବୃଦ୍ଧି କଲା ଭଳି ଟିକସ ଲାଗୁକଲେ ୫ ବର୍ଷ ମଧ୍ୟରେ ୩.୭ ଟ୍ରିଲିୟନ ଆମେରିକୀୟ ଡଲାର ସଂଗ୍ରହ ହୋଇପାରିବ, ଯେଉଁଥିରେ ଏଲ୍‌ଏମ୍‌ଆଇସିଏସ୍‌ର ରହିଛି ୨.୧ ଟ୍ରିଲିୟନ ଡଲାର। ଏଲ୍‌ଏମ୍‌ଆଇସିଏସ୍ ଏହି ସଂଗୃହୀତ ରାଜସ୍ୱରେ ତାହାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ୪୦ ପ୍ରତିଶତ ବ୍ୟୟ ବୃଦ୍ଧି କରିପାରିବ।

ତେବେ ଯଦି ସବୁ ଦେଶ ସେହି ଅନୁସାରେ ଟିକସ ବୃଦ୍ଧି କରିବେ, ତେବେ ୧୦ କୋଟି ଲୋକ ଧୂମପାନ ଛାଡ଼ିଦେବେ ଏବଂ ମଦ ଏବଂ ଓ ଶର୍କରାଯୁକ୍ତ ପାନୀୟ ପିଉଥିବା ଲୋକଙ୍କ ସଂଖ୍ୟା ଅତ୍ୟଧିକ ହ୍ରାସ ପାଇବ। ସ୍ୱାସ୍ଥ୍ୟ ଟିକସ ବୃଦ୍ଧି ଯୋଗୁ ଆସନ୍ତା ୫୦ ବର୍ଷ ମଧ୍ୟରେ ୫ କୋଟି ଲୋକଙ୍କ ଜୀବନ ରକ୍ଷାହେବା ସହ ବହୁ କୋଟି ଲୋକ ସୁସ୍ଥ ଜୀବନ ବିତାଇବାକୁ ସକ୍ଷମ ହେବେ। ଏହା ସହ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ବଳର ଅଭାବଜନିତ ଚାପ ଦୂରହୋଇପାରିବ। ଅନେକ ଦେଶରେ ସ୍ୱାସ୍ଥ୍ୟ ଟିକସର ଲାଭ ସାମ୍ନାକୁ ଆସିଛି। ଫିଲିପାଇନ୍ସରେ ତମାଖୁ ଅବକାରୀ ଟିକସ ବୃଦ୍ଧି ଯୋଗୁ ରାଜସ୍ୱ ବୃଦ୍ଧି ହୋଇଛି। ୨୦୧୨ରେ ରାଜସ୍ୱ ୧ ବିଲିୟନ ଆମେରିକୀୟ ଡଲାର ଥିଲାବେଳେ ୨୦୨୨ରେ ଏହା ୨.୯ ବିଲିୟନ ଡଲାରକୁ ବୃଦ୍ଧି ପାଇଥିଲା। ୨୦୨୨-୨୩ ଆର୍ଥିକ ବର୍ଷରେ ପାକିସ୍ତାନ ତମାଖୁ ଉପରେ ଅବକାରୀ ଟିକସ ବୃଦ୍ଧି କରିଥିଲା ଏବଂ ବର୍ଦ୍ଧିତ ଟିକସରୁ ପୂର୍ବବର୍ଷ ତୁଳନାରେ ରାଜସ୍ୱରେ ପାଖାପାଖି ୫୦ ପ୍ରତିଶତ ବୃଦ୍ଧି ହୋଇଛି। ଏହିପରି ଭାବେ ଲିଥୁଆନିଆ ସରକାର ମଦ ଉପରେ ଟିକସ ବାରମ୍ବାର ବୃଦ୍ଧି କରିବା ଯୋଗୁ ୨୦୨୨ ସୁଦ୍ଧା ସରକାରଙ୍କୁ ଟିକସରୁ ମିଳୁଥିବା ମୋଟ ରାଜସ୍ୱର ଏହା ୩%ରେ ପହଞ୍ଚିଥିଲା। ଏହି ସମୟ ମଧ୍ୟରେ ମଦ ପିଉଥିବା ଲୋକଙ୍କ ସଂଖ୍ୟା ମଧ୍ୟ ହ୍ରାସ ପାଇଥିଲା ଓ ତଜ୍ଜନିତ ମୃତ୍ୟୁ ଓ ରୁଗ୍ଣ ପ୍ରତିଶତ କମିଥିଲା। ୨୦୧୪ରେ ମେକ୍ସିକୋ ଶର୍କରାଯୁକ୍ତ ପାନୀୟ ଉପରେ ଟିକସ ଲାଗୁ କରିଥିଲା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ଆଣିବାରେ ଏହା ପ୍ରଭାବୀ ସାବ୍ୟସ୍ତ ହୋଇଥିଲା। ଏହାକୁ କାର୍ଯ୍ୟକାରୀ କରିବାରେ ଖର୍ଚ୍ଚ ହେଉଥିବା ପ୍ରତିଟି ଡଲାରରେ ସ୍ୱାସ୍ଥ୍ୟସେବା ଖର୍ଚ୍ଚ ୪ ଡଲାର ବଞ୍ଚିପାରୁଥିବା ଆକଳନ କରାଯାଇଥିଲା।

ଏସବୁ ସଫଳତା ଓ ଲାଭ ସତ୍ତ୍ୱେ ଅଧିକାଂଶ ଦେଶରେ ସ୍ୱାସ୍ଥ୍ୟ ଟିକସ ବହୁତ କମ୍ ରହିଛି ଏବଂ ତମାଖୁ ଭଳି କ୍ଷତିକାରକ ଉତ୍ପାଦଗୁଡ଼ିକ ଅଧିକ ଶସ୍ତାହୋଇଯାଇଛି। ଏହିସବୁ ଟିକସ ଲାଗୁ କରିବାରେ ଶକ୍ତିଶାଳୀ କର୍ପୋରେଟଗୁଡ଼ିକର ସ୍ୱାର୍ଥ ବାଧକ ସାଜିଛି ଏବଂ ବହୁ ସମୟରେ ପ୍ରଚ୍ଛଦରେ ରହି ନୀତିକୁ ସେମାନେ ପଥଭ୍ରଷ୍ଟ କିମ୍ବା ବିଳମ୍ବ କରୁଛନ୍ତି। ୨୦୨୨ରେ ତମାଖୁ ଶିଳ୍ପ ୟୁରୋପୀୟ ସଂଘର ନୀତିନିର୍ଦ୍ଧାରକ ସହ ଲବିରେ ୨୨.୪ ମିଲିୟନ ଆମେରିକୀୟ ଡଲାର ବ୍ୟୟ କରିଥିଲା, ଯାହା ଡବ୍ଲ୍ୟୁଏଚ୍‌ଓ ଫ୍ରେମ୍‌ୱର୍କ କନ୍‌ଭେନସନ ଅନ୍ ଟବାକୋ କଣ୍ଟ୍ରୋଲର ବିରୁଦ୍ଧାଚରଣ କରେ। ବାସ୍ତବରେ ସ୍ୱାସ୍ଥ୍ୟ ଟିକସ ଅତ୍ୟନ୍ତ ପ୍ରଭାବୀ ଏବଂ ଏହା ପଛରେ ବ୍ୟାପକ ଜନ ସମର୍ଥନ ରହିଛି। ଏଣୁ ଏଥିରେ ବାଧା ସୃଷ୍ଟିକରିବା ପାଇଁ କରାଯାଉଥିବା ଲବିରେ ଅଧିକ ଅର୍ଥ ବିନିଯୋଗ କରିବାକୁ ଅନୁମତି ଦେଇପାରିବା ନାହିଁ। ଚଳିତ ସପ୍ତାହରେ ଜାତିସଂଘ ସାଧାରଣ ସଭାରେ ଅଣ ସଂକ୍ରାମକ ରୋଗକୁ ନେଇ ହେଉଥିବା ଉଚ୍ଚସ୍ତରୀୟ ବୈଠକରେ ଯୋଗ ଦେଉଥିବା ନେତାମାନଙ୍କ ନିକଟରେ ଦାବି କରୁଛି ଯେ, ସେମାନେ ତମାଖୁ, ମଦ ଏବଂ ଶର୍କରାଯୁକ୍ତ ପାନୀୟ ଉପରେ ଟିକସ ବୃଦ୍ଧିକରିବା ପାଇଁ ଦୃଢ଼ ପ୍ରତିବଦ୍ଧତା ପ୍ରକାଶ କରନ୍ତୁ। ରାଜସ୍ୱ ସୃଷ୍ଟି କରିବା ସହ ଏବଂ ସ୍ୱାସ୍ଥ୍ୟସେବା ଉପରେ ଥିବା ଅତ୍ୟଧିକ ବୋଝକୁ ହାଲୁକା କରୁଥିବା ସ୍ୱାସ୍ଥ୍ୟ ଟିକସ ଉପରେ ବୈଠକରେ ଯୋଗଦେଉଥିବା ନେତାମାନେ ଦୃଢ଼ତାର ସହ ଆଗକୁ ବଢ଼ିବା ଦରକାର।

**ପୂର୍ବତନ ପ୍ରଧାନମନ୍ତ୍ରୀ, ବ୍ରିଟେନ**

## ଦୂରେଇବା ପ୍ଲାଷ୍ଟିକ ଓ ମୂର୍ତ୍ତି ରଙ୍ଗ



ଅଭୟ କୁମାର ଦାସ

ସମ୍ପ୍ରତି ମୂର୍ତ୍ତି କାରିଗରିରେ କେବଳ ବିଷାକ୍ତ ରଙ୍ଗ ନୁହେଁ ମୂର୍ତ୍ତି ତିଆରି ପ୍ରସ୍ତୁତିରେ ବ୍ୟାପକ ପ୍ଲାଷ୍ଟିକ ଓ ପଲିଥିନ୍ ବ୍ୟବହାର ହେଉଛି। ଏହା ସମସ୍ତଙ୍କ ପାଇଁ ଘାତକ। ଖୁଦୁରୁକୁଣୀ, ଗଣେଶ ପୂଜା, ବିଶ୍ୱକର୍ମା ପୂଜା, ସରସ୍ୱତୀ ପୂଜା, ଦଶହରା, ଦୀପାବଳି ପଛକୁ ପଛ ବାଲିଯାତ୍ରାରେ ବିଭିନ୍ନ ପ୍ରକାର ମୂର୍ତ୍ତି ତିଆରି ହୋଇଥାଏ। ଆଉ ଏହି ମୂର୍ତ୍ତିରେ ବ୍ୟବହାର କରାଯାଉଥିବା ରାସାୟନିକ ରଙ୍ଗ ଜଳ ସମ୍ପଦକୁ ପ୍ରଦୂଷିତ କରିଥାଏ। ଦୁଃଖର କଥା ହେଉଛି ଆମେ ସମସ୍ତେ ସଚେତନ ନ ହେଉନାହୁଁ। ସାଧାରଣତଃ ବିଭିନ୍ନ ପ୍ରକାର ମୂର୍ତ୍ତି ତିଆରିରେ ପ୍ରଥମେ ପ୍ରାଇମର ଓ ପରେ ୱାଟର ସଲ୍ୟୁବଲ ରଙ୍ଗ ଏବଂ ଶେଷରେ ସେଡ଼ିଂ ଦେବା ପାଇଁ ବିଭିନ୍ନ ରାସାୟନିକ ରଙ୍ଗ ବ୍ୟବହାର କରାଯାଇଥାଏ। ପରବର୍ତ୍ତୀ ସମୟରେ ଏହା ଯେଉଁ ଉଦ୍‌ବେଗଜନକ ସମସ୍ୟା ସୃଷ୍ଟି କରିଥାଏ ତାହା ଶିଳ୍ପୀମାନେ ବୁଝୁଥିଲେ ବି ପେଟପାଟଣାକୁ ନେଇ ସେମାନେ ନାଚାର। ଦ୍ୱିତୀୟ କଥା ଏହି ବ୍ୟବହୃତ ରଙ୍ଗରେ ମ୍ୟାଗ୍ନେସିୟମ, ମୋଲିବଡେନମ୍ ଏବଂ ସିଲିକନ୍ ଭଳି ଭାଗ ରହୁଛି, ଯାହା ନଦୀ, ପୋଖରୀରେ ମିଶି ଜଳକୁ ପ୍ରଦୂଷିତ କରୁଛି। ମ୍ୟାଗ୍ନେସିୟମ୍ ଜଳର ଶୁଦ୍ଧତାରେ ପ୍ରଭାବ ପକାଉଥିବା ବେଳେ ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ପାଣିରେ ଲୁଣି ପରିମାଣ ବୃଦ୍ଧି କରିଥାଏ। ରଙ୍ଗରେ ମର୍କ୍ୟୁରି' ରାସାୟନିକ ଭାଗ ରହିଲେ ଏହା ଅନେକ ଅଜଣା ରୋଗକୁ ଡାକି ଆଣିଥାଏ। ଯାହା ଜାପାନରେ ଅନେକ ଲୋକଙ୍କ ମୃତ୍ୟୁର କାରଣ ପାଲଟିଥିଲା। ଜାପାନର 'ମିନମାତା' ଅଞ୍ଚଳରେ ପାଣିରେ କୌଣସି କାରଣରୁ ମର୍କ୍ୟୁରି ଭାଗ ରହିଯାଇଥିବାରୁ ଏଭଳି ଅଘଟଣ ଘଟିଥିଲା। ସେହିପରି ଉକ୍ତ ରାସାୟନିକ ରଙ୍ଗ ମାଛ ତଥା ଜଳଜୀବଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ। ରଙ୍ଗରେ ରହୁଥିବା ଆର୍ସେନିକ୍ ଏବଂ ଲିଡ୍ ଭଳି ରାସାୟନିକ ପଦାର୍ଥ ମଧ୍ୟ ବିପଦର କାରଣ ହୋଇପାରେ। ସୂଚନାଯୋଗ୍ୟ ଅହମ୍ମଦାବାଦରେ ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ବ୍ୟବହୃତ ମୂର୍ତ୍ତି ଉପରେ କଟକଣା ଲଗାଯାଇଥିବାବେଳେ ଓଡ଼ିଶାରେ ଏହା ଉପରେ ଲଗାମ ନାହିଁ। ଦିନ ଥିଲା ମୂର୍ତ୍ତି ତିଆରିରେ ପ୍ରାଚୀନ ପଦ୍ଧତିର ପ୍ରାକୃତିକ ରଙ୍ଗର ବହୁଳ ବ୍ୟବହାର କରାଯାଉଥିଲା। ଗାଁ ଗଣ୍ଡାର କଇଁଆ ଅଠା, ବିଭିନ୍ନ ପ୍ରକାର ବଣଜ ଓ ଗ୍ରାମ୍ୟ ଅଞ୍ଚଳର ଫୁଲ, ଶଙ୍ଖଚିହ୍ନ, ଶିଠା ଫଳ ଆଦି ବ୍ୟବହାର କରାଯାଉଥିଲା। କିନ୍ତୁ ବର୍ତ୍ତମାନ ପ୍ରଥମତଃ ସେହି ଜିନିଷଗୁଡ଼ିକ ଆଉ ବଜାରରେ ଉପଲବ୍ଧ ହେଉନି, ଦ୍ୱିତୀୟତଃ ତାକୁ ଖୋଜିବା ଅପେକ୍ଷା ଟଙ୍କା ଧରି ବଜାରରୁ ଲୋକଙ୍କୁ ଆଖି ଖୋସିହେଲା ଭଳି ରଙ୍ଗ କିଣିବାକୁ କାରିଗରମାନେ ପଛାଉ ନାହାନ୍ତି।

ସବୁଜ ବିପ୍ଳବ ନାମରେ ବର୍ତ୍ତମାନ ପ୍ରଗତି ପଥରେ ସମସ୍ତେ ଆଗେଇ ଚାଲିଥିଲେ ବି ଏହି ପ୍ରଦୂଷଣକୁ କେହି ଗୁରୁତ୍ୱ ଦେଉନାହାନ୍ତି। ବଡ଼ କଥା ହେଉଛି ଜଳ ଆମ ଜୀବନର ପ୍ରମୁଖ ଉତ୍ସ ହୋଇଥିବା ବେଳେ ଏହାର ସୁରକ୍ଷା ଦାୟିତ୍ୱ ଆମ କର୍ତ୍ତବ୍ୟ। ରାସାୟନିକ ରଙ୍ଗ ନଦୀ ନାଳକୁ ପ୍ରଦୂଷିତ କରୁଥିବାବେଳେ ଏହାର ଜଳକୁ ଯେଉଁମାନେ ପିଇଥାନ୍ତି, ଗାଧୋଇଥାନ୍ତି ସେମାନେ ରୋଗାକ୍ରାନ୍ତ ହେଉଥିବା ଲକ୍ଷ୍ୟ କରାଯାଉଛି। ସେହିପରି ଗୋରୁମାନେ ଏହାକୁ ପିଇବା ଦ୍ୱାରା ସେମାନଙ୍କ ଶରୀର ସ୍ୱାଭାବିକ ଭାବେ ଅସୁସ୍ଥ ହୋଇଥାଏ। କେବଳ ସେତିକି ନୁହେଁ ଚାଷ କ୍ଷେତକୁ ମଧ୍ୟ ଏହି ରାସାୟନିକ ରଙ୍ଗର ପାଣି ଅନେକାଂଶରେ ପ୍ରଭାବିତ କରିଥାଏ ବୋଲି କୃଷିବିଜ୍ଞାନୀମାନେ ମତ ଦିଅନ୍ତି। ଏସବୁ ଜାଣି ମଧ୍ୟ ଆମ୍ଭେମାନେ ରାସାୟନିକ ପ୍ରଦୂଷଣକୁ ନେଇ ସାମାନ୍ୟତମ ଚିନ୍ତା କରୁନାହୁଁ। ମୂର୍ତ୍ତିରେ ବ୍ୟବହୃତ ରଙ୍ଗର ମାନକୁ ନେଇ ଅନେକ ସମୟରେ ଅଦାଲତ ନିର୍ଦ୍ଦେଶାବଳୀ ଦେଉଥିଲେ ବି ଏହାକୁ କେହି ଖାତିର କରୁନାହାନ୍ତି କିମ୍ବା ସେପରି କୌଣସି ସଚେତନତା ସୃଷ୍ଟି ହେଉ ନ ଥିବାରୁ ଦିନକୁ ଦିନ ପ୍ରଦୂଷଣ ବୃଦ୍ଧି ପାଉଛି। ଏହାକୁ ନେଇ ଲୋକମାନଙ୍କ ଭିତରେ ସଚେତନତାର ବାର୍ତ୍ତା ପ୍ରଚାର ପ୍ରସାର ହେଉନାହିଁ। ଦଶହରାର ପାର୍ବଣ ଆନନ୍ଦ ମା'ଦୁର୍ଗତିନାଶିନୀ ଦୁର୍ଗାଙ୍କ ଆଶୀର୍ବାଦରୁ ଆରମ୍ଭ ହୋଇଥାଏ। ଧରାପୃଷ୍ଠରେ ମାଆଙ୍କ ଆଗମନୀ ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରିବା ସହ ଚଳିତ ବର୍ଷ ପାର୍ବଣରୁ ପ୍ଲାଷ୍ଟିକ ବର୍ଜନ କରାଯିବା ଦରକାର। ଏହାସହ ମୂର୍ତ୍ତି ପ୍ରସ୍ତୁତିରେ ରାସାୟନିକ ରଙ୍ଗର ବ୍ୟାପକ ପ୍ରୟୋଗ ବନ୍ଦ କରାଯିବା ଆବଶ୍ୟକ।

**ଗୋତରା, ମାହାଙ୍ଗା, କଟକ**
**ମୋ: ୯୪୩୭୧୪୨୭୧୭**

## ଏଇ ଭାରତରେ

ମହାରାଷ୍ଟ୍ରର ବିଡ୍ ଜିଲା ଏକ ମରୁଡ଼ିପ୍ରବଣ ଅଞ୍ଚଳ। ଜଳାଭାବରୁ କୃଷକମାନେ ଚାଷ ନ କରି ବାହାରକୁ କାମ ଅନ୍ୱେଷଣରେ ଚାଲିଯାଇଥାନ୍ତି। କିନ୍ତୁ ଏହି ଜିଲାର ପଚେଗାଁଓ ଗ୍ରାମପଞ୍ଚାୟତର ଜଳସଙ୍କଟ ଦୂର କରିପାରିଛି। ପଚେଗାଁଓ ଗ୍ରାମ ନିକଟରେ ପ୍ରବାହିତ ଛୋଟ ବର୍ଷାକାଳୀନ ନଦୀଗୁଡ଼ିକ ପୁନରୁଦ୍ଧାର କରାଯାଇଛି ଏବଂ ଏବେ ପଚେଗାଁଓ ସମେତ ପଞ୍ଚାୟତର ଅନ୍ୟ ଗାଁଗୁଡ଼ିକର ପାଖାପାଖି ୪୦୦ରୁ ଉର୍ଦ୍ଧ୍ୱ ଏକର ଜମିରେ ଚାଷ କରାଯାଇପାରୁଛି। ଚାଷୀମାନେ ଏବେ ଆଖୁ, ଯଅ ଓ ବାଜରା ଚାଷ କରୁଛନ୍ତି। ନଦୀ ପୁନରୁଦ୍ଧାର କାର୍ଯ୍ୟ ରାଜଶ୍ରୀ ଦେଶପାଣ୍ଡେଙ୍କ ନେତୃତ୍ୱରେ ନଭାଙ୍ଗାନ୍ ଫାଉଣ୍ଡେଶନ ସହଯୋଗରେ ହୋଇପାରିଛି। ପଚେଗାଁଓର ନଦୀଗୁଡ଼ିକ ପୂରା ପୋତି ହୋଇଯାଇଥିଲା। କେବଳ ବର୍ଷାଦିନ ବ୍ୟତୀତ ବର୍ଷର ଅନ୍ୟ ସମୟରେ ଏହି ନଦୀରେ ପାଣି ରହୁ ନ ଥିଲା। ପୁନରୁଦ୍ଧାର ହେବା ପରେ ସବୁସମୟରେ ନଦୀରେ ପାଣି ରହୁଛି ଏବଂ ପଚେଗାଁଓର ୪୫୦ ପରିବାର ଆଉ କାମ ପାଇଁ ବାହାରକୁ ନ ଯାଇ ଚାଷ କରି ରୋଜଗାର କରିବାକୁ ସକ୍ଷମ ହୋଇଛନ୍ତି। ପଞ୍ଚାୟତର ଅନ୍ୟ ଗ୍ରାମରେ ମଧ୍ୟ ସମାନ ସ୍ଥିତି ଦେଖାଯାଇଛି। ଗ୍ରାମବାସୀ ଏବେ ପିଲାଙ୍କୁ ଶିକ୍ଷା ଦେଉଛନ୍ତି। ଫଳରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ହ୍ରାସ ପାଇପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

**୨୬ ସେପ୍ଟେମ୍ବର ୧୯୭୬**

- ଗୁଜରାଟ ପୂର୍ବତନ ମୁଖ୍ୟମନ୍ତ୍ରୀ ମୋହନଲାଲ ବ୍ୟାସଙ୍କ ୬୯ ବର୍ଷ ବୟସରେ ପରଲୋକ।
- ଜର୍ଜ ଫର୍ଣ୍ଣାଣ୍ଡିଜ୍‌ଙ୍କ ସମେତ ୨୫ ଜଣ ଆସାମୀଙ୍କ ବିରୁଦ୍ଧରେ ବରୋଦା ଡିନାମାଇଟ ଷଡ଼ଯନ୍ତ୍ର ମାମଲା ସଂକ୍ରାନ୍ତ ଅଭିଯୋଗପତ୍ର ଦାଖଲ।
- କୋହିନୂର ହୀରାକୁ ପାକସ୍ତାନକୁ ହସ୍ତାନ୍ତର କରାଯିବା ନିମନ୍ତେ ପାକ ପ୍ରଧାନମନ୍ତ୍ରି ଜେଡ୍.ଏ. ଭୁଟ୍ଟୋଙ୍କ ଦାବିକୁ ବ୍ରିଟେନ ସରକାରଙ୍କ ପ୍ରତ୍ୟାଖ୍ୟାନ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | | 9 | | | 4 |
| 6 | | | | | | | 9 | |
| | 3 | | | | 4 | | | |
| | | | | 9 | | | | 8 |
| | | | 1 | | | 5 | | |
| 4 | 9 | 5 | | 3 | | | | 6 |
| | 2 | | 3 | 8 | | | 7 | |
| | 1 | | | 4 | | | | |
| | | 8 | | 7 | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 3 | 9 | 8 | 4 | 7 | 2 | 1 |
| 8 | 1 | 4 | 3 | 2 | 7 | 9 | 5 | 6 |
| 2 | 7 | 9 | 1 | 6 | 5 | 3 | 8 | 4 |
| 9 | 3 | 6 | 7 | 5 | 2 | 4 | 1 | 8 |
| 5 | 8 | 7 | 6 | 4 | 1 | 2 | 9 | 3 |
| 4 | 2 | 1 | 8 | 3 | 9 | 6 | 7 | 5 |
| 3 | 9 | 8 | 2 | 1 | 6 | 5 | 4 | 7 |
| 7 | 6 | 5 | 4 | 9 | 8 | 1 | 3 | 2 |
| 1 | 4 | 2 | 5 | 7 | 3 | 8 | 6 | 9 |

ଗତକାଲିର ଉତ୍ତର

# ଶିଶୁଙ୍କ ସ୍ୱଭାବ ଶିଶୁ ସାହିତ୍ୟର ସ୍ୱରୂପ



ଡ. ଶରତ ଚନ୍ଦ୍ର ପରିଡ଼ା

ଶିଶୁ ଦେବଶିଶୁ। ସରଳ, ନିରୀହ ଓ ନିଷ୍ପାପ। ନିର୍ବୋଧ ନୁହେଁ। ବଡ଼ ମଣିଷଙ୍କ ପରି ସବୁ ଭାବ ଅନୁଭବ କରନ୍ତି। ପ୍ରକାଶ କରିପାରନ୍ତି ନାହିଁ। ବଡ଼ ମଣିଷର ସେ ଛୋଟ ରୂପ। ଶିଶୁ କହିଲେ ଜନ୍ମରୁ ଅଠର ବର୍ଷ ବୟସ ପର୍ଯ୍ୟନ୍ତ ମଣିଷ ପିଲା ଗଣ୍ୟ ହୁଅନ୍ତି। ବୟସର ବିଭିନ୍ନ ପର୍ଯ୍ୟାୟରେ ସେମାନଙ୍କର ଶାରୀରିକ କ୍ଷମତା, ବୋଧଶକ୍ତି, ସୃଜନଶୀଳତା, ଗ୍ରହଣକ୍ଷମତା, ସର୍ବୋପରି ମାନସିକ, ବୌଦ୍ଧିକ, ଭାବଗତ ପରିବର୍ତ୍ତନ ଘଟୁଥାଏ। ତିନିରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଶିଶୁମାନେ ସବୁଠାରୁ ସୃଜନଶୀଳ ଥା'ନ୍ତି। ସେମାନେ ଦୁନିଆ ବିଷୟରେ ଜାଣିବାକୁ ଆଗ୍ରହ, କୌତୂହଳ ଓ ଜିଜ୍ଞାସା ପ୍ରକାଶ କରନ୍ତି। ସେମାନେ ଜାଣିବାକୁ ଚାହୁଁଥିବା ବିଷୟରେ ସେମାନଙ୍କୁ ଉପଯୁକ୍ତ ତଥ୍ୟ ପ୍ରଦାନ କରିବା ବାଞ୍ଛନୀୟ। ଖଣ୍ଡିତ/ନିରୁତ୍ସାହଜନକ ଉତ୍ତର ଦେଲେ ସେମାନଙ୍କ ଆଗ୍ରହ ଭାଙ୍ଗିଯାଏ। ବିକାଶ ବାଧାପ୍ରାପ୍ତ ହୁଏ। ପିଲାମାନେ ସମାଜ ସମ୍ପର୍କରେ ଯେତେ ଅଧିକ ଆସନ୍ତି, ସେମାନଙ୍କର ସାମାଜିକୀକରଣ ବୃଦ୍ଧିପାଏ ; କିନ୍ତୁ ସୃଜନଶୀଳତା ବିକାଶ ଲାଭର ଉପଯୁକ୍ତ ସୁଯୋଗ ନ ପାଇ ମରି ମରି ଯାଏ। ପିଲାମାନେ ଗଳ୍ପପ୍ରିୟ। ଗଳ୍ପ ମାଧ୍ୟମରେ ସେମାନଙ୍କୁ ଅଭିଳଷିତ ମାର୍ଗରେ ଅନୁପ୍ରେରିତ କରାଯାଇଥାଏ। ଯୁଗ ଦ୍ରୁତ ଗତିରେ ବଦଳି ଚାଲିଛି। ପିଲାମାନଙ୍କୁ କୋଳରେ/ପାଖରେ ବସାଇ ଅଜା ଆଈ କ୍ୱଚିତ୍ ଗଳ୍ପ ଶୁଣାଉଥିବାର ଦେଖାଯାଉଛି। ଗଳ୍ପର ବିଷୟବସ୍ତୁ ରାମାୟଣ, ମହାଭାରତ, ପୁରାଣ ବା ଆଧୁନିକ ନବୀନ ହୋଇପାରେ ; କିନ୍ତୁ ଗଳ୍ପ ପରିବେଷଣ ଶୈଳୀ ରୋଚକ, ଆକର୍ଷଣୀୟ ଓ ମନଛୁଆଁ ହେବା ଜରୁରୀ। ଗଳ୍ପ କଥନଶୈଳୀକୁ ଟି.ଭି/ ମୋବାଇଲ/ ନାନାବିଧ ଚିତ୍ର/ ମଡେଲ ସାହାଯ୍ୟରେ ଅଧିକ ସୁନ୍ଦର ଓ ମନୋହର କରାଯାଇପାରେ। ଶିଶୁମାନେ ଆବେଗପୂର୍ଣ୍ଣ। ସ୍ନେହ, ଆଦର, ହସ-କାନ୍ଦ, ରାଗ-ରୁଷା ଆଦି ଆବେଗ ଗଳ୍ପ/କବିତାର ଅନ୍ତଃସ୍ୱର ହେଲେ ତାହା ଶିଶୁମନକୁ ସହଜରେ ଛୁଇଁଯାଏ। ଏଥିନିମନ୍ତେ ଶିଶୁସୁଲଭ ଶବ୍ଦ ସଂଯୋଜନା ରହିବା ଏକାନ୍ତ କାମ୍ୟ। ଏହା ଆଞ୍ଚଳିକ ଭେଦରେ ସରଳ ସାବଲୀଳ ବୋଧଗମ୍ୟ ହେବା ଉଚିତ। ଏକ ମାନକ ଭାଷା/ଶବ୍ଦ ଓଡ଼ିଶାର ସମସ୍ତ ଅଞ୍ଚଳର ଶିଶୁମାନଙ୍କ ପାଇଁ ବୋଧଗମ୍ୟ ନୁହେଁ। ଅତଏବ ଅଞ୍ଚଳ ଭେଦରେ ଶବ୍ଦଚୟନ ଅନିବାର୍ଯ୍ୟ।

ପିଲାମାନେ ସାଧାରଣତଃ ଯୁକ୍ତିପ୍ରବଣ। ପରମ୍ପରା ନାଁରେ ଅନ୍ଧବିଶ୍ୱାସ/କୁସଂସ୍କାର ଶିଶୁ ସାହିତ୍ୟରେ ମାରାତ୍ମକ। ପିଲାମାନଙ୍କର ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଯେପରି ବିକଶିତ ହୁଏ, ସେଥିପ୍ରତି ଧ୍ୟାନ ଦେବା ବିଧେୟ। କାରଣ କଅଁଳ ମନ ପ୍ରତି ଉକ୍ତି ପଛରେ ଥିବା ଯୁକ୍ତିକୁ ଖୋଜୁଥାଏ। ପିଲାମାନେ ଅନୁସନ୍ଧିତ୍ସୁ। ସେମାନଙ୍କୁ ସାହିତ୍ୟ ମାଧ୍ୟମରେ ଅଧିକରୁ ଅଧିକ ଜାଣିବା ପାଇଁ ବାଟ ଫିଟେଇବା ଆବଶ୍ୟକ। ନୀରବ ସଙ୍କେତ ଶବ୍ଦଠାରୁ ଅଧିକ କିଛି କହୁଥାଏ। କବିତା/ ଗଳ୍ପ/ ଶିଶୁ ଉପନ୍ୟାସରେ ରଙ୍ଗବେରଙ୍ଗ ଛବି/ଚିତ୍ର ରହିଲେ ତାହା ଶିଶୁମାନଙ୍କୁ ଆକୃଷ୍ଟ କରେ। 'ଛବି ଦେଖି ଗଳ୍ପ କୁହ' ରୀତି ବେଳେବେଳେ ପ୍ରଶ୍ନ ପିଲାମାନଙ୍କୁ ଅଧିକ ଚିନ୍ତାଶୀଳ ଓ କଳ୍ପନାପ୍ରବଣ କରିଥାଏ। ସରଳରୁ ଜଟିଳ, ଅଜ୍ଞାନରୁ ଜ୍ଞାନକୁ ଗତି କରିବା ପଦ୍ଧତି ଶିକ୍ଷଣର ରୀତି। ଧୀରେ ଧୀରେ ପିଲାମାନଙ୍କୁ ଚେତନାର ଉର୍ଦ୍ଧ୍ୱସ୍ତରକୁ ନେଇଯାଏ। କଳ୍ପନାଶକ୍ତିକୁ ବିକଶିତ କଲା ପରି ସାହିତ୍ୟରେ ଉପାଦାନ ଆବଶ୍ୟକ ହୋଇଥାଏ।



ପିଲାମାନଙ୍କର ଧାରଣଶକ୍ତି କମ୍ ରହୁଥିବାରୁ ଶିଶୁ ସାହିତ୍ୟ ସଂକ୍ଷିପ୍ତ ହେଲେ ମନେରହିଯାଏ। ପିଲା ହୁଅନ୍ତୁ ବା ବଡ଼, ଉପଦେଶ ଶୁଣିବାକୁ ସାଧାରଣତଃ କେହି ଭଲପାଆନ୍ତି ନାହିଁ। ତେଣୁ ସିଧାସଳଖ ସତ କୁହ, ଗୁରୁଜନମାନଙ୍କୁ ସମ୍ମାନ ଦିଅ କହିବା ଅପେକ୍ଷା କଥନଶୈଳୀରେ/ ନାଟକୀୟ ଢଙ୍ଗରେ ସେହି ଭାବକୁ ପରିବେଶଣ କଲେ ତାହା ଆପେଆପେ ପିଲାମାନଙ୍କ ଦ୍ୱାରା ଅନୁଭବଯୋଗ୍ୟ/ ଗ୍ରହଣୀୟ/ ଅନୁସରଣୀୟ ହୋଇଥାଏ। ପରିବାରରେ ବଡ଼ମାନେ କେବଳ ସାହିତ୍ୟରେ କଥାକୁ ପାଳନ ନ କରି ପିଲାମାନଙ୍କୁ ପାଳନ କରିବାକୁ କହିଲେ ପିଲାମାନେ ଦ୍ୱନ୍ଦ୍ୱରେ ପଡ଼ନ୍ତି। ଏକ ବିରୋଧାଭାସ ସୃଷ୍ଟି ହୁଏ। ଅତଏବ ପିଲାମାନଙ୍କୁ ଭଲ ହେବା ପାଇଁ ଉପଦେଶ ଦେବା ପୂର୍ବରୁ ନିଜ ବ୍ୟବହାରରେ ତାହା ପ୍ରଦର୍ଶନ କଲେ ତାହା ଅଧିକ ଫଳପ୍ରଦ ହୋଇଥାଏ। ପରୋକ୍ଷ ଉକ୍ତିରେ କଥାକୁ ପରିବେଶଣ ନ କରି ପ୍ରତ୍ୟକ୍ଷ ଉକ୍ତିରେ କଥା ପ୍ରକାଶ ପାଇଲେ ତାହାର ଗ୍ରହଣଶୀଳତା ଅଧିକ ରହେ। ତେଣୁ ବାକ୍ୟରେ 'ଯେ' ଉଲ୍ଲେଖ ନ କରି ଜଣେ କହିଥିବା କଥାକୁ ଉଦ୍ଧୃତ ଚିହ୍ନ ମଧ୍ୟରେ ଉଲ୍ଲେଖ କରିବା ଚାହି। ଶିଶୁ ସାହିତ୍ୟ ପିଲାର ପରିବେଶର କଥା କହିଲେ ଶୀଘ୍ର ପିଲାଟି ତାହା ସହିତ ପରିଚିତ ହୋଇଥା'ନ୍ତି। ଶିଶୁ ସାହିତ୍ୟର ବିଭିନ୍ନ ବିଭାଗର ପୁସ୍ତକ ବହୁଳ ପରିମାଣରେ ଘରେ ଘରେ ପ୍ରଚାର ପ୍ରସାର ହେଲେ ସାନରୁ ବଡ଼ମାନେ ତାହା ସହିତ ପରିଚିତ ହୋଇଥା'ନ୍ତି। ଆଜି ନ ହେଲେ କାଲି, ବଡ଼ ନ ହେଲେ ସାନ କାହା ଆଖିରେ ତାହା ପଡ଼େ ; କାମରେ ଲାଗେ। ଶିଶୁ ଲେଖକ/ କବି/ ଔପନ୍ୟାସିକ ପ୍ରଥମେ ସେ ଯେଉଁ ଶବ୍ଦ ପ୍ରୟୋଗ କରିବାକୁ ଯାଉଛନ୍ତି, ତାହା ଶିଶୁମନରେ କି ପ୍ରଭାବ ପକାଇବ, ତାହା ଥରେ ଚିନ୍ତା କରିନେବା ଜରୁରୀ। ଶବ୍ଦ ଯାଦୁ ପରି କାମ କରେ। ରିମ୍‌ଝିମ୍, ପରି ଶ୍ରୁତିମଧୁର ଶବ୍ଦ ଆଉ ସରଳ ଢଗଢମାଳି ଲେଖାରେ ପ୍ରକାଶ ପାଇଲେ ମନ ଶହେ ପ୍ରତିଶତ ତାହା ସହିତ ବାନ୍ଧି ହୋଇଯାଏ। ମନରେ ଆନନ୍ଦ ଅନୁଭବ ଆସେ। ପିଲା ନିଜକୁ ହାଲୁକା ଓ ସହଜ ମନେକରେ। କବିତାରେ ଯତିପାତ ରହିଲେ ତାହା ସ୍ୱାଭାବିକ ଭାବରେ ମନରେ ଆଙ୍କି ହୋଇଯାଏ।

'ବା ବା ବ୍ଲାକ୍‌ସିପ' 'ଧୋରେ ବାଇଆ ଧୋ ଯେଉଁ କିଆରିରେ ଗହଳ ମାଣ୍ଡିଆ ସେଇ କିଆରିରେ ଶୋ' ଗୀତର ସ୍ଥାନ ନେଇପାରିବ ନାହିଁ। କାରଣ ଗହଳମାଣ୍ଡିଆର ଅର୍ଥ ରହିଛି। ତାହା ମସ୍ତିଷ୍କକୁ ବୁଝାଏ। ସାହିତ୍ୟରେ ଶିଶୁର ପରିଚିତ ଇଲାକାର କଥା ସ୍ଥାନିତ ହେଲେ ତାହା ସୁବୋଧ୍ୟ ହୋଇଥାଏ। ଶିଶୁ ନାଟକର ମଧ୍ୟସ୍ଥ ହେଲେ ତାହର ନାଟ୍ୟରୂପ ଶିଶୁ ଆଖିରେ ଦେଖି କାନରେ ଶୁଣି ଗଭୀର ଭାବରେ ପ୍ରଭାବିତ ହୋଇଥାଏ। ଦାନବୀର ହରିଶ୍ଚନ୍ଦ୍ର ନାଟକ ଆଜି ବି ମନେପଡ଼ିଲେ ନାଟକର ବିଷୟବସ୍ତୁ ଚିତ୍ର ପରି ମନ ଆଗରେ ଭାସିଉଠେ। ଅତଏବ ଶିଶୁସାହିତ୍ୟରେ ସାଙ୍ଗୀତିକତା ଓ ମନୋରଞ୍ଜନ ଥିଲେ ତାହା ପିଲାମାନଙ୍କ ଦ୍ୱାରା ଅଧିକ ଆଦୃତ ହୋଇଥାଏ। ଶିଶୁମାନଙ୍କୁ ଅନ୍ୟ ସ୍କୁଲ ପାଠ୍ୟ ଓ ଖେଳକୁଦ ସହିତ ଶିଶୁ ସାହିତ୍ୟ ସହିତ ନିରନ୍ତର ଅନୁବନ୍ଧିତ କରିବା ଦରକାର।

**ମୋ: ୯୪୩୭୭୭୬୯୦୮**

## ପାଠକ ଶ୍ରେଷ୍ଠ ବିଚାରକ

### ନିଯୁକ୍ତି ପରୀକ୍ଷାର ଅନିୟମିତତା

ମହାଶୟ,

ସରକାରୀ ନିଯୁକ୍ତି ପରୀକ୍ଷାଗୁଡ଼ିକୁ ସୁଚାରୁ ଭାବରେ ପରିଚାଳନା କରାଇବାରେ ପ୍ରଶାସନ ପୂରାପୂରି ବିଫଳ। ପରୀକ୍ଷାରେ ବିଳମ୍ବ, ପୁଣି ବାତିଲ ହେବା ଏବଂ ବିଭିନ୍ନ ଅନିୟମିତତା ଏବେ ସାଧାରଣ ଘଟଣା ହୋଇଯାଇଛି। କିଛିଦିନ ପୂର୍ବରୁ ନୂଆଦିଲ୍ଲୀର ଯନ୍ତରମନ୍ତରରେ ଏସ୍‌ଏସ୍‌ସି ପରୀକ୍ଷା ଆଶାୟୀମାନେ ଆନ୍ଦୋଳନ କରିଥିଲେ। ସେମାନଙ୍କ ଅଭିଯୋଗ ଯେ, ଏସ୍‌ଏସ୍‌ସି ପରୀକ୍ଷାରେ ଅନିୟମିତତା ହେଉଛି। ପୂର୍ବରୁ ଟିସିଏସ୍ ସୁଚାରୁ ଭାବରେ ଅନ୍‌ଲାଇନ ପରୀକ୍ଷା ପରିଚାଳନା କରୁଥିଲା। କିନ୍ତୁ ୨୦୨୫ରେ ଏହି ଦାୟିତ୍ୱ ଏଡୁକ୍ୱିଟ୍ କମ୍ପାନୀକୁ ଦିଆଗଲା, ଯାହା କି କଥିତ କଳା ତାଲିକାଭୁକ୍ତ କମ୍ପାନୀ। ଫଳରେ ପ୍ରଥମ ଦିନରୁ ଅନେକ କେନ୍ଦ୍ରରେ ପରୀକ୍ଷା ବାତିଲ ହେବାକୁ ପଡ଼ିଲା। ପ୍ରତିବାଦ ସତ୍ତ୍ୱେ ସରକାର ପୁନର୍ବାର ତାହାକୁ ଦାୟିତ୍ୱ ଦେଲେ। ବର୍ତ୍ତମାନ ଆର୍‌ଆଇ ଅମିନ ପରୀକ୍ଷା ଟିସିଏସ୍ ଦ୍ୱାରା ଅନ୍‌ଲାଇନ ହେବାକୁ ଶୁଣାଯାଉଛି। ଯୁବତୀ-ଯୁବକମାନେ ବର୍ଷକୁ ବର୍ଷ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ମାନସିକ ଚିନ୍ତାରେ ଜୀବନ କାଟୁଛନ୍ତି। ଯେଉଁ ପରୀକ୍ଷା ୬ ମାସରେ ସମାପ୍ତ ହେବା ଉଚିତ, ସେହି ପରୀକ୍ଷା ୩ ବର୍ଷ ଲାଗୁଛି। ତା' ସହିତ ଅନେକ ପରୀକ୍ଷା ଆଜି ନ୍ୟାୟାଳୟରେ ବିଚାରାଧୀନ ଅବସ୍ଥାରେ ଅଟକି ରହିଛି। ଯଦି ସରକାର ସବୁ ଅଟକିଥିବା ନିଯୁକ୍ତି ପ୍ରକ୍ରିୟାକୁ ଶୀଘ୍ର ସମାଧାନ କରି, ନୂଆ ପ୍ରକ୍ରିୟାକୁ ତ୍ୱରିତ୍ କରନ୍ତି, ତେବେ ଆଶାୟୀମାନେ ଅନେକ ଲାଭାନ୍ୱିତ ହେବେ।

**-ସୁନୀଲ କୁମାର ମିଶ୍ର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦୁଇ ମିଶି ଏକ ହେବା ପାଇଁ,
ଯୁଗ ଯୁଗାନ୍ତରେ ଏହି ପ୍ରେମର ସାଧନା ସେ ଗୋ
ଯାଆନ୍ତି ଜଗାଇ,
ବିରହର ବିଳାପେ ମୁଖର
ଭୁବନ ଗଗନ ସେ ଯେ କରିଯାନ୍ତି
ଅବଶ କାତର !

-(ଯୁଗଳ ପ୍ରୟାଣେ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ବ୍ୟବସାୟୀଙ୍କ ଘରୁ ପୁଳାପୁଳା ବାଣ ଜବତ**

ଜୟପାଟଣା,(ଓମ୍ ପ୍ରକାଶ ବେଠାର): ଭବାନୀପାଟଣା ଓ ଜୟପାଟଣା ପୋଲିସ ମିଳିତ ଚଢ଼ାଉ କରି ଜୟପାଟଣାର ଜଣେ ବ୍ୟବସାୟୀଙ୍କ ଘରୁ ପୁଳାପୁଳା ବାଣ ଜବତ କରିଛି। କଳାହାଣ୍ଡି ଏସ୍ପି ନାଗରାଜ ଦେବରକୋଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ଟିମ୍ ବୁଧବାର ରାତି ୨ଟାରେ ବ୍ୟବସାୟୀଙ୍କ ଘରେ ରେଡ୍ କରିଥିଲା। ଗୁରୁବାର ସକାଳେ ଦୁଇଟି ପିକ୍ଅପରେ ବାଣ ଲୋଡ କରାଯାଇଥିବା ବେଳେ ଘର ଭିତରେ ଆହୁରି ବାଣ ରହିଥିବା ଦେଖାଯାଇଛି। ପୋଲିସ ଏ ଦିଗରେ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

# ବେଦାନ୍ତ ଲାଞ୍ଜିଗଡ଼ର ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ନବରାତ୍ରି ମିଳାପ'

**ଲାଞ୍ଜିଗଡ଼,୨୫।୯(ରମେଶ ଚନ୍ଦ୍ର ନାୟକ)** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ଆଲୁମିନିୟମ ଏହାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ନବରାତ୍ରି ମିଳାପ' ଆରମ୍ଭ କରିଛି। ଏହା ଅଧୀନରେ କମ୍ପାନୀ ୬ ଶହରୁ ଅଧିକ 'ଶକ୍ତି କିଟ୍' ବଣ୍ଟନ କରୁଛି, ଯାହା ନଅଟି ଗ୍ରାମର ୧୫ଶହରୁ ଅଧିକ ମହିଳାଙ୍କୁ ଲାଭ ପହଞ୍ଚାଇଛି। ଏହି କିଟ୍‌ରେ ସାନିଟାରୀ ନାପ୍‌କିନ, ସାବୁନ, ହାତ ଧୋଇବା ଓ ଅନ୍ୟାନ୍ୟ ସ୍ୱଚ୍ଛତା ସାମଗ୍ରୀ ରହିଛି। ଏହି ପ୍ରୟାସ ପୁଟେଳିଭଟା, ଖାଲଗୁଡ଼ା, ବଳଭଦ୍ରପୁର, କଦମଗୁଡ଼ା, କେନ୍ଦୁବର୍ଦି, ବାଗିରୀ, ସିମିଲିଭଟା, ବୁନ୍ଦେଲ ଏବଂ ଚଣାଲିମାକୁ ଅନ୍ତର୍ଭୁକ୍ତ କରୁଛି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ନବରାତ୍ରି ହେଉଛି ଶକ୍ତିର ଉତ୍ସବ। ଏହି ବର୍ଷ ଆମେ ଗ୍ରାମଗୁଡ଼ିକରେ ମହିଳାମାନଙ୍କୁ ସଶକ୍ତ କରିବାକୁ ଚାହୁଁଥିଲୁ। ଶକ୍ତି କିଟ୍ ମାଧ୍ୟମରେ ଆମେ ସେମାନଙ୍କ ସ୍ୱାସ୍ଥ୍ୟ ଏବଂ ସୁସ୍ଥତାରେ ବିନିଯୋଗ କରୁଛୁ। ଏହି ପ୍ରୟାସ ଆମର ବ୍ୟାପକ ସାମାଜିକ ପ୍ରଭାବ କାର୍ଯ୍ୟକ୍ରମଗୁଡ଼ିକୁ ପରିପୂରକ କରେ, ଯାହା ଶିକ୍ଷା, ସ୍ୱାସ୍ଥ୍ୟସେବା, ଦକ୍ଷତା ବିକାଶ ଏବଂ ଜୀବିକା ସୃଷ୍ଟିକୁ ବିସ୍ତାର କରେ ବୋଲି କହିଥିଲେ। 'ନବରାତ୍ରି ମିଳାପ' ହେଉଛି ବେଦାନ୍ତ ଲାଞ୍ଜିଗଡ଼ର ପ୍ରମୁଖ କମ୍ୟୁନିଟି କନେକ୍ଟ – ମିଳାପ କାର୍ଯ୍ୟକ୍ରମର ଏକ ଉତ୍ସବମୁଖୀ ସଂସ୍କରଣ। ଏହି ପ୍ଲାଟଫର୍ମ କମ୍ପାନୀର କର୍ମଚାରୀ ଓ ଏହାର ଆବାହକ ସମ୍ପ୍ରଦାୟ ମଧ୍ୟରେ ନିୟମିତ ସମ୍ପର୍କକୁ ପ୍ରୋତ୍ସାହିତ କରେ, ଯାହା ୧୬ ଗ୍ରାମର ୩ ହଜାର ୩ ଶହରୁ ଅଧିକ ଲୋକଙ୍କୁ ଉପକୃତ କରିଥାଏ। ମାସିକ ମିଳାପ କାର୍ଯ୍ୟକ୍ରମରେ ଅତ୍ୟାବଶ୍ୟକୀୟ ବଣ୍ଟନ, ଅଂଶୀଦାର ସମ୍ପ୍ରଦାୟ ଖାଦ୍ୟ ଏବଂ ସାଂସ୍କୃତିକ ଆଦାନପ୍ରଦାନ ଅନ୍ତର୍ଭୁକ୍ତ ଯାହା ଏକତାର ଭାବନାକୁ ସୁଦୃଢ଼ କରିଥାଏ।



ମହିଳାଙ୍କୁ କିଟ୍ ପ୍ରଦାନ ଅବସରରେ କମ୍ପାନୀ କର୍ମଚାରୀମାନେ।

**୯ ଗ୍ରାମରେ ଶକ୍ତିକିଟ୍ ବଣ୍ଟନ**

# ସରକାରୀ ଯୋଜନା ଅର୍ଥ ହେରଫେର

**ବନ୍ଦୀ ହେଲେ ନୂଆପଡ଼ା ପୂର୍ବତନ ସିଡିଭିଓ, ଷ୍ଟାଟିଷ୍ଟିକାଲ ଏନୁମେରେଟର**

**କଟକ,୨୫।୯(କାର୍ତ୍ତିକ ସାହୁ)** ନୂଆପଡ଼ା ଜିଲା ପୂର୍ବତନ ଡିପ୍ଟି ଡିଷ୍ଟ୍ରିକ୍ଟ ଭେଟେରିନାରୀ ଅଫିସର (ସିଡିଭିଓ) ତ୍ରିଲୋଚନ ଧଳ ଏବଂ ସେହି କାର୍ଯ୍ୟାଳୟର ଷ୍ଟାଟିଷ୍ଟିକାଲ ଏନୁମେରେଟର ଅଶୋକ କୁମାର ଦାଉ ଭିଜିଲାନ୍ସ ଦ୍ୱାରା ଗୁରୁବାର ଗିରଫ ହୋଇଛନ୍ତି। ଉଭୟଙ୍କ ନାମରେ ସରକାରୀ ଅର୍ଥ ୧୮ ଲକ୍ଷ ହେରଫେର କରିବା ଅଭିଯୋଗ ରହିଛି। ଉଭୟ ଜଳବାୟୁ ପରିବର୍ତ୍ତନରେ ପରିବେଶ ସୁରକ୍ଷା ଯୋଜନାରେ ଆସିଥିବା ସରକାରୀ ଅନୁଦାନକୁ ହେରଫେର କରିଛନ୍ତି। ଏ ନେଇ କୋରାପୁଟ ଭିଜିଲାନ୍ସରେ ମାମଲା (ନଂ. ୨୯/୨୦୨୫) ରୁଜୁ ହୋଇଛି। ସୂଚନାନୁସାରେ, ୨୦୨୦-୨୧ ଏବଂ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ନ୍ୟାସନାଲ ଆଡପସନ ଫଣ୍ଡସ ଫର କ୍ଲାଇମେଟ୍ ଚେଞ୍ଜ ଯୋଜନାରେ ଆସିଥିବା ଉପରୋକ୍ତ ପରିମାଣର ଅର୍ଥ ହିତାଧିକାରୀଙ୍କୁ ଗାଈ, ଛେଳି ଚାଷ ଓ ପରିବେଶ ସୁରକ୍ଷା ଉଦ୍ଦେଶ୍ୟରେ ଯୋଗାଇ ଦିଆଯିବାର ଥିଲା। ହେଲେ ସେହି ଅର୍ଥକୁ ସେହି ଦିଗରେ ଖର୍ଚ୍ଚ କରାଯାଇନଥିଲା। ବରଂ ଏହି ଅନୁଦାନକୁ ଉଭୟ ସରକାରୀ ଖାତାରୁ ନିଜ ବ୍ୟକ୍ତିଗତ ଆକାଉଣ୍ଟକୁ ଟ୍ରାନ୍ସଫର କରିଦେଇଥିବା ଅଭିଯୋଗ ହୋଇଛି।


**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES – Mining Happiness

**SHORT NOTICE**
**For Sale of Cement Grade Limestone**

No. CAD-1864: The Odisha Mining Corporation Ltd. intends to sell Cement grade Limestone produced at Ampavalli Limestone Mines, Ampavalli, Pattangi, Koraput district, Odisha through e-auction which will be conducted by MSTC Ltd. The e-auction shall be held from **11.00 A.M. to 2.00 P.M. on Dtd.03.10.2025.**
For details, please visit the website of MSTC i.e. **www.mstcecommerce.com**.
OIPR-30005/11/0272/2526 Chief General Manager (S&M)


# ଜିଲାପାଳ, ଶକ୍ତି ସଚିବଙ୍କୁ ଏନ୍ଏଚ୍ଆର୍ସିଙ୍କ ନୋଟିସ

**ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମହିଳା ମୃତ୍ୟୁ ଘଟଣା**

**ଭବାନୀପାଟଣା,୨୫।୯(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଥାନା ବାଟେଲିମା ପଞ୍ଚାୟତ ବେଲମ୍ବା ଗାଁ ନିକଟ ଚାଷ ଜମିରେ ଥିବା ବରଡା ଗଛରୁ ଶାଗ ତୋଳୁଥିବାବେଳେ ଗତ ଏପ୍ରିଲ ମାସରେ ୧୩୨ କେଭି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଫୁଲ ମାଝୀ(୩୨) ନାମ୍ନୀ ମହିଳାଙ୍କ ମୃତ୍ୟୁ ହୋଇଥିଲା। ଝଡ଼ତୋଫାନ ଯୋଗୁ ବିଦ୍ୟୁତ୍ ତାର ଝୁଲି ଗଛରେ ଲାଗିଯାଇଥିଲା। ହେଲେ ଏହାକୁ ଫୁଲ ଦେଖିପାରି ନ ଥିଲେ। ଫଳରେ ତାଙ୍କର ଜୀବନ ଯାଇଥିଲା। ଏହି ଘଟଣାକୁ କଳାହାଣ୍ଡିର ମାନବ ଅଧିକାର କର୍ମୀ ଦିଲୀପ କୁମାର ଦାସ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍ସି)ଙ୍କଠାରେ ଅଭିଯୋଗ କରିଥିଲେ। ପୀଡିତା ପରିବାରକୁ ୩୦ଲକ୍ଷ ଟଙ୍କା କ୍ଷତିପୂରଣ ଓ ଦାୟିତ୍ୱରେ ଅବହେଳା କରିଥିବା ଅଧିକାରୀମାନଙ୍କୁ ଗିରଫ କରି ଫୌଜଦାରି ମକଦ୍ଦମା ରୁଜୁ କରିବାକୁ ସେ ଅଭିଯୋଗରେ ଦାବି କରିଥିଲେ। ଏନ୍ଏଚ୍ଆର୍ସି ଏହି ମାମଲାର ଶୁଣାଣି କରି ଏ ଦିଗରେ କି ପଦକ୍ଷେପ ନିଆଯାଇଛି ତା'ର ସବିଶେଷ ରିପୋର୍ଟ ପ୍ରଦାନ କରିବାକୁ କଳାହାଣ୍ଡି ଜିଲାପାଳ ଓ ରାଜ୍ୟ ଶକ୍ତି ବିଭାଗ ସଚିବଙ୍କୁ ନୋଟିସ ଜାରି କରିଛନ୍ତି। ଆସନ୍ତା ୪ ସପ୍ତାହ ମଧ୍ୟରେ ଏହାର ରିପୋର୍ଟ ଦାଖଲ କରିବାକୁ ସେ ଉଭୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଆଇପିଏଲ୍ ନାଁରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ରେ ଅଭିଯୋଗ

**ଭବାନୀପାଟଣା,୨୫।୯(ଉତ୍ତମ କୁମାର ଦାଶ)** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ତଳଜାରିଙ୍ଗରେ ଅବସ୍ଥାପିତ ଆଇପିଏଲ୍ (ଇଣ୍ଡିଆନ ପଟାସ ଲିମିଟେଡ) କମ୍ପାନୀ ଇଥାନଲ ଉତ୍ପାଦନ କରୁଥିବା ସମୟରେ ସ୍ଥାନୀୟ ଖମାର ନାଳରେ ଦୂଷିତ କେମିକାଲ ପାଣି ଛାଡୁଥିବା ଓ ନିଷ୍କାସିତ ହେଉଥିବା ଗ୍ୟାସ ପୋଟକା ଗନ୍ଧ ଯୋଗୁ ସ୍ଥାନୀୟ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଥିଲା। ଏ ନେଇ ଗତ ୨୨ ତାରିଖରେ ଧରିତ୍ରୀରେ ସଚିତ୍ର ରିପୋର୍ଟ ପ୍ରକାଶ ପାଇଥିଲା। ଏହାକୁ ନେଇ ଅଞ୍ଚଳର ସାମାଜିକ କର୍ମୀ ଦିଲୀପ କୁମାର ଦାସ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ରେ ଅଭିଯୋଗ କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଏହି ସମସ୍ୟା ବିଷୟରେ ସେ ଟୁଇଟ୍ କରିଛନ୍ତି। ଆଇପିଏଲ୍ ଲୋକଙ୍କ ଜୀବନ ସହ ଖେଳି ନାଳରେ ଦୂଷିତ ପାଣି ଛାଡୁଥିବା ଓ ଦୂଷିତ ବାଷ୍ପ ଯୋଗୁ ପରିବେଶ ଦୂଷିତ ହେବା ସହ ଅଞ୍ଚଳରେ କିପରି ଶ୍ୱାସ ଜନିତ ସମସ୍ୟା ସୃଷ୍ଟି ହେଉଛି ତାହା ଉପରେ ସେ ଅଭିଯୋଗରେ ଦର୍ଶାଇଛନ୍ତି।


**GOVERNMENT OF ODISHA** E-mail Id: cceabp@gmail.com
**OFFICE OF THE CHIEF CONSTRUCTION ENGINEER**
**ANANDAPUR BARRAGE PROJECT, SALAPADA**
No.A-668 E-Procurement Notice No.CCEABP-12 of 2025-26

| E-Procurement Officer | Name of the Work | Bid Id No. | Tender cost in Lakhs (Appx) | Bid Security (online) | Cost of Bid document (Online) | Class of Contractor | Period of Completion | Available of tender online for bidding | | Date of Opening of technical bid (Cover-1) |
|---|---|---|---|---|---|---|---|---|---|---|
| | | | | | | | | From | To | |
| Chief Construction Engineer A.B. Project Salapada | Repair and rehabilitation of approach road of Anandapur Barrage connecting to N.H.-20, Anandapur Barrage and S.H.-53 | ABP-ABD-01/12 of 2025-26 | 690.00 | 6,90,000/- | 10,000/- | "A" & Spl Class | Six Calendar Months | 04.10.25 11.30 AM | 23.10.25 5.00 PM | 24.10.25 11.30 AM |

Further details can be seen from the Govt. website **www.tendersorissa.gov.in/ www.dowr.odisha.gov.in.**
Addendum/ Corrigendum/ Cancellation if any required will be published in Govt. website only.
OIPR-32180/11/0013/2526 Sd./- Chief Construction Engineer, Anandapur Barrage Project, Salapada



**GOVERNMENT OF ODISHA** No.B-565
**OFFICE OF THE SUPERINTENDING ENGINEER, GANJAM [R&B] DIVISION NO.II, BERHAMPUR**
Phone/Fax : 0680-2233996, e-mail : sernb2.ganjam@gmail.com
INVITATION FOR BIDS (IFB) [e-Procurement]
**TENDER CALL NOTICE**
**Bid Identification No. SC (R&B)-GM-II-15/2025-26 No.8368 Dated.16.09.2025**

1) The Superintending Engineer, Ganjam [R&B] Division No.II, Berhampur on behalf of Governor of Odisha invites **percentage rate bid** in single cover system to be received in **ONLINE MODE** only for the work as detailed below :
2) Nature of Work : Electrical work
3) No. of work : 09 Nos.
4) Tender Cost : Rs.6,000/-
5) Class of Contractor : Authorised dealer / Distributor (specialized agency for fire work must with MOU with ELBO) Electrical Contractor
6) Availability of bid documents in the website : From 23.09.2025 10.00 A.M. to 10.10.2025 4.00 P.M.
7) Date of opening of Bid : 13.10.2025 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in

Sd./- S. Panigrahi
Superintending Engineer
OIPR-34080/11/0032/2526 Ganjam (R&B) Division No.II



ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢ଼ାଖୋଲ
**OFFICE OF THE NOTIFIED AREA COUNCIL, REDHAKHOL (ODISHA), DIST-SAMBALPUR**
E-mail:eonacrdl@gmail.com
**'e' Procurement Notice**
**No.2194/NAC Dt.23.09.2025**
**Bid Identification No.RDL NAC-2/2025-26**
**Tender ID-2025_ORULB_118436**

**No.C-1174:** The Municipal Executive Officer on behalf of NAC Redhakhol invites tenders in Single Cover System, Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in.
1. Number of Civil works/Others : (26) numbers
2. Estimated Costs : 0.93 Lakh to 7.37 Lakh
3. Period of Completion : As per NIT
4. Date and Time of availability of the bid document in the portal : From 10.00 AM of 24.09.2025 to 05.30 PM of 08.10.2025
5. Last Date/Time for receipt of bids in the portal : 05.30 PM of 08.10.2025
6. Bids will be opened on : 11.00 AM of Dt. 09.10.2025
7. Name and address of the Officer Inviting Bid

Sd./- Executive Officer
OIPR-13175/11/0010/2526 NAC Redhakhol



**GOVERNMENT OF ODISHA** No. C-1175
**OFFICE OF THE ADDITIONAL CHIEF ENGINEER PUBLIC HEALTH DIVISION, BHAWANIPATNA**
Parmanandpur, Railway Station Road, Bhawanipatna, Dist.: Kalahandi, PIN - 766002, e-mail: eephbhpt@gmail.com
**NATIONAL COMPETITIVE BIDDING THROUGH e-Procurement Identification No. ACEPH-BHPT-40 of 2025-26 / Dt.23.09.2025**
**e-Procurement Notice**

01. Name of the Work : 1 No. Work
02. Type of Bid : Double Bid System
03. Approx. Estimated Cost : Rs.262.59
04. Period of Completion : 6 Calendar Months
05. Date & time of availability of bid document in the portal : From 11.00 A.M. of Dt.26.09.2025 to 5.00 P.M. of 10.10.2025
06. Last date/time of receipt of bids in the portal : 5.00 P.M. of 10.10.2025
07. Date & time of opening of Technical Bids : At 11.30 A.M. of 13.10.2025
08. Name and address of the Officer Inviting Bid : Additional Chief Engineer, P.H. Division, Bhawanipatna, Railway Station Road, At/P.O.: Parmanandpur, 766002, Dist.: Kalahandi

Further details can be seen from the website **http://tenders.ori.nic.in** or **www.tendersorissa.gov.in**.
Sd./- Additional Chief Engineer
OIPR-13059/11/0057/2526 P.H. Division, Bhawanipatna



**DIRECTORATE OF AGRICULTURE & FOOD PRODUCTION, ODISHA**
**REQUEST FOR PROPOSAL**
**SELECTION OF BIDDERS FOR THE DEVELOPMENT, DESIGN, FINANCE, CONSTRUCTION, OPERATION, MAINTENANCE AND TRANSFER OF AGRI-TECH SMART FARM (ATSF) AT DESIGNATE SITE(S) ON PPP BASIS**

No. L-73: RFP No. 33684 Dated 23.09.2025: The Director of Agriculture & Food Production, Odisha, Bhubaneswar of Department of Agriculture & Farmers Empowerment, Odisha invites proposal through e-procurement mode from the interested bidders for the development, design, finance, construction, operation, maintenance and transfer of Agri-Tech Smart Farm (ATSF) at designate site(s) on PPP basis"
The RFP document is available and can be downloaded from the **tendersodisha.gov.in**. from 24.09.2025. Last date for submission of proposals is 24.10.2025 at 17.00 hrs. (IST). Further updates on this tender will be available on this website only.
The proposals received beyond the scheduled last date & time will be rejected out rightly. The Director of Agriculture & Food Production, Odisha, Bhubaneswar reserves the right to reject any/all proposals without assigning any reason thereof.
Sd./- Director of Agriculture &
OIPR-01102/11/0032/2526 Food Production, Odisha



**GOVERNMENT OF ODISHA**
**HOUSING & URBAN DEVELOPMENT DEPARTMENT**
**OFFICE OF THE NOTIFIED AREA COUNCIL, PADAMPUR**
At-Padampur, Po-Rajborasambar, Dist-Bargarh, Pin-768036
Ph. No. 06683-223436, E-mail : nac.padampur@gmail.com
No.2859/NACP Dt.23.09.2025
**National Competitive Bidding through e-procurement**
**Bid Identification No. NAC-PDP-03/2025-26**

**No.C-1176** : The Executive Officer, N.A.C. Padampur on behalf of NAC invites Percentage bid through e-procurement in single cover system acording to norm of e-Procurement system in on-line mode.
1. Nature of Work : Electrical Work
2. No. of works : 2 (Two Nos.)
3. Estimate Cost : As per DTCN
4. Class of Contractor : LT/MV Class (Electrical Contractor)
5. Date & Time of availability of Bid Documents in the portal : 9.00 A.M. on dt.24.09.2025 up to 05.00 P.M. on dt.10.10.2025
6. Last date & time for receipt of Bids in the portal : 10.10.2025 at 05.00 P.M.
7. Original Bids document received : Before 5.00 P.M. on dt.10.10.2025
8. Bid opening Date : Dt.13.10.2025 at 11.00 A.M.

The bidders have to participate in online bidding only. Further details can be seen from the website https://www.tendersodisha.gov.in
Sd./- Executive Officer
OIPR-13118/11/0040/2526 N.A.C. Padampur



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER MINOR IRRIGATION DIVISION, SUNDARGARH**
E-mail: eemisundargarh@yahoo.co.in
**'e' Procurement Notice**
**Bid Reference No. SE MID SNG 08/2025-26**

No. A-667: Bid documents consisting Names of Work, Estimated Cost, Cost of Tender Paper, EMD, Time of Completion, Class of Contractor, the set of terms and conditions of contract and other necessary documents can be seen in e-procurement portal **https://tendersodisha.gov.in**.

| | | | |
|---|---|---|---|
| 1 | Name of the Work | : | Civil Construction Work |
| 2 | No. of Works | : | 02 (Two) Nos. |
| 3 | Estimated Cost | : | Varies from Rs.52.07 lakh to Rs.67.04 lakh (Approximately) |
| 4 | Period of Completion | : | 04 (Four) Calendar Months |
| 5 | Date and time of availability of bid documents in the Portal | : | From Dt.26.09.2025 at 10.00 A.M. to Dt.10.10.2025 upto 5.30 P.M. |
| 6 | Last date/time of receipt of bids in the Portal | : | Dt.10.10.2025 upto 5.30 P.M. |
| 7 | Date of Opening of Technical Bid (Cover-I) | : | Dt.13.10.2025 at 11.00 A.M. onwards |
| 8 | Name and address of the OIT | : | Superintending Engineer, Minor Irrigation Division, Sundargarh |

**Further details can be seen from the e-Procurement market place **http://tendersodisha.gov.in**.
Sd./- Superintending Engineer
OIPR-32124/11/0036/2526 M.I. Division, Sundargarh



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL [R&B] CIRCLE, BHUBANESWAR**
Mail i.d : seccbbsr@gmail.com
**Notice inviting Request for Proposal No.05 of 2025-26**
**No. 5726 (Estg.) Bhubaneswar the 23rd September-2025**

**No.B-567** : The Chief Construction Engineer, Central (R&B) Circle, Bhubaneswar on behalf of the Governor of Odisha invites item rate bids for Selection of P.R. and Media Management Agency for 84th Annual Session of IRC to be held from 6th November to 10th November 2025 at Bhubaneswar to be received in online bidding, double cover system as detailed in: https://tendersodisha.gov.in. The details of bid documents will be available in the above website from **5.00 P.M. of 25.09.2025 to 5.00 P.M. of 09.10.2025**. The bidders must possess compatible Digital Signature Certificate of Class II or III. Bids received online shall be opened at **11.00 A.M. of 10.10.2025** in the Office of the Chief Construction Engineer, Central (R&B) Circle Bhubaneswar.
The undersigned reserves the right to cancel this invitation and / or invite fresh bid / RFP with or without amendments to this invitation, without liability or any obligation for such invitation and without assigning any reasons. The tender invitation authority also reserves the right to accept or reject any or all proposals without assigning any reason whatsoever.
Further details can be seen from the e-procurement portal https://www.tendersodisha.gov.in. Interested bidders may view, download the e-bid documents, seek clarification and submit their e-bids online only on e-tender portal www.tendersodisha.gov.in.
Addendum / Corrigendum, if required, will be available only in the Website.
Sd./- Er. M.K.Mahananda
Chief Construction Engineer
OIPR-34156/11/0048/2526 Central (R&B) Circle, Bhubaneswar



**DISTRICT PROJECT OFFICE SAMAGRA SHIKSHA, BALANGIR**
At: College Chowk, P.O./Dist.: Balangir - 767001
Email ID: dpcbolangirssa.opepa@nic.in
No. XVIII/PDG/27/2024/2772 Dt.23.09.2025
**TENDER CALL NOTICE FOR SUPPLY OF TLM TO FLN SCHOOLS FOR 2024-25**

No. n-166: Sealed tenders are invited from the intending Registered Firms/Authorized Suppliers eligible as per the conditions specified in the Tender Paper for supply of **Teaching Learning Materials (TLM) for Strengthening of Foundational Literacy & Numeracy (FLN) in Primary Schools for the year 2024-25**.
The detailed BID document is available in the website **www.osepa.odisha.gov.in** and **www.balangir.odisha.gov.in**. Interested and eligible Registered Firms/Suppliers may download BID DOCUMENT from the above websites and apply accordingly to the Office of the undersigned through **Speed Post/Regd. Post** only. Corrigendum/ Addendum, if required, will be uploaded in the above websites. Hence, potential bidders are requested to be in continuous touch with the above websites.
The Tender Inviting Authority (TIA) reserves the right to accept/reject full or any part/all BID/cancel the entire selection process at any stage without assigning any reason thereof.
By Order of the
Collector-cum-Chairman, SS, Balangir
Sd./- District Education Officer & DPC
OIPR-27071/11/0013/2526 Samagra Shiksha, Bolangir



**JAJPUR MUNICIPALITY, JAJPUR**
**QUOTATION CALL NOTICE**
**No.3265/Date. 23.09.2025**

**No.C-1171** : Sealed quotations are invited from registered Firms/Entrepreneur satisfying the eligibility criteria for the following nature of works.
1. Road sweeping, Door to Door collection of segregated waste, Cleaning of drains, bush uprooting in **Ward No 01 to 05** and transportation of road sweeping waste to designated point/wealth centres located around 14 KM radius under Jajpur Municipality and land filling.
2. Road sweeping, Door to Door collection of segregated waste, Cleaning of drains, bush uprooting in **Ward No 06 to 10** and transportation of road sweeping waste to designated point/wealth centres located around 14 KM radius under Jajpur Municipality and land filling.
3. Road sweeping, Door to Door collection of segregated waste, Cleaning of drains, bush uprooting in **Ward No 11 to 15** and transportation of road sweeping waste to designated point/wealth centres located around 14 KM radius under Jajpur Municipality and land filling.
4. Road sweeping, Door to Door collection of segregated waste, Cleaning of drains, bush uprooting in **Ward No 16 to 18** and transportation of road sweeping waste to designated point/wealth centres located around 14 KM radius under Jajpur Municipality and land filling.

The detail of works to be executed by the bidders & the period of contract will be available in the quotation paper issued from this office on payment of **Rs. 10000/- (Ten Thousand)** only towards paper cost in shape of DD/Bank Cheque with effect from **Dt.24.09.2025 to Dt.17.10.2025** up to 05.00 P.M in all working days. The sealed cover containing quotation documents duly filled in shall be received on or before **Dt.18.10.2025 by 2.00 P.M.** which shall be opened at **3.00 P.M.** on the same day in the Municipal Office meeting hall. Delay in receipt of sealed quotation documents either in person or postal delivery shall not be entertained.
The quotationers/ bidders are required to deposit the E.M.D. @ 1% of the quoted amount in shape of N.S.C/ Bank Draft/ Term Deposit drawn/pledged in favour of the Executive Officer, Jajpur Municipality, payable at Jajpur.
Each firm/entrepreneur are eligible to participate tender/quotation for one number of work selecting from serial number **01 to 04** above. No bidders are allowed to participate in more than 1(One) number of work.
The authority reserves the right to accept or reject any or all the quotation without assigning any reason thereof.
Sd./- Executive Officer
OIPR-13171/11/0035/2526 Jajpur Municipality



**CUTTACK MUNICIPAL CORPORATION**
Biju Bhawan, Choudhary Bazaar, Cuttack-753001
Ref. No. 10831 Date. 23/09/2025
Tender ID-2025_ORULB_118535
**Notice for Inviting RFP for "Selection of Agency for Providing Comprehensive Facility Management Services (Sanitation Works) at Balijatra-2025, Cuttack for Cuttack Municipal Corporation"**

No.C-The Commissioner, Cuttack Municipal Corporation (CMC), Cuttack, Government of Odisha invites technical and financial proposals from reputed Agency/Firms for **"Selection of Agency for Providing Comprehensive Facility Management Services (Sanitation Works) at Balijatra-2025, Cuttack for Cuttack Municipal Corporation.** The interested and eligible Agency/Firms, as specified in Detailed Tender Call Notice (DTCN), may apply for the same in ONLINE mode. (For details visit https://tendersodisha.gov.in)

| Sl.No. | List of Key Events | Critical Dates |
|---|---|---|
| 1 | Date of availability of RFP document in website | From 05.00 PM of 25.09.2025 to 14.10.2025 upto 5.00 PM |
| 2 | Last date of online receipt of bid | 14.10.2025 upto 5.00 PM |
| 3 | Last date of Pre bid queries | 03.10.2025 upto 5.00 PM |
| 4 | Upload Pre bid queries | 04.10.2025 at 5 P.M. |
| 5 | Last date of Hardcopy receipt of Bid | 15.10.2025 upto 5.00 PM |
| 6 | Date of Opening of Technical Bid | 16.10.2025 at 11.00 AM |
| 7 | Date of Opening Financial Bid | 17.10.2025 at 12.00 P.M. |

The complete bidding documents, fee details, descriptions of items and key dates can be viewed/ downloaded from the website: **https://tendersodisha.gov.in** Please note that CMC reserves the right to accept or reject the Bid process at any stage without assigning any reason whatsoever.
Sd./- Commissioner
OIPR-13031/11/0225/2526 Cuttack Municipal Corporation



**GOVERNMENT OF ODISHA** No.A-671
**OFFICE OF THE EXECUTIVE ENGINEER KEONJHAR IRRIGATION DIVISION, KEONJHAR**
**Notice Invitation of Tenders**
e-Procurement Notice No. - 05 (NCB) / 2025-26 on dated 24.09.2025
Email Id : eekjrirrdivn@gmail.com

| | | | |
|---|---|---|---|
| 1 | Nature of the work | : | Instruments |
| 2 | No. of Works | : | 1 (One) no |
| 3 | Value of Works | : | Rs. 21.18 lakhs |
| 4 | Tender paper cost | : | Refer to Table-1 |
| 5 | EMD/Bid Security | ; | Refer to Table-1 |
| 6 | period of Completion | : | Refer to Table-1 |
| 7 | Class of Contractors | : | Refer to Table-1 |
| 8 | Procurement officer | : | Executive Engineer, Keonjhar Irrigation Division, Keonjhar |
| 9. | Bid Identification No. | : | KIDN-07/2025-26 |
| 10 | Availability of Tender for Online Bidding | : | From 11.30 A.M. Dt.26.09.2025 to 5.00 P.M. Dt.14.10.2025 |
| 11 | Date and Time for Tender Opening | : | Dt.15.10.2025 @ 11.30 A.M. onwards in O/o the Executive Engineer, Keonjhar Irrigation Division, Keonjhar |
| 12 | Date and Time for seeking clarification | : | Dt.26.09.2025 @ 11.30 A.M. to Dt.08.10.2025 @ 5 P.M. in O/o the Executive Engineer, Keonjhar Irrigation Division, Keonjhar |

The Bidders have to participate in ONLINE bidding only. Further details can be seen from the e-procurement portal : www.tendersodisha.gov.in. Any addendum/corrigendum/ cancellation of tenders can be seen from the above portal.
Sd./- Executive Engineer
Keonjhar Irrigation Division
OIPR-32476/11/0024/2526 Keonjhar



**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER MINOR IRRIGATION DIVISION, KALAHANDI**
Email : eemikldbpt@gmail.com
**e-PROCUREMENT NOTICE**
**Bid Identification Notice No. : SE MID BPT-03/2025-26**
**Lt No. : 3408** **Dt. : 23.09.2025**

**No.A-670** : The Superintending Engineer, M.I. Division, Kalahandi, District-Kalahandi on behalf of Governor of Odisha invites Percentage Rate Bids in Single Cover System through e-procurement to be received in online mode only for the works as detailed in the table below. The bid should be submitted online in the website **www.tendersodisha.gov.in** by eligible contractors.

| | | | |
|---|---|---|---|
| 1. | Name of the work | : | Improvements to MIP under M.I. Division, Kalahandi |
| 2. | Total No. of works | : | 01 (One) No. Only |
| 3. | Estimated cost | : | Rs.39.64 Lakhs Approximately |
| 4. | Class of Contractor | : | "C" & "B" |
| 5. | Period of completion | : | 04 (Four) Calendar Months |
| 6. | date and time of availability of Bid Document in portal | : | From 10:00 A.M. on 27.09.2025 and up to 5:30 P.M. on 09.10.2025 |
| 7. | Last date / time for receipt of Bid Document in portal | : | Up to 5:30 PM on 09.10.2025 |
| 8. | Date / Time of opening of Bid | : | From 11:00 A.M. on 10.10.2025 At O/o M.I. Division, Kalahandi, Bhawanipatna |
| 9. | Name and Address of Tender Inviting Officer | : | Superintending Engineer, M.I. Division, Kalahandi, Officer inviting the Bid |
| 10. | Mode of Payment of Bid cost and Bid security | : | Online |
| 11. | Date of Lottery (If required) | : | On 15.10.2025 at 11.00 A.M. |

Sd./- Superintending Engineer
OIPR-32531/11/0002/2526 M.I. Division, Kalahandi

**ଗୋଦାମ ଘରୁ ଚୋରି ଅଭିଯୋଗ**

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ବୁଧବାର ମଧ୍ୟରାତିରେ ଖପ୍ରାଖୋଲ ବ୍ଲକ ପରିସରରେ ଥିବା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ଗୋଦାମ ଘର ତାଲା କାଟି ୪ ଟି ପମ୍ପ ଚୋରି ହୋଇଯାଇଛି । ଏନେଇ ବିଭାଗ ତରଫରୁ ଗୁରୁବାର ଖପ୍ରାଖୋଲ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଥାନା ଅଧିକାରୀ ନରେନ୍ଦ୍ର ଛତ୍ର ପ୍ରକାଶ କରିଛନ୍ତି ।

# ‘ବିକାଶ ପାଇଁ ଆଲୋଚନା, ଆନ୍ଦୋଳନ କରାଯିବ’

■ଚିନିକଳ, କୃଷି ବିଶ୍ୱବିଦ୍ୟାଳୟ ପ୍ରସଙ୍ଗରେ ହେଲା ଆଲୋଚନା

■ଲକ୍ଷ୍ୟ ହାସଲ ପାଇଁ ନାଗରିକ ସମାଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି: ନରସିଂହ

**ବଲାଙ୍ଗୀର,୨୫।୯(ବୀରେନ୍ଦ୍ର କୁମାର ଝାଙ୍କର)**


କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଓ ଅନ୍ୟମାନେ ।

ବଲାଙ୍ଗୀରର ବିକାଶ ପାଇଁ ଗତ ୧୦ ବର୍ଷରେ ବହୁ ପ୍ରୟାସ ଏବଂ ଉଦ୍ୟମ କରାଯାଇଥିଲା। ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ପାଇଁ ଅନୁଦାନ ଅଣାଯାଇଥିଲା। ଅନେକ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ଲୋକର୍ପିତ ହେଲା। କିଛି ପ୍ରକଳ୍ପ ସରକାରୀ ଷଡଯନ୍ତ୍ର ଏବଂ ପ୍ରଶାସନିକ ଅବହେଳା ଯୋଗୁ ଅଟକି ଗଲା। ତେବେ ଅଟକି ଯାଇଥିବା ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା, ଦୀର୍ଘଦିନର ଦାବି ହାସଲ କରିବା ଏବଂ ଜିଲା ପାଇଁ ନୂଆ ପ୍ରକଳ୍ପ ଅଣାଯିବାକୁ ଜିଲାର ବୁଦ୍ଧିଜୀବୀ ଏବଂ ଜନସାଧାରଣଙ୍କୁ ନେଇ ସବୁ ସ୍ତରରେ ଆଲୋଚନା କରାଯିବ। ଆବଶ୍ୟକ ପଡିଲେ ଲୋକେ ସବୁ ସ୍ତରରେ ଆଲୋଚନା ଓ ଆନ୍ଦୋଳନ କରିବାକୁ ପଛେଇବେ ନାହିଁ ବୋଲି ବୁଧବାର ସ୍ଥାନୀୟ ଏକ ହୋଟେଲଠାରେ ଅନୁଷ୍ଠିତ ନାଗରିକ ସମାଜ ସହ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କ ମତ ବିନିମୟ କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ମିଶ୍ର ପ୍ରଥମେ ବୈଠକର ଆଭିମୁଖ୍ୟ ସମ୍ପର୍କରେ କହି ବଲାଙ୍ଗୀରର ବିକାଶ ପ୍ରକ୍ରିୟା କିଭଳି ଶିଥିଳ ହୋଇପଡିଛି କହିଥିଲେ। ସେ କହିଥିଲେ, ବଲାଙ୍ଗୀର ମହାରାଣୀ ସାଗର ପାଇଁ ୨୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଅନୁଦାନ ଆସି ପଡିରହିଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ସମ୍ପୂର୍ଣ୍ଣ ହୋଇନାହିଁ। ପ୍ରଥମେ ନିର୍ମାଣକାରୀ ସଂସ୍ଥା ଏନ୍‌ବିସିସି ସହ ମହାରାଣୀ ସାଗର ସୌନ୍ଦର୍ଯ୍ୟକରଣ ଏବଂ ଉନ୍ନୟନ ଚୁକ୍ତି ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଏହା ବାତିଲ କରାଯାଇ ପ୍ରାୟ ୧୦୦ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏହାର କାର୍ଯ୍ୟାଦେଶ ଦିଆଯାଇଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପରେ ଠିକାଦାର ନିଯୁକ୍ତି କରି ଦୁର୍ନୀତି କରାଯାଇଛି। ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଓ ଭୀମଭୋଇ ମେଡିକାଲ କଲେଜ ସମ୍ପୂର୍ଣ୍ଣ ନକରି ତତ୍କାଳୀନ ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ଏହାର ଉଦ୍‌ଘାଟନ କରିଥିଲେ। ଫଳରେ ଲୋକେ ଏପର୍ଯ୍ୟନ୍ତ ଏହାର ସୁଫଳ ପାଇନାହାନ୍ତି। ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଆସୁଥିବା ଲୋକଙ୍କ ଦୁଃଖ ଶୁଣିବାକୁ କେହି ନାହିଁ। ବଲାଙ୍ଗୀରବାସୀ ବହୁବର୍ଷ ହେଲା କୃଷି ବିଶ୍ୱବିଦ୍ୟାଳୟ ଦାବି କରିଆସୁଛନ୍ତି। ନୂଆ ସରକାର ଆସିଲା ପରେ ଏହି ଦାବି ପୂରଣ ହେବ ବୋଲି ଜିଲାବାସୀଙ୍କ ଆଶା ବଢିଯାଇଥିଲା। କିନ୍ତୁ ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ପରିବର୍ତ୍ତେ ଏକ କୃଷି ମହାବିଦ୍ୟାଳୟ ମିଳିବ ବୋଲି କୁହାଯାଇଛି। ବିଗତ ସରକାର ସମୟରେ ସେ ଓ ଏବର କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ତତ୍କାଳୀନ ମୁଖ୍ୟମୁଖ୍ୟଙ୍କୁ ଭେଟି ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବି କରିଥିଲେ। ମାତ୍ର ଏବେ ମହାବିଦ୍ୟାଳୟ କଥା କୁହାଯାଉଛି। ଏହି ପ୍ରସଙ୍ଗରେ ବଲାଙ୍ଗୀରର ବୁଦ୍ଧିଜୀବୀଙ୍କ ମତ କ'ଣ ବୋଲି ମିଶ୍ର ପ୍ରଶ୍ନ କରିଥିଲେ। ବଲାଙ୍ଗୀରରେ ବନ୍ଦ ପଡିଥିବା ଚିନିକଳ ଆରମ୍ଭ ହେବ ବୋଲି ସରକାର କହୁଛନ୍ତି। ଏହା ସ୍ୱାଗତଯୋଗ୍ୟ ବୋଲି ପୂର୍ବତନ ମନ୍ତ୍ରୀ ମିଶ୍ର କହିବା ସହ ଏହାକୁ ଶୀଘ୍ର କାର୍ଯ୍ୟକାରୀ କଲେ ଚାଷୀ ଓ ଜିଲାବାସୀ ଉପକୃତ ହେବେ ବୋଲି କହିଥିଲେ। ବୈଠକରେ ଜିଲାରେ ଟେକ୍ସଟାଇଲ ମିଲ ଓ ନୂତନ ଶିଳ୍ପ ପ୍ରତିଷ୍ଠା, ଜିଲାର ଆଇନଶୃଙ୍ଖଳା ପରିସ୍ଥିତିକୁ ସୁଧାରିବା, ଆୟୁର୍ବେଦ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ବଲାଙ୍ଗୀର କଲେଜ ସମେତ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନର ଅଧ୍ୟାପକ, ଷ୍ଟାଫ୍ ପୂରଣ, ଜମି ସମସ୍ୟାର ସମାଧାନ, ବଲାଙ୍ଗୀରରେ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ଚାଷୀଙ୍କ ସାର ଓ ଅନ୍ୟାନ୍ୟ ସମସ୍ୟା ଉପରେ ଆଲୋଚନା କରିଥିଲେ। ଉପସ୍ଥିତ ବିଭିନ୍ନ ସଙ୍ଗଠନର ପ୍ରତିନିଧି, ବୁଦ୍ଧିଜୀବୀ ଓ ଛାତ୍ର ପ୍ରତିନିଧିମାନେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଥିଲେ। ସଙ୍ଗଠକ ଧର୍ମେନ୍ଦ୍ର ନନ୍ଦ ସଭା ସଂଯୋଜନା କରିଥିଲେ। ଆଲୋଚନାରେ ନାଗରିକ କମିଟିର ଡ. ଶ୍ରୀକର ମିଶ୍ର, ଐତିହାସିକ ଶିବ ପ୍ରସାଦ ନନ୍ଦ, ପ୍ରଧାପକ ଡ. ପ୍ରେମଚାନ୍ଦ ମହାନ୍ତି, ମଧୁସୂଦନ ନାୟକ, ରାମ ଶଙ୍କର ଶତପଥୀ, ଶିକ୍ଷାବିତ୍ ମନୋରଞ୍ଜନ ସାହୁ, ଦିଲୀପ ଦାଶ, ଆୟୁର୍ବେଦିକ କଲେଜ ଛାତ୍ରମାନେ, ରତନ ମହାରଣା, ତରୁଣ ମିଶ୍ର, ସତ୍ୟନାରାୟଣ ଥାଟି, ଜ୍ୟୋତି ନାଗ, ଡ. ପ୍ରମୋଦ ମିଶ୍ର, ସାମାଜିକ କର୍ମୀ ବିରେନ୍ଦ୍ର ବନଛୋର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଗାଁରେ କୁମ୍ଭୀର ଆତଙ୍କ


ନଦୀ ତଟବର୍ତ୍ତୀ ଅଞ୍ଚଳରେ କୁମ୍ଭୀର ।

**ଟିଟିଲାଗଡ଼,୨୫।୯(ସନ୍ତୋଷ ପଟ୍ଟନାୟକ)**

ଟିଟିଲାଗଡ଼ ଦେଇ ପ୍ରବାହିତ ଉନ୍ଦେର ନଦୀର ସୁକନାଭଟା ଓ ସିଲୁଆ ଗାଁ ମଝିରେ ଥିବା ନଦୀ କୂଳରେ ଗୁରୁବାର ସକାଳେ ଦୁଇଟି କୁମ୍ଭୀର ଚଳପ୍ରଚଳ ହେଉଥିବା ଦେଖିବାକୁ ମିଳିଥିଲା । ଏହା ପ୍ରଚାରିତ ହେବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି । ପ୍ରକାଶ ଯେ,ସକାଳୁ ଦୁଇଟି ଗାଁର ଲୋକେ ନଦୀ କୂଳକୁ ଗାଧୋଇବା ପାଇଁ ଯାଇଥିବା ବେଳେ ନଦୀ ଖଣ୍ଡିରେ ଦୁଇଟି କୁମ୍ଭୀର ଦେଖିବାକୁ ପାଇଥିଲେ। ଗାଁ ଲୋକେ ଏ ନେଇ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳକୁ ଆସିଥିବା ବେଳେ ନଦୀରେ ଅଧିକ ପାଣି ଥିବାରୁ କୁମ୍ଭୀରର ପତ୍ତା ମିଳି ନ ଥିଲା ।

# ବୟୋଜ୍ୟେଷ୍ଠ ନାଗରିକ ଦିବସ ପାଳିତ


ମଞ୍ଚାସୀନ ଅତିଥି ।

**ଦେଓଗାଁ,୨୫।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ସାଲେପାଲି ଗ୍ରାମ ମଙ୍ଗଳ ପାଠାଗାରଠାରେ ଜିଲାସ୍ତରୀୟ ବୟୋଜ୍ୟେଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଂପାଦକ ଭୁବନେଶ୍ୱର ସାମଲଙ୍କ ସଭାପତିତ୍ୱ ଓ ଡ. ସୁଧାଂଶୁ ଭୂଷଣ ମେହେରଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପବ୍ଲିକ ହେଲଥ୍ ଅଧିକାରୀ ଦିବ୍ୟ କିଶୋର ପତି ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ଜିଲା ମୁଖ୍ୟ କାର୍ଯ୍ୟାଳୟର ଉପଖଣ୍ଡସ୍ତରୀୟ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ହୋତା, ସ୍ୱାସ୍ଥ୍ୟ ବିଭାଗର ରମାକାନ୍ତ ରଥ, ଡ. ସୁଶାନ୍ତ କୁମାର ମେହେର, ନନ୍ଦିକିଶୋର ଷାଣ୍ଡ ଯୋଗଦେଇ ବୟୋଜ୍ୟେଷ୍ଠ ନାଗରିକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ତଥା ସରକାରୀ ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ । ଶେଷରେ ଶିବ ପ୍ରସାଦ ସାହୁ ଧନ୍ୟବାଦ ଦେଇଥିଲେ । ରମାକାନ୍ତ ସାହୁ, ଚତୁର୍ଭୁଜ ଭୋଇ, ସଞ୍ଜୁ ବିଶ୍ୱାଳ , ଠାକୁର ଭୋଇ, ରବି ବାଗ, ନନ୍ଦି ସାମଲ, କାହ୍ନୁ ଷଡଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଦ୍ୱାରା ଅନ୍ତେବାସୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା ।

# ଥାନା, ହାଟ ସଫା କଲେ ବିଧାୟକ

**ଟିଟିଲାଗଡ଼,୨୫।୫(ଶରତ ମିଶ୍ର)**

ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିବସ ଅବସରରେ ୧୫ ଦିନ ବ୍ୟାପୀ ସେବା କାର୍ଯ୍ୟକ୍ରମ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ଟିଟିଲାଗଡ଼ ଭାଜପା ପକ୍ଷରୁ ରକ୍ତଦାନ ଶିବିର ସହ ଚାରାରୋପଣ, ସଫେଇ ଅଭିଯାନ ଆରମ୍ଭ ହୋଇଛି । ଗୁରୁବାର ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ପୌରାଧକ୍ଷା ମମତା ଜୈନ ସ୍ଥାନୀୟ ଥାନା ଏବଂ ମିଶନ ଶକ୍ତି ହାଟ ପରିସରରେ ସକାଳୁ ଝାଡୁ ଧରି ସଫେଇ କର୍ମଚାରୀଙ୍କ ଗହଣରେ ହାଜର ହେବା ଦେଖିବାକୁ ମିଳିଛି । ଏହି ସଫେଇ ଅଭିଯାନରେ ଟିଟିଲାଗଡ଼ ଉପଜିଲାପାଳ ପଦ୍ମନାଭ ସାମନ୍ତରାୟ, ପୌର ନିର୍ବାହୀ ଅଧିକାରୀ ଚନ୍ଦନ ଶତପଥୀ, ଆଇଆଇସି କଲ୍ୟାଣୀ ବେହେରା, ସ୍ୱଚ୍ଛ ସୁପରଭାଇଜର ରୀମା ବାନୁଆ, ନନ୍ଦିନୀ ହୋତା, ସ୍ମିତା ଦାଶ, ସଙ୍ଗୀତା ଷଡ଼ଙ୍ଗୀ, ପୋଲିସ,ପୌର କର୍ମଚାରୀ, ଭାଜପା ନେତା ପିଙ୍କୁ ସାହୁ, ରଞ୍ଜନ ଆଡ଼ୁଆଡ଼, ପବିତ୍ର ସାହୁ, ନରେଶ ରାଜପାଲିଆ, କିଶୋର ମେହେର, ପ୍ରଦୀପ ବେହେରା, ଅକ୍ଷୟ ବେହେରା, ସଞ୍ଜୟ ବେହେରା ପ୍ରମୁଖ ସାମିଲ ହୋଇଥିଲେ ।

# ରାଜ୍ୟସ୍ତରୀୟ ଆଲୋଚନାଚକ୍ର



ବିଷୟ ବିଶେଷଜ୍ଞ ବକ୍ତବ୍ୟ ରଖୁଛନ୍ତି।

**ଲୋଇସିଂହା,୨୫।୯(ସୁଶାନ୍ତ ବାରିକ)**

ଗୁରୁବାର ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୋତ କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଡିଏନଏରୁ ନୂତନ ଔଷଧ ଆବିଷ୍କାର ଶୀର୍ଷକ ଏକ ଦିବସୀୟ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ବିଭାଗୀୟ ମୁଖ୍ୟ ବୁଦ୍ଧଦେବ ପଣ୍ଡା ଅଧ୍ୟକ୍ଷତା କରିଥିଲେ । ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବରିଷ୍ଠ ଗବେଷକ କର୍ମାନୀ ଦଣ୍ଡସେନା ବିଷୟ ବିଶେଷଜ୍ଞ ଭାବେ ଯୋଗଦାନ କରି ଆଲୋଚନା କରିଥିଲେ । ବିଶେଷ କରି ଚିକୁନଗୁନିଆ ଭାଇରାଲ ଡିଜିସର ଡ୍ରଗ୍ସ ଓ ଭେକ୍ସିନ ଅଦ୍ୟାବଧି ବାହାରି ପାରିନାହିଁ। ଏନେଇ ଗବେଷଣା ଜାରି ରହିଛି । କେବଳ ଚିକୁନ ଗନିଆ ନୁହେଁ ,ବିଭିନ୍ନ ଭାଇରାଲ ଡିଜିସ ଉପରେ ଲୋକେ କିପରି ସଚେତନ ହେବେ ସେନେଇ ଆଲୋଚନା ହୋଇଥିଲା। ଆଲୋଚନାଚକ୍ରରେ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଅର୍ଦ୍ଧେନ୍ଦୁ କୁମାର ମେହେର,ବରିଷ୍ଠ ପ୍ରଧାପକ ଡ.ଅନ୍ତର୍ଯ୍ୟାମୀ ନାଏକ, ଡ.ହିମାଂଶୁ ଶେଖର ମହନ୍ତ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ରୋତ କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗର ୨ ଜଣ ପୂର୍ବତନ ଛାତ୍ରୀ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବବିତା ସାହୁ ଓ ୫ମ ସ୍ଥାନ ଅଧିକାର କରିଥିବା ମାନସୀ ମହାରଣାଙ୍କୁ କଲେଜ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

**ବଲାଙ୍ଗୀର,୨୫।୯ (ବୀରେନ୍ଦ୍ର କୁମାର ଝାଙ୍କର)**

ନିଖିଳ ଓଡିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘ ପକ୍ଷରୁ ନିକଟରେ ବଲାଙ୍ଗୀର ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରୁ ଶତାଧିକ ପାଚିକା ଓ ସହାୟିକା ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରି ଡିଇଓ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅଫିସରେ ଜିଲା ଶିକ୍ଷା ଅଧିକାରୀ ନ ଥିବା ଜାଣିବା ପରେ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ପାଚିକା ସହାୟିକାମାନେ କହିଥିଲେ, ଦୀର୍ଘ ଦୁଇ ଦଶନ୍ଧି ଧରି ସଫଳତାର ସହିତ ସେମାନେ ସ୍କୁଲରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଚଲାଇ ଆସିଛନ୍ତି। କିନ୍ତୁ ସେମାନଙ୍କୁ ସରକାର ସର୍ବନିମ୍ନ ମଜୁରି କିମ୍ବା ସାମାଜିକ ସୁରକ୍ଷା ଯୋଗାଉ ନାହାନ୍ତି। ପାଚିକା ଓ ସହାୟିକା ମାନଙ୍କୁ ସରକାରୀ ପାରିଶ୍ରମିକ ଦିଆଯାଉନାହିଁ। ସଂଘ ସାଧାରଣ ସମ୍ପାଦିକା ମାଧବୀ କଲତା ସରକାର ପାଚିକା ସହୟିକାମାନଙ୍କୁ ଜାଣିଶୁଣି ହଇରାଣ କରୁଥିବା ଅଭିଯୋଗ କରିଥିଲେ। ବାରମ୍ବାର ଦାବି ସତ୍ତ୍ୱେ ସେମାନଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ହେଉନଥିବାରୁ ସେମାନେ ବାରମ୍ବାର ରାଜରାସ୍ତାକୁ ଓହ୍ଲାଉଛନ୍ତି । ପାଚିକା ସହାୟିକାମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦେବା, ମାସିକ ସର୍ବନିମ୍ନ ମଜୁରି ପ୍ରଦାନ କରିବା ଏବଂ ବର୍ଷକୁ ୧୨ ମାସର ପାରିଶ୍ରମିକ ପ୍ରଦାନ କରିବାକୁ ଦାବି କରାଯାଇଛି। ଏହି ଅବସରରେ ୧୫ ଦଫା ଦାବିପୂରଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡିଇଓ ଅଫିସରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ପାଚିକା ସହାୟିକାମାନଙ୍କ ଦାବି ପୂରଣ ନହେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ସଭାପତି ପାଣ୍ଡବ ଭୋଇ ଚେତାବନୀ ଦେଇଥିଲେ। ବିକ୍ଷୋଭ ସମାବେଶରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଂଘ ସଭାପତି ଅକ୍ଷୟ କୁମାର ମେହେର ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶ୍ରମିକ ନେତା ଗୋପାଳ ଭୋଇ ଓ ଯୁବନେତା କମଳ ଭୋଇ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରଶିକ ରଣା, ଅର୍ଜୁନ ଖରସେଲ, ବଡ ବାଗ, ଅମୃତ ଭାଟି, ଶ୍ରୀୟା ଥନାପତି, ବୁଲୁ ବିଶ୍ୱାଳ, ହେମ କାଣ୍ଡ, ନନ୍ଦିନୀ ରାଉତ, ବିନତି ଭୋଇ, ଭୂମିସୁତା ଖର୍ସେଲ, ଜୟନ୍ତୀ ନେଗୀ, ବାସନ୍ତୀ ରଣା, ନିରୁପମା ମାଝି, ଅନ୍ତର୍ମୁଖୀ କର ଓ ମାଳତି ରଣା ସହଯୋଗ କରିଥିଲେ।

# ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଖପ୍ରାଖୋଲ ବ୍ଲକ୍ ଗସ୍ତ


ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରକଳ୍ପ କାମ ଦେଖୁଛନ୍ତି ।

**ଖପ୍ରାଖୋଲ,୨୫।୯(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନା ଗୁରୁବାର ଖପ୍ରାଖୋଲ ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାମ ଦେଖିଥିଲେ। ଏହି ଅବସରରେ ଭାନପୁର ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ତୁର୍ଲା ଗାଁର ଅମୃତ ବାଟିକା ମିଶ୍ରିତ ଫଳ ବଗିଚା, ଖେଳପଡିଆ କାମ ଆଦି ବର୍ଷା ସତ୍ତ୍ୱେ ବୁଲି ବୁଲି ଦେଖିଥିଲେ। ଗସ୍ତ ଅବସରରେ ବଲାଙ୍ଗୀର ଜିଲା ପରିଷଦ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଏମସି ଅଶୋକ କୁମାର ସାହୁ, ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜକିଶୋର ନାଏକ, ଏପିଓ ପ୍ରଶାନ୍ତ କୁମାର ସାହୁ, ସରପଞ୍ଚ ରୀନା ଜାଲଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ଉନ୍ନୟନ କାମରେ ମୁଖ୍ୟ ଉନ୍ନୟନ ଅଧିକାରୀ ଖୁସିବ୍ୟକ୍ତ କରିଥିବା ବେଳେ ଅଧିକ ଶ୍ରମିକ ନିୟୋଜନକୁ ଗୁରୁତ୍ୱ ଦେବାକୁ କହିଥିବା ଜଣାଯାଇଛି।

# ଦେଓଗାଁ ବନାଞ୍ଚଳର ଫରେଷ୍ଟ ଗାର୍ଡ ବ୍ୟାରେକ୍ ଉଦ୍‌ଘାଟିତ


ନବନିର୍ମିତ ଫରେଷ୍ଟ ଗାର୍ଡ ବ୍ୟାରେକ୍ କୋଠାକୁ ଉଦ୍‌ଘାଟନ କରାଯାଉଛି ।

**ଦେଓଗାଁ,୨୫।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ବନାଞ୍ଚଳର ନବ ନିର୍ମିତ ଫରେଷ୍ଟ ଗାର୍ଡ ବ୍ୟାରେକ୍ କୋଠା ଗୁରୁବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଯାଇଛି । ରେଞ୍ଜର ଯୁଧିଷ୍ଠିର ଜାଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ସର୍କଲର ଆରସିସିଏଫ ସନ୍ତୋଷ କୁମାର ଯୋଷୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ବନଖଣ୍ଡ ଅଧିକାରୀ ଅଜିତ ବିଶି, ଏସିଏଫ ମାନସ ରଞ୍ଜନ ବେହେରା ଓ ମୁରାରୀ ପ୍ରସାଦ ପଣ୍ଡା ଯୋଗ ଦେଇଥିଲେ । ଫରେଷ୍ଟର ଜନ୍ମେଜୟ ପାଣିଗ୍ରାହୀ, ଅଭିମନ୍ୟୁ ଭୋଇ ଓ ବ୍ୟାସଦେବ ସାହୁଙ୍କ ସମେତ ଡିଇଓ ରଜନୀକାନ୍ତ ମହାନ୍ତି, ନରେନ୍ଦ୍ର କୁମାର ବିଶ୍ୱାଳ ତଥା ଦେଓଗାଁ, କୁଡାସିଂହା ଓ ଗୁଡଭେଲା ସେକ୍ସନର କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଏନ୍‌ଏସ୍‌ଏସ୍ ଦିବସ ପାଳିତ, ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର ।

**ଲୋଇସିଂହା,୨୫।୯(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା କଲେଜରେ ଅଧ୍ୟକ୍ଷ ବିଭୁଦେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜାତୀୟ ସେବା ଶିବିର ଦିବସ(ଏନଏସଏସ) ବୁଧବାର ପାଳିତ ହୋଇଯାଇଛି । ଏଥିରେ ଯୁକ୍ତ ଦୁଇ ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ରିପନ କୁମାର ସାହୁ ଦିବସର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଯୁକ୍ତ୩ ର ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଜଗମୋହନ ଦର୍ଜି ଜାତୀୟ ସେବା ଦିବସର ଇତିହାସ ନେଇ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଜିଲାସ୍ତରୀୟ କ୍ୟାମ୍ପରେ ଯୋଗଦାନ କରିଥିବା କଲେଜର ୧୨ ଜଣ ଛାତ୍ରୀଛାତ୍ରଙ୍କୁ ଅଧ୍ୟକ୍ଷ ମହାନ୍ତି ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ।

# ଓଡ଼ିଶାରେ ନୂତନ କେନ୍ଦ୍ରୀୟ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ ପାଇଁ କେନ୍ଦ୍ରର ପ୍ରସ୍ତାବ ନାହିଁ

■ସୂଚନା ଅଧିକାର ଆଇନରେ ମିଳିଲା ତଥ୍ୟ

■କେବିକେ ଛାତ୍ରୀଛାତ୍ର ପାଇଁ ଦେଶବ୍ୟାପୀ ଆବାସିକ କୋଟା ରଖାଯାଉ: ହେମନ୍ତ ପଣ୍ଡା

**ବଲାଙ୍ଗୀର,୨୫।୯(ବୀରେନ୍ଦ୍ର କୁମାର ଝାଙ୍କର)**

ଦେଶରେ ନୂତନ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ କେନ୍ଦ୍ର ସରକାରଙ୍କ ପାଖରେ ବର୍ତ୍ତମାନ କୌଣସି ପ୍ରସ୍ତାବ ବିଚାରାଧୀନ ନାହିଁ ବୋଲି ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର କୃଷି ଗବେଷଣା ଓ ଶିକ୍ଷା ବିଭାଗର ଜନସୂଚନା ଅଧିକାରୀ ତଥା ଅନୁସଚିବ ପ୍ରେମ ପ୍ରକାଶ ସୁମନ ସୂଚନା ଅଧିକାର ଆଇନ ବଳରେ ମଗାଯାଇଥିବା ତଥ୍ୟ ଅନୁଯାୟୀ ସୂଚନା ଦେଇଛନ୍ତି। ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡାଙ୍କୁ ପ୍ରଦତ୍ତ ସୂଚନାରେ ଏଭଳି ତଥ୍ୟ ଦେଇଥିବା ଜଣାପଡିଛି। ବର୍ତ୍ତମାନ ଓଡିଶାରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନର ପ୍ରସ୍ତାବ ନାହିଁ ବୋଲି ପ୍ରାପ୍ତ ସୂଚନାରୁ ଜଣାପଡିଛି । ତଥ୍ୟରେ କୁହାଯାଇଛି ଯେ, ଦେଶରେ ୩ଟି କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ଷମ ଅଛି। ମଣିପୁରର ଇମ୍ଫାଲରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ, ବିହାରର ପୁସାଠାରେ ଡ. ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ଓ ଉତ୍ତରପ୍ରଦେଶର ଝାନସୀ ଠାରେ ରାଣୀ ଲକ୍ଷ୍ମୀବାଇ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ରହିଛି ବୋଲି ସୂଚନା ଦିଆଯାଇଛି। ଓଡିଶାର ସମ୍ବଲପୁରରେ ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟର ପରିକଳ୍ପନା କରାଯାଇଛି ବୋଲି ନିକଟରେ ସରକାରୀ ସୂତ୍ରକୁ ଆଧାର କରି ରାଜ୍ୟବ୍ୟାପୀ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ସମ୍ବଲପୁରଠାରେ ଆଲୋଚିତ କୃଷି ବିଶ୍ୱବିଦ୍ୟାଳୟ ଦେଶର ଚତୁର୍ଥ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ନା ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ଏହାକୁ ନେଇ ରାଜ୍ୟର ଜନସାଧାରଣଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଥିଲା। କିନ୍ତୁ ଏଭଳି କୌଣସି ପ୍ରସ୍ତାବ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ବିଚାରାଧୀନ ନାହିଁ ବୋଲି ପ୍ରଦତ୍ତ ତଥ୍ୟରେ କୁହାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଗାମୀ ୨୭ ତାରିଖ ଦିନ ଝାରସୁଗୁଡା ଆସୁଛନ୍ତି । କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ସଂକ୍ରାନ୍ତରେ ସେ ଘୋଷଣା କରିବେ ବୋଲି ପଶ୍ଚିମ ଓଡିଶା ଓ କେବିକେ ଅଞ୍ଚଳର ଲୋକେ ଅପେକ୍ଷା କରିଛନ୍ତି ବୋଲି ସୂଚନା କର୍ମୀ ପଣ୍ଡା କହିଛନ୍ତି। ବଲାଙ୍ଗୀରରେ ଏକ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ଏକ ଦୀର୍ଘ ଦିନର ଦାବି ବୋଲି ପଣ୍ଡା କହିଛନ୍ତି। ଓଡିଶାର କେବିକେ ଅଞ୍ଚଳ ଦେଶର ଏକ ଅତି ପଛୁଆ ଅଞ୍ଚଳ ହୋଇଥିବାରୁ ଦେଶବ୍ୟାପୀ କୃଷି ବିଶ୍ୱବିଦ୍ୟାଳୟରେ କେବିକେ ଅଞ୍ଚଳର ଛାତ୍ରୀଛାତ୍ରୀମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଆବାସିକ କୋଟା ରଖାଯିବା ପାଇଁ ପଣ୍ଡା ଏକ ପ୍ରେସ ବିବୃତ୍ତିରେ ପ୍ରଧାନମନ୍ତ୍ରୀଙ୍କ ଠାରେ ଦାବି କରିଥିବା ଜଣାଇଛନ୍ତି।

**ସମଲେଇ ମନ୍ଦିର, ଯାଦବ ଭବନ ପାଇଁ ଶୁଭସ୍ତମ୍ଭ ସ୍ଥାପନ**

ସୋନପୁର,(ମୃତ୍ୟୁଞ୍ଜୟ ଶତପଥୀ): ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକ ଖଲିଆପାଲିଠାରେ ଯାଦବ ସମାଜ ପକ୍ଷରୁ ଏକ ସମଲେଇ ମନ୍ଦିର ଓ ଯାଦବ ଭବନ ନିର୍ମାଣ କରାଯିବ। ଏଥିପାଇଁ ପୂଜାର୍ଚ୍ଚନା ସହ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ଯାଦବ ସମାଜର ବରିଷ୍ଠ ନେତୃତ୍ୱ ମହାଦେବ ବଗର୍ତ୍ତି ଓ ପୂର୍ଣ୍ଣଚନ୍ଦ୍ର ବଗର୍ତ୍ତିଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଖଲିଆପାଲି ପଞ୍ଚାୟତର ଗୋବିନ୍ଦପୁର ଗାଁର ଜନ୍ମ ଥପା, ଘନ ଥପା ଓ ଅରୁଣ କଠାର, କୁଦୋପାଲି ଗାଁର ସୁବାସ ବଗର୍ତ୍ତି, ନେତ୍ରା ହାତୀ ଓ ପଣ୍ଡକିଟାଲ ଗାଁର ଆନନ୍ଦ କାଣ୍ଡ ପ୍ରମୁଖ ନେତୃତ୍ୱ ନେଇଥିଲେ। ସମାରୋହରେ ଖଲିଆପାଲି ପଞ୍ଚାୟତ ଯାଦବ ସମାଜର କର୍ମକର୍ତ୍ତା, ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ।

# ବାଲି ବଦଳରେ ମାଟି ଫିଲିଂକୁ ଚାଷୀଙ୍କ ବିରୋଧ

ସୋନପୁର,୨୫।୯(ମୃତ୍ୟୁଞ୍ଜୟ ଶତପଥୀ)

- କାମ ବନ୍ଦ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ
- ଚେରୁପାଲିରେ ନିର୍ମାଣ ହେଉଛି ଧାନ ସଂଗ୍ରହ କେନ୍ଦ୍ର

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଚେରୁପାଲିରେ ଧାନ ସଂଗ୍ରହ କେନ୍ଦ୍ର ନିର୍ମାଣ ହେଉଛି। ଚେରୁପାଲି ପାକ୍ସ ଅଞ୍ଚଳର ଚାଷୀ ସୁବିଧାରେ ଧାନ ବିକ୍ରି କରିବା ପାଇଁ ଦେଢ ମାସ ପୂର୍ବରୁ ଏହି କେନ୍ଦ୍ର ନିର୍ମାଣ ଆରମ୍ଭ ହୋଇଛି। ତେବେ ପ୍ରକଳ୍ପ ସ୍ଥଳରେ ବାଲି ବଦଳରେ ମାଟି ଫିଲିଂକୁ ଚେରୁପାଲି ଓ ସୁନାପାଲି ଗ୍ରାମର ଚାଷୀଙ୍କ ପକ୍ଷରୁ ବିରୋଧ କରାଯାଇଛି। ଏ ସମ୍ପର୍କରେ ଜିଲାପାଳଙ୍କ ନିକଟରେ ଚାଷୀମାନେ ଅଭିଯୋଗ କରିଥିଲେ। ଜିଲାପାଳ ଡ. ନୃପରାଜ ସାହୁ ନିର୍ମାଣ କାମ ବନ୍ଦ କରିବାକୁ ଗୁରୁବାର ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କେନ୍ଦ୍ର ନିର୍ମାଣ ପାଇଁ ସମବାୟ ବିଭାଗ ପକ୍ଷରୁ ପୂର୍ତ୍ତ ବିଭାଗକୁ ଅନୁଦାନ ଯୋଗାଇ ଦିଆଯାଇଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ କେନ୍ଦ୍ର ପରିସରରେ ଏକ କଭର ସେଡ୍ ପିଣ୍ଡି, ଚାଷୀ ବିଶ୍ରାମଗାର, ଶୌଚାଳୟ ଓ ପ୍ରାଚୀର ନିର୍ମାଣ ପାଇଁ ୭୭ଲକ୍ଷ ୮୮ହଜାର ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଥିଲା।



ପ୍ରକଳ୍ପ ସ୍ଥଳରେ ମାଟି ଫିଲିଂ କରି କାମ କରାଯାଉଛି।

ଟେଣ୍ଡର ପ୍ରକ୍ରିୟା ପରେ ଠିକାଦାରଙ୍କ ପକ୍ଷରୁ କାମ ଚାଲିଛି। ରାଜସ୍ୱ ବିଭାଗ ପକ୍ଷରୁ ଏକ ଖାଲୁଆ ଅଞ୍ଚଳରେ କେନ୍ଦ୍ର ନିର୍ମାଣ ପାଇଁ ପାକ୍ସକୁ ଜମି ଦିଆଯାଇଛି। ପୂର୍ତ୍ତ ବିଭଗ ପକ୍ଷରୁ ପ୍ରସ୍ତୁତ ଅଟକଳରେ ୩ଫୁଟ୍ ବାଲି ପୋତିବା ପାଇଁ ବ୍ୟବସ୍ଥା ରହିଛି। ତେବେ ଏହି ସ୍ଥାନଟି ରାସ୍ତା ଠାରୁ ପ୍ରାୟ ୯ଫୁଟ ଖାଲୁଆ ଥିବାରୁ ଠିକାଦାର ବାଲି ବଦଳରେ ମାଟି ଫିଲିଂ କରିଥିଲେ। ତେବେ ମାଟି ଫିଲିଂ କରି ନିର୍ମାଣ କାମ କଲେ ଧାନ ସଂଗ୍ରହ କେନ୍ଦ୍ରର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବ। ସେହିପରି ଫାଉଣ୍ଡେଶନ କାମ ଚାଲିଥିବା ବେଳେ କଂକ୍ରିଟ୍ କାମରେ ପାଣି ଦିଆଯାଉନି। କାମ ନିମ୍ନମାନର ହେଉଥିବା ଚାଷୀ ସରୋଜ ପଧାନ, ମୁରଲି ପଧାନ, ନାରାୟଣ ବିଶ୍ୱାଳ, ଜଗବନ୍ଧୁ ପଧାନ, ନେହେରୁ ପଧାନ, ଆଶିଷ କୁମାର ମିଶ୍ର, ଜଗନ୍ନାଥ ଷାଣ୍ଢ, ଫକୀର ମୋହନ ପଧାନ, ବଳରାମ ରାୟ, ପ୍ରଦୀପ ପଧାନ ଓ ରଞ୍ଜନ କର୍ମୀ ପ୍ରମୁଖ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ନିମ୍ନମାନର କାମକୁ ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ପ୍ରାଣବନ୍ଧୁ ରାଉତ ଅସ୍ୱୀକାର କରିଛନ୍ତି। ପ୍ରକଳ୍ପ ସ୍ଥଳଟି ଖାଲୁଆ ସ୍ଥାନରେ ଅଛି। ତେଣୁ ଚାଷୀଙ୍କ ଦାବି ଅନୁଯାୟୀ ଏଷ୍ଟିମେଟ୍ ଡେଭିଏଶନ କରି ବାଲି ଫିଲିଙ୍ଗ କରି ନିର୍ମାଣ କାମ କରାଯିବ ବୋଲି ଇଂ ରାଉତ କହିଛନ୍ତି।



ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀ ଗୁରୁବାର କୁଷ୍ମାଣ୍ଡା ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି।



ସୁବର୍ଣ୍ଣପୁର ସହର ଭଗବତୀପ୍ଲଟସ୍ଥିତ ମା' ଭଗବତୀ ଗୁରୁବାର କୁଷ୍ମାଣ୍ଡା ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି।

# ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ

ଡୁଙ୍ଗୁରିପାଲି,୨୫।୯(ଦୀନବନ୍ଧୁ ସୁନା)

**ଚତୁର୍ଥ ଦିନରେ ପହଞ୍ଚିଛି ଆନ୍ଦୋଳନ**

ଅଲ ଓଡିଶା ଜିପିଏଲ୍ଏଫ୍ କର୍ମୀ ସଂଘର ଆହ୍ୱାନ କ୍ରମେ ୭ ଦଫା ଦାବି ନେଇ ସୋମବାର ଠାରୁ ରାଜ୍ୟର ସମସ୍ତ ବ୍ଲକ ଅଫିସ ସମ୍ମୁଖରେ ଆନ୍ଦୋଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସିଆରପିସିଏମ ସଂଘ ପକ୍ଷରୁ ବୁଧବାର ଅପରାହ୍ନରେ ସରକାରଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ଦିଲୀପ କୁମାର ବାଡାଙ୍କୁ ଏକ ସ୍ମାରକପତ୍ର ଦିଆଯାଇଛି। ମିଶନ ଶକ୍ତି ବିଭାଗ ପକ୍ଷରୁ ନିଯୁକ୍ତି ପାଇଥିବା ସମସ୍ତ ଏମବିକେ, ସିଆରପି, ବ୍ୟାଙ୍କ ମିତ୍ର, କୃଷି ମିତ୍ର ଏବଂ ପ୍ରାଣୀ ମିତ୍ରମାନଙ୍କୁ ପୂର୍ବପରି ସ୍ଥାୟୀ ଦରମା ପ୍ରଦାନ, ସ୍ଥାୟୀ ନିଯୁକ୍ତି, ବ୍ୟାଙ୍କ ଖାତାରେ ଦରମା ପ୍ରଦାନ, ପରଫର୍ମାନ୍ସ ବୋନସ ପ୍ରୋସାହନ ରାଶି ବନ୍ଦ କରାଯିବା, ଗତ ୬ ମାସର ବକେୟା ଦରମା ପ୍ରଦାନ ଆଦି ଦାବି ନେଇ କର୍ମୀମାନେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଅନ୍ୟପକ୍ଷରେ ବ୍ଲକରେ କାର୍ଯ୍ୟରତ ୧୩୯ ଜଣ ସିଆର ପିସିଏମ ଗତ ୨୨ ତାରିଖରୁ କାମରେ ଯୋଗଦେଇ ନ ଥିବା ବିପିସି ସଞ୍ଜିତ ଷଡ଼ଙ୍ଗୀ କହିଛନ୍ତି। ଗୁରୁବାର କର୍ମୀଙ୍କ ଆନ୍ଦୋଳନ ଚତୁର୍ଥ ଦିନରେ ପହଞ୍ଚିଛି । ସସ୍ମିତା ପୁରୋହିତ, ମଞ୍ଜୁଲତା ସେଠୀ, ମାଣିକ ବେହେରା, ନିରୁପମା କଲେତ, ପଦ୍ମିନୀ ସୁନା, ମାଧୁରୀ ସାହୁ, ଲକ୍ଷ୍ମୀ ନାଏକ, ସବିତା ବେହେରା, ଲିପିକା ଭୋଇ,ସୁଶ୍ରୀ ପଧାନ, ସୁଷମା ନାଗଙ୍କ ସହ ସମସ୍ତ କର୍ମୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

# ଅନ୍ତର୍ଜାତୀୟ ବୟୋବୃଦ୍ଧ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ବୀରମହାରାଜପୁର,୨୫।୯(ଯୁଗଳ କିଶୋର ମିଶ୍ର)

ଆସନ୍ତା ୧ ତାରିଖରେ ଅନ୍ତର୍ଜାତୀୟ ବୟୋବୃଦ୍ଧ ଦିବସ ପାଳନ ପାଇଁ ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟ ବୀରମହାରାଜପୁରଠାରେ ଏକ ପ୍ରସ୍ତୁତି ବୈଠକ ଡ. ପ୍ରଫୁଲ୍ଲ କୁମାର ରଥଙ୍କ ଅଧକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରିବା ପାଇଁ ବଳରାମ କାଣ୍ଡ ଓ ପ୍ରଶାନ୍ତ କୁମାର ଶତପଥୀଙ୍କ ନାମ ସ୍ଥିରୀକୃତ ହୋଇଛି। ଜିଲାସ୍ତରରେ ଏହା ଆସନ୍ତା ୧୦ ତାରିଖରେ ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ପ୍ରସ୍ତାବ ବିବରଣୀ ସଦସ୍ୟ ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ଦ୍ୱାରା ପଠନ ପରେ ଜିଲାସ୍ତରରେ ସମ୍ବର୍ଦ୍ଧନା ପାଇଁ ୨ଜଣ ବରିଷ୍ଠ ନାଗରିକଙ୍କ ନାମ ସୁପାରିଶ କରାଯାଇଛି। ସେମାନେ ହେଲେ ପ୍ରତାପ ଶଙ୍କର ପାଣିଗ୍ରାହୀ ଓ ଗୋପୀନାଥ ମହାକୁର। ବୈଠକରେ କୃଷ୍ଣଚନ୍ଦ୍ର ପାଢ଼ୀ, ଦୟାନିଧି ହୋତା,ସୁଦାମ ସେଠୀ, ନାରାୟଣ ପ୍ରସାଦ ନାୟକ, ଅକ୍ଷୟ ମିଶ୍ର, କୃଷ୍ଣଚନ୍ଦ୍ର ମଲ୍ଲିକ, ଅକ୍ରୁର ଦନ୍ତା,ଦିଲିପ ମିଶ୍ର, ଚମରା ମହାକୁର, ଶ୍ୟାମସୁନ୍ଦର ସେଠୀ,ସତ୍ୟ ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସଂପାଦକ ସନ୍ତୋଷ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାପାଳଙ୍କୁ ଦାବିପତ୍ର ଦେଲେ ମହିଳା



ତେଲିପାଲି ଗ୍ରାମର ମହିଳାମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଅମରପାଲି,୨୫।୯(ପୀତାମ୍ବର ସାହୁ)

**ତେଲିପାଲି ଗ୍ରାମରେ ମଦ ବିକ୍ରି ବନ୍ଦ ଦାବି**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନଝରିଆପାଲି ପଞ୍ଚାୟତର ତେଲିପାଲି ଗ୍ରାମରେ ମଦ ବିକ୍ରି ବନ୍ଦ ପାଇଁ ଗ୍ରାମର ମହିଳାମାନେ ଗୁରୁବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ତେଲିପାଲି ଗ୍ରାମରେ ଦୀର୍ଘ ଦିନ ହେଲା ବିଭିନ୍ନ ସ୍ଥାନରେ ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଛି। ଫଳରେ ମଦ୍ୟପମାନେ ଅନେକ ସମୟରେ ଗଣ୍ଡଗୋଳ କରିବା ସହ ଗାଳିଗୁଲଜ କରୁଛନ୍ତି। ସେମାନଙ୍କ ଦୌରାତ୍ମ୍ୟ ଯୋଗୁ ଛାତ୍ରୀ,ଯୁବତୀ ଓ ମହିଳାମାନେ ଏକୁଟିଆ ଯିବା ଆସିବା କରିବାକୁ ନିରାପଦ ମନେ କରୁନାହାନ୍ତି । ଏପରି କି ମଦ ପିଇ ଅସମୟରେ ମଦ୍ୟପଙ୍କ ମୃତ୍ୟୁ ଘଟିବା ଦେଖିବାକୁ ମିଳୁଛି । ଘରେ ଘରେ ଅଶାନ୍ତି ଲାଗି ରହିଛି। ଏଣୁ ଗ୍ରାମର ମହିଳାମାନେ ଗ୍ରାମରେ ମଦ ବିକ୍ରି ବନ୍ଦ କରିବା ପାଇଁ ସଂକଳ୍ପ ନେଇଛନ୍ତି। କିଛିଦିନ ପୂର୍ବରୁ ଗ୍ରାମର ମହିଳାମାନେ ଏକ ସଭା କରିଥିଲେ। ଉକ୍ତ ସଭାରେ ସର୍ବସମ୍ମତିକ୍ରମେ ଗ୍ରାମରେ ମଦ ବନ୍ଦ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ଏକ ନିଶା ନିବାରଣ କମିଟି ମଧ ଗଠନ କରାଯାଇଥିଲା। ଉକ୍ତ କମିଟିର ସଦସ୍ୟଙ୍କ ସମେତ ଗ୍ରାମର ମହିଳାମାନେ ଏନେଇ ସୁବର୍ଣ୍ଣପୁର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି କ୍ରମରେ ଗ୍ରାମର ମହିଳାମାନେ ସୁବର୍ଣ୍ଣପୁର ଜିଲାପାଳ ନୃପରାଜ ସାହୁଙ୍କୁ ଭେଟି ଗ୍ରାମରେ ମଦ ବନ୍ଦ ପାଇଁ ଦାବିପତ୍ର ଦେଇଛନ୍ତି। ନିଶା ନିବାରଣ କମିଟିର ସଭନେତ୍ରୀ ସାରଳା ପାଣିଗ୍ରାହୀ ,ଏମବିକେ ଗୀତାଞ୍ଜଳି ଜେନା, ପୂର୍ବତନ ଜିଲା ପରିଷଦ ସଭ୍ୟ ରାଜଗୋପାଳ ପାଣିଗ୍ରାହୀଙ୍କ ସମେତ ଗ୍ରାମର ମହିଳାମାନେ ଯାଇ ଦାବିପତ୍ର ପ୍ରଦାନ କରିଛନ୍ତି।

# କଂସ ଦରବାର ପାଇଁ ମହାରାଜା ବରଣ



ଖଣ୍ଡହତାରେ କଂସ ଦରବାର ପାଇଁ ମହାରାଜା ବରଣ କରାଯାଉଛି।

ଅମରପାଲି,୨୫।୯(ପୀତାମ୍ବର ସାହୁ)

**୮ ଦିନ ଧରି ହେବ ଗଜଲକ୍ଷ୍ମୀ ପୂଜା ମହୋତ୍ସବ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତାରେ ଆସନ୍ତା ଅକ୍ଟୋବର ୬ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ହେବ ୧୭ତମ ଗଜଲକ୍ଷ୍ମୀ ପୂଜା। ଏହି ଉପଲକ୍ଷେ ପ୍ରତ୍ୟହ ରାତ୍ରିରେ ହେବ କଂସ ମହାରାଜାଙ୍କ ଦରବାର। ଏଥିରେ ଚଳିତବର୍ଷ କଂସ ଭୂମିକାରେ ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଆରିଗାଁର ପ୍ରସିଦ୍ଧ ମଞ୍ଚ କଳାକାର ଗୋପାଳ ଦାସ କଂସ ଭୂମିକାରେ ଅଂଶ ଗ୍ରହଣ କରିବେ। ଏଥିପାଇଁ ଗୁରୁବାର କଂସ ମହାରାଜ ବରଣ କରାଯାଇଛି। ମହାରାଜାଙ୍କ ନିଜ ବାସ ଭବନରେ ତାଙ୍କୁ ନଡ଼ିଆ,ଉତ୍ତରୀୟ ଦେଇ ବରଣ କରାଯାଇଛି। ଖଣ୍ଡହତା ଗଜଲକ୍ଷ୍ମୀ ପୂଜା କମିଟିର ସଭାପତି ରୁଦ୍ରପ୍ରକାଶ ମିଶ୍ରଙ୍କ ସମେତ ମଧୁସୂଦନ ମହାକୁର, ସୁଭାଷ ପଧାନ,ସୀତାକାନ୍ତ ଭୋଇ,ସୁଶାନ୍ତ କର୍ଣ୍ଣ, ବାବୁଲୁ ପଧାନ, ବାଦଲ ଭୋକ୍ରା,ସୁଶିଲ ଭୋକ୍ରା,ସୁଦାମ କର୍ମୀ, ମୁରଲି ପଧାନ,ହିମାଂଶୁ କର୍ମୀ,ପୂର୍ଣ୍ଣଚନ୍ଦ୍ର ନାଏକ, ଟିକେଇ କର୍ମୀ,ଦଶରଥ ପଧାନ ପ୍ରମୁଖ କର୍ମକର୍ତ୍ତା ମହାରାଜ ବରଣ କରିଥିଲେ।

# ଘରୋଇ ହିଂସାରୁ ମହିଳାଙ୍କୁ ସୁରକ୍ଷା ନେଇ ତାଲିମ ଶିବିର

ସୋନପୁର,୨୫।୯(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ଓ ଜିଲା ପ୍ରଶାସନ ଦ୍ୱାରା ଘରୋଇ ହିଂସାରୁ ମହିଳାମାନଙ୍କୁ ସୁରକ୍ଷା ଅଧିନିୟମ -୨୦୦୫ ସମ୍ବନ୍ଧୀୟ ଜିଲାସ୍ତରୀୟ ତାଲିମ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସୋନପୁର ବ୍ଲକ ମିଶନ ଶକ୍ତି ଭବନ ପରିସରରେ ଏହି ତାଲିମ ଶିବିର ଆୟୋଜନ ହୋଇଥିଲା। ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଘରୋଇ ହିଂସାରୁ ମହିଳାମାନଙ୍କୁ ସୁରକ୍ଷା ଓ ଏଥିପାଇଁ ଥିବା ଆଇନ ସମ୍ପର୍କରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବରେ ଜିଲା କିଶୋର ନ୍ୟାୟ ବୋର୍ଡର ସଦସ୍ୟା ରଞ୍ଜିତା ସାହୁ ଓ ଜିଲା ନିଯୋଜନ ଓ ଦକ୍ଷତା ବିକାଶ ଅଧିକାରିଣୀ ସଞ୍ଜୁ କୁମାରୀ ସାହୁ ଯୋଗଦାନ କରିଥିଲେ। ଜିଲା ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଶଙ୍କର୍ଷଣ ପଣ୍ଡା, ସଦସ୍ୟ ହେମନ୍ତ କୁମାର ସା, ଶିଶୁ ସହାୟତା ହେଲ୍ପ ଲାଇନ ସଂଯୋଜକ ଏସ.କେ. ମିଶ୍ର, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସଂଯୁକ୍ତା ମାଝୀ ଓ ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀଙ୍କ ସମେତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୁପରଭାଇଜର ଓ ଅଙ୍ଗନବାଡ଼ି କର୍ମୀମାନେ ଉପସ୍ଥିତ ଥିଲେ। ଏହି ତାଲିମ ଶିବିରକୁ ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟର ଶିଶୁ ସୁରକ୍ଷା ଅଧିକାରୀ ବାସନ୍ତୀ ଭୋଇ ପରିଚାଳନା କରିଥିଲେ।

# ଦୀନ ଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ

ବିନିକା,୨୫ ।୯(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସ୍ପୋର୍ଟ୍ସ କ୍ଲବ ସଭାଗୃହରେ ଗୁରୁବାର ସନ୍ଧ୍ୟାରେ ଭାଜପା ନଗର ସଭାନେତ୍ରୀ ଚନ୍ଦ୍ରମା ଅଗ୍ରୱାଲାଙ୍କ ଅଧକ୍ଷତାରେ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ସାଧାରଣ ସମ୍ପାଦକ ବିଶ୍ୱମ୍ବର ମିଶ୍ର, ମୁଖ୍ୟବକ୍ତା ଭାବେ ପୂର୍ବତନ ନଗରପାଳ ଉସତ କର, ସ୍ୱତନ୍ତ୍ର ଅତିଥି ଭାବେ ଜିଲା ଯୁବମୋର୍ଚ୍ଚା ସମ୍ପାଦକ ସୋମ୍ୟରଞ୍ଜନ ନାଏକ, ସମ୍ମାନିତ ଅତିଥି ଭାବେ ଚରଦେଇ ନଗର ମଣ୍ଡଳ ସଭାପତି ଉଦ୍ଧବ ମହାକୁଡ଼ ଯୋଗଦେଇ ଦୀନ ଦୟାଲଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ନଗର ସମ୍ପାଦକ ଭୁବନେଶ୍ୱର ପାତ୍ର, ମଞ୍ଚ ପରିଚାଳନା କରିଥିଲେ। ଏସଟି ସଭାପତି କରଞ୍ଜିତ ଭୋଇ ଧନ୍ୟବାଦ ଦେଇଥିଲେ। ଜୟନ୍ତୀରେ ବରିଷ୍ଠ କର୍ମକର୍ତ୍ତା ଜୟଦେବ ହରି, ରଞ୍ଜନ ଦୀପ, ପ୍ରଦ୍ୟୁମ୍ନ ମାହାଣାଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ।

# ତରଭା ଷ୍ଟେଟ୍ ବ୍ୟାଙ୍କର ସାମାଜିକ ଦାୟିତ୍ୱ କାର୍ଯ୍ୟକ୍ରମ

ତରଭା,୨୫।୯(ମାନଭଞ୍ଜନ ମିଶ୍ର)




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଭାରତୀୟ ଷ୍ଟେଟ ବ୍ୟାଙ୍କ ତରଭା ଶାଖା ତରଫରୁ ଗୁରୁବାର ଶିତୁଲା ସକ୍ଷମ ନଗରରେ ଥିବା ଅନ୍ଧ,ମୁକ- ବଧିର ବିଦ୍ୟାଳୟରେ ବ୍ୟାଙ୍କର ସାମାଜିକ ଦାୟିତ୍ୱ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଷ୍ଟେଟବ୍ୟାଙ୍କ ବରଗଡ଼ର ରିଜିଓନାଲ ମ୍ୟାନେଜର ମଧୁସୂଦନ ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଚିତ୍ତରଞ୍ଜନ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗଙ୍କ ନିକଟରେ ଥିବା ଦିବ୍ୟଗୁଣକୁ ଚିହ୍ନି ଶିକ୍ଷକମାନେ ସେହି ପ୍ରତିଭାକୁ ବିକଶିତ କରିବାକୁ ଆହ୍ୱାନ କରିଥିଲେ। ମୁଖ୍ୟଅତିଥି ଭାବେ ସୋନପୁର ଜିଲାପାଳ ଡ଼.ନୃପରାଜ ସାହୁ ଯୋଗଦେଇ ତାଙ୍କର ବକ୍ତବ୍ୟରେ ଏହି ବିଦ୍ୟାଳୟ ଉଚିତ୍ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛି। ଆଗାମୀ ଦିନରେ ଏହି ବିଦ୍ୟାଳୟକୁ ନ୍ୟାୟ ଦେବାକୁ ଚେଷ୍ଟା କରାଯିବ ବୋଲି କହିଥିଲେ। ପ୍ରାରମ୍ଭରେ ଷ୍ଟେଟବ୍ୟାଙ୍କ ତରଭା ଶାଖାର ପରିଚାଳକ ସୁଶାନ୍ତ କୁମାର ସାହୁଙ୍କ ଦ୍ୱାରା ଅତିଥି ପରିଚୟ ପ୍ରଦାନ କରାଯାଇଥିଲା। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ କମିଟିର ସଭାପତି ତଥା ତରଭା ପଞ୍ଚାୟତ ସମିତି ଅଧକ୍ଷ ସରୋଜ କମ୍ପ ବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ ପାଇଁ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ରଣା ବିବରଣୀ ପାଠ କରି କହିଥିଲେ ୧୯୯୮ ମାର୍ଚ୍ଚ ୨୫ ତାରିଖରେ ତରଭା ମାରୱାଡି ପଡାର ଏକ ଭଡାଘରେ ଆରମ୍ଭ ହୋଇଥିବା ଏହି ଆବାସିକ ବିଦ୍ୟାଳୟ ଏବେ ଶିତୁଲା ସକ୍ଷମ ନଗରରେ ନିଜସ୍ୱ କୋଠାରେ ବିଭିନ୍ନ ଅଞ୍ଚଳର ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରି ସେମାନଙ୍କ ଭବିଷ୍ୟତ ଗଢୁଛି। ହେଲେ କୌଣସି ସରକାରୀ ସାହାଯ୍ୟ ପାଇ ପାରିନାହିଁ । ଜନସାଧାରଣଙ୍କ ସହଯୋଗରେ ଏହା ଚାଲିଛି। ୨୦୧୨ରୁ ୨୦୧୬ ପର୍ଯ୍ୟନ୍ତ ଏହି ବିଦ୍ୟାଳୟକୁ ମଧାହ୍ନ ଭୋଜନ କାର୍ଯ୍ୟକ୍ରମରେ ସାମିଲ କରାଯାଇଥିଲା ହେଲେ ପରେ ବନ୍ଦ କରି ଦିଆଯାଇଛି। ବିଦ୍ୟାଳୟକୁ ମଧାହ୍ନ ଭୋଜନ କାର୍ଯ୍ୟକ୍ରମରେ ସାମିଲ କରାଯିବା ସହ ସରକାରୀ ମାନ୍ୟତା ପ୍ରଦାନ କରିବାକୁ ଜିଲାପାଳଙ୍କୁ ନିବେଦନ କରିଥିଲେ। ସଭାପତି ରିଜିଓନାଲ ମ୍ୟାନେଜର ରଥ ତାଙ୍କ ବକ୍ତବ୍ୟରେ ଭାରତୀୟ ଷ୍ଟେଟବ୍ୟାଙ୍କ କେବଳ ଏକ ବ୍ୟବସାୟିକ ସଂସ୍ଥା ନୁହେଁ ଏହା ରାଷ୍ଟ୍ରର ସାମଜିକ ବିକାଶ ଯେଭଳି ଶିକ୍ଷା,ସ୍ୱାସ୍ଥ୍ୟସେବା, ଗ୍ରାମାଞ୍ଚଳ ବିକାଶ, ପରିବେଶ ସୁରକ୍ଷା, ସାଂସ୍କୃତିକ ଐତିହ୍ୟ ରକ୍ଷଣ ଓ ମହିଳା ସଶକ୍ତିକରଣ ପାଇଁ କାର୍ଯ୍ୟ କରିଥାଏ ବୋଲି କହିଥିଲେ। ବିଦ୍ୟାଳୟର ଅନ୍ତେବାସୀଙ୍କ ପାଇଁ ବ୍ୟାଙ୍କ ତରଫରୁ ଯୋଗାଇ ଦିଆଯାଇଥିବା ଗୋଟିଏ ଫ୍ରିଜ, ଜଳ ବିଶୋଧନ ଯନ୍ତ୍ର (ଆରଓ)ଓ ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ପାଠ୍ୟପୋକରଣ ଜିଲାପାଳଙ୍କ ଉପସ୍ଥିତିରେ ପ୍ରଧାନ ଶିକ୍ଷକ ରଣାଙ୍କୁ ପ୍ରଦାନ କରାଯାଇଥିଲା। ଶେଷରେ ବ୍ୟାଙ୍କର ଏଲଡିଏମ କାର୍ତ୍ତିକେଶ୍ୱର ପଣ୍ଡା ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର

ଡୁଙ୍ଗୁରିପାଲି,୨୫।୯(ଦୀନବନ୍ଧୁ ସୁନା)



ଜନଶୁଣାଣି ଶିବିରରେ ଉପସ୍ଥିତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ବୃନ୍ଦ।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସଭାଗୃହରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ଜନଶୁଣାଣି ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି । ବିଡ଼ିଓ ଦିଲୀପ କୁମାର ବାଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ୨୦୨୫-୨୬ ଆର୍ଥିକ ବର୍ଷରେ ସମ୍ପାଦିତ ସମସ୍ତ କାର୍ଯ୍ୟର ସବିଶେଷ ବିବରଣୀ ପ୍ରଦାନ କରାଯାଇଥିଲା । ଏପିଓ ପ୍ରଦ୍ୟୁମ୍ନ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରି ଏହି ଆର୍ଥିକ ବର୍ଷର କାର୍ଯ୍ୟ ଖସଡ଼ା ବିବରଣୀ ପାଠ କରିଥିଲେ । ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ସୁବର୍ଣ୍ଣପୁର ଅଶ୍ୱିନୀ କୁମାର ମେହେର ନୋଡାଲ ଅଧିକାରୀ ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ । ସୁବର୍ଣ୍ଣପୁର ଜିଲା ପରିଷଦ ଅଧକ୍ଷା ସୁପାର ଠେଲା, ଡୁଙ୍ଗୁରିପାଲି ବ୍ଲକ ଉପାଧକ୍ଷ ମକରଧ୍ୱଜ ସାହୁ, ଜିଲା ସୋସିଆଲ ଅଡିଟର ହୃଷୀକେଶ ମହାକୁର, ରାମପୁର ଜୋନ ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ଭୋଇ, ଭାରପ୍ରାପ୍ତ ଏଇ ସରୋଜ କୁମାର ସାହୁ , ବ୍ଲକ ଯୋଗାଣ ନିରୀକ୍ଷକ ସୁବ୍ରତ ପାଣି, ସିଡିପିଓ ମୌସୁମୀ ମାଇଟି, ବ୍ଲକ ଜନଶୁଣାଣି କମିଟିର ସଦସ୍ୟମାନେ ମଞ୍ଚାସୀନ ଥିଲେ। ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ମେହେର ୧୦୦ ଦିନର କାମ ସହ ୩୬୫ଦିନର ଜୀବନ ଜୀବିକା ସୁରକ୍ଷାକୁ ନିଶ୍ଚିତ କରିବା ଏହି ଯୋଜନାର ଉଦ୍ଦେଶ୍ୟ ବୋଲି କହିଥିଲେ। ଏଥିସହ ଯୋଜନାର ସଫଳ ରୂପାୟନ ପାଇଁ ଜନସାଧାରଣ, ଜନପ୍ରତିନିଧି, ବିଭାଗୀୟ ଅଧିକାରୀଙ୍କ ମିଳିତ ପ୍ରଚେଷ୍ଟା ଅତ୍ୟନ୍ତ ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ । ବ୍ଲକ ସାମାଜିକ ସମୀକ୍ଷକ ଅଧିକାରୀ ସଞ୍ଜୟ କୁମାର ବଡମାଲି ସମୀକ୍ଷା ସମୟରେ ଦୃଷ୍ଟିକୁ ଆସିଥିବା ୨୪୫ ଗୋଟି ତ୍ରୁଟି ଓ ଅନିୟମିତତାର ବିବରଣୀ ଉପସ୍ଥାପନା କରିଥିଲେ । ଲାଇନ ଡିପାର୍ଟମେଣ୍ଟ ଯଥା ମୃତ୍ତିକା ସଂରକ୍ଷଣ, ବନ ବିଭାଗ, କେନାଲ ଡିଭିଜନ ବିଭାଗର ଅଧିକାରୀମାନେ ନିଜ ବିଭାଗର ବିବରଣୀ ଉପସ୍ଥାପନା କରିଥିଲେ। ପିଇଓ, ଜିଆରଏସ, ନିର୍ବାହୀ ଅଧିକାରୀ, ବ୍ଲକସ୍ତରୀୟ ସମସ୍ତ ଅଧିକାରୀ, ଜଙ୍ଗଲ ବିଭାଗ, ଉଦ୍ୟାନ ବିଭାଗ, ସ୍ୱେଚ୍ଛାସେବୀ, ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଗଣମାଧ୍ୟମ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ୨୦୨୫-୨୬ବର୍ଷରେ ଡୁଙ୍ଗୁରିପାଲି ବ୍ଲକର ୨୬ଟି ପଞ୍ଚାୟତରେ ୨୩ ହଜାର ୧୯୭ ପରିବାର ଏହି ଯୋଜନାରେ ନାମ ପଞ୍ଜୀକରଣ କରିଥିବା ବେଳେ ସମସ୍ତ ପରବାରଙ୍କୁ ଜବ୍‌କାର୍ଡ ପ୍ରଦାନ କରାଯାଇଥିଲା। ବ୍ଲକର ୭୦୦୬ ଜଣ ଶ୍ରମିକ କାମ କରିବା ପାଇଁ ଆବେଦନ କରିଥିଲେ। ସେଥିମଧ୍ୟରୁ ୭୦୦୪ ଜଣ ଶ୍ରମିକ କାମରେ ଯୋଗଦେଇଥିବା ବେଳେ ୨୬୦୯୪୧ ଶ୍ରମ ଦିବସ ସୃଷ୍ଟି ହୋଇଥିଲା । ଏହି ଯୋଜନାରେ ୨୮୨୮ଗୋଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୧୦୫ଟି ପରିବାର ୧୦୦ ଦିନର କାମ କରି ଶ୍ରମଦିବସ ସୃଷ୍ଟି କରିଥିଲେ। ବ୍ଲକରେ ଏ ବାବଦରେ ୯ କୋଟି ୧ ଲକ୍ଷ ୬୪ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ନୋଡାଲ ଅଧିକାରୀ ମେହେର ପ୍ରକଳ୍ପଗୁଡିକର ସମୀକ୍ଷା କରିଥିଲେ। ଶେଷରେ ବିଡ଼ିଓ ବାଡା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ୧୦ ଲକ୍ଷ ଟଙ୍କାର ବେଆଇନ ବାଣ ଜବତ

**ରାଜଗାଙ୍ଗପୁର ୨୫।୯(ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ପୋଲିସ ଦ୍ୱାରା ଗୁରୁବାର ରାତିରେ ୧୦ ଲକ୍ଷ ଟଙ୍କାର ବେଆଇନ ବାଣ ଜବତ କରାଯାଇଛି। ସୂଚନା ମୁତାବକ, ରାଜଗାଙ୍ଗପୁର ସହରର ବଗିଚାପଡାର ଅମର ରାମ ଓ ବିନାଦେବି ରାମଙ୍କ ଗୋଦାମରେ ବେଆଇନ ବାଣ ଥିବାର ଖବର ରାଜଗାଙ୍ଗପୁର ପୋଲିସ ବିଶ୍ୱସ୍ତ ସୂତ୍ରରୁ ପାଇ ଗୁରୁବାର ଚଢାଉ କରିଥିଲା। ଗୋଦାମରେ ଥିବା ବିଭିନ୍ନ ପ୍ରକାର ବେଆଇନ ବାଣ, ଯାହାର ଓଜନ ୧୧୦୦ କେଜି ହେବ ଓ ଆନୁମାନିକ ବଜାର ଦର ୧୦ ଲକ୍ଷ ଟଙ୍କା ହେବ ଜବତ କରି ଥାନାକୁ ଆଣିଥିଲା। ଏହି ସଂକ୍ରାନ୍ତରେ ରାଜଗାଙ୍ଗପୁର ଥାନାରେ କେସ ନମ୍ବର ୫୦୪/୨୫ ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

### ଭାଲୁ ଆକ୍ରମଣରେ ମହିଳା ଗୁରୁତର

**ନୂଆପଡ଼ା,୨୫।୯ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ଢୋର୍ଲାମୁଣ୍ଡା ଗାଁରେ ଜଙ୍ଗଲି ଭାଲୁ ଆକ୍ରମଣରେ ଗୁରୁବାର ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଘରମଣି ରାଉତ (୪୦)। ସୂଚନା ଅନୁଯାୟୀ ଢୋର୍ଲାମୁଣ୍ଡା ଗାଁ ଲୋକମାନଙ୍କ ସହ ମିଶି ଘରମଣି ସ୍ଥାନୀୟ ଡଙ୍ଗର ସଂରକ୍ଷିତ ଜଙ୍ଗଲକୁ ଛେଳି ଚରାଇବା ପାଇଁ ଯାଇଥିଲେ। ଅପରାହ୍ନ ୨ଟା ସମୟରେ ଜଙ୍ଗଲ ଭିତରୁ ଏକ ଭାଲୁ ଆସି ଅତର୍କିତ ଭାବରେ ତାଙ୍କୁ ଆକ୍ରମଣ କରିଥିଲା। ଚିତ୍କାର ଶୁଣି ସାଥି ଛେଳି ଚରାଳିମାନେ ଦୌଡି ଆସି ଭାଲୁକୁ ଜଙ୍ଗଲକୁ ଘଉଡାଇଥିଲେ।



ସୁନ୍ଦରଗଡ ରୋଟାରୀ କ୍ଲବ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ

## ରୋଟାରୀ କ୍ଲବ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

**ସୁନ୍ଦରଗଡ,୨୫।୯(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ରୋଟାରୀ କ୍ଲବ ପକ୍ଷରୁ ବୁଧବାର ସନ୍ଧ୍ୟାରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଜିଲା ଚିକିତ୍ସାଳୟ ମାର୍ଗ ସ୍ଥିତ ପାର୍ବତୀ ରେସିଡେନ୍ସି ସଭାଗୃହରେ ରୋଟାରି କ୍ଲବ, ସୁନ୍ଦରଗଡ ଟାଉନର ସଦସ୍ୟମାନଙ୍କ ଦ୍ୱାରା ଆୟୋଜିତ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ରୋଟାରିଆନ ଡାକ୍ତର ଚିରବ୍ରତ ଦତ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମାରୋହରେ ସୁନ୍ଦରଗଡ ପୌରାଧ୍ୟକ୍ଷା ତନୟା ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ନୂଆଁଖାଇର ମହତ୍ତ୍ୱ ଏବଂ ରୋଟାରୀ ସଂସ୍ଥାର ସେବାକାର୍ଯ୍ୟର ଭୂୟସୀ ପ୍ରସଂଶା କରିଥିଲେ। ସଭାପତି ଦତ୍ତ ତାଙ୍କର ଅଭିଭାଷଣରେ ନୂଆଁଖାଇର ସାମାଜିକ ଭାଇଚାରା ଓ ସାଂସ୍କୃତିକ ଭାବଧାରାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ରୋଟାରୀ ପରିବାରର ମହିଳା ସଦସ୍ୟମାନଙ୍କ ଦ୍ୱାରା ଚିତ୍ତାକର୍ଷକ କ୍ରୀଡାର ଆୟୋଜନ କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ କ୍ଲବ ସଦସ୍ୟଙ୍କ ଦ୍ୱାରା ଏକ ରଙ୍ଗାରଙ୍ଗ ଗୀତ ଓ ନୃତ୍ୟର କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କ୍ଲବ ସମ୍ପାଦକ ରୋଟାରିଆନ ଦୀନବନ୍ଧୁ ଭିତ୍ରିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତେ ମିଳିମିଶି ପାରମ୍ପରିକ ପିଠାପଣା ଓ ନୈଶ୍ୟ ଭୋଜନରେ ସମ୍ମିଳିତ ହୋଇଥିଲେ।

# ରୋଗୀଙ୍କ ୨ ସମ୍ପର୍କୀୟ ଗିରଫ

**ସୁନ୍ଦରଗଡ,୨୫।୯(ଜୟ ନାରାୟଣ ମେଣ୍ଡୁଲି)**

**ସୁନ୍ଦରଗଡ଼ ମେଡ଼ିକାଲ କଲେଜରେ ଡାକ୍ତରଙ୍କୁ ମାଡ଼ ଘଟଣା**

ସୁନ୍ଦରଗଡ ସରକାରୀ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ବୁଧବାର ରାତିରେ କାଜୁଆଲିଟି ବିଭାଗରେ କାର୍ଯ୍ୟରତ ଜଣେ ଡାକ୍ତରଙ୍କୁ ମାଡ ମାରିବା ଘଟଣାରେ ଟାଉନଥାନା ପୋଲିସ ଗୁରୁବାର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ କିଞ୍ଜିରିକେଲା ଥାନା ଅନ୍ତର୍ଗତ ଟାଙ୍ଗରଯୋର ଗ୍ରାମର ଭୂପତି ନାଏକ(୫୨) ଓ ସଦର ଥାନା ଅନ୍ତର୍ଗତ ସମରଡିହି ଗ୍ରାମର ପ୍ରଫୁଲ୍ଲ କୁମାର ନାଏକ(୩୨)। ଏମାନେ ରୋଗୀଙ୍କ ସମ୍ପର୍କୀୟ ହୋଇଥିବା ଜଣାପଡିଛି। ସୁନ୍ଦରଗଡ ଟାଉନ ଥାନାରେ କେସ୍ ନଂ.୪୩୦/୨୫ରେ ଏକ ମାମଲା ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ବୁଧବାର ରାତି ପ୍ରାୟ ୮ଟା୩୦ରେ କାଜୁଆଲିଟିକୁ ଭୂପତି ଓ ପ୍ରଫୁଲ୍ଲ ତାଙ୍କର ଜଣେ ସମ୍ପର୍କୀୟ ରୋଗୀଙ୍କ ହେଲଥ ଚେକ ଅପ ପାଇଁ ଆସିଥିଲେ। ସେଠାରେ ଥିବା ଡାକ୍ତର ଚନ୍ଦ୍ର ଶେଖର ସୁବୁଦ୍ଧିଙ୍କୁ ଗାଳିଗୁଲଜ ସହ ସାର୍ଟ କଲର ଟାଣି ଆକ୍ରମଣ କରି ମାଡ ମାରିଥିଲେ। ଏହାପରେ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ କାର୍ଯ୍ୟରତ ଡାକ୍ତର ଓ ପାରା ମେଡ଼ିକାଲ ଷ୍ଟାଫଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। କାର୍ଯ୍ୟରତ ଡାକ୍ତର ଓ ପାରା ମେଡ଼ିକାଲ ଷ୍ଟାଫଙ୍କୁ ସୁରକ୍ଷା ଓ ଅଭିଯୁକ୍ତ ମାନଙ୍କ ଗିରଫ ଦାବିରେ ସେମାନେ କିଛି ସମୟ ଧରି କାର୍ଯ୍ୟ ବନ୍ଦ କରି ଘଟଣା ସଂକ୍ରାନ୍ତରେ ପୋଲିସକୁ ଅବଗତ କରିଥିଲେ। ସୁନ୍ଦରଗଡ ଏସପିଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଏସପି ଏସଏନ ସାମଦଙ୍କ ନେତୃତ୍ୱରେ ଏକ ପୋଲିସ ଅଧିକାରୀଙ୍କ ଟିମ ସରକାରୀ ମେଡ଼ିକାଲ କଲେଜ ହସ୍ପିଟାଲରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲେ। ଆକ୍ରମଣର ଶୀକାର ହୋଇଥିବା ଡାକ୍ତର ସୁବୁଦ୍ଧିଙ୍କ ଏତଲା ଉପରେ ପୋଲିସ ମାମଲା ରୁଜୁ କରି ତୁରନ୍ତ ୨ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଡାକ୍ତର, ପାରା ମେଡ଼ିକାଲ ଷ୍ଟାଫ ଓ ରୋଗୀଙ୍କ ସୁରକ୍ଷା ସମ୍ବନ୍ଧରେ ଅତିରିକ୍ତ ଏସପି ସାମାଦ ସୁପରିଟେଣ୍ଡେଣ୍ଟ, ଡାଇରେକ୍ଟର, ଡାକ୍ତର, ଛାତ୍ରୀ ଛାତ୍ରସ ଓ ପାରାମେଡିକାଲ ଷ୍ଟାଫ ଙ୍କ ଆଲୋଚନା କରି ସେମାନଙ୍କ ଦାବି ମୁତାବକ ସରକାରୀ ମେଡ଼ିକାଲ କଲେଜ ଓ ହସପିଟାଲରେ କ୍ୟାମ୍ପସରେ ସୁରକ୍ଷା ବ୍ୟବସ୍ଥା ପାଇଁ ସ୍ୱତନ୍ତ୍ର ପୋଲିସ ମୃତୟନ,ପାଟ୍ରୋଲିଂ ବ୍ୟବସ୍ଥା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

## ଭାଜପା ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ

**ସୁନ୍ଦରଗଡ,୨୫।୯(ଜୟ ନାରାୟଣ ମେଣ୍ଡୁଲି)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମ ଦିବସ ପୂର୍ତ୍ତି ଉପଲକ୍ଷେ ସେପ୍ଟେମ୍ବର ୧୭ ତାରିଖ ଠାରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସେବାପକ୍ଷ ଚାଲୁଅଛି। ଏହି ଅବସରରେ ବୁଧବାର ସୁନ୍ଦରଗଡ଼ ସାଂଗଠନିକ ଜିଲା ପକ୍ଷରୁ ବୁଧବାର ଜିଲା କାର୍ଯ୍ୟାଳୟ ଭୋଜପୁର ଠାରେ ଜିଲା ସଭାପତି ଗିରୀଶ ସାହୁଙ୍କ ଅଧ୍ୟକ୍ଷତାରେ ବୁଦ୍ଧିଜୀବୀ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ଜାତୀୟ ପରିଷଦ ସଭ୍ୟ ପ୍ରେମସାଗର ଓରାମ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଟକିଶୋର ମିଶ୍ର, ପୂର୍ବତନ ବିଧାୟିକା କୁସୁମ ଟେଟେ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ସେବାପକ୍ଷ ଜିଲା ସହ ସଂଯୋଜକ ନରସିଂହ ମିଞ୍ଜ, ଜିଲା ସାଧାରଣ ସମ୍ପାଦକ ତଥା ସେବାପକ୍ଷ ଜିଲା ସଂଯୋଜକ ଅମୀର ନାଏକ, ଜିଲା ଉପସଭାପତି ସୁରେନ୍ଦ୍ର ଦେହୁରୀ, ସୁରେନ୍ଦ୍ର ଭିତ୍ରିଆ, ଗୁଲସନ ବରୁଆ, ମହିଳାନେତ୍ରୀ ଯଶନ୍ତି ଏକ୍କା, ଶକୁନ୍ତଳା କାଲୋ, ମୋନାଲିସା ପଣ୍ଡା, କାନାନବାଳା ବେହେରା, ଚନ୍ଦ୍ରମା ମେହେର, ହରିପ୍ରିୟା ପଟେଲ, କାଜଳ ସାହୁ, ଗାୟତ୍ରୀ ଶର୍ମା, ମଣ୍ଡଳ ସଭାପତି ଲକ୍ଷ୍ମୀକାନ୍ତ ସାହୁ, ଦେବବ୍ରତ ଛଛାନ, ନରେଶ ପୁରୋହିତ, ନଳିନ ପଟେଲ, ଦୀପକ ଏକ୍କା, ଦିଲୀପ ବ ନାଥଚରଣ ବେହେରା, ପ୍ରକାଶ ପଟେଲ, ଦୀପକ ସେଠ, ସୁମନ୍ତ ନାଏକ, ରିଙ୍କୁ ଦାଶ, କର୍ଣ୍ଣ ସିଂ, ସତ୍ୟବାନ ସା, ଲକ୍ଷ୍ମଣ ବୁଢାଙ୍କ ସମେତ ଜିଲା ଓ ମଣ୍ଡଳର ଶତାଧିକ ପଦାଧିକାରୀ, ନେତୃବୃନ୍ଦ, କର୍ମକର୍ତ୍ତା ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ବାଣ ଜବତ, ୨ ଗିରଫ

**ସୁନ୍ଦରଗଡ,୨୫।୯( ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଟାଉନଥାନା ପୋଲିସ ଗୁରୁବାର ସହରର ୨ଟି ବାଣଗୋଦାମରେ ବେଆଇନ ଭାବେ ଗଚ୍ଛିତ ଥିବା ଲକ୍ଷାଧିକ ଟଙ୍କା ମୂଲ୍ୟର ବାଣ ଜବତ କରିବା ସହିତ ୨ଜଣଙ୍କୁ ଗିରଫ କରିଛି। ଗିରଫ୨ବାଣ ବ୍ୟବସାୟୀ ହେଲେ ସୁନାରୀ ପଡାର ସୁଦୀପ କୁମାର ପାଲ(୬୨)ଓ ବ୍ରାହ୍ମଣ ପଡାର ବଜରଙ୍ଗ ଅଗ୍ରୱାଲ(୪୦)। ପୋଲିସ ସୁଦୀପଙ୍କ ନିକଟରୁ ୫୦ହଜାର ଟଙ୍କା ମୂଲ୍ୟର ୬କାର୍ଟୁନ ବାଣ ଜବତ କରିଛି। ସେହିପରି ବଜରଙ୍ଗଙ୍କ ନିକଟରୁ ୬୦ହଜାର ଟଙ୍କା ମୂଲ୍ୟର ୭କାର୍ଟୁନ ବାଣ ଜବତ କରାଯାଇଥିବା ନେଇ ସଦର ଏସଡିପିଓ ନିର୍ମଳ ମହାପାତ୍ର ସୂଚନା ଦେଇଛନ୍ତି। ଏନେଇ ଟାଉନଥାନାରେ କେସ୍ ନଂ. ୪୩୧/୨୫ ଓ ୪୩୨/୨୫ ରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି।

## ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ

**କୁତ୍ରା,୨୫।୯(ଦେବାଶିଷ ସାହୁ)**

କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ. ଶ୍ରୀକାନ୍ତ କୁମାର ଟପ୍ପୋଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଥିବା ବେଳେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପୌଷ୍ଟିକ ଆହାର ପ୍ରଦର୍ଶନୀ କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନାରୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ ପାଇଁ ଗୁରୁତ୍ୱ ଦେଇ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଜିଲାର ଭିନ୍ନ ଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ୩୨୩ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶେଷ ଅତିଥି ଭାବରେ କୁତ୍ରା ପଞ୍ଚାୟତ ସରପଞ୍ଚ ଭୁବନ କୁଜୁର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ପିଏଚଇଓ ଭାଦୁଆ ଓରାମ, ବିପିଏମ ସବିତା ପଟେଲ, ଏସଏ ପ୍ରମୋଦ କୁମାର ସ୍ୱାଇଁ ପରିଚାଳନା କରିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଆୟୋଜନରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅଙ୍ଗନୱାଡି କର୍ମୀ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧ୍ୟାପିକା, ଅଧ୍ୟାପକ।

## ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ

**ସୁନ୍ଦରଗଡ,୨୫।୯(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବୁଧବାର ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଆଲୋକ କୁମାର ନାଏକ ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଜାତୀୟ ସେବା ଯୋଜନାର ତାତ୍ପର୍ଯ୍ୟ ବିଷୟରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବରେ ଶିକ୍ଷକ ଶିକ୍ଷା ବିଭାଗର ସହକାରୀ ପ୍ରଫେସର ଗରୁଡେଶ୍ୱର ଦାସ ଯୋଗଦାନ କରିଥିଲେ। ଏହି ଦିବସ ଅବସରରେ ଏକ ରକ୍ତଦାନ ଶିବିର ମଧ୍ୟ ଆୟୋଜିତ ହୋଇଥିଲା। ସେହିପରି 'ସ୍ୱଚ୍ଛତା ହିଁ ସେବା' ଶୀର୍ଷକ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ସହକାରୀ ପ୍ରଫେସର ଅନୀତା କୁମାରୀ ପରଦା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସେକ୍‌ସନ ଅଫିସର ପ୍ରଦୀପ କୁମାର ବହିଦାର ପ୍ରତ୍ୟକ୍ଷଭାବେ ଅଂଶ ଗ୍ରହଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ, ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ, ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

## ଜର୍ଜ ତିର୍କୀଙ୍କ ପରିବାରକୁ ସମବେଦନା ଜଣାଇଲେ ପୂର୍ବତନମନ୍ତ୍ରୀ

**କୁଆଁରମୁଣ୍ଡା,୨୫।୯(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ ଜିଲାର ଲଢୁଆ ଆଦିବାସୀ ନେତା ତଥା ବୀରମିତ୍ରପୁରର ଲୋକପ୍ରିୟ ପୂର୍ବତନ ବିଧାୟକ ଦିବଂଗତ ଜର୍ଜ ତିର୍କୀଙ୍କ କୁଆଁରମୁଣ୍ଡାସ୍ଥିତ ବାସଭବନରେ ବୁଧବାର ଅପରାହ୍ନରେ ଓଡ଼ିଶାର ପୂର୍ବତନ ରାଜସ୍ୱ ମନ୍ତ୍ରୀ ତଥା ବିଜେଡି ନେତା ସୁଦାମ ମାରାଣ୍ଡି ପହଞ୍ଚି ଜର୍ଜଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହାସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତନା ଦେଇଥିଲେ।ଏହି ସମୟରେ ଜର୍ଜଙ୍କ ପତ୍ନୀ ନମିତା ତିର୍କୀ, ସାନ ପୁଅ ତଥା ବୀରମିତ୍ରପୁର ବିଧାୟକ ରୋହିତ ଜୋସେଫ ତିର୍କୀ,ବୋହୂ ପ୍ରୀତି ବାର୍ଲା,ଝିଅ ଶଶି ତିର୍କୀ ଓ ପୂର୍ବତନ ବିଧାୟକ ନିହାର ସୁରିନ, ବିଧାୟକ ରୋହିତଙ୍କ ପ୍ରତିନିଧି ମନୋଜ ଦାସ, ରାଜେଶ ଖାଲଖୋ, ରଞ୍ଜିତ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।



ଜର୍ଜ ତିର୍କୀଙ୍କ ବାସଭବନରେ ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ

**କୁତ୍ରା,୨୫।୯(ଦେବାଶିଷ ସାହୁ)**

କୁତ୍ରା ବ୍ଲକ ଅନ୍ତର୍ଗତ ବିରିଙ୍ଗାଟୋଲି ସ୍ଥିତ ହୃଦାନନ୍ଦ ଦାନୀ ଫାର୍ମାସୀ କଲେଜ ପକ୍ଷରୁ ଗୁରୁବାର ବିଶ୍ୱ ଫାର୍ମାସିଷ୍ଟ ଦିବସ ଅନୁଷ୍ଠାନର ପ୍ରିନ୍ସିପାଲ ଅଞ୍ଜୁଲତା ମଞ୍ଜରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିରିଙ୍ଗାଟୋଲି ବସ୍ତିରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇ ବିପି, ସୁଗାର, ବ୍ଲଡଗ୍ରୁପ ତଥା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। କଲେଜର ଛାତ୍ରୀ ମୋନାଲିସା ପୃଷେଟ, ସିକ୍ସିସ୍ମିତା ରାଉତ, ଠୁଲେସର ସିଂ ମହାପାତ୍ର ଓ ବୁବୁନ ନାଏକଙ୍କ ନେତୃତ୍ୱରେ ଏକ ସଚେତନତା ରାଲି କରି ଗ୍ରାମ ପରିକ୍ରମା କରିଥିଲେ। ଦୈନିକ ଔଷଧସେବନ, ଠିକ ଔଷଧ ବ୍ୟବହାର ଓ ସ୍ୱାସ୍ଥ୍ୟ ସଚେତନତା ବାବଦରେ ଲୋକମାନଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥିଭାବେ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଫାର୍ମାସିଷ୍ଟ ଇନ୍ଦୁମତୀ କିରୋ ଓ ରାଜେଶ୍ୱରୀ ବେହେରା ଯୋଗଦେଇ ଫାର୍ମାସିଷ୍ଟଙ୍କ କର୍ତ୍ତବ୍ୟ, ଧର୍ମ ବିଷୟରେ ଆଲୋକପାତ କରିଥିଲେ। କଲେଜ ତରଫରୁ ଉଭୟ ଅତିଥିଙ୍କୁ ଧନମନ୍ତରୀ ପୁରସ୍କାର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏହି ଅବସରରେ କଲେଜର ଚିନ୍ମୟ ଦ୍ୱିବେଦୀ, ମନୀଷା ପାତ୍ର, ସିଲିନା ମହନ୍ତୋ, ସୃଷ୍ଟି କାରିଗର, ନରୋତ୍ତମ ପ୍ରଧାନଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ରାସ୍ତାକଡ଼ରେ ପଡୁଛି ପାଉଁଶ: ଅତିଷ୍ଠ ହେଲେଣି ଲୋକେ

**କୁତ୍ରା,୨୫।୯(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ଅଞ୍ଚଳର ବିଭିନ୍ନ ସ୍ଥାନରେ ବେଆଇନ ପାଉଁଶ ପଡୁଛି। ପାଉଁଶ ବଳୟରେ ସାଧାରଣ ଲୋକେ ଅତିଷ୍ଠ ହୋଇପଡିଲେଣି। ବିଭିନ୍ନ କାରଖାନାରୁ ବାହାରୁ ଥିବା ଶହଶହ ଟ୍ରିପ ପାଉଁଶ ଗମାରଡି ଓ କୁରମୁରୁ ୧୦ ନମ୍ବର ରାଜ୍ୟରାଜପଥ କଡରେ ପଡୁଛି। ଫଳରେ ସେହି ବାଟ ଦେଇ ଯାଉଥିବା ଲୋକେ ଅସୁବିଧା ଭୋଗୁଛନ୍ତି। ଲୋକଙ୍କ ଦେହରେ କଳା ଆସ୍ତରଣ ପଡି ଯାଉଛି। ୨ ଚକିଆ ଗାଡିରେ ଯା' ଆସ କରୁଥିବା ଲୋକେ ନୟାନ୍ତ ହେଲେଣି। ବର୍ତ୍ତମାନ ବର୍ଷା ଯୋଗୁ ପାଉଁଶ ଧୋଇ ହୋଇ ନିକଟସ୍ଥ ଜମିକୁ ଯାଉଛି। ଫଳରେ ଚାଷ ଜମି କ୍ଷତିଗ୍ରସ୍ତ ହେଉଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ଆଖପାଖ ଗଛଲତାରେ କଳା ଆସ୍ତରଣ ପଡିଯାଇଛି। ଏଥିପ୍ରତି ପ୍ରଦୂଷଣ ବିଭାଗ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣ ଲୋକେ ଅନୁରୋଧ କରୁଛନ୍ତି।



ରାସ୍ତା କଡରେ ପାଉଁଶ ଗଦା।

## ଅପପୁଷ୍ଟି, ରକ୍ତହୀନତାମୁକ୍ତ ପଞ୍ଚାୟତ ଗଠନ ପାଇଁ ତାଲିମ

**କୁଆଁରମୁଣ୍ଡା,୨୫।୯(ମହେନ୍ଦ୍ର କୁମାର ସାହୁ)**

ତୃଣମୂଳସ୍ତରରୁ କିଭଳି ଜନସାଧାରଣ ସୁସ୍ଥ ଓ ନୀରୋଗ ଜୀବନଶୈଳୀ ଆପଣାଇପାରିବେ ସେଥିପାଇଁ ସେମାନଙ୍କୁ ସଚେତନ ଓ ପରାମର୍ଶ ଦେବା ପାଇଁ ଗୁରୁବାର ପଞ୍ଚାୟତ କର୍ମଚାରୀ, ସରପଞ୍ଚ, ଆଶା, ଅଙ୍ଗନୱାଡି କର୍ମୀଙ୍କୁ ନେଇ କୁଆଁରମୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶେଷ କରି ମହିଳା ଓ ପୁରୁଷମାନେ କିଭଳି ଅପପୁଷ୍ଟି ଓ ରକ୍ତହୀନତା ରୋଗର ଶିକାର ନ ହେବେ ସେଥିପାଇଁ ସରପଞ୍ଚ,ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏଡିଇଓ, ଆଶା, ଅଙ୍ଗନୱାଡି କର୍ମୀମାନଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି। ଏହି ଶିବିରରେ କୁଆଁରମୁଣ୍ଡା ବିଡିଓ ଡା. ଜଗଦୀଶ ଚନ୍ଦ୍ର ମହାନନ୍ଦ, ଏବିଡିଓ ପ୍ରଶାନ୍ତ କୁମାର ଜେନା, ଭାୱେଲ ସ୍ୱେଚ୍ଛାସେବୀ ସଙ୍ଗଠନ ସଞ୍ଚାଳିକା ସୁଦୀପ୍ତା ମହାନ୍ତି, ପିଇଓ ମନୋହର ଲାକ୍ରା, ରୋହିତ କିଣ୍ଡୋ ପ୍ରମୁଖ ମାଷ୍ଟର ଟ୍ରେନର ଭାବେ ଉପସ୍ଥିତ ରହି ତାଲିମ ପ୍ରଦାନ କରିଛନ୍ତି। ଏହି ଶିବିରରେ ବ୍ଲକର ସମସ୍ତ ୨୦ ଜଣ ସରପଞ୍ଚ,୧୫ ଏଡିଇଓ, ୯ ପିଇଓ,୧୦ ଆଶା, ୪୦ ଅଙ୍ଗନୱାଡି କର୍ମୀ ଅଂଶ ଗ୍ରହଣ କରିଥିଲେ।




ରକ୍ତହୀନତା ଓ ଅପପୁଷ୍ଟି ରୋଗ ନିରାକରଣ ତାଲିମ ଶିବିର।

## ସଂକ୍ଷେପରେ

### ନ୍ୟୁୟର୍କ ଫେଶନ ୱିକ୍‌ରେ ସମ୍ବଲପୁରର ଅଂଶୁମାନ



ସମ୍ବଲପୁର,୨୫।୯(ଭବାନୀ ଶଙ୍କର ଭୋଇ)

ନ୍ୟୁୟର୍କ ଫେଶନ ଉତ୍ସବରେ ମଡେଲ ଭାବେ ସମ୍ବଲପୁରର ଯୁବ ଇଞ୍ଜିନିୟର ଅଂଶୁମାନ ପଣ୍ଡା ସାମିଲ ହୋଇଛନ୍ତି। ସେ ବର୍ତ୍ତମାନ ଆମେରିକାର ନର୍ଥ କରୋଲିନାର ଏକ କମ୍ପାନୀରେ ଇଞ୍ଜିନିୟର ଭାବେ କାର୍ଯ୍ୟକରୁଥିବା ବେଳେ ତାଙ୍କର ମଡେଲିଂ ପ୍ରତି ଆକର୍ଷଣ ରହିଛି। ଯୁକ୍ତରାଷ୍ଟ୍ର ଆମେରିକାର ଗୋଥାମ ହଲରେ କିଛିଦିନ ତଳେ ଆୟୋଜିତ ନ୍ୟୁୟର୍କ ଫେଶନ ୱିକ୍‌ରେ ଭାରତୀୟ ବେଶଭୂଷା ସହ ରେମ୍ପୱାକ କରିଥିଲେ। ସମ୍ବଲପୁରୀ କପଡ଼ା ପ୍ରତି ଅହେତୁକ ରୁଚି ରହିଥିବା ଅଂଶୁମାନ ଅଳଙ୍କାରରେ ଭାରତୀୟ ଐତିହ୍ୟ ସଙ୍କଳନରେ ମଡେଲ ଭାବେ ସାମିଲ ହୋଇଥିଲେ। ଆର୍ନି ଜ୍ୱେଲରୀ ପକ୍ଷରୁ ଭାରତୀୟ ପାରମ୍ପରିକ ଅଳଙ୍କାରକୁ ନ୍ୟୁୟର୍କ ଫେଶନ ୱିକ୍‌ରେ ପ୍ରଦର୍ଶନ କରାଯାଇଥିଲା। ସୂଚନାଯୋଗ୍ୟ, ଅଂଶୁମାନ ହେଉଛନ୍ତି ସମ୍ବଲପୁର ବାସିନ୍ଦା ବିଶିଷ୍ଟ ସମ୍ବଲପୁରୀ କବି ତଥା ଗବେଷକ ଡ. ଶଶାଙ୍କ ଶେଖର ପଣ୍ଡାଙ୍କ ସୁପୁତ୍ର। ଆମେରିକାରେ ରହୁଥିଲେ ବି ସେ ନିଜର ସଂସ୍କୃତି ଏବଂ ପରମ୍ପରାକୁ ସେଠାରେ ପ୍ରଚାର କରିବା ଦିଗରେ ଚେଷ୍ଟା କରି ଆସୁଛନ୍ତି। ତାଙ୍କର ଏହି ଉପଲବ୍ଧି ନେଇ ସମ୍ବଲପୁରରେ ଖୁସି ପ୍ରକଟ କରାଯାଇଛି।

### ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ମୃତ

ଜମନକିରା,୨୫।୯(ରବୀନ୍ଦ୍ର ପ୍ରସାଦ ଦାନୀ)

ଜମନକିରା ଥାନା ଟିଁକିବା ପଞ୍ଚାୟତ ଅନ୍ତର୍ଗତ ରାଙ୍କୀବାହାଲ ଗ୍ରାମରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁବାର ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅର୍ଦ୍ଧାପାଲ ଗ୍ରାମର ନୀଳମଣି ଲୁହୁରା (୩୬)। ଏନେଇ ଜମନକିରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ପଦ୍ମାଳୟା ସାହୁ ପ୍ରକାଶ କରିଛନ୍ତି। ପୋଲିସର ସୂଚନା ଅନୁଯାୟୀ, ଅପରାହ୍ନ ସାଢ଼େ ୫ଟା ସମୟରେ ଅର୍ଦ୍ଧାପାଲ ଗାଁର ନୀଳମଣି କୌଣସି କାମରେ ରାଙ୍କିବାହାଲ ଗ୍ରାମ ଆଡ଼କୁ ଯାଇଥିଲେ। ରାସ୍ତାରେ ଯାଉଥିବା ସମୟରେ ରାସ୍ତାକଡରେ ପଡ଼ିଥିବା ଏକ ଶୁଖିଲା ଗଛ ଉପରେ ଛତୁ ଫୁଟିଥିବା ଦେଖି ଗଛ ଉପରକୁ ଚଢ଼ି ଛତୁ ତୋଳୁଥିବା ସମୟରେ ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିଲେ। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଶୁକ୍ରବାର ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।

# ସମ୍ବଲପୁରୀ ପୁରୁଣା ଭାଷା, ଏହାର ଇତିହାସ ରହିଛି

ସମ୍ବଲପୁର,୨୫।୯(ବି.ଶଙ୍କର)

**ସମ୍ବଲପୁରୀ ଭାଷାର ମାନ୍ୟତା ଲାଗି ବିଭିନ୍ନ ଅନୁଷ୍ଠାନର ବୈଠକ**

**ଭାଷା ପାଇଁ ସ୍ଥାନୀୟ ଜନ ପ୍ରତିନିଧି ସ୍ୱର ଉତ୍ତୋଳନ କରନ୍ତୁ**

ସମ୍ବଲପୁରୀ ଭାଷାର ଗୀତ ଓ ସାହିତ୍ୟ କୃତିକୁ ସମ୍ମାନଜନକ ପଦ୍ମଶ୍ରୀ ସମ୍ମାନ ମିଳି ସାରିଛି । ଏଥିସହ ଆକାଶବାଣୀ ଓ ଦୂରଦର୍ଶନ କେନ୍ଦ୍ରରୁ ସମ୍ବଲପୁରୀ ଖବର ମଧ ପ୍ରସାରିତ ହେଉଛି। ଓଡିଶା ପ୍ରଦେଶରେ ଓଡ଼ିଆ ଭାଷାକୁ ଛାଡ଼ିଦେଲେ ସମ୍ବଲପୁରୀ ଭାଷାରେ ସର୍ବାଧିକ ପୁସ୍ତକ ପ୍ରକାଶିତ ହୋଇଛି । ତେଣୁ ସମ୍ବଲପୁରୀ ଭାଷା ଏକ ସ୍ୱତନ୍ତ୍ର ଭାଷା ଅଟେ । ଏଭଳି ସ୍ଥଳେ କେନ୍ଦ୍ର ସରକାର ସମ୍ବଲପୁରୀ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସ୍ଥାନ ଦେବାରେ କୌଣସି ସମସ୍ୟା ରହିବ ନାହିଁ। ଏହି ଦାବିକୁ ବଳିଷ୍ଠ ଭାବେ ଉପସ୍ଥାପନ ପାଇଁ ଆଗାମୀ ଜନଗଣନା ସମୟରେ ନିଜର ମାତୃଭାଷାକୁ ସମ୍ବଲପୁରୀ ଭାବେ ଉଲ୍ଲେଖ କରିବା ପାଇଁ ସମସ୍ତଙ୍କୁ ସଚେତନ କରାଯାଉଛି। ପୂର୍ବରୁ ଦିଲ୍ଲୀର ଯନ୍ତରମନ୍ତରଠାରେ ମଧ ଆନ୍ଦୋଳନ ହୋଇସାରିଛି । ସଂପ୍ରତି ସମ୍ବଲପୁରୀ ଭାଷାର ମାନ୍ୟତା ପାଇଁ ସେହିଭଳି ଆନ୍ଦୋଳନର ଆବଶ୍ୟକତା ରହିଛି । ଏଥିରେ ସମସ୍ତଙ୍କ ସହଯୋଗ ଆବଶ୍ୟକ। ଖୁବ ଶୀଘ୍ର ସମସ୍ତ ଅନୁଷ୍ଠାନକୁ ନେଇ ଏକ ମିଳିତ ମଞ୍ଚ ଗଠନ କରାଯିବ। ବୁଧବାର ରାତିରେ ଓଡିଶା ସାଂସ୍କୃତିକ ଭବନଠାରେ ବିଭିନ୍ନ ଅନୁଷ୍ଠାନକୁ ନେଇ ଆୟୋଜିତ ବୈଠକ ତଥା ଆଲୋଚନା ଚକ୍ରରେ ମତ ପ୍ରକାଶ ପାଇଛି । ବରିଷ୍ଠ ନାଗରିକ ପ୍ରଫୁଲ୍ଲ ହୋତାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ପ୍ରାରମ୍ଭରେ ଓଡ଼ିଶା ସାଂସ୍କୃତିକ ସମାଜର ସମ୍ପାଦକ ଦୀନବନ୍ଧୁ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିଭାବେ ବିଶିଷ୍ଟ ନାଟ୍ୟକାର ଡ. ଦ୍ୱାରିକାନାଥ ନାୟକ ଯୋଗଦେଇ ସମ୍ବଲପୁରୀ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ ସମ୍ବଲପୁରୀ କଳା, ସଂସ୍କୃତି, ସାହିତ୍ୟ ଓ ତାର ଇତିହାସକୁ ନେଇ ସମ୍ପୂର୍ଣ୍ଣ ଦଲିଲ ପ୍ରସ୍ତୁତ କରିବା ଜରୁରୀ ଅଟେ । ଏହାପରେ ସରକାରଙ୍କୁ ଦଲିଲ ପ୍ରଦାନ କରିବାର ଆବଶ୍ୟକତା ରହିଛି । ଏହି ପ୍ରସଙ୍ଗରେ ସ୍ଥାନୀୟ ଜନ ପ୍ରତିନିଧି ମଧ ସ୍ୱର ଉତ୍ତୋଳନ କରନ୍ତୁ। ସମ୍ବଲପୁରୀ ଏକ ବହୁ ପୁରୁଣା ଭାଷା ଓ ଏହାର ଇତିହାସ ରହିଛି । ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପାଇଁ ଯୋଜନା ପ୍ରସ୍ତୁତି ସହ ବ୍ୟାପକ ଭାବେ ପର୍ଯ୍ୟାୟ କ୍ରମେ କେବଳ ସମ୍ବଲପୁରୀ କାର୍ଯ୍ୟକ୍ରମ କରାଯାଉ। ସେହିପରି ଭୁବନେଶ୍ୱରରେ ମଧ ଶାନ୍ତିପୂର୍ଣ୍ଣ ଧାରଣା ସହ ଦାବି ଉପସ୍ଥାପନ କରାଯାଉଛି । ସାହିତ୍ୟିକମାନେ ଅଧିକ ସକ୍ରିୟ ହେବା ଜରୁରୀ। ଏଥିସହ ଘରକୁ ଘର ସଚେତନତା ସୃଷ୍ଟି ପାଇଁ ଅଭିଭାବକମାନଙ୍କୁ ନେଇ ମଧ ଆଲୋଚନା କରଯିବା ବିଧେୟ। ସେହିପରି ଗବେଷଣା ପାଇଁ ସମ୍ବଲପୁରୀ ଭାଷା ସାହିତ୍ୟ ପ୍ରତିଷ୍ଠାନ କାର୍ଯ୍ୟକାରୀ ହେଉଛି । ପ୍ରତି ଗାଁରେ ସଚେତନତା ସୃଷ୍ଟି ପାଇଁ କାର୍ଯ୍ୟକ୍ରମ କରାଯାଉ ବୋଲି ମତ ପ୍ରକାଶ ପାଇଥିଲା । କଲମ ପରିବାର ଟ୍ରଷ୍ଟ ସଭାପତି ତଫିଜୁଲ ହୁସେନ୍ ଧନ୍ୟବାଦ ଦେଇଥିଲେ। ବୈଠକରେ ସମ୍ବଲପୁରୀ ସାହିତ୍ୟ ଏକାଡେମୀର ହେମକାନ୍ତ ସାହୁ, ଜୁହାର ପରିବାରର ଡ. ସତ୍ୟନାରାୟଣ ଠାକୁର, ଓଡ଼ିଶା ସାଂସ୍କୃତିକ ସମାଜର ପ୍ରଶାନ୍ତ ପାଟଯୋଶୀ, ସତ୍ୟନାରାୟଣ ବହିଦାର, ସାହିତ୍ୟ ପରିଷଦର ଆଭାଷ ପଣ୍ଡା ଓ ପ୍ରଭଞ୍ଜନ ପୁରୋହିତ, ପ୍ରଦୀପ କୁମାର ପଣ୍ଡା, ସମଲେଶ୍ୱରୀ ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ, ଅମୀର ଖୁସ୍ରୋ ଫାଉଣ୍ଡେଶନର ନାର୍ସି ଫରାଜ, ସମ୍ବଲପୁରୀ ଲେଖକ ସଂଘର ବିଭୂତି ଭୂଷଣ ମିଶ୍ର, କଲମ ପରିବାର ଟ୍ରଷ୍ଟର କ୍ଷେତ୍ରମଣି ବିଭାର ଓ ଜୟକୃଷ୍ଣ ବେହେରା, ଭାଷା ସଙ୍ଗମର ତ୍ରିଲୋଚନ ତ୍ରିପାଠୀ, ନାଟ୍ୟକଳା ପରିଷଦର ଡ.ସିଦ୍ଧାର୍ଥ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

# ପ୍ରଦର୍ଶିତ ହେଲା ୬୪ ଚିତ୍ରଶିଳ୍ପୀଙ୍କ ଚିତ୍ରକଳା



ଅତିଥିମାନେ ଚିତ୍ରକଳା ପ୍ରଦର୍ଶନୀ ଓ କର୍ମଶାଳା ଆବହନୀକୁ ଉଦ୍‌ଘାଟନ କରୁଛନ୍ତି।

ସମ୍ବଲପୁର,୨୫।୯(ବି.ଶଙ୍କର)

**ଚିତ୍ରକଳା ପ୍ରଦର୍ଶନୀ ଆବହନୀ ଉଦ୍‌ଘାଟିତ**

ଚିତ୍ରକଳା ପ୍ରଦର୍ଶନୀ ଓ କର୍ମଶାଳା ଆବହନୀ-୨୦୨୫ ସମ୍ବଲପୁର ସହର ସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଆର୍ଟ ଗ୍ୟାଲେରୀଠାରେ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ସମ୍ବଲପୁରର ୬୪ ଜଣ ତରୁଣ ଓ ପ୍ରବୀଣ ଚିତ୍ରଶିଳ୍ପୀଙ୍କୁ ନେଇ ଚିତ୍ରକଳା ପ୍ରଦର୍ଶନୀ ହୋଇଛି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଆର୍ଟ ଗ୍ୟାଲେରୀର ସଂଯୋଜକ କୁଳଦୀପ ବର୍ମାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ବିଶ୍ୱବିଦ୍ୟାଳୟର ଉପକୁଳ ସଚିବ ଡ. ଉମା ଚରଣ ପତି ମୁଖ୍ୟ ଅତିଥି, ଖବରଦାତା ପ୍ରଫୁଲ୍ଲ କୁମାର ଦାଶ, ଚିତ୍ରଶିଳ୍ପୀ ତଥା କଳା ପ୍ରଶିକ୍ଷିକା ବନ୍ଦନା ପଣ୍ଡା, ସମ୍ବଲପୁର କଳା ଏକାଡ଼େମୀର ଅଧ୍ୟକ୍ଷ ସଞ୍ଜୟ ସାହୁ ଏବଂ ବରିଷ୍ଠ ଚିତ୍ରଶିଳ୍ପୀ ପ୍ରଶାନ୍ତ ମାଝି ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ସଭା କାର୍ଯ୍ୟକୁ ଜ୍ୟୋତିରାଦିତ୍ୟ ମହାନ୍ତି ପରିଚାଳନା କରିଥିଲେ। ଏହି ପ୍ରଦର୍ଶନୀରେ ଚିତ୍ରଶିଳ୍ପୀ ମାଝି ଓ ସାହୁଙ୍କ ସମେତ ପବିତ୍ର ବେରିହା, ସୁମନ ପାଲ, ଯତୀନ ପାଢ଼ୀ, ଅଞ୍ଜନ ଦେ, ନମ୍ରତା ନାୟକ, ପ୍ରେରଣା ସାମନ୍ତ, ଜିତେନ୍ଦ୍ରିୟ ବେହେରା, ପୂଜା ଜଗଦଲା, ସିଦ୍ଧି ସମୃଦ୍ଧି ପଣ୍ଡା, ସ୍ନିଗଧା ପଣ୍ଡା, ମହମ୍ମଦ କାଶୀମ, ବନ୍ଦନା ସାହୁ, ଦେବେନ୍ଦ୍ର ସାହୁ, ହେମପ୍ରଭା ଜଗଦଲା, ସୁନୀଲ ବରଗର୍ତ୍ତା, ଅନୁଶୃତା ପାଣିଗ୍ରାହୀ, ଶିବାନୀ ଭୋଇ, ଅପର୍ଣ୍ଣା ପଣ୍ଡା, ନଳିନୀ ମିଶ୍ର, ଜୟଶ୍ରୀ ନାଥ, ଅଂଶୁ କୁମାର ବାଉରୀ, ଜ୍ୟୋତିରାଦିତ୍ୟ ମହାନ୍ତି, ଆକୃତି ଦାସ, ରାଜେଶ ବଡାଇ, ଶ୍ରଦ୍ଧା ସୁମନ ସାହୁ, ତନିଶା ପଣ୍ଡା, ଇପ୍ସା ପ୍ରିୟଦର୍ଶିନୀ ସାହୁ, ଶିଳ୍ପୀରାମ, ରାଜବିନ୍ଦର କୌର, ସୁମନ ପଟେଲ, ରୋଷନି ପଣ୍ଡିତ, ପ୍ରତୀକ ପ୍ରସାଦ, ଦିବ୍ୟାଂଶି ଗୁରୁ, ଲୋକନାଥ ସାହାଣୀ, ଅଭିଷେକ ବିଶ୍ୱାଳଙ୍କ ଚିତ୍ରକଳା ପ୍ରଦର୍ଶୀତ ହୋଇଛି । ସୂଚନାଯୋଗ୍ୟ, ଆସନ୍ତା ୨୯ତରିଖ ସୋମବାର ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ହେବ । ଜନ ସାଧରଣଙ୍କ ପାଇଁ ପ୍ରତିଦିନ ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ପ୍ରଦର୍ଶନୀ ଖୋଲା ରହିବ। ଏହି ଅବସରରେ ବୁଧବାର ସମଲେଇ ମନ୍ଦିର ପରିସରରେ ଚିତ୍ରଶିଳ୍ପୀମାନଙ୍କ ଏକ କର୍ମଶାଳା ଆୟୋଜିତ ହୋଇଥିବା ବେଳେ ଆସନ୍ତା ରବିବାର ଛାତ୍ରୀଛାତ୍ରମାନଙ୍କ ମଧରେ ଚିତ୍ରାଙ୍କନ ପ୍ରତିଯୋଗିତା ହେବାକୁ ସ୍ଥିର କରାଯାଇଛି।

# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଜୟନ୍ତୀରେ ଶିକ୍ଷାବିତ୍ ସମ୍ମାନିତ




ଜିଏମ୍‌ୟୁରେ ଆୟୋଜିତ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ସମ୍ବଲପୁର,୨୫।୯(ପ୍ରମୋଦ ବହିଦାର)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ)ରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କ୍ରମରେ ଜିଏମ୍‌ୟୁର ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଲୋକନୀତି କେନ୍ଦ୍ର ଆନୁକୂଲ୍ୟରେ ତଥା ଭାରତୀୟ ଶିକ୍ଷଣ ମଣ୍ଡଳ ଓଡ଼ିଶା ପଶ୍ଚିମ ପ୍ରାନ୍ତର ସହଯୋଗରେ ଗୁରୁବାର ପୂର୍ବାହ୍ନରେ ଭାରତୀୟ ଲୋକନୀତି ଅନୁଶୀଳନରେ ପଣ୍ଡିତ ଦୀନଦୟାଲଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଜିଏମ୍‌ୟୁ ଉପକୁଳସଚିବ ଡ. ଉମାଚରଣ ପତିଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ୍ ବିପିନ ବିହାରୀ ନନ୍ଦ, ସମ୍ମାନିତ ବକ୍ତା ଭାବରେ ଡ. ଅନିଲ କୁମାର ମିଶ୍ର ଓ ଅବସରପ୍ରାପ୍ତ ରାଜନୀତି ବିଜ୍ଞାନ ପ୍ରଫେସର ଅସୀମା ସାହୁ ଯୋଗଦେଇ ପଣ୍ଡିତ ଦୀନଦୟାଲଙ୍କ ଜୀବନ, ଚିନ୍ତନ ଓ ମାନବବାଦ ଦର୍ଶନ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଆଭାସୀ ମାଧ୍ୟମରେ ଯୋଗଦେଇ ଇଣ୍ଟିଗ୍ରାଲ୍ ହ୍ୟୁମାନିଜମ୍ ଫାଉଣ୍ଡେଶନର ଅଧ୍ୟକ୍ଷ ପ୍ରଫେସର ମହେଶ ଚନ୍ଦ୍ର ଶର୍ମା ଅଖଣ୍ଡ ଭାରତ ଓ ସାମ୍ପ୍ରତିକ ସମୟରେ ମାନବବାଦର ପ୍ରାସଙ୍ଗିକତା ପ୍ରସଙ୍ଗରେ ଆଲୋଚନା କରିଥିଲେ। ଜିଏମ୍‌ୟୁ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ଜ୍ଞାନରଞ୍ଜନ ସ୍ୱାଇଁ ଦୀନଦୟାଲ ଉପାଧ୍ୟାୟ ଲୋକନୀତି କେନ୍ଦ୍ରର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିବାବେଳେ ଭାରତୀୟ ଶିକ୍ଷଣ ମଣ୍ଡଳ ଓଡ଼ିଶା ପଶ୍ଚିମ ପ୍ରାନ୍ତର ସଂଯୋଜକ ଡ. ରାମ ନରେଶ ମହାଲିଙ୍ଗ ମଣ୍ଡଳ କାର୍ଯ୍ୟକ୍ରମର ବିଶ୍ଳେଷଣ କରିଥିଲେ। ସଭାକୁ ଅଧ୍ୟାପିକା ଡ ବନିତା ମହାନନ୍ଦିଆ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ପଣ୍ଡିତ ଦୀନଦୟାଲ ଓ ମା' ସମଲେଇଙ୍କ ଫଟୋ ଚିତ୍ରରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଶିକ୍ଷାବିତ୍ ଡ. ଦୀପେନ୍ କୁମାର ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଅଧ୍ୟାପିକା ସିଂହ ଶୁଭଲକ୍ଷ୍ମୀ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ।

# ଅନୁଭୂତିକୁ ଜନହିତ କାର୍ଯ୍ୟରେ ଉପଯୋଗ କର

**ବରିଷ୍ଠ ନାଗରିକ ସଂଘର ପ୍ରତିଷ୍ଠା ଦିବସ**

କୁଚିଣ୍ଡା,୨୫।୯(ବିରଞ୍ଚି ଦର୍ଜ୍ଜୀ)

କୁଚିଣ୍ଡାରେ ବରିଷ୍ଠ ନାଗରିକ ସଂଘର ୮ମ ପ୍ରତିଷ୍ଠା ଦିବସ ସଂଘ କାର୍ଯ୍ୟାଳୟରେ ମଙ୍ଗଳବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ସଂଘ ସଭାପତି ଧିରେନ୍ଦ୍ର କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଦୀପ କୁମାର ଦାସ ମୁଖ୍ୟ ଅତିଥି, ସମ୍ବଲପୁର ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରଭାତ ବେହେରା ମୁଖ୍ୟବକ୍ତା, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ସୁବୋଧ କୁମାର ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ସମାଜ ପ୍ରତି ରହିଥିବା କର୍ତ୍ତବ୍ୟ ଓ ଜୀବନରେ ସାଉଁଟିଥିବା ଅନୁଭୂତିକୁ ଜନହିତ କାର୍ଯ୍ୟରେ ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥିମାନେ ସଂଘ ପକ୍ଷରୁ ପ୍ରକାଶିତ ସ୍ମରଣିକାକୁ ଉନ୍ମୋଚନ କରିଥିଲେ। ଅବସରପ୍ରାପ୍ତ ସେନା ଅଧିକାରୀ ପିଟର ଟେଟେ ଓ ପ୍ରକାଶ କୁମାର କୁଜୁରଙ୍କୁ ଦେଶମାତୃକା ପାଇଁ ମାନପତ୍ର ଏବଂ କୁଚିଣ୍ଡା ଏନ୍‌ଏସିର ସଫେଇ କର୍ମଚାରୀ ଆଲୋକ ମହାନନ୍ଦିଆ ଓ ଅଜୟ ମହାନନ୍ଦିଆଙ୍କୁ ଉତ୍ତମ କାର୍ଯ୍ୟ ଲାଗି ସମ୍ମାନିତ କରିଥିଲେ। ନାଗରିକ ସଂଘର ପ୍ରକଳ୍ପ ସଂଯୋଜକ ପ୍ରଫୁଲ୍ଲ କୁମାର ସାହୁ ସଭା ପରିଚାଳନା କରିଥିଲେ। ସଂଘର ସାଧାରଣ ସମ୍ପାଦକ ଜନକାମିଲ ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଂଘର ସହସମ୍ପାଦକ ଦୁଲାରାମ ସାହୁ, ବରିଷ୍ଠ ସଦସ୍ୟ ଜୟପ୍ରକାଶ ଗୁପ୍ତା, ଶାନ୍ତନୁ କୁମାର ସାହୁ, ଆଇନଜୀବୀ ଅଶୋକ କୁମାର ମହାପାତ୍ର, କିଶୋରେ ଚନ୍ଦ୍ର ପ୍ରଧାନ, ଡ. ରଞ୍ଜନ କୁମାର ମହାପାତ୍ର, ପଦ୍ମନାଭ ବେହେରା ସହଯୋଗ କରିଥିଲେ।

# ରାଣୀ ଲକ୍ଷ୍ମୀବାଈ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ନାକଟିଦେଉଳ,୨୫।୯(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସାହେବୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ବ୍ଲକ ସ୍ତରୀୟ ରାଣୀ ଲକ୍ଷ୍ମୀବାଈ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ସାହେବୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୂନ୍ୟବାସୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଦ୍‌ଘାଟନୀ ସମାରୋହରେ ନାକଟିଦେଉଳ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ଗଣ ଶିକ୍ଷା ବିଭାଗର ନିର୍ଦ୍ଦେଶାନୁସାରେ ବ୍ଲକର ସମସ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୬ଷ୍ଠରୁ ୮ମ ଶ୍ରେଣୀର ଛାତ୍ରୀଙ୍କୁ ଏହି ଆତ୍ମ ରକ୍ଷା କୌଶଳ ତାଲିମ ପ୍ରଦାନ କରାଯିବ ବୋଲି କହିବା ସହ ଏହା ୩ ମାସ ଧରି ପର୍ଯ୍ୟାୟ କ୍ରମେ ଆୟୋଜିତ ହେବ ବୋଲି ପ୍ରକାଶ କରିଥିଲେ। ତାଲିମ ଗ୍ରହଣ କରିଥିବା ଛାତ୍ରୀମାନେ ଆବଶ୍ୟକ ସ୍ଥଳେ ସେମାନେ ଗ୍ରହଣ କରିଥିବା କୌଶଳକୁ ଉପଯୋଗ କରି ନିଜକୁ ସୁରକ୍ଷିତ କରି ପାରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ସାହେବୀ କ୍ଲଷ୍ଟରର ସିଆରସିସି ଅଜିତ କୁମାର ପ୍ରଧାନ ଏବଂ ମାଷ୍ଟର ଟ୍ରେନର ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୋନାଲି ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିରର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷକ ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ କାର୍ଯ୍ୟକ୍ରମରେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଛାତ୍ରୀଙ୍କ ସମେତ ଅଭିଭାବିକା ଏବଂ ଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ।

# ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ

କୁଚିଣ୍ଡା,୨୫।୯(ବିରଞ୍ଚି ଦର୍ଜ୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାରେ ଗୁରୁବାର 'ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେପ୍ଟେମ୍ବର ୧୭ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଅକ୍ଟୋବର ୨ ପର୍ଯ୍ୟନ୍ତ ଚାଲିବ। ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା.ସୁବୋଧ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ଫାର୍ମାସୀ ଅଫିସର ସରୋଜ କୁମାର ମହାନ୍ତ, ଜୁନିୟର ହସ୍ପିଟାଲ ମ୍ୟାନେଜର ଦୀପକ କୁମାର ନନ୍ଦ, କିଶୋର ସାହୁ, ଭାଜପା ନଗର ମଣ୍ଡଳ ସଭାପତି ପ୍ରାଣବନ୍ଧୁ ନାଥ, ନଗର ମହିଳା ମୋର୍ଚ୍ଚା ସଭାନେତ୍ରୀ କୁଞ୍ଜଲତା ନାଏକ ପ୍ରମୁଖ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମରେ ମହିଳାଙ୍କ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଚିକିତ୍ସା ନିମନ୍ତେ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡାକ୍ତରଖାନାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଏଥିରେ ସଙ୍ଗିତା ଦାଶ, ସୁନୈନା ବେହେରା, ସନ୍ଧ୍ୟାରାଣି ବିଶ୍ୱାଳ, ଅଞ୍ଜନା ସାହୁ, ଅରୁଣା ସାହୁ, ଜ୍ୟୋତ୍ସ୍ନା ନାଏକ, ଶ୍ରୀକାନ୍ତ ଦ୍ୱିବେଦୀ,ବାବୁଲୁ ଖଣ୍ଡା ପ୍ରମୁଖ ଭାଜପା କର୍ମକର୍ତ୍ତା ସହଯୋଗ କରିଥିଲେ।

# ସ୍ୱଚ୍ଛତା ହିଁ ସେବା ଅଭିଯାନରେ ରେଳ କର୍ମଚାରୀଙ୍କ ଶ୍ରମଦାନ

ସମ୍ବଲପୁର,୨୫।୯(ପ୍ରମୋଦ ବହିଦାର)

**ରେଳ ଡାକ୍ତରଖାନା ପରିସର ହେଲା ସଫେଇ**

ଦେଶବ୍ୟାପୀ 'ସ୍ୱଚ୍ଛତା ହିଁ ସେବା- ୨୦୨୫' ଅଭିଯାନ ଅନ୍ତର୍ଗତ ପୂର୍ବତଟ ରେଳପଥ ସମ୍ବଲପୁର ମଣ୍ଡଳ ପକ୍ଷରୁ ଶ୍ରମଦାନ ଅଭିଯାନ ଆୟୋଜିତ ହୋଇଯାଇଛି। ସମ୍ବଲପୁର ରେଳ ନଗରସ୍ଥିତ ରେଳ ଡାକ୍ତରଖାନା ପରିସରରେ 'ଏକ୍ ଦିନ୍, ଏକ୍ ଘଣ୍ଟା, ଏକ୍ ସାଥ୍' ଶୀର୍ଷକ ଏକ ସଫେଇ କାର୍ଯ୍ୟକ୍ରମରେ ରେଳବାଇ ଅଧିକାରୀ ଓ କର୍ମଚାରୀମାନେ ସାମୂହିକ ଶ୍ରମଦାନ କରିଥିଲେ। ଏଥିରେ ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧୁରୀ ଅଂଶଗ୍ରହଣ କରି ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସହିତ ସ୍ୱେଚ୍ଛାସେବକମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସଫେଇ ଅଭିଯାନ ସମୟ ପରେ ମଧ ଏଦିଗରେ ପ୍ରୟାସ ଜାରି ରଖିବା ସହ ଦୈନନ୍ଦିନ ଜୀବନରେ ସ୍ୱଚ୍ଛତାକୁ ଏକ ନିୟମିତ ଅଭ୍ୟାସରେ ପରିଣତ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ସଫେଇ ଅଭିଯାନରେ ଅତିରିକ୍ତ ମଣ୍ଡଳ ପ୍ରବନ୍ଧକ ମନ୍‌ଜିତ ସିଂହ ସାନସନୱାଲଙ୍କ ସହିତ ଅନ୍ୟାନ୍ୟ ରେଳ ଅଧିକାରୀ ଏବଂ କର୍ମଚାରୀମାନେ ମଧ ସ୍ୱେଚ୍ଛାକୃତ ଭାବରେ ଶ୍ରମଦାନ କରି ଡାକ୍ତରଖାନା ପରିସରରେ ସଫେଇ କରିଥିଲେ। 'ସ୍ୱଚ୍ଛତା ହିଁ ସେବା-୨୦୨୫' ଶ୍ରମଦାନ ହେଉଛି ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ସ୍ୱଚ୍ଛତା ପ୍ରତି ସମ୍ବଲପୁର ରେଳ ମଣ୍ଡଳର ପ୍ରତିବଦ୍ଧତା। ଗତ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୩୦ ଦିନ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସଫେଇ ଅଭିଯାନରେ ରେଳ ମଣ୍ଡଳ ଅଧୀନ ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ରେଳବାଇ ସୂତ୍ରରୁ ସୂଚନା ଦିଆଯାଇଛି।




ରେଳ ଡାକ୍ତରଖାନା ପରିସରରେ ରେଳ ଅଧିକାରୀ ଓ କର୍ମଚାରୀଙ୍କ ସଫେଇ ଅଭିଯାନ।

# ଏମ୍‌ପି ବିଧାୟକଙ୍କ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସଇଡ଼ା ଚାମ୍ପିୟନ

କୁଚିଣ୍ଡା,୨୫।୯(ବିରଞ୍ଚି ଦର୍ଜ୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମରେ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ପାଳନ ହେଉଥିବାରୁ ଭାଜପାର ସେବାପକ୍ଷ ଉପଲକ୍ଷେ ଏମ୍‌ପି ବିଧାୟକଙ୍କ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ନଗର ମଣ୍ଡଳ ସଭାପତି ପ୍ରାଣବନ୍ଧୁ ନାଥଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ଶୈଳେନ୍ଦ୍ର ନାୟକ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନୁପମା ନାଏକ,ଏମ୍‌ପି ପ୍ରତିନିଧି ଅରୁଣ ଅଗ୍ରୱାଲ, ଆଇନଜୀବୀ ସଚ୍ଚିଦାନନ୍ଦ ଶର୍ମା, ଭାଜପା ଜିଲା ପ୍ରତିନିଧି କୁମରେଶ ଦଶଭାୟା, ବିନୋଦ ବିହାରୀ ଚାଲାନ ପ୍ରମୁଖ ଯୋଗ ଦେଇଥିଲେ। ମୋଟ ୮ଟି ଦଳକୁ ନେଇ ହୋଇଥିବା ଟୁର୍ଣ୍ଣାମେଣ୍ଟରେ ଚାମ୍ପିୟନ ହୋଇଥିବା ସଇଡା ସ୍ୱାଧୀନ କ୍ଲବକୁ ଟ୍ରଫି ସହ ୧୦ ହଜାର ଟଙ୍କା ଏବଂ ରନର୍ସଅପ କୁଚିଣ୍ଡା ଗୋଲ୍ଡେନ ଇଗଲ ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। ପିଇଟି ଲୁଟୁ ପଟେଲ, ଚନ୍ଦନ ମାକର, ଧିରେନ୍ଦ୍ର ପଟେଲ, ଟିକେଶ୍ୱର ମାଝି, ବିଜୟ କୁମାର ପଟେଲ ,ସୋଭାଗ୍ୟ ନାୟକ, ସୋଭାଗ୍ୟ ପଟେଲ ପ୍ରମୁଖ ଖେଳ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ମହେଶ ରାୟ ପରିଚାଳନା କରିଥିଲେ।




ମୁକୁନ୍ଦି ଷ୍ଟାଡିୟମରେ ଅତିଥିମାନେ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

ସେହିପରି କୁଚିଣ୍ଡା ବ୍ଲକର ଭାଜପା ଗୁଦଗୁଦା ମଣ୍ଡଳ ପକ୍ଷରୁ କୁସୁମୀ ଖେଳ ପଡ଼ିଆରେ ଏମ୍‌ପି ବିଧାୟକଙ୍କ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଭାଜପା ମଣ୍ଡଳ ସଭାପତି ଚୂଡାମଣି ମାକରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଟୁର୍ଣ୍ଣାମେଣ୍ଟର ପୁରସ୍କାର ବିତରଣୀ ଉତ୍ସବରେ ଜିଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ଭାଜପା ଜିଲା ସମ୍ପାଦକ ବିଭୂତି କଲ୍ୟାଣ ପଟେଲ, ଜିଲା ପ୍ରତିନିଧି ଉପେନ୍ଦ୍ର ପଟେଲ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ କୁସୁମୀ ଦଳକୁ ଟ୍ରଫି ୧୦ହଜାର ଟଙ୍କା ଓ ରନର୍ସଅପ ସାଲେଭାଡିକୁ ଟ୍ରଫି ସହ ୫ହଜାର ଟଙ୍କା ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ। ସେହିପରି କୁଚିଣ୍ଡା ବ୍ଲକର ଚିତ୍ରା ମଣ୍ଡଳ ପକ୍ଷରୁ ବାଉରୀଗୋଡା ପଞ୍ଚାୟତର ଭୁଲୁପଡ଼ା ଫୁଟବଲ ପଡ଼ିଆରେ ଏମ୍‌ପି ବିଧାୟକଙ୍କ ଫୁଟବଲ ମ୍ୟାଚ୍ ୯ଟି ପଞ୍ଚାୟତର ୯ଟି ଫୁଟବଲ ଦଳକୁ ନେଇ ଅନୁଷ୍ଠିତ ହୋଇଥିଲା। ମଣ୍ଡଳ ସଭାପତି ରାଜକୁମାର ରକ୍ଷାଙ୍କ ତତ୍ତ୍ୱାବଧାନରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବରେ ଜିଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ପୂର୍ବତନ ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଲୋରିନା ପଟେଲ, ସରପଞ୍ଚ ଗୋବର୍ଦ୍ଧନ ବାଘ, ସରପଞ୍ଚ ମନ୍ଦାକିନୀ ନାଏକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ଚାମ୍ପିୟନ କୁଟୁରାଚୁଆଁ ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ଓ ରନର୍ସଅପ ହାଡିପାଲି ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ଦିଆଯାଇଥିଲା।

**ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ**

ଖଡ଼ିଆଳ,୨୫।୯ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଲାଞ୍ଜି ପଞ୍ଚାୟତ କୁର୍ଲୁଭଟା ବଜାର ପଡିଆରେ ସୁନ୍ଦର ମଣ୍ଡଳ ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଓ ସେବା ପକ୍ଷ ନେଇ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବଜାର ପଡିଆ ସଫେଇ ସହ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଚାରା ରୋପଣ କରାଯାଇଥିଲା। ଏଥିରେ ରାତ୍ରାନନ୍ଦ ମନହିରା, ସଞ୍ଜୟ ତିୱାରୀ, ମଣ୍ଡଳ ସଭାପତି ରତ୍ନାକର ହଂସ, ଜନକ ନାଏକ, ଦେବେନ୍ଦ୍ର ବେହେରା ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ମା' ଦୁର୍ଗାଙ୍କ ମନ୍ଦିରରେ ଶାରଦୀୟ ନବରାତ୍ର ପୂଜା

ଧର୍ମଗଡ଼, ୨୫।୯ (ଘାସିରାମ ଜଗତ):- କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ରଜମୋହନ ପଞ୍ଚଦେବସ୍ଥିତ ମା' ଦୁର୍ଗାଙ୍କ ମନ୍ଦିରରେ ଶାରଦୀୟ ନବରାତ୍ର ପୂଜା ଗତ ୨୨ ତାରିଖଠାରୁ ଆରମ୍ଭ ହୋଇଛି। ଏ ନେଇ ଭବ୍ୟ କଳସ ଯାତ୍ରା, ଧ୍ୱଜାରୋହଣ ପରେ ଦେବୀଙ୍କର ବୈଦିକ ପୂଜା ଓ ଅଭିଷେକ ହୋଇଥିଲା। ପ୍ରତ୍ୟହ ଚଣ୍ଡିପାଠ, ସନ୍ଧ୍ୟାରେ ଆଳତି ଅନୁଷ୍ଠିତ ହେଉଛି। ମୁଖ୍ୟ ପୂଜକ ପଣ୍ଡିତ ସୁରେଶ କୁମାର ଦାସ ଓ ପଣ୍ଡିତ ଶ୍ରୀଧର ନନ୍ଦ ପୂଜା କାର୍ଯ୍ୟ ସମ୍ପାଦନ କରୁଥିବାବେଳେ ପଙ୍କଜ ଅଗ୍ରୱାଲ ଓ ତାଙ୍କ ଧର୍ମପତ୍ନୀ ଅନୁ ଅଗ୍ରୱାଲ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ଆସନ୍ତା ୧ ତାରିଖରେ ପୂର୍ଣ୍ଣାହୁତି ହେବ। ସେହିଦିନ ସ୍ୱତନ୍ତ୍ର ଭାବରେ ମା' ବିଜୟା ପୂଜନ, ମା' ଅପରାଜିତା ପୂଜନ ଓ ସମି ପୂଜନ ଅନୁଷ୍ଠିତ ହେବ। ଉକ୍ତ ପଞ୍ଚଦେବ ବ୍ରଜମୋହନ ନବରାତ୍ର କମିଟି ସଭାପତି ସାଇ ଗୋପାଳ ସାହୁ, ସମ୍ପାଦକ ମୁନିରାମ ମାଝୀ ପରିଚାଳନା କରୁଥିବା ବେଳେ ସୁବାସ ଅଗ୍ରୱାଲ, ଜନ୍ମେଜୟ ନାଏକ, ରାଜେଶ ମିତ୍ତଲ, କିଶୋର ଅଗ୍ରୱାଲ, ହନୁମାନ ପ୍ରସାଦ ପ୍ରମୁଖ ସହଯୋଗ କରୁଛନ୍ତି।

# ଚାଷୀଙ୍କ ମୁହଁରେ ହସ ଫୁଟାଇଲା ରେତ ଜଳସେଚନ ପ୍ରକଳ୍ପ

- ମରୁଡ଼ି ଅଞ୍ଚଳ ହେଲା ଶସ୍ୟଶ୍ୟାମଳା
- ଖରିଫରେ ୮୫୦୦,ରବିରେ ୨୨୫୦ ହେକ୍ଟର ଜମି ଜଳସେଚିତ
- ଉପକୃତ ହେଉଛନ୍ତି ୪ ବ୍ଲକର ୯୭ ଗ୍ରାମର ୫୧୯୫ ଚାଷୀ



ରେତ ଜଳସେଚନ ପ୍ରକଳ୍ପ।

ଭବାନୀପାଟଣା,୨୫।୯ (ଉତ୍ତମ କୁମାର ଦାଶ)

ଜଳସେଚନ ଅଭାବରୁ ଦିନେ ଯେଉଁ ଅଞ୍ଚଳରେ ମରୁଡି ଭଳି ସ୍ଥିତି ଉପୁଜୁଥିଲା ଆଜି ସେହି ଅଞ୍ଚଳରେ ଜଳ ସେଚନ ପରେ ଚାଷ ଜମି ଶସ୍ୟଶ୍ୟାମଳା ହୋଇଛି। ଏହାର ଶ୍ରେୟ ନେଉଛି ରେତ ଜଳସେଚନ ପ୍ରକଳ୍ପ। ଏହି ପ୍ରକଳ୍ପ ଏବେ ସ୍ଥାନୀୟ ଚାଷୀଙ୍କ ମୁହଁରେ ହସ ଫୁଟାଇଛି। କଳାହାଣ୍ଡି ଜିଲା ନର୍ଲା ବ୍ଲକ ବଡ଼ଧାରପୁର ପଞ୍ଚାୟତର କୁଟିଙ୍ଗପଦରଠାରେ ଏହି ପ୍ରକଳ୍ପ ନିର୍ମାଣ ହୋଇଛି। ୨୦୦୪ ଫେବୃଆରୀ ୮ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ୨୦୧୮ରେ ପ୍ରକଳ୍ପ କାମ ଶେଷ ହୋଇଥିବାବେଳେ ୧୬ ଫେବୃଆରୀ ୨୦୧୯ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଉଦ୍‌ଘାଟନ କରିଥିଲେ। ପ୍ରକଳ୍ପ ପାଇଁ ୭୬୮.୪୬ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଏହି ପ୍ରକଳ୍ପ ହେବା ପରେ ନର୍ଲା ସମେତ ଭବାନୀପାଟଣା, ଲାଞ୍ଜିଗଡ଼ ଓ କେସିଙ୍ଗା ବ୍ଲକର ମରୁଡି ଅଞ୍ଚଳର ଚାଷ ଜମିକୁ ଉଭୟ ଖରିଫ ଓ ରବିରେ ଜଳସେଚନ ହୋଇପାରୁଛି। ଖରିଫରେ ୮୫୦୦ ହେକ୍ଟର ଓ ରବିରେ ୨୨୫୦ହେକ୍ଟରେ ଜମିକୁ ଜଳସେଚନ ହେଉଛି। ସେଥିମଧ୍ୟରୁ ନର୍ଲା ବ୍ଲକରେ ୩୪୫୬ ହେକ୍ଟର, କେସିଙ୍ଗା ୧୦୮୭ ହେକ୍ଟର, ଭବାନୀପାଟଣା ୩୮୦୩ ଓ ଲାଞ୍ଜିଗଡ ବ୍ଲକର ୧୪୫ ହେକ୍ଟର ଚାଷ ଜମିକୁ ଜଳ୍‌ସେଚିତ ହେଉଛି। ଏହି ପ୍ରକଳ୍ପ ଦ୍ୱାରା ୪ ବ୍ଲକର ୯୭ ଗ୍ରାମର ୫୧୯୫ ଜଣ ଚାଷୀ ଉପକୃତ ହେଉଛନ୍ତି। ରେତ ଡ୍ୟାମ୍ ଜଳଭଣ୍ଡାରର ଜଳ ଧାରଣ କ୍ଷମତା ୭୨୪୯. ୭୮୭ ହେକ୍ଟୋମିଟର ରହିଥିବାବେଳେ ୨୬୨ କି.ମି. ପର୍ଯ୍ୟନ୍ତ ଏହା ପରିବ୍ୟାପ୍ତ। ପ୍ରକଳ୍ପରୁ ୧୯୬.୮ କି.ମି. ଉଭୟ ବାମ ଓ ଦକ୍ଷିଣ କେନାଲ ମାଧ୍ୟମରେ ଚାଷୀଙ୍କୁ ଜଳ ଯୋଗାଣ କରାଯାଉଛି। ପୂର୍ବରୁ ଇନ୍ଦ୍ରାବତୀ ପ୍ରକଳ୍ପ ଯୋଗୁ କେବଳ ଧର୍ମଗଡ ଉପଖଣ୍ଡ ଅଞ୍ଚଳର ଚାଷୀ ଉଭୟ ଖରିଫ ଓ ରବିରେ ଧାନ ଚାଷ କରି ଉପକୃତ ହେଉଥିଲେ। ଏବେ କିନ୍ତୁ ରେତ ପ୍ରକଳ୍ପ ଯୋଗୁ ଭବାନୀପାଟଣା ଉପଖଣ୍ଡର ଉପରୋକ୍ତ ବ୍ଲକର ଚାଷୀମାନେ ଉଭୟ ଖରିଫ ଓ ରବିରେ ଧାନ ଚାଷକରି ଉପକୃତ ହୋଇପାରୁଛନ୍ତି। ଏ ନେଇ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଅନନ୍ତ ରାମ ନାଏକଙ୍କୁ ପଚାରିବାରୁ ଚାଷୀଙ୍କୁ ଠିକ ଭାବରେ ଓ ସୁବିଧାରେ ଜଳସେଚନ ସୁବିଧା ଯୋଗାଇବା ପାଇଁ ପଦକ୍ଷେପ ନେଉଛୁ ବୋଲି ପ୍ରକାଶ କରିଥିଲେ ।

# ତିଖାଲି ଡ୍ୟାମ୍‌ର ୩ ଗେଟ୍‌ରେ ବନ୍ୟାଜଳ ନିଷ୍କାସନ

ଖଡ଼ିଆଳ,୨୫।୯ (ସୁଜିତ କୁମାର ପ୍ରଧାନ)


ଡ୍ୟାମ୍‌ରୁ ଜଳ ନିଷ୍କାସନ ହେଉଛି।

ନୂଆପଡ଼ା ଜିଲା ଖଡ଼ିଆଳ ଲୋୟର ଇନ୍ଦ୍ର ଜଳସେଚନର ପ୍ରକଳ୍ପର ତିଖାଲି ଡ୍ୟାମ୍‌ର ୩ ଗେଟ୍ ଦେଇ ବନ୍ୟାଜଳ ସୁନ୍ଦର ନଦୀରେ ନିଷ୍କାସନ ହେଉଛି। ଲଘୁଚାପଜନିତ ବର୍ଷା କାରଣରୁ ଡ୍ୟାମ୍‌ରେ ପାଣି ଭରି ରହିଛି। ଏହାକୁ ଦୃଷ୍ଟିରେ ରଖି ପାରମ୍ପରିକ ପୂଜାର୍ଚ୍ଚନା ପରେ ଡ୍ୟାମ୍‌ର ୩, ୬ ଓ ୮ନଂ. ଗେଟ୍ ଖୋଲାଯାଇଛି। ଏହାପୂର୍ବରୁ ନଦୀକୂଳିଆ ଅଞ୍ଚଳର ୧୧ ଗ୍ରାମରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ସତର୍କ କରା ଯାଇଥିଲା ବୋଲି ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପର ଅଧୀକ୍ଷଣ ଯନ୍ତ୍ରୀ ସୌମ୍ୟ କିଶୋର ଜୟପୁରିଆ ପ୍ରକାଶ କରିଛନ୍ତି। ଜଳଭଣ୍ଡାରରେ ଜଳଧାରଣ କ୍ଷମତା ୨୬୫ ରହିଥିବା ବେଳେ ବର୍ତ୍ତମାନ ଏହା ୨୬୪.୫ ମିଟର ରହିଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୪୭୪ କ୍ୟୁସେକ ପାଣି ନିଷ୍କାସନ ହେଉଥିବାବେଳେ ୪୫୦ କ୍ୟୁସେକ ଜଳ ପ୍ରବେଶ କରୁଛି। ଡ୍ୟାମ୍‌ର ୯ ଗୋଟି ଗେଟ୍‌ରୁ କେବଳ ୩ଟି ଗେଟ୍ ଖୋଲାଯାଇଛି। ଆବଶ୍ୟକ ପଡିଲେ ଆହୁରି ଗେଟ୍ ଖୋଲାଯିବ ବୋଲି ସୂଚନା ଦିଆଯାଇଛି। ଜଳ ନିଷ୍କାସନ ସମୟରେ ଅଧୀକ୍ଷଣ ଯନ୍ତ୍ରୀ ବଙ୍ଗୋମୁଣ୍ଡା ଏ. ରାମପ୍ରସାଦ ରାଉତ, ପିଏ ରୋଜାଲିନ ପ୍ରିୟଦର୍ଶିନୀ, ଡ୍ୟାମ୍ ଏସ୍‌ଡିଓ ହେମ କୁମାର ନାୟକ, କେନାଲ ଏସ୍‌ଡିଓ ସେଲିନ ଦାସ, ଏଇ ଖୁରିଲାଲ ଲୁହାର ଉପସ୍ଥିତ ଥିଲେ।

# ଜେଏମ୍‌ଏଫ୍‌ସି କୋର୍ଟ ଖୋଲିବା ପାଇଁ ଦାବିପତ୍ର


ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

ନର୍ଲା,୨୫।୯ (ସନ୍ତୋଷ ପାତ୍ର)

କଳାହାଣ୍ଡି ଜିଲା ନର୍ଲା ବିକାଶ ମଞ୍ଚର ଏକ ୫ଜଣିଆ ପ୍ରତିନିଧି ଦଳ ଗୁରୁବାର ଜିଲାପାଳଙ୍କୁ ସାକ୍ଷାତକରି ନର୍ଲାଠାରେ ଜେଏମ୍‌ଏଫ୍‌ସି କୋର୍ଟ ଖୋଲିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ଦାବିପତ୍ର ଗ୍ରହଣକରି ଜିଲା ଓ ଦୌରା ଜଜ୍‌ଙ୍କ ସହ ଆଲୋଚନାକରି ଖୁବ୍‌ଶୀଘ୍ର କୋର୍ଟ ଖୋଲିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୧୮ରେ ବାର୍ ଆସୋସିଏଶନ ସଭାପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସମାନ ଦାବି ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଓ ରାଜ୍ୟ ସରକାର ବିଚାରକରି ନର୍ଲାଠାରେ ଯଥାଶୀଘ୍ର କୋର୍ଟ ଖୋଲିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାସହ ଜିଲା ଦୌରା ଜଜ୍ ଓ ଜିଲାପାଳଙ୍କୁ ଭିତ୍ତିଭୂମି ପାଇଁ ନିର୍ଦ୍ଦେଶନାମା ହୋଇଥିଲା।

# ବିଭିନ୍ନ ସମସ୍ୟା ନେଇ ବିଦ୍ୟାଳୟ ଆଗରେ ଧାରଣା



ବିଦ୍ୟାଳୟ ଫାଟକ ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା।

ତୁଣ୍ଡଲା/ପଲମ,୨୫।୯ (ଫିରୋଜ କୁମାର ଦାଶ/ଭିକାରି ଗଉଡ଼)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ ହାତୀଖୋଜ ପଞ୍ଚାୟତ ସିଙ୍ଗାରିବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଗୁରୁବାର ଗ୍ରାମବାସୀ ଓ ଅଭିଭାବକ ବିଭିନ୍ନ ସମସ୍ୟା ନେଇ ଧାରଣା ଦେଇଛନ୍ତି। ସୂଚନା ଅନୁସାରେ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ମାତ୍ର ୩ ଜଣ ଶିକ୍ଷକ ଅଛନ୍ତି। ୮ଟି ଶ୍ରେଣୀ ପାଇଁ ୩ଜଣ ଶିକ୍ଷୟିତ୍ରୀଶିକ୍ଷକ କିଭଳି ଶିକ୍ଷାଦାନ କରୁଥିବେ ତାହା ସହଜରେ ଅନୁମେୟ। ସ୍କୁଲରେ ଉତ୍ତମ ଶିକ୍ଷାଦାନ ପାଇଁ ତାଲିମପ୍ରାପ୍ତ ଶିକ୍ଷକ ନିଯୁକ୍ତି, ପାନୀୟଜଳ ସମସ୍ୟା ଦୂର ପାଇଁ ବିଦ୍ୟାଳୟ ପରିସରରେ ନଳକୂପ ଖନନ, ବିଦ୍ୟାଳୟ ପାଖରେ ଥିବା ଖେଳପଡ଼ିଆକୁ ମିନି ଷ୍ଟାଡିୟମରେ ପରିଣତ କରିବା ଭଳି ଦାବି ନେଇ ଗ୍ରାମବାସୀ ଗତ ୮ ତାରିଖରେ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ ଓ ଜିଲାପାଳ କଳାହାଣ୍ଡିଙ୍କୁ ଲିଖିତ ଅଭିଯୋଗ କରିଥିଲେ। ହେଲେ ପଦକ୍ଷେପ ନିଆ ନ ଯିବାରୁ ଧାରଣା ଦେବାକୁ ବାଧ ହୋଇଥିବା ଗ୍ରାମବାସୀ କହିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଯଦୁମଣି ହେର୍ଣ୍ଣାଙ୍କୁ ପଚାରିବାରୁ ଶିକ୍ଷକ ନିଯୁକ୍ତି ଦେଇ ପାଠପଢ଼ା ନିୟମିତ କରିବା ଆବଶ୍ୟକ ବୋଲି ମତ ଦେଇଛନ୍ତି। ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ଦାଶ ଏ ବିଷୟରେ କୌଣସି ମତାମତ ଦେଇପାରିବେ ନାହିଁ ବୋଲି କହିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଫୋନ କରିଥିଲେମଧସେକଲ୍‌ରିସିଭକରିନଥିଲେ।

# ଭାଲୁ ଆକ୍ରମଣରେ ମହିଳା ଗୁରୁତର

ନୂଆପଡ଼ା,୨୫।୯ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ଢୋର୍ଲାମୁଣ୍ଡା ଗାଁରେ ଜଙ୍ଗଲି ଭାଲୁ ଆକ୍ରମଣରେ ଗୁରୁବାର ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଘରମଣି ରାଉତ (୪୦)। ସୂଚନା ଅନୁଯାୟୀ ଢୋର୍ଲାମୁଣ୍ଡା ଗାଁ ଲୋକମାନଙ୍କ ସହ ମିଶି ଘରମଣି ସ୍ଥାନୀୟ ଡଙ୍ଗର ସଂରକ୍ଷିତ ଜଙ୍ଗଲକୁ ଛେଳି ଚରାଇବା ପାଇଁ ଯାଇଥିଲେ। ଅପରାହ୍ନ ୨ଟା ସମୟରେ ଜଙ୍ଗଲ ଭିତରୁ ଏକ ଭାଲୁ ଆସି ଅତର୍କିତ ଭାବରେ ତାଙ୍କୁ ଆକ୍ରମଣ କରିଥିଲା। ଚିତ୍କାର ଶୁଣି ସାଥି ଛେଳି ଚରାଳିମାନେ ଦୌଡି ଆସି ଭାଲୁକୁ ଜଙ୍ଗଲକୁ ଘଉଡାଇଥିଲେ। ପରେ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଘରମଣିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଆକ୍ରମଣରେ ଘରମଣିଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଛି । କୋମନା ବନ ବିଭାଗ କର୍ମଚାରୀ ଘଟଣାର ତଦନ୍ତ କରୁଛନ୍ତି ।

### ଦିଗପାଳ ନାଗ ସମାଜବାଦୀ ପାର୍ଟିର ନୂଆପଡ଼ା ଜିଲା ସଭାପତି

ନୂଆପଡ଼ା,୨୫।୯ (ମକାରୁ ବେମାଲ): ଯୁବନେତା ଦିଗପାଳ ନାଗ ସମାଜବାଦୀ ପାର୍ଟିର ନୂଆପଡ଼ା ଜିଲା ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି।



ଏ ନେଇ ଗୁରୁବାର ପାର୍ଟିର ରାଜ୍ୟ ସଭାପତି ଶିବ ହାତୀ ଯାଦବ ଘୋଷଣା କରିଛନ୍ତି। ବୋଡେନ ବ୍ଲକ କିରେକେଲା ଗାଁର ଦିଗପାଳ ଜଣେ ଲୋକପ୍ରିୟ ନେତା ଭାବେ ଜିଲାରେ ଜଣାଶୁଣା। ସେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସଂଗଠନ ସହ ଜଡ଼ିତ ହୋଇ ସେବା କରିଆସୁଛନ୍ତି। ଏହି ଗୁରୁଦାୟିତ୍ୱ ପ୍ରଦାନ କରିଥିବାରୁ ସେ ସମାଜବାଦୀ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଖିଳେଶ ଯାଦବ, ରାଜ୍ୟ ସଭାପତି ଯାଦବ, ରାଜ୍ୟ ସମ୍ପାଦକ ସୁନୀଲ କୁମାର ଧଙ୍ଗଡାମାଝୀ ଯାଦବ ଏବଂ ବେଣୁଧର ଗହୀରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ଲଗାଣ ବର୍ଷା: ଘରେ ପଶିଲା ପାଣି

ନୂଆପଡ଼ା,୨୫।୯ (ମକାରୁ ବେମାଲ): ନୂଆପଡ଼ା ଜିଲାରେ ଦୁଇଦିନ ହେଲା ଲଗାଣ ବର୍ଷା ଲାଗିରହିଛି । ଏଥିଯୋଗୁ ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇପଡିଛି। ଗ୍ରାମାଞ୍ଚଳ ରାସ୍ତା ପାର୍ଶ୍ୱରେ ଡ୍ରେନ୍ ସୁବିଧା ନ ଥିବାରୁ ବର୍ଷା ପାଣି ନିଷ୍କାସିତ ହୋଇ ନ ପାରି ଘର ଭିତରେ ପ୍ରବେଶ କରିଛି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି କୋମନା ବ୍ଲକ ଅନ୍ତର୍ଗତ ତରବୋଡ ଗାଁ କଲୋନିପଡାରେ। ପଡ଼ାରେ ରହୁଥିବା ଭିନ୍ନକ୍ଷମ ପ୍ରଫୁଲ୍ଲ ରଣାଙ୍କ ଘର ଭିତରେ ପାଣି ପଶିଥିବାରୁ ପରିବାର ଅସହାୟ ହୋଇପଡିଛନ୍ତି। ପ୍ରଫୁଲ୍ଲ ଗାଁ ଲୋକଙ୍କ ସାହାଯ୍ୟ ମାଗିବା ପରେ ସେମାନେ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇଥିଲେ। ସରପଞ୍ଚ ସମସ୍ତ ବିଷୟ ଶୁଣିବା ପରେ ପଞ୍ଚାୟତରେ କୌଣସି ଫଣ୍ଡ ନାହିଁ। ବର୍ଷା ଛାଡିବା ପରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ରାସ୍ତାରେ ମାଟି ମୋରମ କାମ କରାଯିବ ବୋଲି ସରପଞ୍ଚ କହିଥିଲେ । ଗାଁର ସବୁ ପଡାର ରାସ୍ତାରେ ଡ୍ରେନ୍ ବ୍ୟବସ୍ଥା କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି ।

# ୧୨ବର୍ଷରେ ଗଣ୍ଡାବାହାଲି ସାର୍ବଜନୀନ ଦୁର୍ଗାପୂଜା

ସିନାପାଲି,୨୫।୯ (ମନଫୁଲ ମେହେର)




ନୂଆପଡ଼ା ଜିଲା ସିନାପାଲି ବ୍ଲକ୍ ଅନ୍ତର୍ଗତ ଗଣ୍ଡାବାହାଲି ସାର୍ବଜନୀନ ଦୁର୍ଗାପୂଜା ୧୨ବର୍ଷରେ ପଦାର୍ପଣ କରିଛି। ସୁନ୍ଦର ମେଢ଼ ସାଙ୍ଗକୁ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସମସ୍ତଙ୍କୁ ଆକୃଷ୍ଟ କରୁଛି। ପ୍ରାତଃ ଓ ସନ୍ଧ୍ୟା ଆଳତି ସମୟରେ ଭକ୍ତଙ୍କ ସମାଗମରେ ଘଣ୍ଟ, ଘଣ୍ଟା, ବେଦଧ୍ୱନି ପୀଠକୁ ଆଧ୍ୟାତ୍ମିକମୟ କରିଦେଉଛି। ପୂଜା କମିଟି ସୂଚନା ଅନୁସାରେ ୧୦ଦିନ ଧରି ମା'ଙ୍କ ବିଭିନ୍ନ ଅବତାର ପୂଜା ଓ ଶକ୍ତି ଉପଚାର ହେବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ଚଳିତବର୍ଷ ପୂଜା କର୍ତ୍ତା ଭାବରେ ହୃଷୀକେଶ ମେହେର ଓ ତାଙ୍କ ଧର୍ମପତ୍ନୀ ଦେବକୀ ମେହେର ଥିବାବେଳେ ମୁଖ୍ୟ ପୂଜକ ଭାବରେ ଆଚାର୍ଯ୍ୟ ହରିଶ୍ଚନ୍ଦ୍ର ଖମାରୀ, ସଭାପତି ଟଙ୍କଧର ମେହେର ଓ ସମ୍ପାଦକ ବୈବସ୍ୱତ ମେହେର ଅଛନ୍ତି।

**ଏମାନେ ଯାହା କୁହନ୍ତି...**



"ସବୁ ବର୍ଷ ପରି ଚଳିତ ବର୍ଷ ଯେଭଳି ଶାନ୍ତିଶୃଙ୍ଖଳାରେ ସାର୍ବଜନୀନ ଦୁର୍ଗାପୂଜା ପାଳନ ହେବ ସେ ନେଇ ସମସ୍ତ ବ୍ୟବସ୍ଥା କରାଯାଉଛି। ମା' ଦୁର୍ଗାଙ୍କ ନବ ଅବତାରର ସ୍ୱତନ୍ତ୍ର ଉପଚାରରେ ପୂଜାର୍ଚ୍ଚନା ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

–ଟଙ୍କଧର ମେହେର, ସଭାପତି



"ନବରାତ୍ରରେ ପ୍ରତ୍ୟେକ ଦିନ ମା'ଦୁର୍ଗାଙ୍କ ଷୋଡ଼ଶ ଉପଚାରରେ ପୂଜା ହେବ। ମା'ଙ୍କ ସମସ୍ତ ନୀତିକାନ୍ତି ସାଙ୍ଗକୁ ହବନ, ଦେବମନ୍ତ୍ର, ଭଜନ ଆଦି ଅନୁଷ୍ଠିତ ହେବ।

–ହରିଶ୍ଚନ୍ଦ୍ର ଖମାରୀ, ପୂଜକ



"ନାରୀ ଶାନ୍ତ, କୋମଳ ହେବା ସହ ଆବଶ୍ୟକ ସ୍ଥଳେ ଦୁର୍ଗାରୂପ ଧାରଣ କରିପାରେ। ଏହାର ଏକ ଚମତ୍କାର ନିଦର୍ଶନ ହେଉଛି ଦଶହରା। ମାତୃମୟ ହୋଇଉଠେ ଏହି ପାର୍ବଣ। ମା' ଦଶଭୁଜାଙ୍କ ଆରାଧନା ଓ ଉପାସନା ଲାଗି ସବୁଆଡ଼େ ଚଳଚଞ୍ଚଳ ହୋଇଉଠିଛି।

–ଡିସମ୍ବର ମେହେର, ଯୁବ ସାହିତ୍ୟକ

### ବେକରେ ଶାଢ଼ି ଗୁଡେଇ ମହିଳାଙ୍କ ଆତ୍ମହତ୍ୟା

ଲାଞ୍ଜିଗଡ଼, ୨୫।୯(ରମେଶ ଚନ୍ଦ୍ର ନାୟକ): କଳାହାଣ୍ଡି ଜିଲା ଲାଞ୍ଜିଗଡ ଥାନା ଲାଞ୍ଜିଗଡ ସହର ବଜାରପଡାସ୍ଥିତ ଏକ ଭଡା ଘରେ ଜଣେ ବିବାହିତା ମହିଳା ଗୁରୁବାର ବେକରେ ଶାଢି ଗୁଡେଇ ପଙ୍ଖାରେ ଝୁଲି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଉଦୟ ନାୟକଙ୍କ ସ୍ତ୍ରୀ ପ୍ରତିମା ନାୟକ (୪୫)। ସୂଚନାନୁସାରେ ସକାଳେ ଉଦୟ କୌଣସି କାମରେ ବାହାରକୁ ଯାଇଥିଲେ। ସେ ଫେରିବା ପରେ ପ୍ରତିମା ବେକରେ ଶାଢି ଗୁଡେଇ ହୋଇ ପଙ୍ଖାରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏ ନେଇ ଲାଞ୍ଜିଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲାଞ୍ଜିଗଡ ଥାନାଧିକାରୀ ଯଶବନ୍ତ ହିଆଲଙ୍କ ନେତୃତ୍ୱରେ ଏଏସ୍‌ଆଇ ସଞ୍ଜୟ ବୈଠାରୁ ପୋଲିସ ବଳ ସହିତ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏ ନେଇ ଲାଞ୍ଜିଗଡ ପୋଲିସ ଏକ ମାମଲା (ନଂ.୭/୨୫) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର


ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଉଛି।

ଧର୍ମଗଡ, ୨୫।୯ (ଘାସିରାମ ଜଗତ)

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓଡିଶା ସରକାର ପକ୍ଷରୁ କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ କାର୍ଯ୍ୟାଳୟରେ ବୁଧବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଧର୍ମଗଡ ବିଡ଼ିଓ ସଦାଶିବ ନାୟକ, ଧର୍ମଗଡ଼ ବିଧାୟକଙ୍କ ପ୍ରତିନିଧି ହିମାଂଶୁ ଶେଖର ପଣ୍ଡା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା, ଜିଲାପରିଷଦ ସଭ୍ୟ ଶଙ୍କର ପ୍ରସାଦ ଜୁଏଡ଼, ଜୟନ୍ତପୁର ସରପଞ୍ଚ ଜୟନ୍ତୀ ବାଗ, ପର୍ଲା ସରପଞ୍ଚ ବ୍ରିଜଲାଲ ନାଏକ, ତେଣ୍ଡାପାଲି ସରପଞ୍ଚ ଗୌଲୋଚନ ଗୋପାଳ, କଦଳିମୁଣ୍ଡା ସରପଞ୍ଚ ଘନକେସି କେତକୀ, ବେହେରା ସରପଞ୍ଚ କୁମୁଦିନୀ ଗଏନ୍ତା ପ୍ରମୁଖ ଯୋଗଦେଇଥିଲେ। ବ୍ଲକର ୨୪ ଗ୍ରାମପଞ୍ଚାୟତରୁ ମୋଟ ୪୧୨ ଜଣ ଭିନ୍ନକ୍ଷମ ନାମ ପଞ୍ଜିକରଣ କରିଥିଲେ।

**୪୧୨ ଭିନ୍ନକ୍ଷମ ପଞ୍ଜୀକୃତ**

୧୪୫ ଜଣଙ୍କୁ ଭିନ୍ନକ୍ଷମ ପରିଚୟପତ୍ର, ୬୫ଜଣଙ୍କୁ ବସ୍ ପାସ, ୧୦ ଜଣଙ୍କୁ ଟ୍ରେନ୍ ପାସ୍ ପ୍ରଦାନ କରାଯାଇଥିଲା। ସେହିପରି ୨୭ ଜଣଙ୍କୁ ନୂତନ ଭିନ୍ନକ୍ଷମ ଭତ୍ତା, ୧୧ଜଣଙ୍କୁ ହୁଇଲଚେୟାର ଓ ଜଣକୁ ଟ୍ରାଇସାଇକେଲ ଦିଆଯାଇଥିଲା। ଅସ୍ଥିଶଲ୍ୟ ବିଶେଷଜ୍ଞ ଡ଼ା. ପ୍ରମତେଷ କଶ୍ୟପ ପଣ୍ଡା, ମାନସିକ ବିଶେଷଜ୍ଞ ଡ଼ା. ଅନନ୍ତ ଚରଣ ମେହେର, କର୍ଣ୍ଣ, ଗଳା ଓ ନାଶା ବିଶେଷଜ୍ଞ ଡା. ସିଦ୍ଧାର୍ଥ ଶଙ୍କର ଜେନା, ଚକ୍ଷୁ ରୋଗ ବିଶେଷଜ୍ଞ ଡା. ଲୋପାମୁଦ୍ରା ବିଶି ପ୍ରମୁଖ ଭିନ୍ନକ୍ଷମମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଲୋକନାଥ ଭାଟି ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମ ସହାୟକ ଦେବେନ୍ଦ୍ର କୁମାର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# କଲେଜରେ ଜାତୀୟ ସେବା ଯୋଜନା ଦିବସ

କେସିଙ୍ଗା,୨୫।୯(ତୁମେଶ୍ୱର ସାହୁ)



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

କଳାହାଣ୍ଡିଜିଲା କେସିଙ୍ଗା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସୁଶାନ୍ତ କୁମାର ପାଢ଼ୀ ମୁଖ୍ୟଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପକ ଉମେଶ ଚନ୍ଦ୍ର ବାରିକ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ସମାଜସେବା ପ୍ରତି ଅଭିପ୍ରେରିତ ହେବା ସହ ରାଷ୍ଟ୍ର ଗଠନରେ ଯୁବ ଗୋଷ୍ଠୀର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ଗୀତାଞ୍ଜଳି ଦୋରା, ଅନିତା କୁମାରୀ ପାଣିଗ୍ରାହୀ, ଅଧ୍ୟାପକ ରାଇମୋହନ ମାଝୀ, ହେମନ୍ତ କୁମାର ମାଝୀ, ତ୍ରୈଲୋଚନ ନାଏକ, ନୀଳମାଧବ ଶୀଖା, ସୁନିଲ ବାଗ ଯୋଗଦେଇଥିଲେ। ଏନ୍‌ଏସ୍‌ଏସ୍‌ର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ମଣି ରଣା ସଭା ପରିଚାଳନା ଓ ଅଧ୍ୟାପକ ରାଇମୋହନ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ମହାବିଦ୍ୟାଳୟ ପରିସରରେ ବୌଦ୍ଧିକ ଚର୍ଚ୍ଚା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପ୍ରଫେସର ବିଜୟ ବହିଦାର ଯୋଗଦେଇ ସାମ୍ପ୍ରତିକ ସମୟରେ 'ଜଗତୀକରଣ ଓ ରାଷ୍ଟ୍ର' ବିଷୟ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ।

# ଜଳସମ୍ପଦ ବିଭାଗ ଅତିରିକ୍ତ ଶାସନ ସଚିବଙ୍କ ନିର୍ଦ୍ଦେଶକୁ ବେଖାତିର

ନୂଆପଡ଼ା,୨୫।୯ (ମକାରୁ ବେମାଲ)

ନୂଆପଡ଼ା ଜିଲା ଖଡିଆଳ ତିଖାଲିଠାରେ ନିର୍ମାଣ ହୋଇଥିବା ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପରେ ଜାଲ୍ ବିସ୍ଥାପିତ ନାମରେ କେଲେଙ୍କାରି ଘଟଣା ସାମ୍ନାକୁ ଆସିଛି। ୨୦୨୦ରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପର କୋମନା ବ୍ଲକ ବେଲଗାଁ, ହରିପୁର, ଲମ୍ବିପାଣି, କାଳିମାଟି, ରଜନା ଓ ବୋଡେନ ବ୍ଲକର ଦରଗାଁର ମୋଟ ୪୫ ଜଣ ବିସ୍ଥାପିତ ନାମରେ ୧ କୋଟି ୮୨ ଲକ୍ଷ ୯୪ ହଜାର ୭୬୮ ଟଙ୍କା ଆତ୍ମସାତ୍ ଅଭିଯୋଗ ହୋଇଛି। ୨୦୨୨ରେ ଜଳସମ୍ପଦ ବିଭାଗ ଚିଠିସଂଖ୍ୟା ୧୮୪୧୪ରେ ପୁନର୍ବାସ ଓ ଥଇଥାନ ବିଭାଗ ନିର୍ଦ୍ଦେଶକ ତଥା ଜଳ ସମ୍ପଦ ବିଭାଗର ତତ୍କାଳୀନ ଅତିରିକ୍ତ ଶାସନ ସଚିବ ଆଲୋକ କର ଏହାର ତଦନ୍ତ କରିବାକୁ ତତ୍କାଳୀନ ଖଡିଆଳ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାର ଏକକିତା ନକଲ ନୂଆପଡା ଜିଲାପାଳଙ୍କୁ ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ନିର୍ଦ୍ଦେଶକୁ ୩ବର୍ଷ ବିତିଯାଇଥିଲେ ମଧ୍ୟ ଜିଲା ପ୍ରଶାସନ ବେଖାତିର କରୁଥିବା ବିସ୍ଥାପିତମାନେ ଅଭିଯୋଗ କରିଛନ୍ତି। ଗତ ମାର୍ଚ୍ଚ ୧ରେ ଜିଲାପାଳଙ୍କ ଚିଠିସଂଖ୍ୟା ୫୦ରେ ଉପଜିଲାପାଳଙ୍କୁ ୧୫ ଦିନ ଭିତରେ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏଯାଏ ତଦନ୍ତ ରିପୋର୍ଟ ମିଳିନାହିଁ। ମୃତବ୍ୟକ୍ତି ଓ ଅଜଣାବ୍ୟକ୍ତିଙ୍କ ନାମରେ ଥଇଥାନ ରାଶି ଆତ୍ମସାତ୍ ଅଭିଯୋଗ ହୋଇଛି। ଚଳିତ ବିଧାନସଭାର ପ୍ରଥମ ଦିନରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ବିସ୍ଥାପିତଙ୍କ ସମସ୍ୟା ଉପସ୍ଥାପନ କରିଥିଲେ। ବିସ୍ଥାପିତମାନେ କ୍ଷତିପୂରଣ ପାଇ ନାହାନ୍ତି। ରାଜ୍ୟ ସରକାର ସୋସିଆଲ ଅଡିଟ କରିବେ କି ବୋଲି ମୁଖ୍ୟମନ୍ତ୍ରୀଙ୍କଠାରେ ବିଧାୟକ ପ୍ରଶ୍ନ କରିଥିଲେ। ଗତ ୧୯ ତାରିଖରେ ଜଳସମ୍ପଦ ବିଭାଗ ଚିଠିସଂଖ୍ୟା ୨୬୬୨୬ରେ ନୂଆପଡା ଜିଲାପାଳ, ଜଳସେଚନ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ, ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କୁ ଜଳସମ୍ପଦ ବିଭାଗ ଉପ ନିର୍ଦ୍ଦେଶକତଥା ଅନୁଶାସନ ସଚିବ ସତ୍ୟଜିତ ସାହୁ ରିପୋର୍ଟ ମାଗିଛନ୍ତି। ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିସ୍ଥାପିତମାନେ ଦାବି କରିଛନ୍ତି । ଏ ସଂକ୍ରାନ୍ତରେ ନୂଆପଡା ଉପଜିଲାପାଳ ସୁର୍ମି ସୋରେନଙ୍କୁ ପଚାରିବାରୁ ପୂର୍ବରୁ ଅଭିଯୋଗ ଆସିଥିଲା। ମୁଁ ଯୋଗଦାନ କରିବା ଦିନଠାରୁ ସେ ପ୍ରକାର ଅଭିଯୋଗ ଆସି ନାହିଁ । କ'ଣ ହୋଇଛି ତଦନ୍ତ କଲା ପରେ ଜଣାପଡିବ ବୋଲି କହିଥିଲେ ।

# ସ୍ୱେଚ୍ଛାସେବୀଙ୍କୁ ସଂଘବଦ୍ଧ ଆକ୍ରମଣ, ତେଜୁଛି ଜନ ଆନ୍ଦୋଳନ



ଖବରଦାତା ସମ୍ମିଳନୀରେ ସ୍ୱେଚ୍ଛାସେବୀବୃନ୍ଦ।

ବରଗଡ଼,୨୫।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ଚରମ ସୀମାରେ ପହଞ୍ଚିଛି। ଏଠାରେ ଅବାଧ ନିଶା କାରବାର ସାଧାରଣରେ ପରିଣତ ହୋଇଥିବାବେଳେ ସାଧାରଣ ମାରପିଟଠାରୁ ଆରମ୍ଭ କରି ଲୁଟ, ଆକ୍ରମଣ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଗୁରୁବାର ବରଗଡ଼ ସହର ଉପକଣ୍ଠ ସାର କାରଖାନା ସମ୍ମୁଖରେ ଜିଲାର ଜଣେ ସ୍ୱେଚ୍ଛାସେବୀ ତଥା ସଂକଳ୍ପ

**ବରଗଡ଼ରେ ବିଗୁଡୁଛି ଆଇନ ଶୃଙ୍ଖଳା**

ପରିବାରର ସଭାପତି ବିକାଶ ଅଗ୍ରୱାଲଙ୍କୁ ଅତର୍କିତଭାବେ ସଂଘବଦ୍ଧ ଆକ୍ରମଣ ହୋଇଛି। ଏଥିସହିତ ସେ ପିନ୍ଧିଥିବା ୨୯ ଗ୍ରାମର ସୁନାଚେନକୁ ଅଭିଯୁକ୍ତମାନେ ଲୁଟି ନେଇଥିବା ବିକାଶ ସ୍ଥାନୀୟ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଆକ୍ରମଣରେ ଆହତ ହୋଇ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିକାଶ ଚିକିତ୍ସିତ ହୋଇଛନ୍ତି। ବିକାଶ ଏବଂ ତାଙ୍କ ସାନଭାଇ ଆକାଶ ସବୁଦିନ ଭଳି ସାର କାରଖାନା ସମ୍ମୁଖ ନିଜ ଦୋକାନରେ ବସିଥିଲେ । ମଧ୍ୟାହ୍ନ ପ୍ରାୟ ୧୨ଟାରେ ୨୦ରୁ ୨୫ଜଣ ଦୁର୍ବୃତ୍ତ ବିଭିନ୍ନ ମାରଣାସ୍ତ୍ର ଧରି ସେଠାକୁ ପହଞ୍ଚି ବିକାଶ କିଏ ବୋଲି ପଚାରି ଥିଲେ। ବିକାଶ ନିଜ ପରିଚୟ ଦେବା ପରେ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକ ପହଞ୍ଚିବା ପରେ ଦୁର୍ବୃତ୍ତମାନେ ସେଠାରୁ ପଳାଇଥିଲେ।

**ଆକ୍ରମଣ ପଛରେ ଅବ୍ୟବସ୍ଥିତ ସ୍ୱାସ୍ଥ୍ୟସେବା**

ସ୍ୱେଚ୍ଛାସେବୀ ବିକାଶ ଅଗ୍ରୱାଲଙ୍କ ପ୍ରତି ହୋଇଥିବା ସଂଘବଦ୍ଧ ଆକ୍ରମଣ ସମସ୍ତଙ୍କୁ ଚକିତ କରିଛି। ଜିଲାରେ ଅବ୍ୟବସ୍ଥିତ ହୋଇ ପଡିଥିବା ସ୍ୱାସ୍ଥ୍ୟସେବାକୁ ଲୋକ ଲୋଚନକୁ ଆଣିବାରେ ବିକାଶଙ୍କ ପ୍ରମୁଖ ଭୂମିକା ରହିଥିବାରୁ ଏହା ହିଁ ସଂଘବଦ୍ଧ ଆକ୍ରମଣର ଏକ ପ୍ରମୁଖ କାରଣ ହୋଇପାରେ ବୋଲି ଚର୍ଚ୍ଚା ଚାଲିଛି ।

**ସିସିଟିଭି, ଅଡିଓ ରେକର୍ଡିଂରେ ଗୁମର**

ସ୍ୱେଚ୍ଛାସେବୀ ବିକାଶଙ୍କୁ ଆକ୍ରମଣ ଯୋଜନାବଦ୍ଧ ଥିଲା। ଏହା ତାଙ୍କ ମୋବାଇଲରେ ଥିବା ଏକ ଅଡିଓ ରେକର୍ଡିଂରୁ ଜଣାପଡୁଛି।

**ନ୍ୟାୟ ଦାବିରେ ସବୁ ସଂଗଠନ ଏକାଠି**

ସ୍ୱେଚ୍ଛାସେବୀ ବିକାଶ ଅଗ୍ରୱାଲଙ୍କ ପ୍ରତି ହୋଇଥିବା ସଂଘବଦ୍ଧ ଆକ୍ରମଣ ଘଟଣାକୁ ନେଇ ଜିଲାର ସବୁ ସ୍ୱେଚ୍ଛାସେବୀ ସଂଗଠନ ଏକାଠି ହୋଇଛନ୍ତି। ସମସ୍ତେ ଏହି ଘଟଣାକୁ ଦୃଢ ନିନ୍ଦା କରିବା ସହିତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ଖବରଦାତା ସମ୍ମିଳନୀରେ ସ୍ୱେଚ୍ଛାସେବୀ ସଂଗଠନ ନିଷ୍ଠା ପରିବାରର ସଭାପତି ଅଶ୍ୱିନୀ ତ୍ରିପାଠୀ, ଆମ୍ବେଦକର ଯୁବାସଂଘ ଅବିନାଶ ବାଗ, ପଶ୍ଚିମ ଓଡ଼ିଶା ଯୁବାମଞ୍ଚର ଆଲୋକ ପ୍ରଧାନ, ସଂକଳ୍ପ ପରିବାରର ଜି. ରମେଶ ଉପସ୍ଥିତ ଥିଲେ। ବିକାଶ ମଧ୍ୟ ଉପସ୍ଥିତ ରହି ତାଙ୍କ ପ୍ରତି ହୋଇଥିବା ଆକ୍ରମଣ ଉପରେ କହିଥିଲେ।

**ଆକ୍ରମଣକୁ ବିଜେଡି, କଂଗ୍ରେସର ନିନ୍ଦା**

ବିକାଶ ଅଗ୍ରୱାଲଙ୍କ ପ୍ରତି ହୋଇଥିବା ଆକ୍ରମଣ ଘଟଣାକୁ ଉଭୟ ବିଜେଡି ଏବଂ କଂଗ୍ରେସ ନିନ୍ଦା କରିଛନ୍ତି। ଜଣେ ସ୍ୱେଚ୍ଛାସେବୀଙ୍କୁ ଦିନ ଦ୍ୱିପହରରେ ଆକ୍ରମଣ କରିବା ଜିଲାରେ ଆଇନ ଶୃଙ୍ଖଳା ବ୍ୟବସ୍ଥା ବାରି ହେଉଛି ବୋଲି ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ କହିଛନ୍ତି। ସେହିପରି କଂଗ୍ରେସ ନେତା ନିପନ ଦାଶ ମଧ୍ୟ ଏହାର ତଦନ୍ତ ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

## ସମଗ୍ର ଶିକ୍ଷା ଯୋଜନା ସମ୍ପର୍କରେ ତାଲିମ ପ୍ରଦାନ



ଶିବିରରେ ମଞ୍ଚାସୀନ ଅତିଥି।

ଭଟଲି,୨୫।୯(ବିଜୟ ମେହେର)

ଭଟଲି ପଞ୍ଚାୟତ ସମିତି ସଭାଗୃହରେ ସମଗ୍ର ଶିକ୍ଷାର ସାମାଜିକ ସମୀକ୍ଷା ପାଇଁ କ୍ଲଷ୍ଟର ସାମାଜିକ ସମୀକ୍ଷକମାନଙ୍କ ଏକ ଦିବସୀୟ ଦକ୍ଷତା ବୃଦ୍ଧି ତାଲିମ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସାମାଜିକ ସମୀକ୍ଷା ଏକକ 'ଓସାଟ' ସହାୟତାରେ ଜିଲା ପରିଷଦ ବରଗଡ଼ ଦ୍ୱାରା ଏହା ଆୟୋଜିତ ହୋଇଥିଲା। ଏଥିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ ଚନ୍ଦ୍ର ମେହେର ଯୋଗଦେଇ ଆଗାମୀ ଦିନରେ ହେବାକୁ ଥିବା ସମଗ୍ର ଶିକ୍ଷା ଯୋଜନା ସାମାଜିକ ସମୀକ୍ଷାର ସଫଳତା କାମନା କରିଥିଲେ। ଜିଲା ସାମାଜିକ ସମୀକ୍ଷକ ଆନନ୍ଦ ପଧାନ ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୀତାରାଣୀ ତ୍ରିପାଠୀ ସାଧନା କର୍ମୀ ଭାବରେ ଯୋଗଦାନ କରି ସମଗ୍ର ଶିକ୍ଷା ଯୋଜନା ବିଷୟରେ ତାଲିମ ପ୍ରଦାନ କରିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, ଜାତୀୟ ସାମାଜିକ ସୁରକ୍ଷା ଯୋଜନା, କେନ୍ଦ୍ରୀୟ ଅର୍ଥ ଆୟୋଗ, ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାର ସଫଳତା ପରେ ଆଜି ସମଗ୍ର ଶିକ୍ଷା ଯୋଜନା ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ଗୋଷ୍ଠୀ ସାମାଜିକ ସମୀକ୍ଷକ ମାଧବ ପ୍ରସାଦ ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏଥିରେ ଅମ୍ବାଭୋନା ଗୋଷ୍ଠୀ ସାମାଜିକ ସମୀକ୍ଷକ ଅଶ୍ୱିନୀ କୁମାର ପଶାୟତ, ବରଗଡ଼ ଗୋଷ୍ଠୀ ସାମାଜିକ ସମୀକ୍ଷକ ମିହିର ପଧାନଙ୍କ ସମେତ ଭଟଲି, ଅମ୍ବାଭୋନା ଏବଂ ବରଗଡ଼ ବ୍ଲକ କ୍ଲଷ୍ଟର୍ ସାମାଜିକ ସମୀକ୍ଷକମାନେ ପ୍ରଶିକ୍ଷଣ ନେଇଥିଲେ ।

## ଝାରବନ୍ଧ ଡିଗ୍ରୀ କଲେଜର ସ୍ୱଚ୍ଛତା ଅଭିଯାନ

ଝାରବନ୍ଧ,୨୫।୯(ଦେବେନ୍ଦ୍ର ସାହୁ): ଝାରବନ୍ଧ ଡିଗ୍ରୀ କଲେଜରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଏନ୍‌ଏସ୍‌ଏସ୍ ଓ ଯୁବ ରେଡକ୍ରସ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରା ଅଧ୍ୟକ୍ଷତା କରିଥିଲେ। ଏନ୍‌ଏସ୍‌ଏସ୍ ଅଧିକାରୀ ରୀତାଞ୍ଜଳି ଗୁରୁ ତଥା ଯୁବ ରେଡକ୍ରସ ଅଧିକାରୀ ମିନପ୍ରଭା ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଲେଜ ପ୍ରାଙ୍ଗଣରୁ ଶିକ୍ଷକ ଅଣଶିକ୍ଷକ କର୍ମଚାରୀ ତଥା ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରଙ୍କ ଏକ ରାଲି ବାହାରି ଝାରବନ୍ଧ ଦୁର୍ଗାପୂଜା ପ୍ରାଙ୍ଗଣ, ହସ୍ପିଟାଲ ପରିସର ତଥା ଆଖପାଖ ଅଞ୍ଚଳ ପରିଷ୍କାର କରିଥିଲେ। ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା ଅତିଥି ଭାବରେ ଯୋଗଦେଇ ସମସ୍ତଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ। ଦୁର୍ଗାପୂଜା କମିଟି ସଭାପତି, ସମ୍ପାଦକଙ୍କ ସମେତ କାର୍ଯ୍ୟକ୍ରମରେ ଯାଜ୍ଞସେନୀ ନାୟକ, ନବୀନ କୁମାର ମେହେର, ଗଗନ ବିହାରୀ ଡନଶନା, ଡ. ଖ୍ୟାତିମୟ ତ୍ରିପାଠୀ, ରଶ୍ମି ମହାଲିଂ, ଚନ୍ଦ୍ରମଣି ବାଗ, ମନୀଷା ଭୋଇ, ବଂଶୀଧର, ବଲ୍ଲଭ, ଦୁର୍ଯ୍ୟୋଧନ, ପ୍ରକାଶ, ରୁକ୍ମଣୀ, ମଦନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବିକାଶ ଲ' ସ୍କୁଲରେ ବିଶ୍ୱ ଫାର୍ମାସିଷ୍ଟ ଦିବସ



ବିକାଶ ଲ ସ୍କୁଲରେ ବିଶ୍ୱ ଫାର୍ମାସିଷ୍ଟ ଦିବସ।

ବରଗଡ,୨୫।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବିକାଶ ଲ' ସ୍କୁଲରେ ଓ ବିକାଶ ଫାର୍ମାସୀ କଲେଜର ମିଳିତ ଆନୁକୂଲ୍ୟରେ ଗୁରୁବାର ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି। ଏହି ଦିବସରେ ଅଧ୍ୟକ୍ଷ ପ୍ରଫେସର ଡ. ବିକ୍ରମ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ଅଭିନନ୍ଦନ ଖୁଣ୍ଟିଆ ପରିଚାଳନା କରିଥିଲେ। ଅଧ୍ୟକ୍ଷ ଡ. ଦାସ ଏହି ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ରିସୋର୍ସପର୍ସନ ଭାବରେ ଯୋଗଦେଇ ବିକାଶ ଫାର୍ମାସୀ କଲେଜର ଅଧ୍ୟକ୍ଷ ଡା. ଶୁଭେନ୍ଦୁ ଶେଖର ମିଶ୍ର ଲିଗାଲ ଏଣ୍ଡ ରେଗୁଲେଟୋରି ଆସ୍ପେକ୍ଟସ ଅଫ ଫାର୍ମାସୀ ଇନ ଇଣ୍ଡିଆ ବିଷୟ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ ଏହି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଶିବାନନ୍ଦ ସାହୁ, ନୀହାର ରଞ୍ଜନ ବିଶ୍ୱାଳ, ଅଧ୍ୟାପିକା ରୋଜି ମେହେର, ସନ୍ତୋଷୀ ସାହୁ, ସ୍ୱାଗତିକା ସାହୁ, ସୁଶୋଭିତା ଦାଶ, ସାଗରିକା ବିଶ୍ୱାଳ, ଅଞ୍ଜନା ପୂଜାରୀ ଓ ଲ' ସ୍କୁଲର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ ଲ' ସ୍କୁଲର ଅଧ୍ୟାପକ ଜୈମିନି କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଳାର୍ଣ୍ଣବ ପଦ୍ମପୁର ଉପଖଣ୍ଡ

- ପନିପରିବା ନଷ୍ଟ ଆଶଙ୍କା
- ସୋହେଲା ବ୍ଲକ୍‌ରେ ୧୦୧ ମି.ମି. ବର୍ଷା

ପଦ୍ମପୁର,୨୫।୯(ପ୍ରଦୀପ୍ତ ଦାଶ): ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡରେ ମଙ୍ଗଳବାର ରାତିରୁ ପ୍ରବଳ ବର୍ଷା ହୋଇଥିବା ବେଳେ ବୁଧବାର ଓ ଗୁରୁବାର ତୁହାକୁ ତୁହା ବର୍ଷା ଲାଗି ରହିଛି। ମଙ୍ଗଳବାର ରାତିରେ ସୋହେଲା ବ୍ଲକ୍‌ରେ ସର୍ବାଧିକ ୧୦୧ମିଲିମିଟର ବର୍ଷା ହୋଇଥିବା ବେଳେ ବିଜେପୁରରେ ୮୮ ମି.ମି., ଗାଇସିଲେଟରେ ୪୧ମି.ମି., ଝାରବନ୍ଧରେ ୫୨ମି.ମି., ପଦ୍ମପୁରରେ ୬୨ମି.ମି. ଓ ପାଇକମାଳରେ ୮୦ ମି.ମି. ବର୍ଷା ରେକର୍ଡ ହୋଇଛି। ଅନେକ ସ୍ଥାନରେ ପାଣି ଜମି ରହିଥିବା ବେଳେ ଚାଷୀଙ୍କ ପନିପରିବା ଫସଲରେ ପାଣି ନିଷ୍କାସନ ନ ହୋଇ ନଷ୍ଟହେବା ଆଶଙ୍କା ପ୍ରକାଶ ପାଇଛି।

## ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ



ଉପସ୍ଥିତ ଭାଜପା କର୍ମକର୍ତ୍ତା।

ପାଇକମାଲ,୨୫। ୯(ବଡ଼ ଶତପଥୀ)

ପାଇକମାଳ ଭାଜପା କାର୍ଯ୍ୟାଳୟଠାରେ ରାଷ୍ଟ୍ରବାଦୀ ଜନନାୟକ ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ୧୧୦ତମ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ପାଇକମାଳ ଭାଜପା ମଣ୍ଡଳ ସଭାପତି ଅକ୍ଷୟ ସାହୁଙ୍କ ସଭାପତିତ୍ୱ ଓ ମଣ୍ଡଳ ଉପସଭାପତି ସୁଶାନ୍ତ ନାଗଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପ୍ରଭାରୀ ଭାବରେ ଡା. ଲମ୍ବୋଦର ପଣ୍ଡା ଯୋଗଦେଇ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ବଳିଦାନ ଜୀବନ ଉପରେ ଆଲୋକପାତ କରିଥିଲେ। ପ୍ରଥମେ ଦୀନଦୟାଲ ଉପାଧ୍ୟାୟଙ୍କ ଫଟୋଚିତ୍ରରେ ସମସ୍ତ ଭାଜପା କର୍ମକର୍ତ୍ତା ପୁଷ୍ପମାଲ୍ୟ ଅର୍ପଣକରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ନେତା ଗୋବର୍ଦ୍ଧନ ଅଗ୍ରୱାଲ, ପୂର୍ବତନ ମଣ୍ଡଳ ସଭାପତି କୈଳାଶ ଦିଶ୍ରୀ, ଯୁବନେତା ଯୋଗେନ୍ଦ୍ର ଭୋଇ, ଏମ୍‌ଡିରାଜା, ପର୍ଶୁରାମ ନାଏକ, ତିଳକ ରଣା, ଗୁଣ ନାଗ, ରାଜେନ୍ଦ୍ର ସାହୁ, ଇନ୍ଦ୍ରଜିତ ଭୋଇ, ହୀରାଧର ବିହାର, ରାଜେନ୍ଦ୍ର ସେଠ, ନନ୍ଦୀ ନନ୍ଦ, କନୁ ସାହୁଙ୍କ ସମେତ ଭାଜପା କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଗନ୍ଧମାର୍ଦ୍ଦନର ଐତିହ୍ୟକୁ ସୁରକ୍ଷା ଦେବାକୁ ଦାବି

ପଦ୍ମପୁର,୨୫।୯(ପ୍ରଦୀପ୍ତ ଦାଶ)

ଗନ୍ଧମାର୍ଦ୍ଦନ ପର୍ବତ ଜୈବ ବିବିଧତାର ସୁରକ୍ଷା ଓ ନୃସିଂହନାଥ ହରିଶଙ୍କରର ବିକାଶ ପାଇଁ ଦାବି ହୋଇଛି। ଏ ନେଇ ବୁଧବାର କେନ୍ଦ୍ର ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ପତ୍ର ଲେଖି ଜଣାଇଛନ୍ତି । ଓଡ଼ିଶାର ବଲାଙ୍ଗୀର ଏବଂ ବରଗଡ଼ ଜିଲାରେ ବିସ୍ତୃତ ଔଷଧୀୟ ବନସ୍ପତିରେଭରା ଗନ୍ଧମାର୍ଦ୍ଦନ ପାହାଡ଼କୁ ଜୈବ ବିବିଧତା ଐତିହ୍ୟ ସ୍ଥଳ ଭାବରେ ମାନ୍ୟତା ଦିଆଯାଇଛି। ଗନ୍ଧମାର୍ଦ୍ଦନ ପାହାଡ଼କୁ ପ୍ରାୟତଃ 'ଆୟୁର୍ବେଦିକ ସ୍ୱର୍ଗ' ଭାବରେ ଉଲ୍ଲେଖ କରାଯାଏ, କାରଣ ଏଠାରେ ୧୦୦୦ରୁ ଅଧିକ ପ୍ରଜାତିର ଔଷଧୀୟ ବନସ୍ପତି ରହିଛି। ସେଥିରୁ ଅନେକ ବିରଳ ପ୍ରଜାତିର ଶତାବ୍ଦୀ ଧରି, ପାରମ୍ପରିକ ଚିକିତ୍ସାକାରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟ ସ୍ୱଦେଶୀ ସ୍ୱାସ୍ଥ୍ୟସେବା ଅଭ୍ୟାସ ପାଇଁ ଏହି ଔଷଧି ଉପରେ ନିର୍ଭର କରିଆସୁଛନ୍ତି। ତେଣୁ ଏହି ପାହାଡ଼ଗୁଡ଼ିକ କେବଳ ଏକ ଜୈବ ବିବିଧତା ହଟ୍‌ସ୍ପଟ୍ ନୁହେଁ ବରଂ ଭାରତର ପାରମ୍ପରିକ ଜ୍ଞାନ ବ୍ୟବସ୍ଥାର ଏକ ଅମୂଲ୍ୟ ସମ୍ପତ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। କେନ୍ଦ୍ର ସରକାର ତୁରନ୍ତ ପଦକ୍ଷେପ ଗ୍ରହଣକରି ଗନ୍ଧମାର୍ଦ୍ଦନର ଐତିହ୍ୟକୁ ସୁରକ୍ଷା ଦେବା ପାଇଁ ଦାବି କରିଛନ୍ତି।

## ବେଆଇନ ବାଣ ଗୋଦାମରେ ଚଢ଼ାଉ



ବାଉଁଶୁଣୀ,୨୫।୯(ଦେବାଶିଷ ନେପାକ): ବୌଦ୍ଧ ଜିଲା ବାଉଁଶୁଣୀ ପୋଲିସ ପକ୍ଷରୁ ସଂଗ୍ରାମପୁର ଓ ବାଉଁଶୁଣୀ ଅଞ୍ଚଳର ବେଆଇନ୍ ବାଣ ମହଜୁଦ୍ ରଖାଯାଇଥିବା ଘରେ ଚଢାଉ କରି ବହୁ ପରିମାଣର ବାଣ ଜବତ କରାଯାଇଛି। ଏହି ଘଟଣାରେ ପୋଲିସ ଦୁଇଟି ପୃଥକ୍ ମାମଲା ରୁଜୁ କରି ୨ଜଣଙ୍କୁ ଗିରଫ କରିବା ସହ ନୋଟିସ୍ ଦେଇ ଛାଡି ଦେଇଥିବା ସୂଚନା ମିଳିଛି। ଜିଆକଟା ଗ୍ରାମର ବାଣ ଗୋଦାମରେ ବିସ୍ଫୋରଣ ଘଟି ଧନଜୀବନ ନଷ୍ଟ ହେବା ପରେ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ବାଉଁଶୁଣୀ ପୋଲିସ ଏହି ଚଢାଉ କରିଥିଲା।

# ୯୦ ଛାତ୍ରୀଛାତ୍ରଙ୍କୁ ଡିଜିଟାଲ ଶ୍ରବଣ ଯନ୍ତ୍ର ପ୍ରଦାନ

ବରଗଡ଼,୨୫।୯(ପ୍ରେମାନନ୍ଦ ଖମାରୀ)



ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଆନ୍ତର୍ଜାତିକ ବଧିର ଦିବସ ।

ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ପରିସରରେ ବୁଧବାର ଆନ୍ତର୍ଜାତିକ ବଧିର ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଡା. ଦିଲୀପ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଡିଡିଆରସି, ସମ୍ବଲପୁରର ଅଡିଓଲୋଜିଷ୍ଟ ଓମ୍ ପ୍ରକାଶ ସିଂ ସାମନ୍ତ, ବଧିର ବିଦ୍ୟାଳୟ ଜନକେଡ଼ାର ଏମ୍‌ସିଡି ଶିକ୍ଷକ ଆକାଶ ସାହୁ ଅତିଥି ଭାବରେ ମଞ୍ଚାସୀନ ଥିଲେ। ବଧିର ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ସାହୁ ପ୍ରାରମ୍ଭିକ ସୂଚନା ଏବଂ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଦୃଷ୍ଟିହୀନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭୟ କୁମାର ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମାନସିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନେପାଳ ଦୁଆନ, ବଧିର ବିଦ୍ୟାଳୟ, ବରଗଡ଼ର ଏମ୍‌ସିଡି ଶିକ୍ଷକ ସନାତନ ସାହୁ ମଞ୍ଚାସୀନ ଥିଲେ। ଆନ୍ତର୍ଜାତିକ ବଧିର ଦିବସ ପାଳନ ଅବସରରେ ପୁରାତନ ବଧିର ଛାତ୍ର ତଥା ବଧିର ବିଦ୍ୟାଳୟ,

**ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଆନ୍ତର୍ଜାତିକ ବଧିର ଦିବସ**

ବରଗଡ଼ର କାରୁକଳା ଶିକ୍ଷକ ମଣ୍ଟୁ ପଣ୍ଡା ଓ ପୁରାତନ ଛାତ୍ରୀ ତଥା ସ୍ୱେଚ୍ଛାକୃତ ଶିକ୍ଷୟିତ୍ରୀ ଲିପ୍‌ସା ପ୍ରଧାନଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୃଷ୍ଟିହୀନ ଛାତ୍ରୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବଧିର ବିଦ୍ୟାଳୟ, ଜନକେଡ଼ାର ଛାତ୍ରୀଛାତ୍ରମାନଙ୍କୁ ସରକାରଙ୍କ ତରଫରୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା। ଅନ୍ୟ ଏକ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଦୃଷ୍ଟିହୀନ ଛାତ୍ରୀଛାତ୍ରମାନଙ୍କର ଡିଜିଟାଲ ଶିକ୍ଷା ପାଇଁ ୨ଟି କମ୍ପ୍ୟୁଟର ମାଗଣାରେ ପ୍ରଦାନ କରାଯାଇଥିଲା। ସେହିପରି ମଙ୍ଗଳବାର ଉକ୍ତ ବିଦ୍ୟାଳୟର ୯୦ ଛାତ୍ରୀଛାତ୍ରଙ୍କୁ ଡିଡିଆରସି ତରଫରୁ ଡିଜିଟାଲ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା । ଏଥିରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ବରଗଡ଼ ତାହିର ହୁସେନ ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରିଥିଲେ । ପରିଶେଷରେ ବଧିର ବିଦ୍ୟାଳୟର କାରୁକଳା ଶିକ୍ଷୟିତ୍ରୀ ସୁଶିଳା ପଶାୟତ ଧନ୍ୟବାଦ ଅର୍ପଣ କରିଥିଲେ ।

## ରକ୍ତଦାନ ଶିବିର, ୨୬ ୟୁନିଟ୍ ସଂଗ୍ରହ




ଶିବିରରେ ରକ୍ତଦାନ କରାଯାଉଛି।

ବୌଦ୍ଧ,୨୫।୯(ଅଜିତ କୁମାର ବାରିକ)

ବୌଦ୍ଧ ପଞ୍ଚାୟତ ମହିବିଦ୍ୟାଳୟ ପରିସରରେ ଗୁରୁବାର ଜାତୀୟ ସେବା ସଂସ୍ଥା ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ମିଶ୍ର, ଅଧ୍ୟାପକ ପ୍ରବୀର କୁମାର ଦାସ, ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଫିସର ସୁରଜ କୁମାର ନାୟକ, ସହଯୋଗୀ ପ୍ରୋଗ୍ରାମ ଅଫିସର କଲ୍ୟାଣୀ ଦେବୀ ସୁନାନୀ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ। ବ୍ଲଡ ବ୍ୟାଙ୍କ ଅଧିକାରୀ ଡା. ବିକେଆର୍‌ସି ହେମ୍ବ୍ରମ ଉପସ୍ଥିତ ଥିଲେ। ଏହି ଶିବିରରେ ୨୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ସହଯୋଗ କରିଥିଲେ।

# ବିକାଶ ନର୍ସିଂ କଲେଜରେ ବିଦାୟ ସମ୍ବର୍ଦ୍ଧନା

ବରଗଡ, ୨୫।୯(ପ୍ରେମାନନ୍ଦ ଖମାରୀ)

ବରଗଡ ବିକାଶ ନର୍ସିଂ କଲେଜରେ ଗୁରୁବାର ବିଦାୟ ସମ୍ବର୍ଦ୍ଧନା ସଭା ଆୟୋଜନ ହୋଇଛି। କଲେଜରେ ବି.ଏସସି. ନର୍ସିଂର ଦ୍ୱିତୀୟ ବ୍ୟାଚ, ଏ.ଏନ୍.ଏମ୍‌ର ଚତୁର୍ଥ ବ୍ୟାଚ, ଡିଏମ୍‌ଏଲ୍‌ଟିର ପ୍ରଥମ ବ୍ୟାଚ ଏବଂ ଡିଏମ୍‌ଆର୍‌ଟିର ଦ୍ୱିତୀୟ ବ୍ୟାଚର ଛାତ୍ରୀଛାତ୍ରମାନଙ୍କୁ ବିଦାୟ ଜଣାଇବା ପାଇଁ ଅନ୍ୟ ବ୍ୟାଚର ଜୁନିୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସର କନଭେନ୍ସନ ହଲ୍‌ଠାରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ, ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସର ମୁଖ୍ୟ ପ୍ରଶାସକ ଇଂ. ଅଜୟ କୁମାର ମହାପାତ୍ର, ଚେୟାରମ୍ୟାନ କାର୍ଯ୍ୟାଳୟର ବରିଷ୍ଠ ପରାମର୍ଶଦାତା ପି.କେ. ଦାଶ, ବିକାଶ ନର୍ସିଂ କଲେଜର ଅଧ୍ୟକ୍ଷା ଦୀପାଞ୍ଜଳି ପଟେଲ ଏବଂ ବିକାଶ ମଲ୍ଟିସ୍ପେଶିଆଲିଟି ହସ୍ପିଟାଲର ଫିଜିଓଥେରାପିଷ୍ଟ ଡା. ଅକ୍ତର ହାସିମ ବିଦାୟ ନେଉଥିବା ଛାତ୍ରୀଛାତ୍ରମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ସେମାନଙ୍କୁ ଉତ୍ସାହିତ କରିଥିଲେ। ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସର ଭିନ୍ନ ଭିନ୍ନ ବିଭାଗର ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଡିନ (ଷ୍ଟୁଡେଣ୍ଟ ଆଫେୟାର) ତଥା ନର୍ସିଂ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା କାର୍ଯ୍ୟକ୍ରମ ମାଧ୍ୟମରେ ଉକ୍ତ ବିଦାୟ ସମ୍ବର୍ଦ୍ଧନା ସଭା ସୁଚାରୁ ରୂପେ ସଫଳତାର ସହ ଅନୁଷ୍ଠିତ ହୋଇଥିଲା।



ବିକାଶ ନର୍ସିଂ କଲେଜରେ ବିଦାୟ ସମ୍ବର୍ଦ୍ଧନା।

# ଫୁଟବଲ ପ୍ରତିଯୋଗିତା, ଅତାବିରାକୁ ହରାଇଲା ଗର୍ଭଣା

ସୋହେଲା ୨୫।୯(ଅଶ୍ୱିନୀ କୁମାର ପାତ୍ର)

ସୋହେଲା ମିନି ଷ୍ଟାଡିୟମଠାରେ ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ଚାଲିଥିବା ଫୁଟବଲ ପ୍ରତିଯୋଗିତାର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଗର୍ଭଣା ଦଳ ଅତାବିରା ଦଳକୁ ପରାସ୍ତ କରି ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛି। ମ୍ୟାଚର ପ୍ରଥମାର୍ଦ୍ଧରେ ଗର୍ଭଣା ଦଳର ଅଜିତ ନେଗି ଏକ ଗୋଲ ଦେଇ ଗର୍ଭଣାକୁ ଅଗ୍ରଣୀ କରିଥିଲେ। ମ୍ୟାଚର ଦ୍ୱିତୀୟାର୍ଦ୍ଧରେ ଅତାବିରା ଦଳର ତୁଡେଶ୍ୱର ମିର୍ଦ୍ଧା ଗୋଲ ପରିଶୋଧ କରି ଦେଇଥିଲେ । ନିର୍ଦ୍ଧାରିତ ସମୟରେ କେହି ଗୋଲ କରି ନ ପାରିବାରୁ ଫଳାଫଳ ପାଇଁ ଟାଇବ୍ରେକରର ସାହାଯ୍ୟ ନିଆଯାଇଥିଲା। ଏଥିରେ



ଅତିଥିଙ୍କ ଗହଣରେ ଖେଳାଳିମାନେ।

ଗର୍ଭଣା ଅତାବିରାକୁ ୩/୨ ଗୋଲରେ ପରାଜିତ କରିଥିଲେ। ମ୍ୟାଚ ପ୍ରାରମ୍ଭରେ ଦୁର୍ଗାପୂଜା କମିଟିର ଉପସଭାପତି ବଳବୀର ସିଂ ଠାକୁର ମୁଖ୍ୟ ଅତିଥି ଏବଂ ଅବସରପ୍ରାପ୍ତ ପ୍ରାଧ୍ୟାପକ ଦୁର୍ଗାପ୍ରସାଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଗର୍ଭଣା ଦଳର ଅଜିତ ନେଗିଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ମ୍ୟାଚକୁ ପଞ୍ଚାନନ ପାତ୍ର, ଅଭୟ ପଧାନ, ଶିବୁ ଅଗ୍ରୱାଲ, ରଞ୍ଜିତ ଛତରିଆ ପରିଚାଳନା କରିଥିଲେ। ଶୁକ୍ରବାର ସୋହେଲା ଏବଂ ଅମୃତଧାରା ବରଗଡ଼ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

# ହସ୍ତିନାପୁର ତୋରଣରେ ପୂଜା ପାଇବେ ମା'

ରାଉରକେଲା,୨୫।୯(ସଙ୍ଗୀତା ଜେନା)

ଦୁର୍ଗାପୂଜା ପାଇଁ ରାଉରକେଲା ସହରରେ ଜୋରସୋର ପ୍ରସ୍ତୁତି ଚାଲିଛି। କମିଟିର ସଦସ୍ୟମାନେ ଦିନରାତି ମଣ୍ଡପ କାର୍ଯ୍ୟ ଜାରି ରଖିଛନ୍ତି। ସହରରେ ସ୍ୱାତନ୍ତ୍ର୍ୟ ହାସଲ କରିଥିବା ସେକ୍ଟର-୧୬ ପୂଜା କମିଟି ଚଳିତ ଥର କିଛି ନୂତନ ଥିମ୍ ସହରବାସୀଙ୍କୁ ଦେବାକୁ ଯାଉଛି। ମହାଭାରତର ଆଧ୍ୟାତ୍ମିକତା ଓ ପୌରାଣିକ ପୃଷ୍ଠଭୂମିର ଏକ ପ୍ରମୁଖ ଅଙ୍ଗ ହସ୍ତିନାପୁର ରାଜମହଲକୁ ଏଥର କମିଟି




ପକ୍ଷରୁ ତୋରଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଚଳିତବର୍ଷ ଏହି ବର୍ଷ ପୂଜା ୬୭ ବର୍ଷରେ ପଦାର୍ପଣ କରୁଥିବା ଯୋଗୁ ପୂଜାକୁ ଧୁମ୍‌ଧାମ୍‌ରେ ପାଳନ କରିବାକୁ ସମସ୍ତେ ଲାଗିପଡିଛନ୍ତି। ସେକ୍ଟର-


ହସ୍ତିନାପୁର ତୋରଣ ପ୍ରତିକୃତି।

**ସେକ୍ଟର-୧୬ରେ ଦୁର୍ଗାପୂଜା**

୧୬ ମାର୍କେଟ ଏବଂ ସ୍ଥାନୀୟ ଲୋକଙ୍କ ସହଯୋଗରେ ପ୍ରତିବର୍ଷ ସଫଳତାର ସହ ପୂଜା ହେଉଛି। ଉକ୍ତ ପୂଜାରେ ୧୩୦ ଫୁଟ୍ ଚଉଡା ଏବଂ ପ୍ରାୟ ୧୧୦ ଫୁଟ୍ ଉଚ୍ଚତା ତୋରଣ ନିର୍ମାଣ କରାଯାଉଛି। ଉକ୍ତ ତୋରଣରେ ପ୍ରାୟ ୫ ହଜାର ମିଟର ସୁନେଲୀ ରଙ୍ଗର କପଡ଼ା ବ୍ୟବହୃତ ହେଉଛି। ଏହାସହ ପ୍ରାୟ ୬ ହଜାର ବାଉଁଶ ଖଣ୍ଡ ଓ ୧୫ ଶହ ସିଫ୍‌ଟରୁ ଉର୍ଦ୍ଧ୍ୱ ପ୍ୟାଟର୍ନ ବ୍ୟବହୃତ ହେଉଛି। ଉକ୍ତ ମହଲ ସଦୃଶ ତୋରଣରେ ମା'ଙ୍କ ୧୫ ଫୁଟ୍‌ର ଓରିଏଣ୍ଟାଲ ମୂର୍ତ୍ତି ପୂଜା ପାଇବ। ଏହାକୁ ମୂର୍ତ୍ତିକାର ଉମେଶ ପଣ୍ଡିତ ତିଆରି କରୁଛନ୍ତି। ପୂଜାରେ ଶାନ୍ତିଶୃଙ୍ଖଳା, ସ୍ୱଚ୍ଛତା ବଜାୟ ରଖିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ସେହିପରି ସିସିଟିଭି ଓ ଅଗ୍ନି ନିର୍ବାପକ ବ୍ୟବସ୍ଥା ମଧ୍ୟ କରାଯାଉଛି। ମଣ୍ଡପର ଆଖପାଖ ଅଞ୍ଚଳକୁ ଆକର୍ଷଣୀୟ ଆଲୋକମାଳାରେ ସଜ୍ଜିତ କରାଯାଉଛି। ପଣ୍ଡିତ ଉପେନ୍ଦ୍ର ନନ୍ଦ, ବିଧୁଭୂଷଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ପୂଜାକର୍ତ୍ତା ଭାବେ ସଞ୍ଜୟ ମହାନ୍ତି ଦାୟିତ୍ୱ ତୁଲାଇବେ। ଉପଦେଷ୍ଟା ଆର୍ତ୍ତ ମହାରଣା, ଶୁକ୍ରୁ ବିଭାର, ମିଲୁ ପଟ୍ଟନାୟକ, ଉପସଭାପତି ସୁରଜ ମହାରଣା, କାର୍ଯ୍ୟକାରୀ ସଭାପତି ଅନୀଲ ସିଂହ, କୋଷାଧ୍ୟକ୍ଷ ପଙ୍କଜ ସାମଲ, ଅସୀମ ପରିଡା, ସୁନୀଲ ସିଂହ, ଇନ୍ଦ୍ରଜିତ ସିଂହ, ସଂଯୋଜକ ଅବିନାଶ ପ୍ରଧାନ, ଏମ୍‌ଡ଼ି ବାବୁ ପ୍ରମୁଖ ପୂଜା ପରିଚାଳନା କରିବେ ବୋଲି ଜଣାପଡିଛି।

**ଏମାନେ ଯାହା କୁହନ୍ତି...**



"ଅନ୍ୟ ମଣ୍ଡପମାନଙ୍କରେ ଐତିହାସିକ ପୃଷ୍ଠଭୂମିକୁ ଗୁରୁତ୍ୱ ଦିଆଯାଉଛି। ହେଲେ ଆମେ ପୌରାଣିକ ପୃଷ୍ଠଭୂମିକୁ ବାଛିଥିଲୁ। ଏହାକୁ ଭବ୍ୟ କରିବା ପାଇଁ ଆୟୋଜନ କରାଯାଇଛି। ମଣ୍ଡପର ୩ ପାର୍ଶ୍ୱ ଖୋଲା ଥିବାରୁ ପାର୍କିଂ ବ୍ୟବସ୍ଥା କରାଯାଇଛି। ମୀନାବଜାର ଓ ବିଭିନ୍ନ ପ୍ରକାର ଦୋଳି ଆୟୋଜନ ହେଉଛି। ଶାନ୍ତିଶୃଙ୍ଖଳା ପାଇଁ ସିସିଟିଭି ବ୍ୟବସ୍ଥା କରାଯାଉଛି।

-ଶ୍ରୀନିବାସ ପ୍ରଧାନ, ସଭାପତି



"ପୂଜାରେ ସିପିସି ନିୟମ ପାଳନ କରାଯିବ। କ୍ରମାଗତ ଭାବେ ଏହି ମଣ୍ଡପ ଶ୍ରେଷ୍ଠ ଶୃଙ୍ଖଳିତ ମଣ୍ଡପ ଭାବେ ପୁରସ୍କାର ପାଇଆସୁଛି। ଚଳିତ ବର୍ଷ ଶୃଙ୍ଖଳା ଓ ସୁରକ୍ଷାକୁ ପ୍ରାଥମିକତା ଦିଆଯିବ। ୨୦ରୁ ଊର୍ଦ୍ଧ୍ୱ କାରିଗର ପୂଜା ମଣ୍ଡପ ଓ ମୂର୍ତ୍ତି ନିର୍ମାଣରେ ନିୟୋଜିତ ଅଛନ୍ତି। ଭକ୍ତଙ୍କ ମନୋରଞ୍ଜନ ପାଇଁ ଦୋଳି ବ୍ୟବସ୍ଥା କରାଯାଇଛି।

-ଅନିରୁଦ୍ଧ ଖଣ୍ଡୁଆଲ, ସାଧାରଣ ସମ୍ପାଦକ

## ସଂକ୍ଷେପରେ

### ଡକାୟତି ଯୋଜନା ପଣ୍ଡ, ୪ ଗିରଫ

**ରାଉରକେଲା,୨୫।୯(ସଙ୍ଗୀତା ଜେନା):** ଉଦିତନଗର ଥାନା ଅନ୍ତର୍ଗତ ମାଲଗୋଦାମ ଅଞ୍ଚଳରେ ବୁଧବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଡକାୟତି ଯୋଜନା କରୁଥିବା ବେଳେ ପାଟ୍ରୋଲିଂ ପୋଲିସ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ୱାର୍ଡ ନଂ.୧୦ ମାଲଗୋଦାମର ଏମ୍‌ଡ଼ି ପରଭେଜ(୨୨), ଏମ୍‌ଡ଼ି ଅରବାଜ(୨୩), ସୁଇପର ବସ୍ତିର ମୁନା ମଣ୍ଡଳ(୨୨) ଏବଂ ସୁରେନ୍ଦ୍ର ଚୌଧୁରୀ(୨୩)। ସେମାନଙ୍କ ନିକଟରୁ ଛୁରି, ଭୁଜାଲି, ଲୁହାରଡ୍, ୪ଟି ମାସ୍କ, ବିଅର ବୋତଲ ଆଦି ଜବତ ହୋଇଛି। ପୋଲିସ ମାମଲା ( ନଂ.୩୦୮/୨୫) ରୁଜୁ କରି ୪ ଜଣଙ୍କୁ ଗୁରୁବାର ଅପରାହ୍ନ ୪ଟାରେ କୋର୍ଟଚାଲାଣ କରିଛି। ପରଭେଜ୍‌ଙ୍କ ବିଭିନ୍ନ ଥାନାରେ ୧୧ଟି, ଅରବାଜଙ୍କ ୨ଟି, ମୁନାଙ୍କ ୨ଟି ଏବଂ ସୁରେନ୍ଦ୍ରଙ୍କ ୬ଟି ଆପରାଧିକ ରେକର୍ଡ ରହିଛି। ସୂଚନାଯୋଗ୍ୟ, ଅଭିଯୁକ୍ତମାନେ ଘର, ଦୋକାନ ଓ ପେଟ୍ରୋଲ ପମ୍ପ ଆଦିରେ ଡକାୟତି କରିବା ପାଇଁ ଯୋଜନା କରୁଥିବା ବେଳେ ସେମାନଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି।

### ୫ ବାଇକ୍ ଜବତ, ଚୋର ଗିରଫ

**ରାଉରକେଲା,୨୫।୯(ସଙ୍ଗୀତା ଜେନା):** ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ମାଲଗୋଦାମ ଅଞ୍ଚଳରେ ଜଣେ ବାଇକ୍ ଚୋରଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଏମ୍‌ଡ଼ି ଏକ୍ରାମ ଅଂସାରୀ(୪୯)। ତାଙ୍କଠାରୁ ୫ଟି ବାଇକ୍ ଜବତ ହୋଇଛି। ପୂର୍ବରୁ ତାଙ୍କ ବିରୋଧରେ ଲାଠିକଟା ଏବଂ ପ୍ଲାଣ୍ଟସାଇଟ୍ ଥାନାରେ ୫ଟି ଆପରାଧିକ ମାମଲା ରହିଛି। ପୋଲିସ ଏକ ମାମଲା (ନଂ.୬୬୫/୨୫) ରୁଜୁ କରି ଅଭିଯୁକ୍ତଙ୍କୁ ଗୁରୁବାର ଅପରାହ୍ନ ୨ଟାରେ କୋର୍ଟଚାଲାଣ କରିଛି।

**ବଣାଇଁରେ ପାଗଳ କୁକୁର ଆତଙ୍କ**

### ପାଗଳ କୁକୁର କାମୁଡାରେ ୮ ଗୁରୁତର

ବଣାଇଁ,୨୫।୯(ପ୍ରଦୀପ ତ୍ରିପାଠୀ ): ବଣାଇଁ ଶୁଣ୍ଠୀକୋଣ ଅଞ୍ଚଳରେ ଏକ ପାଗଳ କୁକୁର କାମୁଡାରେ ପ୍ରାୟ ୮ ଜଣ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଇଞ୍ଜେକସନ ଦିଆଯାଇଛି। ସେହିପରି ବଣାଇଁର ମଧୁପୁର ଅଞ୍ଚଳରେ ମଧ ୩-୪ ଜଣଙ୍କୁ କୁକୁର କାମୁଡିଥିବା ଜଣାପଡିଛି।

### ସ୍ୱାମୀ ଚିଦାନନ୍ଦ ମହାରାଜଙ୍କ ଜୟନ୍ତୀ ପାଳିତ

ରାଉରକେଲା,୨୫।୯(ଦିନେଶ ମିଶ୍ର): ଛେଣ୍ଡ ସ୍ଥିତ ଶିବାନନ୍ଦ ଆଶ୍ରମରେ ସ୍ୱାମୀ ଚିଦାନନ୍ଦ ମହାରାଜଙ୍କ ୧୦୯ତମ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ଚିନ୍ମୟ ମିଶନର ବ୍ରହ୍ମଚାରିଣୀ ପ୍ରତିଭା ଚୈତନ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱାମୀ ଚିଦାନନ୍ଦଙ୍କ ଜୀବନାଦର୍ଶ ଓ ତାଙ୍କ ବାର୍ତ୍ତା ସମ୍ପର୍କରେ ଅତିଥି ପ୍ରତିଭା ଚୈତନ୍ୟ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପ୍ରକାଶ କୁମାର ପଣ୍ଡା, କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର କୁମାର ପାଣ୍ଡବ, ରାଜେନ୍ଦ୍ର ନାରାୟଣ ହୋତା, ବିଜୟାନନ୍ଦ ଅଗ୍ରୱାଲ ପ୍ରମୁଖ ସ୍ୱାମୀ ଚିଦାନନ୍ଦଙ୍କ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଗୁରୁ ପାଦପୂଜା, ଭଜନ କୀର୍ତ୍ତନ ଓ ପ୍ରସାଦ ସେବନ କରାଯାଇଥିଲା। ସଞ୍ଜୀବ କୁମାର ପ୍ରଧାନ, କବିବର ସାହୁ, ବାଳକୃଷ୍ଣ ମହାରଣା, କାର୍ତ୍ତିକ ଚନ୍ଦ୍ର ବରାଳ, ସର୍ବେଶ୍ୱର ମାନସିଂହ, ସୁରେନ୍ଦ୍ର ନାଥ ବେହେରା, ବ୍ରିଜକିଶୋର ପାଣି, ନିରବ ଚନ୍ଦ୍ର ମହାନ୍ତ, ଜ୍ୟୋତି ମହାନ୍ତି, ଲକ୍ଷ୍ମୀପ୍ରିୟା ପଟ୍ଟନାୟକ, ସୋନା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। କବିବର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

## ଅଭିଯୁକ୍ତଙ୍କୁ ୫ ବର୍ଷ କାରାଦଣ୍ଡ

**ପୀଡ଼ିତାଙ୍କୁ ଅଶାଳୀନ ବ୍ୟବହାର ମାମଲା**

**ରାଉରକେଲା,୨୫।୯(ସଙ୍ଗୀତା ଜେନା):** ୨୦୧୬ରେ ହାତୀବାରୀ ଥାନା ଅଞ୍ଚଳରେ ପୀଡ଼ିତାଙ୍କୁ ଭୟଭୀତ କରାଇବା ସହ ଅଭଦ୍ର ବ୍ୟବହାର ତଥା ଭୟଭୀତ କରିବା ମାମଲାରେ ଗୁରୁବାର ଅପରାହ୍ନ ୨ଟାରେ ପୋକ୍‌ସୋ କୋର୍ଟ ବିଚାରପତି ପି. ସୁରିୟା ରାଓ ସମ୍ପୃକ୍ତ ଯୁବକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀଙ୍କୁ ୫ ବର୍ଷ କାରାଦଣ୍ଡ ସହିତ ୫୦ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦାୟ କ୍ଷେତ୍ରରେ ଅତିରିକ୍ତ ୬ ମାସ ଜେଲଦଣ୍ଡ ଶୁଣାଣି କରିଛନ୍ତି। ଉକ୍ତ ମାମଲାରେ ବିଚାରପତି ୧୪ ଜଣ ସାକ୍ଷ୍ୟଙ୍କ ବୟାନ ଓ ୫ଟି ଦସ୍ତାବିଜକୁ ବିଚାର କରି ଦୃଢ଼ ସାକ୍ଷ୍ୟ ପ୍ରମାଣ ନେଇ ଉକ୍ତ ରାୟ ପ୍ରକାଶ କରିଥିଲେ। ଏଥିସହ ପୀଡ଼ିତାଙ୍କ ମାତାପିତାଙ୍କୁ ଜିଲା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ୪ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ପାଇଁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ସୁନ୍ଦରଗଡ଼ରେ ଅବସ୍ଥାପିତ ଥିବା ନିର୍ଦ୍ଦେଶକ ଅଭିଯୋଜକଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ସରକାରୀ ଓକିଲ ସୁଦାମ ଚନ୍ଦ୍ର ଦାଶ ସରକାରଙ୍କ ପକ୍ଷରୁ ଏହି ମାମଲା ପରିଚାଳନା କରୁଥିଲେ।


ମାଓବାଦୀ ପୋଲିସ ନିକଟରେ ଆତ୍ମସମର୍ପଣ କରୁଛନ୍ତି।

# ୧୦ ମାଓବାଦୀଙ୍କ ଆତ୍ମସମର୍ପଣ

ରାଉରକେଲା,୨୫।୯(ସଙ୍ଗୀତା ଜେନା)

**ଓଡ଼ିଶା ଓ ଝାଡଖଣ୍ଡ ସୀମାନ୍ତରେ ସକ୍ରିୟ ଥିଲେ**

ଓଡ଼ିଶା ଓ ଝାଡ଼ଖଣ୍ଡ ସୀମାନ୍ତ କୋଲହାନ୍ ତଥା ସରଣ୍ଡା ଜଙ୍ଗଲ ଅଞ୍ଚଳରେ ସକ୍ରିୟ ଥିବା ୧୦ ମାଓବାଦୀ ଗୁରୁବାର ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ସୂଚନା ମିଳିଛି। ମାଓବାଦୀମାନଙ୍କ ଗତିବିଧି ଉପରେ ଅଙ୍କୁଶ ଲଗାଇବା ପାଇଁ ଝାଡ଼ଖଣ୍ଡ ପୋଲିସ ତଥା ସିଆରପିଏଫ୍ ଜାଗୁଆର (ଏସ୍‌ଟିଏଫ୍)ର ବରିଷ୍ଠ ପଦାଧିକାରୀଙ୍କ ଉପସ୍ଥିତିରେ ପୂର୍ବାହ୍ନ ୧୧ଟାରେ ୧୦ଜଣ ମାକପା ସଙ୍ଗଠନ ସଦସ୍ୟ ଆତ୍ମସମର୍ପଣ କରିଥିଲେ। ସେମାନେ ହେଲେ ପଶ୍ଚିମ ସିଂଭୂମର ଏରିଆ କମିଟି ସଦସ୍ୟ ରନ୍ଦୋ ବାଇପୋଇ, ମାକପା ସଦସ୍ୟ ଗାର୍ଦି କୋଡା(୨୦), ଜନ୍ ପୂର୍ତ୍ତି(୨୦), ନିରସୋ ସିଦ୍ଧୁ(୨୦) ଘୋନର ଦେବଗମ(୧୮), ଗେମିଆ କୋଡା(୨୦), କେରା କୋଡା(୨୦), କେରୀ କାୟମ(୨୨), ସାବିତ୍ରୀ ଗୋପ(୧୮) ଏବଂ ପ୍ରଦୀପ ସିଂହ। ପଶ୍ଚିମସିଂଭୂମ ଜିଲାରେ ବିଶେଷ ଭାବେ ସକ୍ରିୟ ରହିଥିବା ଉକ୍ତ ମାଓବାଦୀମାନଙ୍କ ନାଁରେ ବିଭିନ୍ନ ଥାନାରେ ଏକାଧିକ ଆପରାଧିକ ମାମଲା ରହିଛି। ସେଥିମଧ୍ୟରେ ସୀମାବର୍ତ୍ତୀ ଥାନା ସମେତ ଜରେଇକେଲା ଥାନା ମଧ୍ୟ ରହିଛି। ମାଓବାଦୀ ରନ୍ଦୋଙ୍କ ନାଁରେ ଗୋଟିଏ ମାମଲା ରହିଥିବାବେଳେ ଗାର୍ଦିଙ୍କ ନାଁରେ ୫ଟି, ଜନ୍‌ଙ୍କ ନାଁରେ ୪ଟି ମାମଲା ରହିଛି। ସେହିପରି ନିରସୋ ଓ ଘୋନରଙ୍କ ନାଁରେ ଛୋଟାନାଗରା, ଜରେଇକେଲାରେ ୩ଟି ମାମଲା ରହିଥିବାବେଳେ ଟୋଣ୍ଟୋ ଥାନାରେ ଗେମିଆ, କେରା, କେରୀଙ୍କ ନାଁରେ ମାମଲା ରହିଛି। ସାବିତ୍ରୀଙ୍କ ନାଁରେ ଗୁଆ ଥାନାରେ ଗୋଟିଏ ଏବଂ ଛୋଟାନାଗରା ଥାନାରେ ପ୍ରଦୀପଙ୍କ ନାଁରେ ଏକାଧିକ ମାମଲା ଥିବା ପୋଲିସ ସୂଚନା ଦେଇଛି। ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଫେରାଇ ଆଣିବା ପାଇଁ ପୋଲିସ ତଥା ସୁରକ୍ଷା ବଳ ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯାଇଛି।

## ଦୋଷୀଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ

ରାଉରକେଲା,୨୫।୯(ସଙ୍ଗୀତା ଜେନା)

**ବାହାର ରାଜ୍ୟକୁ ଯୁବତୀ ଚାଲାଣ ମାମଲା**

୨୦୨୧ ଅକ୍ଟୋବରରେ ଝାଡ଼ଖଣ୍ଡର ଜଣେ ମାନବ ଚାଲାଣକାରୀ ସେଠାକାର ୨ଜଣ ଯୁବତୀଙ୍କୁ ବାହାରକୁ କାମ କରିବା ପାଇଁ ପଠାଉଥିବା ବେଳେ ରାଉରକେଲା ଷ୍ଟେଶନରେ ଧରାପଡ଼ିଥିଲେ। ଜିଆରପି ପୋଲିସ ଏକ ମାମଲା (ନଂ.୫୮/୨୧) ରୁଜୁ କରି ଉକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା। ଏ ନେଇ ଗୁରୁବାର ପ୍ରଥମ ଏଡିଜେ ମୁକ୍ତିରଞ୍ଜନ ଶତପଥୀ ଉକ୍ତ ଅଭିଯୁକ୍ତ ସୁରା ଲୁଗୁନଙ୍କୁ ୧୨ଟି ସାକ୍ଷ୍ୟପ୍ରମାଣର ବିଚାର କରି ଦୋଷୀ ସାବ୍ୟସ୍ତ କରିଛନ୍ତି। ସୁରାଙ୍କୁ ବିଭିନ୍ନ ଧାରାରେ ମୋଟ ୧୦ ବର୍ଷ ଜେଲ ଦଣ୍ଡ ସମେତ ୫୦ ହଜାର ଟଙ୍କା ଜରିମନା ଓ ଅନାଦାୟ କ୍ଷେତ୍ରରେ ଅତିରିକ୍ତ ୧ବର୍ଷ ଜେଲ୍ ଦଣ୍ଡ ଶୁଣାଣି କରିଛନ୍ତି। ଏହି ମାମଲାକୁ ଅତିରିକ୍ତ ସରକାରୀ ଓକିଲ ଅମ୍ବିକା ପ୍ରସାଦ ସିଂହ, ସହାୟକ ସରକାରୀ ଓକିଲ ବିଜୟ ଦାସ, (ଡିପି ସୁନ୍ଦରଗଡ଼) କହ୍ନେଇଲାଲ ପ୍ରଧାନ ପ୍ରମୁଖ ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ, ଘଟଣା ଦିନ ଜିଆର୍‌ପି ପୋଲିସ ଜ୍ୟୋତ୍ସ୍ନା ସେଠ୍ ଉତ୍କଳ ଏକ୍ସପ୍ରେସ ଯାଞ୍ଚ କରୁଥିବା ବେଳେ ସନ୍ଦେହ କରି ସୁରାଙ୍କ ସହ ୨ଜଣ ଯୁବତୀଙ୍କୁ ଅଟକ ରଖି ପଚରାଉଚୁରା କରିଥିଲେ। ପରେ ଯୁବତୀ ଦ୍ୱୟ ଝାଡ଼ଖଣ୍ଡର ମୂଳନିବାସୀ ଏବଂ ସୁରା ସେମାନଙ୍କୁ କାମରେ ଲଗାଇବାକୁ ବାହାରକୁ ନେଉଥିବା ସ୍ୱୀକାର କରିଥିଲେ।

## ଗୋପବନ୍ଧୁପାଲ୍ଲୀରେ ଗାୟତ୍ରୀ ଯଜ୍ଞ

ରାଉରକେଲା,୨୫।୯(ଦିନେଶ ମିଶ୍ର)

ରାଉରକେଲା ଗୋପବନ୍ଧୁପାଲ୍ଲୀ ଅଞ୍ଚଳରେ ଗାୟତ୍ରୀ ପରିବାର ପକ୍ଷରୁ ନବରାତ୍ର ପୂଜା ପାଳନ ଅବସରରେ ସାମୂହିକ ଗାୟତ୍ରୀ ଯଜ୍ଞ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସ୍ଥାନୀୟ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ। ପରେ ବିଶ୍ୱଶାନ୍ତି ନିମନ୍ତେ ସାମୂହିକ ଯଜ୍ଞ କାର୍ଯ୍ୟ ଆୟୋଜନ କରାଯାଇଥିଲା। ଏଥିରେ ବହୁ ଶ୍ରଦ୍ଧାଳୁ ଗାୟତ୍ରୀ ମହାମନ୍ତ୍ର ପାଠ କରିବା ସହ ଯଜ୍ଞକୁଣ୍ଡରେ ଘୃତ, ନାରିକେଳ ସମର୍ପଣ କରିଥିଲେ। ଏହି ଯଜ୍ଞ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଆୟୋଜନ ହେବା ସହ ଜଗତ୍ ଜନନୀ ଦୁର୍ଗା ମାତାଙ୍କ ବିଧିପୂର୍ବକ ପୂଜାର୍ଚ୍ଚନା କରାଯିବ।


ଶ୍ରଦ୍ଧାଳୁମାନେ ଯଜ୍ଞରେ ଘୃତ ସମର୍ପଣ କରୁଛନ୍ତି।

# ଗଙ୍ଗାଧର ମେହେରଙ୍କ ଜୀବନୀ ଉପରେ ଆଲୋଚନା

ହେମଗିର,୨୫।୯(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କନିକା ଠାରେ ବୁଧବାର ବିଦ୍ୟାଳୟ ଅଧ୍ୟକ୍ଷ କିଶୋର ଦୀପଙ୍କ ସଭାପତିତ୍ୱରେ ଓଡ଼ିଆ ବିଭାଗର ଗଙ୍ଗାଧର ମେହେରଙ୍କ ଜୀବନୀ ଓ କାବ୍ୟ କବିତା ବିଷୟବସ୍ତୁ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ବିଦ୍ୟାର୍ଥୀଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ପଞ୍ଚାୟତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ପ୍ରେମାନନ୍ଦ ପଟେଲ ଯୋଗଦେଇ ଓଡ଼ିଆ ବିଷୟରେ ଛାତ୍ରୀଛାତ୍ରଙ୍କ ଆଗ୍ରହର ବିକାଶ କିପରି ହେବ ଏବଂ ଗଙ୍ଗାଧର ମେହେରଙ୍କ କାବ୍ୟ କବିତା ସନ୍ଦର୍ଭ ସହିତ କବିଙ୍କ କବିତ୍ୱକୁ ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁରେଶ ପ୍ରଧାନ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ। ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ସୁନିଲ କୁମାର୍ ଦୁଆନ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷୟିତ୍ରୀ ମାଧୁରୀ କୁଲୁ, ପ୍ରୀତିଶ କୁମାର ସାହୁ, ଦେବାଶିଷ ମାଝୀ, ହୃଦାନନ୍ଦ ପଟେଲ, ଜୟଶ୍ରୀ ଭୋଇ, ସୁଭସ୍ମିତା ସିଦାର, ବୈଶାଳୀ ସାହୁ, ଜ୍ୟୋର୍ତିମୟୀ ପଧାନ, କୁନି ବାଗ, ନିଖୋଲ କୁମାର ମିଶ୍ର, ମନମୋହନ ମିଶ୍ର, ଦିବ୍ୟରଞ୍ଜନ ଖର୍ସେଲ, ମନୋରଞ୍ଜନ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସତ୍ୟ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ବିପିୟୁଟିରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ରାଉରକେଲା,୨୫।୯(ଦିନେଶ ମିଶ୍ର)

ଛେଣ୍ଡସ୍ଥିତ ବିପିୟୁଟି ପରିସରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିପିୟୁଟିର କର୍ମକର୍ତ୍ତାଙ୍କ ସହ ଛାତ୍ରୀଛାତ୍ରୀ ଉପସ୍ଥିତ ରହି ବିପିୟୁଟି ପରିସରରେ ଥିବା ବିଭିନ୍ନ ବିଭାଗ ଓ ବଗିଚା ସହ କଲେଜ ପରିସରକୁ ସଫେଇ କରିଥିଲେ। ଏହି କାର୍ଯ୍ୟକ୍ରମ କଲେଜ ପରିସରରେ ଗତ ୧୭ ତାରିଖରୁ ଆରମ୍ଭ ହୋଇଥିବାବେଳେ ଏହା ଆସନ୍ତା ୨ ତାରିଖରେ ଶେଷ ହେବ ବୋଲି ଜଣାପଡିଛି। ବିପିୟୁଟିର ଏନ୍‌ସେସ୍ କୋର୍ଡିନେଟର ଡକ୍ଟର ମନୋଜ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ କଲେଜ ପରିସର କିଭଳି ଗ୍ରୀନ ଓ କ୍ଲିନ ରହିବ ସେ ଦିଗରେ ବିଶେଷ ଭାବେ ବିଦ୍ୟାର୍ଥୀମାନଙ୍କ ପ୍ରୟାସ ଜାରି ରହିଛି ବୋଲି କୋଡିନେଟ୍‌ର ସାହୁ କହିଥିଲେ।



ବିପିୟୁଟି ପରିସରରେ ସଫେଇ କରାଯାଉଛି।


ଜିଲାପାଳ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

# ଡୁଡୁକି, ବନ୍ଧପାଲି ଗାଁ ପରିଦର୍ଶନ କଲେ ଜିଲାପାଳ

ସୁନ୍ଦରଗଡ,୨୫।୯
(ଜୟ ନାରାୟଣ ମେଣ୍ଡୁଲି)

ଜିଲାପାଳ ଡା.ଶୁଭଙ୍କର ମହାପାତ୍ର ଗୁରୁବାର ଆଦି କର୍ମଯୋଗୀ ଅଭିଯାନ' ଅନ୍ତର୍ଗତ ସୁନ୍ଦରଗଡ଼ ଜିଲାର ସାଲେପାଲି ପଞ୍ଚାୟତର ଡୁଡୁକି ଗାଁ ଓ ଟାଙ୍ଗରପାଲି ବ୍ଲକ ମହୁଲପାଲି ପଞ୍ଚାୟତର ବନ୍ଧପାଲି ଗାଁ ପରିଦର୍ଶନ କରିଥିଲେ। ଜିଲାପାଳ ଡା.ମହାପାତ୍ର ହିତାଧିକାରୀଙ୍କ ସହିତ ଆଲୋଚନା କରିବା ସହିତ ସରକାରଙ୍କ ବିଭିନ୍ନ ଯୋଜନା, ଅଗ୍ରଗତି ଏବଂ ଆଦି ସେବା କେନ୍ଦ୍ରଗୁଡ଼ିକର କାର୍ଯ୍ୟକାରିତା ନେଇ ସମୀକ୍ଷା କରିଥିଲେ। ଗ୍ରାମବାସୀ ଏବଂ ଆଦିବାସୀ ସମ୍ପ୍ରଦାୟ ପ୍ରତିନିଧିଙ୍କ ସହିତ ଆଲୋଚନା କରି ସେମାନଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରିବା ସହିତ ତୃଣମୂଳ ସ୍ତରର ଯୋଜନାର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ପରେ ଜିଲାପାଳ ଆଦି ସେବା କେନ୍ଦ୍ର ମଧ୍ୟ ପରିଦର୍ଶନ କରିଥିଲେ ଏବଂ ସମ୍ପ୍ରଦାୟ ସ୍ତରରେ ଯୋଜନାଗୁଡ଼ିକର ଦୃଢ଼ ସମନ୍ୱୟର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।

# ‘ପଣ୍ଡିତ ଦୀନଦୟାଳ ଥିଲେ ନିଃସ୍ୱାର୍ଥପର ଦେଶସେବକ’



କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ।

**ଝାରସୁଗୁଡ଼ା,୨୫।୯(ଆଶିଷ ରଞ୍ଜନ ଦାଶ)**

ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟ ନିଃସ୍ୱାର୍ଥପର ଦେଶ ସେବକ ଥିଲେ। ସେ ସବୁବେଳେ ଦେଶମାତୃକାର ସେବା ପାଇଁ ସମାଜକୁ ପ୍ରେରଣା ଯୋଗାଉଥିଲେ। ତାଙ୍କ ପ୍ରଚେଷ୍ଟାରେ ଭାଜପା ଭଳି ରାଜନୈତିକ ଦଳ ସୃଷ୍ଟି ହୋଇପାରିଛି। ଆମେ ନିଜକୁ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ଦାୟାଦ ବୋଲି ଗର୍ବ ଅନୁଭବ କରିବା ଦରକାର। ତାଙ୍କ ପରି ସେବା ମନୋଭାବ ନେଇ କାର୍ଯ୍ୟ କରିବା ଉଚିତ୍ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଝାରସୁଗୁଡ଼ା ଜିଲା ବଡ଼ମାଳ ବାଇପାସ୍‌ଠାରେ ଥିବା ଭାଜପା କାର୍ଯ୍ୟାଳୟରେ ଗୁରୁବାର ଅପରାହ୍ଣରେ ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯୁବ ସମ୍ମିଳନୀ

**ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ**

କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମାଝି ଯୋଗଦେଇ ବିଦେଶୀ ଜିନିଷ ବର୍ଜନ କରି ସ୍ୱଦେଶୀ ଆପଣାଇବାକୁ ଆହ୍ୱାନ ଦେଇଥିଲେ। ଆସନ୍ତା ୨୭ରେ ଝାରସୁଗୁଡ଼ା ଅମଲିପାଲିସ୍ଥିତ ରିଜର୍ଭ ପଡିଆରେ ହେବାକୁ ଥିବା ସର୍ବଭାରତୀୟ ଯୁବ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବେ। ପ୍ରଧାନମନ୍ତ୍ରୀ ବାରମ୍ବାର ଓଡ଼ିଶା ଆସିବା ଏହା ଆମ ପ୍ରତି ଭଲପାଇବାର ପ୍ରମାଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିରେ ସମ୍ମାନିତ ଅତିଥି ଭାବେ ଭାଜପାର ଓଡ଼ିଶା ପ୍ରଭାରୀ ବିଜୟ ପାଲ୍‌ସିଂ ତୋମାର ଯୋଗଦେଇ କହିଛନ୍ତି, ଦେଶର ବିକାଶ ପାଇଁ ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ଚିନ୍ତାଧାରାକୁ ଆଧାରକରି ଭାଜପା ସରକାର ଏବେ ବିକଶିତ ଭାରତ ନିର୍ମାଣ ପାଇଁ କାର୍ଯ୍ୟକ୍ରମ ଜାରି ରଖିଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶ ଆତ୍ମନିର୍ଭର ଭାରତରେ ପରିଣତ ହେବାକୁ ଯାଉଛି। କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ୍ କହିଛନ୍ତି, ଦୀନ୍‌ଦୟାଲଙ୍କ ଜୀବନ ଶୈଳୀରୁ ଶିଖିବା ଦରକାର। ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି, ୨୦୪୭ ବେଳକୁ ଭାରତ ବିଶ୍ୱ ଗୁରୁ ହେବ। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି, ଦୀନ୍‌ଦୟାଲ ଓଡ଼ିଶାର ଝାରସୁଗୁଡ଼ାରୁ ତାଙ୍କର ସେବା କାର୍ଯ୍ୟ ଆରମ୍ଭ କରିଥିଲେ।

ଏହି କାର୍ଯ୍ୟକ୍ରମରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ଭାଜପାର ରାଜ୍ୟ ସହପ୍ରଭାରୀ ଲତା ଉସେଣ୍ଡି, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରି ନାୟକ, ଭାଜପା ଜିଲା ସଭାପତି ରଘୁନନ୍ଦନ ପଣ୍ଡା, ରାଜ୍ୟ ଭାଜପା କର୍ମକର୍ତ୍ତା ବିରଞ୍ଚି ତ୍ରିପାଠୀ, ସୀମାଞ୍ଚଳ ଖଟେଇଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।


ନବରାତ୍ର ଅବସରରେ ଦେବଗଡ଼ ସହର ମଠସାହି ମନ୍ଦିରରେ ମା’ କନକଦୁର୍ଗାଙ୍କ କୁଷ୍ମାଣ୍ଡା ବେଶ।

# ସହରରେ ଜମି ରହୁଛି ଆବର୍ଜନା

**ଦେବଗଡ଼,୨୫।୯(ଶଶାଙ୍କ ଶେଖର ଝାଙ୍କର)**

- ■ଠିକ୍ ଭାବେ ବର୍ଜ୍ୟବସ୍ତୁ ପରିଚାଳନା ହେଉନାହିଁ
- ■ସୃଷ୍ଟି ହେଉଛି ଅସ୍ୱାସ୍ଥ୍ୟକର ପରିବେଶ
- ■ଜିଲାପାଳଙ୍କୁ ସ୍ମାରକପତ୍ର

ଦେବଗଡ଼ ପୌରାଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନା ଠିକ୍ ଭାବେ କରାଯାଉ ନ ଥିବା ଅଭିଯୋଗ ହୋଇଛି। ସହରର ବିଭିନ୍ନ ସ୍ଥାନରେ ଆବର୍ଜନା ଜମି ରହିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ବର୍ଜ୍ୟବସ୍ତୁ ସୁପରିଚାଳନା ସହିତ ଠିକ ସ୍ଥାନରେ ଆବର୍ଜନା ଫିଙ୍ଗିବା ପାଇଁ ବିଭନ୍ନ ମହଲରେ ଏକାଧିକବାର ଦାବି ହୋଇଛି। ହେଲେ ଏହାର ସୁଫଳ ନ ମିଳିବାରୁ କେତେଜଣ ସ୍କୁଲ ଛାତ୍ର ଏନେଇ ଚିନ୍ତାପ୍ରକଟ କରିବା ସହ ସ୍ଥାୟୀ ସମାଧାନ ପାଇଁ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗୁରୁବାର ତିଲେଇବଣି ବ୍ଲକ ଅନ୍ତର୍ଗତ ପଳସାକୁଦରସ୍ଥିତ ନୋଟରେ ଡେମ୍ ଏକାଡେମୀର ଛାତ୍ର ପ୍ରିୟାଂଶୁ ଶତପଥୀଙ୍କ ନେତୃତ୍ୱରେ ଲିକୁନ ବେହେରା ଓ ବିଭୁଶ୍ରୀ ଭୁଷଣ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତକରି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଉପରୋକ୍ତ ଛାତ୍ରମାନେ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ଏକ ବିଜ୍ଞାନ ପ୍ରକଳ୍ପ ପ୍ରସ୍ତୁତ କରିଥିବାବେଳେ ଦେବଗଡ଼ ପୌରାଞ୍ଚଳର ଆର୍‌ସିଏମ୍‌ଏସ୍ ସାହି ଓ ଅନ୍ୟ ଗଳିକନ୍ଦି ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ଆବର୍ଜନା ପଡିରହିଥିବା ଦେଖିବାକୁ ପାଇଥିଲେ। ଏହା ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବା ସହ ବିଭିନ୍ନ ରୋଗର ବାହକ ହେବାର ଆଶଙ୍କା ରହିଥିବା ଅନୁଭବ କରିଥିଲେ। ବର୍ଜ୍ୟବସ୍ତୁର ସୁପରିଚାନା ପୂର୍ବକ ଏହି ସମସ୍ୟାର ସମାଧାନ ନିମନ୍ତେ ଛାତ୍ରମାନେ ଜିଲାପାଳଙ୍କୁ ସ୍ମାରକପତ୍ର ଦେଇଥିବା ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇଛନ୍ତି।


ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ବିଶ୍ୱ ଜଳାତଙ୍କ ଦିବସ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**ଦେବଗଡ଼,୨୫।୯(ଶଶାଙ୍କ ଶେଖର ଝାଙ୍କର)**

ସ୍ଥାନୀୟ ବାଲିରୋଇ କୃଷି ବିଭାଗ ସମ୍ମିଳନୀ କକ୍ଷରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ ଅଧିକାରୀ ଡା. ବିଜୟ କୁମାର ପାତ୍ରଙ୍କ ଆହ୍ୱାନକ୍ରମେ ଗୁରୁବାର ବିଶ୍ୱ ଜଳାତଙ୍କ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଜିଲା କୃଷି ଅଧିକାରୀ ସଞ୍ଜୟ କୁମାର ପାତ୍ର, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବଂଶୀଧର ପାତ୍ର, ଏସିଏଫ୍ ଅରୁଣ କୁମାର ବେହେରା ବରଣ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱ ଜଳାତଙ୍କ ଦିବସ-୨୦୨୫ ସଚେତନତା କାର୍ଯ୍ୟକ୍ରମରେ ରେବିଜ୍ ରୋଗର ପ୍ରତିରୋଧ ଉପରେ ଆଲୋକପାତ କରିଥିଲେ। ଏହି ବୈଠକରେ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଅନ୍ତର୍ଯାମୀ ସାହୁ, ଡିପିଏମ୍‌ଓଏଲଏମ୍ ଶିଶିର କୁମାର ଷଡ଼ଙ୍ଗୀ, ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଓର୍‌ମାସ୍‌ର ଡେପୁଟି ସିଓ ରବୀନ୍ଦ୍ର କୁମାର ପ୍ରଧାନ, ଜିଲା ମତ୍ସ୍ୟ ଅଧିକାରୀ ଅଶୋକ ଇନ୍ଦୁରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ବରିଷ୍ଠ ନାଗରିକ ମିତ୍ରଭାନୁ ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀ ଓ ଚାଷୀ ଉପସ୍ଥିତ ଥିଲେ। ଜିଲା ତାଲିମ ସଂଯୋଜକ ଡା. ପ୍ରଣତୀ ବେହେରା କାର୍ଯ୍ୟକ୍ରମ ସଂଯୋଜନା ଓ ତିଲେଇବଣି ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ନିଶିସ୍ୱପ୍ନା ଗଡ଼ନାୟକ ଧନ୍ୟବାଦ ଦେଇଥିଲେ।

# ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ

**ବ୍ରଜରାଜନଗର,୨୫।୯(ବିଜୟ ବରାଡ଼)**

ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନରେ ଏକ ସ୍ୱାସ୍ଥ୍ୟ ଶିବିର ବ୍ରଜରାଜନଗର ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର କୁକୁରୀକାନି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନଗରପାଳ ଗୋପାଳ ସୀତାନି, ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ଏମ୍‌ପିଙ୍କ ପ୍ରତିନିଧି ସୁନୀଲ ଦାଶ, ଅଶ୍ୱିନୀ ମହାନନ୍ଦ, ଶୁଭ୍ରକାନ୍ତ ପଣ୍ଡା, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅଶୋକ କୁମ୍ଭାର, ସିଡିପିଓ ସ୍ୱର୍ଣ୍ଣ ମଞ୍ଜରୀ ସାମଲ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ତପସ୍ୱିନୀ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଫାର୍ମାସିଷ୍ଟ ଏମ୍ ଅଲି, ଡା. ବାସୁଦେବ ମୁର୍ମୁ, ଡା. ସାଇ ପ୍ରିୟଦର୍ଶିନୀ, ମିତାଲି ସରାଫ, ଆଇସା ନାୟକ, ଅଞ୍ଜଳି ପଟେଲ ଶିବିର ପରିଚାଳନା କରିଥିଲେ। ଏହି ଶିବିରରେ ୨୦୦ରୁ ଉର୍ଦ୍ଧ୍ୱ ମହିଳା, ପୁରୁଷଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ଦିଆଯାଇଥିଲା।

# ହାତୀ ଆକ୍ରମଣରେ ବୃଦ୍ଧ ମୃତ, ଉତ୍ତେଜନା

**ଦେବଗଡ଼,୨୫।୯(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ବନାଞ୍ଚଳ ଠିଆନାଳ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ବୁଢ଼ାଖମଣ ଗ୍ରାମରେ ଗୁରୁବାର ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୁଢ଼ାଖମଣ ଗ୍ରାମର ବାଣେଶ୍ୱର ବେହେରା(୭୨)। ତେବେ ଏହି ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ସକାଳେ ଦାନ୍ତକାଠି ସଂଗ୍ରହ ପାଇଁ ବାଣେଶ୍ୱର ନିକଟସ୍ଥ ଜଙ୍ଗଲକୁ ଯାଇଥିବାବେଳେ ଦୀର୍ଘସମୟ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। କୌଣସି ଅଘଟଣ ଆଶଙ୍କା କରି ତାଙ୍କ ପୁଅ କେତେଜଣ ସାଥୀଙ୍କ ସହିତ ଉକ୍ତ ଜଙ୍ଗଲକୁ ଯାଇଥିବାବେଳେ ବାଣେଶ୍ୱର କ୍ଷତାକ୍ତ ଅବସ୍ଥାରେ ପଡିଥିବା ଦେଖିଥିଲେ। ଚିକିତ୍ସାଲାଗି ସେମାନେ ତାଙ୍କୁ ଉଦ୍ଧାରକରି ନିକଟସ୍ଥ ବମ୍ପରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବାରକୋଟ ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଅନୀଲ କୁମାର ନାୟକ, ଠିଆନାଳ ସେକ୍ସନର ଫରେଷ୍ଟର ଭୀମସେନ ଶତପଥୀ ସେଠାରେ ପହଞ୍ଚି ତଦନ୍ତ କରିବା ପରେ ହାତୀ ଆକ୍ରମଣରେ ବାଣେଶ୍ୱରଙ୍କ ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ସେମାନେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ବନ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କୁ ପାଟିତୁଣ୍ଡ କରିବା ସହ ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଥିଲେ। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଅପରାହ୍ଣରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଦୀର୍ଘଦିନ ହେଲା ଠିଆନାଳ ସେକ୍ସନ ଏବଂ ଆଖପାଖ ଅଞ୍ଚଳରେ ହାତୀ ଉପଦ୍ରବ ଜାରି ରହିଛି। ହାତୀଙ୍କ କବଳରୁ ଧନଜୀବନ ସୁରକ୍ଷା ପାଇଁ ବନବିଭାଗ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ହାତୀ ଘଉଡାଇବା ପାଇଁ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଗନ୍ଧମାର୍ଦ୍ଦନର ଐତିହ୍ୟକୁ ସୁରକ୍ଷା ଦେବାକୁ ଦାବି

**ପଦ୍ମପୁର,୨୫।୯(ପ୍ରଦୀପ୍ତ ଦାଶ)**

ଗନ୍ଧମାର୍ଦ୍ଦନ ପର୍ବତ ଜୈବ ବିବିଧତାର ସୁରକ୍ଷା ଓ ନୃସିଂହନାଥ ହରିଶଙ୍କରର ବିକାଶ ପାଇଁ ଦାବି ହୋଇଛି। ଏ ନେଇ ବୁଧବାର କେନ୍ଦ୍ର ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ପତ୍ର ଲେଖି ଜଣାଇଛନ୍ତି। ଓଡ଼ିଶାର ବଲାଙ୍ଗୀର ଏବଂ ବରଗଡ଼ ଜିଲାରେ ବିସ୍ତୃତ ଔଷଧୀୟ ବନସ୍ପତିରେଭରା ଗନ୍ଧମାର୍ଦ୍ଦନ ପାହାଡ଼କୁ ଜୈବ ବିବିଧତା ଐତିହ୍ୟ ସ୍ଥଳ ଭାବରେ ମାନ୍ୟତା ଦିଆଯାଇଛି। ଗନ୍ଧମାର୍ଦ୍ଦନ ପାହାଡ଼କୁ ପ୍ରାୟତଃ ‘ଆୟୁର୍ବେଦିକ ସ୍ୱର୍ଗ’ ଭାବରେ ଉଲ୍ଲେଖ କରାଯାଏ, କାରଣ ଏଠାରେ ୧୦୦୦ରୁ ଅଧିକ ପ୍ରଜାତିର ଔଷଧୀୟ ବନସ୍ପତି ରହିଛି। ସେଥିରୁ ଅନେକ ବିରଳ ପ୍ରଜାତିର ଶତାବ୍ଦୀ ଧରି, ପାରମ୍ପରିକ ଚିକିତ୍ସାକାରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟ ସ୍ୱଦେଶୀ ସ୍ୱାସ୍ଥ୍ୟସେବା ଅଭ୍ୟାସ ପାଇଁ ଏହି ଔଷଧି ଉପରେ ନିର୍ଭର କରିଆସୁଛନ୍ତି। ତେଣୁ ଏହି ପାହାଡ଼ଗୁଡ଼ିକ କେବଳ ଏକ ଜୈବ ବିବିଧତା ହଟ୍‌ସ୍ପଟ୍ ନୁହେଁ ବରଂ ଭାରତର ପାରମ୍ପରିକ ଜ୍ଞାନ ବ୍ୟବସ୍ଥାର ଏକ ଅମୂଲ୍ୟ ସମ୍ପତ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। କେନ୍ଦ୍ର ସରକାର ତୁରନ୍ତ ପଦକ୍ଷେପ ଗ୍ରହଣକରି ଗନ୍ଧମାର୍ଦ୍ଦନର ଐତିହ୍ୟକୁ ସୁରକ୍ଷା ଦେବା ପାଇଁ ଦାବି କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଏପାଖ ସେପାଖ...

# ଖାଦ୍ୟ, ପାଣି ପାଇଁ ହଇରାଣ

**ଝାରସୁଗୁଡ଼ା,୨୫।୯(ଆଶିଷ ରଞ୍ଜନ ଦାଶ)**

ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ସମାରୋହ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ କାର୍ଯ୍ୟର ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା ପାଇଁ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଝାରସୁଗୁଡ଼ାରେ ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ଝାରସୁଗୁଡ଼ା ବିମାନ ବନ୍ଦରରେ ଗୁରୁବାର ମଧ୍ୟାହ୍ନ ୧୨ଟାରେ ପହଞ୍ଚିବା ପାଇଁ ବୁଧବାର ପ୍ରଶାସନ ଓ ଭାଜପା ପକ୍ଷରୁ ସମୟ ଦିଆଯାଇଥିଲା। ତେଣୁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ପାଇଁ ଜିଲା ପ୍ରଶାସନ ସମେତ ବରିଷ୍ଠ ପୋଲିସ ଅଧିକାରୀ, ସୁରକ୍ଷା କର୍ମୀ, ଖବରଦାତା ଏବଂ ଭାଜପା କର୍ମୀ ପ୍ରାୟ ୧୧ଟାରେ ବିମାନବନ୍ଦରରେ ପହଞ୍ଚି ସାରିଥିଲେ। ହେଲେ ମୁଖ୍ୟମନ୍ତ୍ରୀ ଅପରାହ୍ଣ ପ୍ରାୟ ୩ଟାରେ ବିମାନବନ୍ଦରରେ ପହଞ୍ଚିଥିଲେ। ବିମାନବନ୍ଦର ଭିତରେ ପାଣି, ଖାଦ୍ୟ ବ୍ୟବସ୍ଥା ଥିଲେ ମଧ ବିନା ଅନୁମତିରେ ଭିତରକୁ ଯିବା ମନା। ତେଣୁ ସମସ୍ତେ ପାଣି ଓ ଖାଦ୍ୟ ପାଇଁ ହଇରାଣ ହୋଇଥିଲେ। ମୁଖ୍ୟମନ୍ତ୍ରୀ ବିମାନବନ୍ଦରରେ ପହଞ୍ଚିବାର ୫ ମିନିଟ ପୂର୍ବରୁ ସମସ୍ତଙ୍କୁ ପାଣି, ବିସ୍କୁଟ ଦିଆଯାଇଥିଲା।

# ମାଳ ପିନ୍ଧାଇବାକୁ ପ୍ରତିଯୋଗିତା

ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀଙ୍କୁ ମାଳ ପିନ୍ଧାଇବା ପାଇଁ ମନ୍ତ୍ରୀ ସୁରେଶ ପୂଜାରୀ ଓ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ସମର୍ଥକମାନଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ମୁଖ୍ୟମନ୍ତ୍ରୀ ବିମାନବନ୍ଦରରେ ପହଞ୍ଚିବାର କିଛି ସମୟ ପୂର୍ବରୁ ସ୍ୱାଗତ ମାଳ ପିନ୍ଧାଇବା ପାଇଁ ଉଭୟ ନେତାଙ୍କ ସମର୍ଥକ ଉପସ୍ଥିତ ରହିଥିଲେ। ସେହି ସମୟରେ ବିଧାୟକଙ୍କ ସମର୍ଥକମାନେ ଆମେ ମାଳ ପିନ୍ଧାଇବୁ ବୋଲି କହିଥିବାବେଳେ ମନ୍ତ୍ରୀଙ୍କ ସମର୍ଥକ ଆମେ ପିନ୍ଧାଇବୁ ବୋଲି ଜିଦ୍ ଧରିଥିଲେ। ଭାଜପାର ଜଣେ ବରିଷ୍ଠ ନେତା ଏଥିରେ ହସ୍ତକ୍ଷେପ କରିଥିଲେ ମଧ ଉଭୟ ପକ୍ଷ ଶୁଣି ନ ଥିଲେ। ପରେ ଜଣେ ମହିଳା ପୋଲିସ ଅଫିସର, କେତେଜଣ ମହିଳା ଭାଜପା କର୍ମୀ, ଯୁବନେତା ହସ୍ତକ୍ଷେପ କରିବା ପରେ ଉଭୟ ପକ୍ଷ ଶାନ୍ତ ହୋଇଥିଲେ। ଏହି ଘଟଣା ପ୍ରାୟ ୫ ମିନିଟ୍ ଧରି ଚାଲିଥିବାବେଳେ ଉପସ୍ଥିତ ଜନସାଧାରଣ ଏହାର ମଜା ଉଠାଇଥିଲେ।

# ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ, ଡିଜିପି

**ଝାରସୁଗୁଡ଼ା,୨୫।୯(ଆଶିଷ ରଞ୍ଜନ ଦାଶ)**


ଡିଜିପି ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ସଭାସ୍ଥଳରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୭ରେ ଝାରସୁଗୁଡ଼ା ଗସ୍ତ କରି ଅମଲିପାଲିସ୍ଥିତ ରିଜର୍ଭ ପଡିଆରେ ହେବାକୁ ଥିବା ସର୍ବ ଭାରତୀୟ ଯୁବ ସମାବେଶରେ ଯୋଗଦେବେ। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ରିଜର୍ଭ ପଡିଆରେ ପହଞ୍ଚି ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପାଇଁ ହୋଇଥିବା କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଅପରାହ୍ଣ ୩ଟାରେ ମୁଖ୍ୟମନ୍ତ୍ରୀ ଝାରସୁଗୁଡ଼ାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ପହଞ୍ଚିବା ପରେ ଭାଜପା କର୍ମକର୍ତ୍ତା ଓ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ମୁଖ୍ୟମନ୍ତ୍ରୀ ବଡ଼ମାଳ ବାଇପାସ୍‌ଠାରେ ଥିବା ଭାଜପା କାର୍ଯ୍ୟାଳୟରେ ପହଞ୍ଚି ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ସମାରୋହରେ ଯୋଗଦେଇଥିଲେ। ଏହାପରେ ଅମଲିପାଲିସ୍ଥିତ ରିଜର୍ଭ ପଡିଆରେ ପହଞ୍ଚି ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ସମ୍ପର୍କିତ ସମସ୍ତ କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିସହ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା, ପାର୍କିଂ ସୁବିଧା, ସମାବେଶରେ ଯୋଗଦେବାକୁ ଥିବା ଛାତ୍ରୀଛାତ୍ର ଓ ଜନସାଧାରଣଙ୍କ ପାଇଁ ପାଣି ବ୍ୟବସ୍ଥା ସହିତ ଝାରସୁଗୁଡ଼ା ସହରରେ ଟ୍ରାଫିକ୍ ବ୍ୟବସ୍ଥା ମଜଭୁତ କରିବା ପାଇଁ ଜିଲାପାଳଙ୍କ ସମେତ ସମସ୍ତ ପୋଲିସ

**୨୭ରେ ଝାରସୁଗୁଡ଼ା ଆସିବେ ପ୍ରଧାନମନ୍ତ୍ରୀ**

ଅଧିକାରୀଙ୍କୁ ଆଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ରିଜର୍ଭ ପଡିଆରେ ପ୍ରାୟ ୨ ଘଣ୍ଟା କାଳ ରହି ଜିଲାପାଳଙ୍କୁ ସହରର ଟ୍ରାଫିକ୍ ବ୍ୟବସ୍ଥା ଓ ସଭାସ୍ଥଳର ମ୍ୟାପ୍ ଦେଖାଇବାକୁ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ସମୀକ୍ଷା ସମୟରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଧାୟକ ଟଙ୍କଧର ତ୍ରିପାଠୀ, ଭାଜପା ରାଜ୍ୟ ପ୍ରଭାରୀ ବିଜୟ ପାଲ୍‌ସିଂ ତୋମାର, ରାଜ୍ୟ ସହ ପ୍ରଭାରୀ ଲତା ଉସେଣ୍ଡି, ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ। ଝାରସୁଗୁଡ଼ାରେ ମୁଖ୍ୟମନ୍ତ୍ରୀ ଗୁରୁବାର, ଶୁକ୍ରବାର ରହିବା ସହିତ ଶନିବାର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପରେ ଭୁବନେଶ୍ୱର ଫେରିବେ ବୋଲି ଜଣାପଡିଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ଏହାର ସମୀକ୍ଷା କରିବା ସହିତ ଜିଲା ପ୍ରଶାସନ ଓ ରାଜ୍ୟସ୍ତରୀୟ ଅଧିକାରୀଙ୍କ ସହ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି।

ଅପରପକ୍ଷେ ଗୁରୁବାର ସକାଳେ ଡିଜିପି ୱାଇ.ବି. ଖୁରାନିଆ ସଭାସ୍ଥଳରେ ପହଞ୍ଚି ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟରେ ସମୀକ୍ଷା କରିଥିଲେ। ତାଙ୍କ ସହିତ ଏଡିଜି ସନ୍ତୋଷ ବାଲା, ଆଇଜି ହିମାଂଶୁ ଲାଲ, ଆର୍‌ଡିସି ସଚିନ ରାମଚନ୍ଦ୍ର ଯାଦବ, ଏସ୍‌ପି ରାଘବେନ୍ଦ୍ର ପ୍ରମୁଖ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ବିମାନ ବନ୍ଦରରୁ ସଭାସ୍ଥଳ ପର୍ଯ୍ୟନ୍ତ ସୁରକ୍ଷା ବ୍ୟବସ୍ଥା କିଭଳି ରହିବ, କେଉଁଠି କ୍ୟାମେରା ଲାଗିବ, ସମାବେଶକୁ ଆସିବାକୁ ଥିବା ଲୋକଙ୍କୁ କେଉଁଠି ଯାଞ୍ଚ କରାଯିବ ସେନେଇ ଡିଜିପି ସମୀକ୍ଷା କରିଥିଲେ। ସଭାସ୍ଥଳ ଓ ଏହାର ଆଖପାଖ ଅଞ୍ଚଳରେ ସନ୍ଧାନୀ କୁକୁର ସହାୟତାରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯାଇଥିଲା।

(ଭାଗ-୩)

# ଆଲେନ୍ ଓ ରଣଧୀର

## ହକି ଜଗତର ଉଜ୍ଜ୍ୱଳ ତାରକା



ଭାରତୀ ଭୂଷଣ ମିଶ୍ର

ଭାରତୀୟ ହକିକୁ ଯେଉଁ ମହାନ୍ ବ୍ୟକ୍ତିମାନେ ମହତ୍ତର ଅବଦାନ ଦେଇଛନ୍ତି ସେମାନଙ୍କୁ ମନେ ପକାଇବା ଅବସରରେ ଭାଗ(୧)ରେ ହକି ଯାଦୁକର ସ୍ୱର୍ଗତ ମେଜର ଧ୍ୟାନଚାନ୍ଦ ଓ ଭାଗ (୨)ରେ ଲେସ୍‌ଲି କ୍ଲଡିୟସ୍ ଓ ଉଦ୍ଧାମ ସିଂ କୁଲରଙ୍କ ସମ୍ପର୍କରେ ଆଲେଖ୍ୟ ପ୍ରକାଶିତ ହୋଇଛି। ସେହି କ୍ରମରେ ଏଥର ୩ୟ ଭାଗରେ ରିଚାର୍ଡ ଜେମ୍ସ ଆଲେନ୍ ଓ ରଣଧୀର ସିଂ ଜେଣ୍ଟଲ୍‌ଙ୍କ ସମ୍ବନ୍ଧରେ ଏହି ଆଲେଖ୍ୟ...

### ରିଚାର୍ଡ ଜେମ୍ସ ଆଲେନ୍

ମହାରାଷ୍ଟ୍ରର ନାଗପୁରରେ ୧୯୦୨ ଜୁନ୍ ୪ରେ ଜନ୍ମଗ୍ରହଣ କରିଥିଲେ ରିଚାର୍ଡ ଆଲେନ୍। ତାଙ୍କର ପୂରାନାମ ଥିଲା ରିଚାର୍ଡ ଜେମ୍ସ ଆଲେନ୍। ଏକ ସମ୍ଭ୍ରାନ୍ତ ଆଙ୍ଗ୍ଲୋ-ଭାରତୀୟ ପରିବାରରେ ଆଲେନ୍‌ଙ୍କର ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ମଶୌରୀର ଓକ୍ ଗ୍ରୋଭ୍ ସ୍କୁଲ ଏବଂ ଉଚ୍ଚଶିକ୍ଷା ନୈନିତାଲର ସେଣ୍ଟ ଜୋସେଫ କଲେଜରେ ସମ୍ପନ୍ନ ହୋଇଥିଲା। ଓକ୍ ଗ୍ରୋଭ୍ ସ୍କୁଲରେ ପଢ଼ିଲା ବେଳେ ସେ ହକି ଖେଳିବା ଶିକ୍ଷା କଲେ ଏବଂ ସେଣ୍ଟ ଜୋସେଫ୍ କଲେଜରେ ତାଙ୍କର ହକି ଖେଳର ଦକ୍ଷତା ବିକଶିତ ହୋଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କଲା। କଲେଜ ଶିକ୍ଷା ସମାପ୍ତି ପରେ ସେ କଲିକତା ପୋର୍ଟ କମିଶନର ଦପ୍ତରରେ କାର୍ଯ୍ୟ କଲେ ଓ ତାଙ୍କ ହକି ଦଳରେ ୧୯୨୧ରୁ ଖେଳିବା ଆରମ୍ଭ କଲେ। ୧୯୨୬ ପର୍ଯ୍ୟନ୍ତ ସେ କଲିକତା ପୋର୍ଟ ଜୁନିୟର ଟିମ୍‌ରେ ଖେଳିବା ଜାରି ରଖିଲେ। ଏଠାରେ ଉଲ୍ଲେଖନୀୟ ଯେ ୧୮୮୫ରେ ଏହି କଲିକତାରେ ହିଁ ଭାରତର ପ୍ରଥମ ହକି କ୍ଲବ ମାନ ଗଠିତ ହୋଇଥିଲା ଓ ୧୯୨୬ରେ ଭାରତ ପ୍ରଥମ କରି ବିଦେଶୀ ଦଳ ନ୍ୟୁଜିଲାଣ୍ଡ ସହିତ ହକି ମ୍ୟାଚ ଖେଳିଥିଲା। ଏହା ପରେ ସେ ଇଣ୍ଟର-ପ୍ରୋଭିନ୍ସ ହକି ଟୁର୍ନାମେଣ୍ଟରେ ବେଙ୍ଗଲ ଟିମ୍‌ର ପ୍ରତିନିଧିତ୍ୱ କଲେ ଓ ଏହି ଟୁର୍ନାମେଣ୍ଟରେ ତାଙ୍କର କ୍ରୀଡ଼ା ଦକ୍ଷତାକୁ ବିଚାରକୁ ନେଇ ୧୯୨୮ର ଆମ୍‌ଷ୍ଟରଡାମ୍ ଅଲିମ୍ପିକ୍‌ରେ ଅଂଶ ଗ୍ରହଣ କରିବାକୁ ଭାରତୀୟ ହକି ଦଳର ତାଲିମ ଶିବିରରେ ଯୋଗଦେବା ନିମନ୍ତେ ମନୋନୀତ କରାଗଲା। ତାଲିମ ଶିବିରରେ ଅଭ୍ୟାସ ସମୟରେ ତାଙ୍କର ଏକାଗ୍ରତା, ଅଧ୍ୟବସାୟ ଓ କ୍ରୀଡ଼ା ନୈପୁଣ୍ୟକୁ ବିଚାରକୁ ନେଇ ମନୋନୟନ କମିଟି ୧୯୨୮ର ଅଲିମ୍ପିକ୍ କ୍ରୀଡ଼ା ପାଇଁ ଚୂଡ଼ାନ୍ତ ଦଳରେ ସ୍ଥାନ ଦେଲେ ତାଙ୍କୁ। ଧ୍ୟାନଚାନ୍ଦଙ୍କ ସହିତ ଏହିଠାରେ ସେ ଖେଳିବାପାଇଁ ସୁଯୋଗ ପାଇଥିଲେ। ଏହି ଅଲିମ୍ପିକ୍‌ରେ ମୋଟ ୯ଟି ଦଳ ଭାଗ ନେଇଥିଲେ ଓ ଭାରତ ଖେଳିଥିବା ମୋଟ ପାଞ୍ଚଗୋଟି ମ୍ୟାଚ୍‌ରେ ଗୋଲ୍‌କିପର ଭାବେ ସେ ଅଂଶଗ୍ରହଣ କରିଥିଲେ। ଉଲ୍ଲେଖନୀୟ ଯେ ସମଗ୍ର ଅଲିମ୍ପିକ୍ ୧୯୨୮ରେ ସେ ଗୋଟିଏ ହେଲେ ଗୋଲ ବରଣ କରି ନ ଥିଲେ। ଫାଇନାଲରେ ଭାରତ ୩-୦ ଗୋଲ୍‌ରେ ହଲାଣ୍ଡକୁ ହରାଇ ସ୍ୱର୍ଣ୍ଣ ପଦକ ବିଜେତା ହେଲା ଓ ହକିରେ ନିଜର ପ୍ରାଧାନ୍ୟ ବିସ୍ତାର ଆରମ୍ଭ କଲା। ଭାରତ ଏହି ଅଲିମ୍ପିକ୍‌ର ୫ ଗୋଟି ମ୍ୟାଚ୍‌ରେ ମୋଟ ୨୯ଟି ଗୋଲ୍ ଦେଇଥିଲେ ମଧ୍ୟ ଗୋଟିଏ ହେଲେ ଗୋଲ୍ ବରଣ କରି ନ ଥିଲା ଯାହାକି ଆଲେନ୍‌ଙ୍କର ଦକ୍ଷତାର ପ୍ରମାଣ ଦିଏ। ହକି ଯାଦୁକର ଧ୍ୟାନଚାନ୍ଦ ଓ ରିଚାର୍ଡ ଆଲେନ୍ ଏହିଠାରେ ହି ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲେ।

ଏହାପରେ ୧୯୩୨ରେ ଯୁକ୍ତରାଷ୍ଟ୍ର ଆମେରିକାର ଲସ୍ ଏଞ୍ଜେଲ୍‌ସର ଅଲିମ୍ପିକ୍ କ୍ରୀଡ଼ା ଅନୁଷ୍ଠିତ ହେଲା ଓ ଆଲେନ୍ ଗୋଲ୍‌କିପର ଭାବେ ଭାରତୀୟ ଦଳରେ ସାମିଲ୍ ହୋଇଥିଲେ। ଏହି ଅଲିମ୍ପିକ୍ ବିଭିନ୍ନ କାରଣରୁ ଚମକଶୂନ୍ୟ ଥିଲା କାରଣ ୧୯୦୬ଠାରୁ ୧୯୨୮ ମଧ୍ୟରେ ଅନୁଷ୍ଠିତ ସମସ୍ତ ଅଲିମ୍ପିକ୍ ଅପେକ୍ଷା ଏଥିରେ ଅଂଶ ଗ୍ରହଣର ହାର ବହୁତ କମ୍ ଥିଲା। ହକିରେ ସର୍ବମୋଟ ୩ ଗୋଟି ଦଳ ଯଥା ଯୁକ୍ତରାଷ୍ଟ୍ର ଆମେରିକା, ଜାପାନ ଓ ଭାରତ ସାମିଲ ଥିଲେ। ଭାରତ ତାର ୨ଗୋଟି ମ୍ୟାଚ୍ ମଧ୍ୟରୁ ଗୋଟିକରେ ଯୁକ୍ତରାଷ୍ଟ୍ର ଆମେରିକାକୁ ୨୪-୧ ଗୋଲ୍‌ରେ ହରାଇ ଥିବା ବେଳେ ଅନ୍ୟଟିରେ ଜାପାନକୁ ମଧ୍ୟ ୧୧-୧ ଗୋଲ୍‌ରେ ହରାଇ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିଥିଲା। ଉଲ୍ଲେଖଯୋଗ୍ୟ, ଏହି ଯେ ଭାରତର ଯୁକ୍ତରାଷ୍ଟ୍ର ଆମେରିକା ବିରୁଦ୍ଧରେ ୨୪-୧ ଗୋଲ୍ ବ୍ୟବଧାନରେ ବିଜୟ ଅଦ୍ୟାବଧି ଏକ ରେକର୍ଡ ଭାବେ ଅତୁଟ ରହିଛି ଏବଂ ଏହାସହିତ ଏହି ୨୪ଟି ଗୋଲ୍ ମଧ୍ୟରୁ ଧ୍ୟାନଚାନ୍ଦଙ୍କ ଭାଇ ରୂପସିଂ ଦେଇଥିବା ୧୦ଟି ଗୋଲ୍ ମଧ୍ୟ ଅଲିମ୍ପିକ୍‌ରେ ଗୋଟିଏ ମ୍ୟାଚ୍‌ରେ ଜଣେ ଖେଳାଳି ଦେଇଥିବା ସର୍ବାଧିକ ଗୋଲ୍। ରିଚାର୍ଡ ଆଲେନ୍ ଏହି ଅଲିମ୍ପିକ୍‌ରେ ଗୋଟିଏ ମ୍ୟାଚ୍ ଖେଳିଥିଲେ ଏଇ ଯୁକ୍ତରାଷ୍ଟ୍ର ଆମେରିକା ବିରୁଦ୍ଧରେ। ଭାରତର ଗୋଲବର୍ଷା ଚାଲିଥିବା ବେଳେ ଏକ ହାଲୁକା ମୁହୂର୍ତ୍ତରେ ସେ ତାଙ୍କର ପ୍ରଶଂସକମାନଙ୍କୁ ଅଟୋଗ୍ରାଫ୍ ଦେଉଥିଲେ ସେତେବେଳେ ଅପ୍ରତ୍ୟାଶିତ ଭାବେ ଯୁକ୍ତରାଷ୍ଟ୍ର ଆମେରିକାର ଫରୱାର୍ଡ ଖେଳାଳି ଗୋଟିଏ ଗୋଲ୍ ଦେଇ ଦେଇଥିଲେ। ନଚେତ ଭାରତ ୨୪-୦ରେ ବିଜୟୀ ହୋଇଥାଆନ୍ତା। ଲାଲ୍ ସାହାବୁଖାରୀ ଥିଲେ ଭାରତୀୟ ହକି ଦଳର ଅଧିନାୟକ। ଏହାପରେ ୧୯୩୬ରେ ଜର୍ମାନୀର ରାଜଧାନୀ ବର୍ଲିନ୍‌ରେ ଅନୁଷ୍ଠିତ ହେଲା ପରବର୍ତ୍ତୀ ଅଲିମ୍ପିକ କ୍ରୀଡ଼ା।

ରିଚାର୍ଡ ଆଲେନ୍ ମଧ୍ୟ ଧ୍ୟାନଚାନ୍ଦ ଓ ରୂପସିଂଙ୍କ ସହ ଏହି ପ୍ରତିଯୋଗିତାରେ ଭାରତୀୟ ଦଳର ଗୋଲ୍ କିପର ଭାବେ ଅଂଶଗ୍ରହଣ କରିଥିଲେ। ହକି ପ୍ରତିଯୋଗିତାରେ ମୋଟ ୧୧ଗୋଟି ଦେଶ ଭାଗ ନେଇଥିଲେ। ଭାରତ ଏଥିରେ ୫ଟି ମ୍ୟାଚ ଖେଳିଥିଲା ଓ ତନ୍ମଧ୍ୟରୁ ଆଲେନ୍ ୪ଗୋଟି ମ୍ୟାଚ୍‌ରେ ଗୋଲ୍‌କିପର ଦାୟିତ୍ୱ ତୁଲାଇଥିଲେ। ଭାରତ ଫାଇନାଲରେ ୮-୧ ଗୋଲ୍‌ରେ ଜର୍ମାନୀକୁ ହରାଇ ସ୍ୱର୍ଣ୍ଣପଦକ ହାସଲ କଲା କ୍ରମାଗତ ତୃତୀୟଥର ପାଇଁ। ତେଣୁ ଆଲେନ୍ ମଧ୍ୟ କ୍ରମାଗତ ୩ଟି ଅଲିମ୍ପିକ୍‌ରେ ହକିରେ ସ୍ୱର୍ଣ୍ଣପଦକ ଜିଣିବାର ଗୌରବର ଅଧିକାରୀ ହେଲେ। ଏହି ଅଲିମ୍ପିକ୍‌ରେ ଭାରତ ମୋଟ ୩୮ଗୋଟି ଗୋଲ୍ ଦେଇଥିବା ବେଳେ ଫାଇନାଲରେ କେବଳ ଗୋଟିଏ ଗୋଲ୍ ବରଣ କରିଥିଲା। ରିଚାର୍ଡ ଆଲେନ୍ ମଧ୍ୟ ଉଚ୍ଚକୋଟୀର ଗୋଲ୍ ରକ୍ଷଣ କାର୍ଯ୍ୟ ସମ୍ପାଦନ କରି ତିନିଗୋଟି ଅଲିମ୍ପିକ୍‌ରେ ମାତ୍ର ୨ ଗୋଟି ଗୋଲ୍ ବରଣ କରିଥିବା ଈର୍ଷଣୀୟ ରେକର୍ଡ ହାସଲ କରିଛନ୍ତି। ସେ ଖେଳିଥିବା ୩ଟି ଅଲିମ୍ପିକ୍‌ରେ ଭାରତ ମାତ୍ର ୩ଟି ଗୋଲ୍ ବରଣ କରିଥିଲା, ଯହିଁରୁ ତାଙ୍କ ବିରୁଦ୍ଧରେ ଥିଲା ୨ ଗୋଲ୍। ଉପଲବ୍ଧ ତଥ୍ୟରୁ ଏହି ସୂଚନା ମିଳେ ଯେ, ବିଶ୍ୱ ହକି ଇତିହାସର ସେ ଜଣେ ଉଚ୍ଚକୋଟୀର ଏବଂ ଦକ୍ଷ ଗୋଲ୍‌କିପର ଥିଲେ। ତାଙ୍କର ତୀକ୍ଷ୍ଣ ଦୃଷ୍ଟିଶକ୍ତି, ବଳିଷ୍ଠ ପୂର୍ବାନୁମାନ ଏବଂ ଦ୍ରୁତ ଚିନ୍ତାଶକ୍ତି ଯୋଗୁ ସେ ଏତେ ଉନ୍ନତମାନର ଗୋଲ୍‌ରକ୍ଷଣ କରିପାରୁଥିଲେ ବୋଲି ଗବେଷକମାନେ ମତବ୍ୟକ୍ତ କରନ୍ତି। ୧୭୨ ସେମି ଉଚ୍ଚତାବିଶିଷ୍ଟ ଆଲେନ୍‌ଙ୍କର ଦକ୍ଷ ଗୋଲ୍‌ରକ୍ଷଣ ଓ ଧ୍ୟାନଚାନ୍ଦଙ୍କର ଅପୂର୍ବ ଷ୍ଟିକ୍ ଚାଳନା ପାଇଁ ୧୯୨୮, ୧୯୩୨ ଓ ୧୯୩୬ ଅଲିମ୍ପିକ୍ସରେ ଭାରତ ସ୍ୱର୍ଣ୍ଣପଦକ ହାସଲ କରି ତତ୍କାଳୀନ ବିଶ୍ୱ ହକି ଜଗତରେ ଚଳହ ସୃଷ୍ଟି କରିଥିଲା। ୧୯୬୯ ମସିହାରେ ଏହି ମହାନ୍ ଖେଳାଳି କର୍ନାଟକର ବାଙ୍ଗାଲୋରରେ ପରଲୋକ ଗମନ କରିଥିଲେ।



୧୯୪୮ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳ

### ରଣଧୀର ସିଂ ଜେଣ୍ଟଲ

କ୍ରମାଗତ ୩ଗୋଟି ଅଲିମ୍ପିକ୍‌ରେ ହକିରେ ସ୍ୱର୍ଣ୍ଣପଦକ ହାସଲ କରିଥିବା ଅନ୍ୟତମ ଶ୍ରେଷ୍ଠ ଖେଳାଳି ହେଲେ ରଣଧୀର ସିଂ ଜେଣ୍ଟଲ। ସେ ୧୯୨୨ ସେପ୍ଟେମ୍ବର ୨୨ରେ ଦିଲ୍ଲୀରେ ଜନ୍ମଗ୍ରହଣ କରିଥିଲେ। ଉଚ୍ଚଶିକ୍ଷା ଗ୍ରହଣ ସମୟରେ ହକିଖେଳରେ ଅନୁପ୍ରାଣିତ ହୋଇଥିଲେ ରଣଧୀର। ଫୁଲ୍‌ବ୍ୟାକ୍ ପୋଜିଶନରେ ଖେଳୁଥିଲେ ମଧ୍ୟ ସେ ଅନ୍ୟ ପୋଜିଶନ୍‌ରେ ଖେଳିବାରେ ଥିଲେ ଧୁରନ୍ଧର।

ତାଙ୍କର କ୍ରୀଡ଼ା ଦକ୍ଷତାକୁ ଲକ୍ଷ୍ୟ ରଖି ସ୍ୱାଧୀନତା ପ୍ରାପ୍ତି ପରେ ୧୯୪୮ରେ ଇଂଲଣ୍ଡର ରାଜଧାନୀ ଲଣ୍ଡନରେ ଅନୁଷ୍ଠିତ ଅଲିମ୍ପିକ୍ କ୍ରୀଡ଼ାରେ ଭାଗ ନେଇଥିବା ଭାରତୀୟ ହକି ଦଳରେ ତାଙ୍କୁ ସାମିଲ କରାଯାଇଥିଲା। ୧୯୨୮ଠାରୁ ଭାରତୀୟ ହକିର ଉତ୍ଥାନ ପରଠାରୁ ବ୍ରିଟେନ୍ ଭାରତଠାରୁ ପରାଜୟ ଲଭିବାର ଭୟରେ ଅଲିମ୍ପିକ୍ ହକିରେ ଭାଗ ନେଉ ନ ଥିଲା। କାରଣ ଭାରତ ସେତେବେଳେ ଥିଲା ତା'ର ଏକ ଉପନିବେଶ। ସେ ଯାହାହେଉ ୧୯୪୭ରେ ଦେଶ ସ୍ୱାଧୀନ ହେବା ପରେ ବ୍ରିଟେନ୍‌କୁ ହରାଇବାର ଅପୂର୍ବ ସୁଯୋଗ ପାଇଲା ଏହି ଅଲିମ୍ପିକ୍‌ରେ। ମୋଟ ୧୩ ଗୋଟି ଦେଶ ଏଥିରେ ଭାଗ ନେଇଥିଲେ। ଫାଇନାଲରେ ଭାରତ ବ୍ରିଟେନକୁ ୪-୦ ଗୋଲରେ ପରାସ୍ତ କରି ସ୍ୱାଧୀନତା ପ୍ରାପ୍ତି ପରେ ପ୍ରଥମ ତଥା ମୋଟରେ ୪ର୍ଥ ସ୍ୱର୍ଣ୍ଣପଦକ ହାସଲ କଲା ହକିରେ। ଭାରତ ଖେଳିଥିବା ସମସ୍ତ ୫ ଗୋଟି ମ୍ୟାଚ୍‌ରେ ବିଜୟ ଲାଭ କରିଥିଲା ଓ ପୂରା ଟୁର୍ନାମେଣ୍ଟରେ ୨୫ ଗୋଲ ଦେଇ ମାତ୍ର ୨ ଗୋଲ୍ ବରଣ କରିଥିଲା। ରଣଧୀରଙ୍କର ଉନ୍ନତ କ୍ଷେତ୍ରରକ୍ଷଣ ପାଇଁ ସେ ପ୍ରଶଂସିତ ହୋଇଥିଲେ। କିଶନ୍ ଲାଲ ଥିଲେ ଭାରତୀୟ ହକିଦଳର ଅଧିନାୟକ।

୧୯୫୨ରେ ହେଲସିଙ୍କିଠାରେ ପରବର୍ତ୍ତୀ ଅଲିମ୍ପିକ୍ କ୍ରୀଡ଼ା ଅନୁଷ୍ଠିତ ହେଲା। କନୱାର ଦିଗ୍‌ବିଜୟ ସିଂହ ବାବୁଙ୍କ ଅଧିନାୟକତ୍ୱରେ ଭାରତ ଏଥିରେ ହକି ଖେଳରେ ଅଂଶ ଗ୍ରହଣ କରିଥିଲା। ରଣଧୀର ଏଥିରେ ମଧ୍ୟ ଭାରତୀୟ ଦଳର ସଦସ୍ୟ ଥିଲେ। ତାଙ୍କର କ୍ଷେତ୍ରରକ୍ଷଣର ଦକ୍ଷତା ସାଙ୍ଗକୁ ଅଧିନାୟକଙ୍କର ରଣକୌଶଳ ଓ ବଲବୀର୍ ସିଂ ସିନିୟରଙ୍କର ଫରୱାର୍ଡ ପୋଜିଶନ୍‌ରେ ଆକ୍ରମଣାତ୍ମକ ଖେଳ ଯୋଗୁ ଭାରତ କ୍ୱାର୍ଟର ଫାଇନାଲରେ ଅଷ୍ଟ୍ରିଆକୁ ୪-୦, ସେମିଫାଇନାଲରେ ବ୍ରିଟେନକୁ ୩-୧ ଓ ଫାଇନାଲରେ ହଲାଣ୍ଡକୁ ୬-୧ ଗୋଲରେ ପରାସ୍ତ କରି କ୍ରମାଗତ ୫ମ ସ୍ୱର୍ଣ୍ଣପଦକ ହାସଲ କଲା। ଭାରତ ୩ ମ୍ୟାଚ୍‌ରେ ୧୩ ଗୋଲ୍ ଦେଇଥିଲା ଏବଂ ୨ଟି ଗୋଲ ବରଣ କରିଥିଲା।

୧୯୫୬ରେ ଅଷ୍ଟ୍ରେଲିଆର ମେଲ୍‌ବୋର୍ନରେ ଅନୁଷ୍ଠିତ ହେଲା ପରବର୍ତ୍ତୀ ଅଲିମ୍ପିକ୍ସ। ବଲବୀର ସିଂ ସିନିୟରଙ୍କ ନେତୃତ୍ୱରେ ଭାରତ ତାର ପ୍ରଥମ ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଆଫଗାନିସ୍ତାନକୁ ୧୪-୦ ଗୋଲରେ ପରାସ୍ତ କରିଥିଲା। ଏହି ମ୍ୟାଚରେ ଅଧିନାୟକ ବଲବୀର ଆହତ ହେବାରୁ ରଣଧୀର ସିଂ ଜେଣ୍ଟଲ ଦଳର ଅଧିନାୟକ ଦାୟିତ୍ୱ ବହନ କରିଥିଲେ। ଏହାପରେ ଯୁକ୍ତରାଷ୍ଟ୍ର ଆମେରିକାକୁ ୧୬-୦, ସିଙ୍ଗାପୁରକୁ ୬-୦, ସେମିଫାଇନାଲରେ ଦୁର୍ଦ୍ଧର୍ଷ ଜର୍ମାନୀକୁ ୧-୦ ଗୋଲ୍ ଓ ଫାଇନାଲରେ ଚିର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୧-୦ ଗୋଲ୍‌ରେ ପରାସ୍ତ କରି ଭାରତ କ୍ରମାଗତ ୬ଷ୍ଠ ଅଲିମ୍ପିକ ସ୍ୱର୍ଣ୍ଣପଦକ ହାସଲ କରିବା ସହ ବିରଳ ଡବଲ ହ୍ୟାଟ୍ରିକ୍ ଅର୍ଜନ କରିଥିଲା। ପ୍ରକାଶଥାଉକି ଫାଇନାଲର ୩୮ତମ ମିନିଟ୍‌ରେ ରଣଧୀର ଏକ ଶର୍ଟ କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରି ଏହି ଏକମାତ୍ର ଗୋଲ୍‌ଟି ଦେଇଥିଲେ। ତାଙ୍କ ବ୍ୟତୀତ ବଲବୀର ସିଂ ସିନିୟର, ଲେସ୍‌ଲି କ୍ଲଡିୟସ ଓ ଉଦ୍ଧାମ ସିଂ କୁଲରଙ୍କର କ୍ରୀଡ଼ା ନୈପୁଣ୍ୟ ସେତେବେଳେ ଚର୍ଚ୍ଚାର ବିଷୟ ହୋଇଥିଲା। ଭାରତ ଏହି ପ୍ରତିଯୋଗିତାରେ ୫ଟି ମ୍ୟାଚ୍‌ରେ ମୋଟ ୩୮ଗୋଲ୍ ଦେଇ ଗୋଟିଏ ହେଲେ ଗୋଲ ବରଣ କରି ନ ଥିଲା।

ସେ ଭାରତୀୟ ଦଳରେ ସାମିଲ ହୋଇ ପୂର୍ବ ଆଫ୍ରିକା, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ, ଜାପାନ ଓ ୟୁରୋପର କିଛି ଦେଶକୁ ଖେଳିବାକୁ ଯାଇଥିଲେ। ଭାରତୀୟ ହକି ମହାସଂଘ ହକିଦଳର ଉପ ଅଧିନାୟକ ଭାବେ ସେ ମାଲେସିଆ ଓ ସିଙ୍ଗାପୁର ଗସ୍ତ କରିଥିଲେ ୧୯୫୪ ମସିହାରେ। ଏହି ଦଳ ଗସ୍ତରେ ସମସ୍ତ ୧୬ଟି ଯାକ ମ୍ୟାଚ ଜିତିଥିଲା। ରଣଧୀର ମୋଟ ୧୪ଟି ଗୋଲ୍ ଦେଇଥିଲେ। ପରବର୍ତ୍ତୀ ସମୟରେ ଭାରତୀୟ ଦଳର ପ୍ରଶିକ୍ଷଣ ଭାର ନେଇଥିଲେ ଓ ୧୯୭୩ର ରୌପ୍ୟପଦକ ବିଜୟୀ ଭାରତୀୟ ବିଶ୍ୱକପ୍ ଦଳର ପ୍ରଶିକ୍ଷକ ହୋଇଥିଲେ। ୧୯୭୮ରେ ମଧ୍ୟ ଭାରତୀୟ ବିଶ୍ୱକପ୍ ଦଳର ପ୍ରଶିକ୍ଷକ ଥିଲେ। ୧୯୭୨ ଅଲିମ୍ପିକ୍ କ୍ରୀଡ଼ାରେ ସେ ଉଗାଣ୍ଡ ଜାତୀୟ ହକିଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ୧୯୮୧ ମସିହା ସେପ୍ଟେମ୍ବର ୨୫ତାରିଖରେ ସେ ପରଲୋକ ଗମନ କରିଥିଲେ।



୧୯୩୬ ଅଲିମ୍ପିକ୍ସରେ ଭାଗ ନେଇଥିବା ଭାରତୀୟ ହକି ଖେଳାଳି

# ପୁଣି ଚର୍ଚ୍ଚାରେ ଝିଲିଲତା

**ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ମହିଳା ଭଲିବଲ ଖେଳାଳିଭାବେ ଏକଦା ଖବରର ଶିରୋନାମାରେ ରହୁଥିବା ଝିଲିଲତା ସେଣ ଏବେ କିଛିବର୍ଷ ପରେ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ସେ ଓଡ଼ିଶାର ପ୍ରଥମ ମହିଳା ଭାବେ ଏଫ୍‌ଆଇଭିବି ଲେଭଲ-୨ କୋଚିଂ କୋର୍ସ ଶେଷ କରି କ୍ୟାରିୟରରେ ଆଉ ଏକ ବଡ଼ ସଫଳତା ଯୋଡ଼ିଛନ୍ତି...**

ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ମହିଳା ଭଲିବଲ ଖେଳାଳିର ମାନ୍ୟତା ପାଉଥିବା ଝିଲିଲତା ସେଣ ଏବେ ବେଶ୍ କିଛିଦିନ ପରେ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ସେ ଓଡ଼ିଶାର ପ୍ରଥମ ମହିଳା ଭାବେ ଏଫ୍‌ଆଇଭିବି (ଅନ୍ତର୍ଜାତୀୟ ଭଲିବଲ ଫେଡେରେଶନ) ଲେଭଲ-୨ କୋଚିଂ କୋର୍ସ ଶେଷ କରି କ୍ୟାରିୟରରେ ଆଉ ଏକ ବଡ଼ ସଫଳତା ଯୋଡ଼ିଛନ୍ତି। ବାହାରିନର ମାନାମାଠାରେ ସେପ୍ଟେମ୍ବର ୧୪ରୁ ୧୮ ପର୍ଯ୍ୟନ୍ତ ଏହି କୋର୍ସ ଅନୁଷ୍ଠିତ ହୋଇଥିଲା। ଏଫ୍‌ଆଇଭିବି କୋଚିଂ କାର୍ସ ଯଦିଓ ଲେଭଲ-୧ ସହ ଆରମ୍ଭ ହୋଇଥାଏ ତେବେ ଝିଲିଲତା ଜଣେ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ହୋଇଥିବାରୁ ସେ ସିଧାସଳଖ ଲେଭଲ-୨ରେ ଭର୍ତ୍ତି ହୋଇପାରି ଥିଲେ। ଝିଲି ହେଉଛନ୍ତି ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ଏବଂ ସବୁଠାରୁ ଯୋଗ୍ୟତା ସମ୍ପନ୍ନ ମହିଳା ଭଲିବଲ କୋଚ୍। ଝିଲିଲତା ବର୍ତ୍ତମାନ ଇଷ୍ଟକୋଷ୍ଟ ରେଲୱେର ଜଣେ କର୍ମଚାରୀ। ସେ ଭୁବନେଶ୍ୱରରେ ନିଯୁକ୍ତି ପାଇଛନ୍ତି। ଭାରତୀୟ ରେଲୱେ ଭଲିବଲ ଦଳର ସେ ସହକାରୀ କୋଚ୍ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏଫ୍‌ଆଇଭିବି ଲେଭଲ-୨ କୋଚିଂ ସାର୍ଟିଫିକେଟ ହାସଲ କରିବା ଦ୍ୱାରା ଏଣିକି ସେ ଜାତୀୟ ଦଳର କୋଚ୍ ଦାୟିତ୍ୱ ସମ୍ପାଦନ କରିପାରିବେ।

ଖେଳାଳି କ୍ୟାରିୟରରେ ଝିଲିଲତା ୨୦୦୨ରୁ ୨୦୦୯ ପର୍ଯ୍ୟନ୍ତ ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ୨୦୦୬ ଅଗଷ୍ଟରେ ଶ୍ରୀଲଙ୍କାର କଲେମ୍ବୋରେ ଅନୁଷ୍ଠିତ ୧୦ମ ସାଉଥ୍ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟା ଥିଲେ। ସେହିପରି ୨୦୦୪ରେ ରୁଷିଆରେ ଅନୁଷ୍ଠିତ ଅନ୍ତର୍ଜାତୀୟ ସ୍ପୋର୍ଟ୍ସ ଆଣ୍ଡ ଗେମ୍ସରେ ସେ ରୌପ୍ୟ ପଦକ ଜିତିଥିବା ଭାରତୀୟ ଦଳରୁ ଖେଳିଥିଲେ। ଏହା ବ୍ୟତୀତ ୨୦୦୨ରେ ଭିଏତନାମରେ ଅନୁଷ୍ଠିତ ଏସିଆନ ଜୁନିୟର ମହିଳା ଭଲିବଲ ଚାମ୍ପିୟନଶିପ୍‌ରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ଝିଲିଲତା ୨୦୦୩ରେ ଥାଇଲାଣ୍ଡରେ ଏସିଆନ ୟୁଥ୍ ଗର୍ଲ୍ସ ଭଲିବଲ ଚାମ୍ପିୟନଶିପ୍, ୨୦୦୪ରେ ଶ୍ରୀଲଙ୍କାରେ ଏସିଆନ ଜୁନିୟର ମହିଳା ଭଲିବଲ ଚାମ୍ପିୟନଶିପ୍, ୨୦୦୫ରେ ଚାଇନାରେ ଆୟୋଜିତ ଏସିଆନ ସିନିୟର ମହିଳା ଭଲିବଲ ଚାମ୍ପିୟନଶିପ୍, ୨୦୦୬ରେ ଥାଇଲାଣ୍ଡରେ ପ୍ରିନ୍ସେସ କପ୍ ମହିଳା ଅନ୍ତର୍ଜାତୀୟ ଭଲିବଲ, ଏବଂ ୨୦୦୯ରେ ଭିଏତାନାମରେ ଏସିଆନ ସିନିୟର ମହିଳା ଭଲିବଲ ଚାମ୍ପିୟନଶିପରେ ଅଂଶଗ୍ରହଣ କରିଥିଲେ। ଏଫ୍‌ଆଇଭିବି ଲେଭଲ-୨ କୋଚିଂ କୋର୍ସ କରିବା ଦ୍ୱାରା ସେ ଅନେକ ଅଭିଜ୍ଞତା ହାସଲ କରିଛନ୍ତି ବୋଲି ଝିଲିଲତା ପ୍ରକାଶ କରିଛନ୍ତି।

ପ୍ରକାଶ ଯୋଗ୍ୟ ଯେ, ଝିଲିଲତା ରେଲୱେ ମହିଳା ଦଳର ସଦସ୍ୟା ଭାବେ ୨୦୦୬ରୁ ୨୦୧୦ ମଧ୍ୟରେ ଜାତୀୟ ସିନିୟର ମହିଳା ଭଲିବଲ ଚାମ୍ପିୟନଶିପ୍‌ରେ ୫ ଥର ସ୍ୱର୍ଣ୍ଣ ପଦକ, ୨୦୦୮ରେ ରୌପ୍ୟ ପଦକ ହାସଲ କରିଛନ୍ତି। ୨୦୦୦ରୁ ୨୦୦୫ ମଧ୍ୟରେ ସେ ଓଡ଼ିଶା ସିନିୟର ମହିଳା ଭଲିବଲ ଦଳ ପକ୍ଷରୁ ଅନେକଥର ପ୍ରତିନିଧିତ୍ୱ କରିଛନ୍ତି। ୨୦୦୩ ଓ ୨୦୦୪ରେ ସେ ଓଡ଼ିଶା ପକ୍ଷରୁ ୨ ଥର ଜାତୀୟ ଜୁନିୟର ଭଲିବଲ ଚାମ୍ପିୟନଶିପରେ ଭାଗ ନେଇଥିଲେ। ପୁରୀର ଝିଲିଝତା ଓଡ଼ିଶା ମହିଳା ଭଲିବଲ ଦୁନିଆରେ ଜଣେ ଅଲ୍‌ରାଉଣ୍ଡରଭାବେ ବିଶେଷ ପରିଚିତ ଥିଲେ।

-ତପନ ସ୍ୱାଇଁ





ଏଫ୍‌ଆଇଭିବି ଲେଭଲ-୨ କୋଚିଂ କୋର୍ସ କରିଥିବା ଅନ୍ୟ କୋଚ୍‌ଙ୍କ ସହ ଝିଲିଲତା ସେଣ।

# ଶୁଟିଂ ପ୍ରତିଭା

ଓଡ଼ିଶାର ଉଦୀୟମାନ ଶୁଟିଂ ପ୍ରତିଭାଭାବେ ଉଭା ହୋଇଛନ୍ତି ପ୍ରିୟାଂଶା ହୋତା। ନିକଟରେ ବିହାର ରାଜ୍ୟ ରାଇଫଲ ଆସୋସିଏଶନ ପକ୍ଷରୁ ନାଳନ୍ଦାସ୍ଥିତ କଲ୍ୟାଣବିଘାଠାରେ ଅନୁଷ୍ଠିତ ଇଷ୍ଟ ଜୋନ୍ ଶୁଟିଂ ଚାମ୍ପିୟନଶିପ୍‌ର ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ସେ ଏକାକୀ ୪ଟି ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀ ମୋଟ ୬ଟି ପଦକ ଜିତିଥିଲେ। ଏହା ମଧ୍ୟରେ ୪ ସ୍ୱର୍ଣ୍ଣ ଓ ୨ ରୌପ୍ୟ ପଦକ ସାମିଲ ଥିଲା। ସବୁଠାରୁ ବଡ଼ କଥା ହେଲେ ପ୍ରିୟାଂଶା ଏକାକୀ ୪ଟି ଯାକ ସ୍ୱର୍ଣ୍ଣ ପଦକ ଜିତି ନିଜ ପ୍ରତିଭାର ପରିଚୟ ଦେଇଥିଲେ। ସେ ୧୬ ବର୍ଷରୁ କମ୍ ସବ୍‌ଜୁନିୟର ୟୁଥ୍ ମହିଳା, ୧୯ ବର୍ଷରୁ କମ୍ ୟୁଥ୍ ମହିଳା, ୨୧ ବର୍ଷରୁ କମ୍ ଜୁନିୟର ମହିଳା ଓ ସିନିୟର ମହିଳା ବର୍ଗରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଜିତିଥିଲେ। ୨ଟି ରୌପ୍ୟ ପଦକ ଜିତିଥିବା ଓଡ଼ିଶାର ଅନ୍ୟ ୨ ଶୁଟିଂ ପ୍ରତିଭା ହେଲେ ସୌମ୍ୟ ରଞ୍ଜନ ପଣ୍ଡା ଓ ଅଦ୍ରିଶା ରାଉତ। ସୌମ୍ୟ ସବ୍‌ଜୁନିୟର ୟୁଥ୍ ପୁରୁଷ ଏବଂ ଅଦ୍ରିଶା ଡିଫ୍ ମହିଳା ବର୍ଗରେ ଏହି ସଫଳତା ପାଇଥିଲେ। ଏହି ଇଷ୍ଟଜୋନ୍ ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୨୬ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।



ପ୍ରିୟାଂଶା ହୋତା

# ଭାରତୀୟ ଟେଷ୍ଟ ଦଳ ଘୋଷିତ

**ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ୍**

**ବୁମ୍‌ରା ଖେଳିବେ; କରୁନ ବାଦ୍**

ଦୁବାଇ,୨୫।୯(ପି.ଟି.)

ଆସନ୍ତା ୨ ତାରିଖରୁ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଆରମ୍ଭ ହେବାକୁ ଥିବା ଦୁଇ ମ୍ୟାଚ୍ ବିଶିଷ୍ଟ ଘରୋଇ ଟେଷ୍ଟ ସିରିଜ୍ ଲାଗି ଗୁରୁବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଉଭୟ ମ୍ୟାଚ୍ ଲାଗି ନଂ-୧ ଟେଷ୍ଟ ବୋଲର ଯଶପ୍ରୀତ ବୁମ୍‌ରା ଉପଲବ୍ଧ ରହିବେ। ଦଳରୁ ଅଭିଜ୍ଞ ବ୍ୟାଟର କରୁନ ନାୟର ଓ ଅଭିମନ୍ୟୁ ଈଶ୍ୱରନଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଉଭୟ ଖେଳାଳି ବର୍ତ୍ତମାନଠାରୁ ଭାରତୀୟ ଦଳର ଯୋଜନାରେ ନ ଥିବା ନେଇ ମୁମ୍ବାଇଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ସଙ୍କେତ ଦେଇଛନ୍ତି। ଉଇକେଟକିପର-ବ୍ୟାଟର ରିଷଭ ପନ୍ତଙ୍କ ଅନୁପସ୍ଥିତିରେ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ଏହି ସିରିଜ୍ ଲାଗି ଉପ ଅଧିନାୟକ ନିଯୁକ୍ତ କରାଯାଇଛି। ଦଳରେ ୨୫ ବର୍ଷୀୟ ଦେବଦତ୍ତ ପଡିକଲ ଓ ୨୩ ବର୍ଷୀୟ ସାଇ ସୁଦର୍ଶନଙ୍କୁ ସାମିଲ କରାଯାଇଛି। ''ଏହି ଭାରତୀୟ ଦଳ ଉଭୟ ଟେଷ୍ଟ ଲାଗି ଘୋଷଣା କରାଯାଇଛି। ଏଣୁ ବୁମରା ଉଭୟ ମ୍ୟାଚ୍ ପାଇଁ ଉପଲବ୍ଧ ରହିବେ। ତାଙ୍କୁ ଯଥେଷ୍ଟ ବିଶ୍ରାମ ଦିଆଯାଇଛି। ସେ ଇଂଲଣ୍ଡ ବିପକ୍ଷ ପଞ୍ଚମ ଟେଷ୍ଟ ଖେଳି ନ ଥିଲେ। ଏଣୁ ତାଙ୍କୁ ପାଞ୍ଚ ସପ୍ତାହ ବ୍ରେକ ଦିଆଯାଇଥିଲା। ଚଳିତ ଏସିଆ କପ୍ ପୂର୍ବରୁ ବୁମ୍‌ରା ସମ୍ପୂର୍ଣ୍ଣ ଫ୍ରେସ୍ ଥିଲେ। ସେ ଉଭୟ ମ୍ୟାଚ୍ ଖେଳିବାକୁ ପ୍ରସ୍ତୁତ'' ବୋଲି ଅଗରକର କହିଛନ୍ତି। କରୁଣଙ୍କୁ ଦଳରୁ ବାଦ୍ ଦିଆଯିବା ସମ୍ପର୍କରେ ଅଗରକର ପ୍ରକାଶ କରିଛନ୍ତି ଯେ, ଆମେ ନାୟରଙ୍କଠାରୁ ଅଧିକ ଆଶା ରଖିଥିଲୁ। ତାଙ୍କ ବଦଳରେ ସୁଦର୍ଶନଙ୍କୁ ନଂ-୩ ପୋଜିଶନ ଲାଗି ଚୟନ କରାଯାଇଛି। ପଡ଼ିକଲଙ୍କୁ ମଧ୍ୟ ଦଳରେ ରଖାଯାଇଛି। ସେ ଇଂଲଣ୍ଡ ବିପକ୍ଷ ଧର୍ମଶାଳା ଟେଷ୍ଟରେ ଅର୍ଦ୍ଧଶତକ କରିଥିଲେ ଏବଂ ଅଷ୍ଟ୍ରେଲିଆରେ ମଧ୍ୟ ଟେଷ୍ଟ ଦଳରେ ଥିଲେ।



ଭାରତୀୟ ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ।

## ଈଶ୍ୱରନଙ୍କ ସ୍ଥାନ ନାହିଁ

ଗତ ୩ରୁ ୪ ବର୍ଷ ହେଲା ଭାରତୀୟ ଦଳ ସହ ଟୁର କରୁଥିବା ଅଭିମନ୍ୟୁ ଈଶ୍ୱରନ ଏପର୍ଯ୍ୟନ୍ତ ପଦାର୍ପଣ କରି ନାହାନ୍ତି। କିନ୍ତୁ ବର୍ତ୍ତମାନ ସେ ଭାରତୀୟ ଦଳ ଯୋଜନାରେ ଫିଟ୍ ହେଉ ନାହାନ୍ତି। ଏ ସମ୍ପର୍କରେ ଅଗରକର କହିଛନ୍ତି ଯେ, ସାଧାରଣତଃ ବିଦେଶ ଟ୍ରାଭେଲ କଲା ବେଳେ ଆମେ ୧୬ରୁ ୧୭ ଖେଳାଳିଙ୍କୁ ନେଉ। ସେଥିରେ ତୃତୀୟ ଓପନରଙ୍କୁ ସାମିଲ କରାଯାଏ। ବର୍ତ୍ତମାନ ପ୍ରାୟ ଏକ ବର୍ଷ ପର୍ଯ୍ୟନ୍ତ ବିଦେଶରେ କୌଣସି ଟେଷ୍ଟ ସିରିଜ୍ ଖେଳିବାର ନାହିଁ। ଲୋକେଶ ରାହୁଲ ଓ ଯଶସ୍ୱୀ ଜୟସ୍ୱାଲ ଏପର୍ଯ୍ୟନ୍ତ ଖରାପ କରି ନାହାନ୍ତି। ଏଣୁ ଏବେ ଆମକୁ ତୃତୀୟ ଓପନର ଦରକାର ନାହିଁ। ଅତିରିକ୍ତ ଓପନରଙ୍କ ବଦଳରେ ଅତିରିକ୍ତ ସ୍ପିନ ଅଲରାଉଣ୍ଡର ଅକ୍ଷର ପଟେଲଙ୍କୁ ନିଆଯାଇଛି।

**ଭାରତୀୟ ଟେଷ୍ଟ ଦଳ:** ଶୁବମନ ଗିଲ (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଦେବଦତ୍ତ ପଡିକଲ, ଧ୍ରୁବ ଜୁରେଲ (ଉଇକେଟକିପର), ରବୀନ୍ଦ୍ର ଜାଡେଜା (ଉପ ଅଧିନାୟକ), ୱାଶିଂଟନ ସୁନ୍ଦର, ଯଶପ୍ରୀତ ବୁମରା, ଅକ୍ଷର ପଟେଲ, ନୀତୀଶ କୁମାର ରେଡ୍ଡୀ, ଏନ୍ ଜଗଦୀଶନ (ଉଇକେଟକିପର), ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଓ କୁଲଦୀପ ଯାଦବ।

# ଶ୍ରୀଲଙ୍କାକୁ ଭେଟିବ ଅପରାଜେୟ ଭାରତ

**ଏସିଆ କପ୍ କ୍ରିକେଟ**

ଦୁବାଇ,୨୫।୯(ପି.ଟି.)

ଚଳିତ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଶୁକ୍ରବାର ଦୁବାଇ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ସୁପର-୪ ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍‌ରେ ଭାରତ ଓ ଶ୍ରୀଲଙ୍କା ପରସ୍ପରକୁ ଭେଟିବେ। ଟୁର୍ନାମେଣ୍ଟରେ ଅପରାଜେୟ ଧାରା ବଜାୟ ରଖିଥିବା ଭାରତ ଫାଇନାଲରେ ସ୍ଥାନ ପକ୍କା କରି ସାରିଥିବା ବେଳେ ଶ୍ରୀଲଙ୍କା ଫାଇନାଲରୁ ବାଦ୍ ପଡ଼ିସାରିଛି। ଏଣୁ ଏହି ମ୍ୟାଚ୍‌ର ବିଶେଷ ଗୁରୁତ୍ୱ ନାହିଁ। କିନ୍ତୁ ଭାରତୀୟ ଦଳ ତା'ର ଅପରାଜେୟ ଧାରା ଜାରି ରଖିବା ଉଦ୍ଦେଶ୍ୟରେ ମ୍ୟାଚ୍‌କୁ ଓହ୍ଲାଇବ। ଅନ୍ୟପକ୍ଷରେ ଲଗାତର ୨ ମ୍ୟାଚ୍‌ରେ ପରାଜିତ ହୋଇଥିବା ଶ୍ରୀଲଙ୍କା ତା'ର ଆତ୍ମସମ୍ମାନ ପାଇଁ ଖେଳିବ।

ଏହି ଟୁର୍ନାମେଣ୍ଟରେ ଭାରତୀୟ ଦଳରେ କିଛି ସମସ୍ୟା ରହିଥିବା ପରିଲକ୍ଷିତ ହୋଇଛି। ମିଡିଲ ଅର୍ଡରରେ ସଞ୍ଜୁ ସାମସନ ଫିଟ୍ ହେଉ ନାହାନ୍ତି, ଯାହାକି ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ଚିନ୍ତାର କାରଣ ପାଲଟିଛି। ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ଦଳର ୬ ଉଇକେଟ ପଡ଼ିବା ପରେ ବି ସାମସନ କ୍ରିଜ୍‌କୁ ଓହ୍ଲାଇ ନ ଥିଲେ। ଏଣୁ ତାଙ୍କୁ ନଂ-୩ ପୋଜିଶନକୁ ପ୍ରମୋଟ କରାଯିବାର ସମ୍ଭାବନା ରହିଛି। ନ ହେଲେ ଟି୨୦ ଫର୍ମାଟରେ ନିର୍ଦ୍ଦିଷ୍ଟ ଖେଳାଳିଙ୍କୁ ନିର୍ଦ୍ଦିଷ୍ଟ ଦାୟିତ୍ୱ ଦିଆଯାଇଥାଏ। ଏହି ଦୃଷ୍ଟିରୁ ସାମସନଙ୍କ ବଦଳରେ ଜୀତେଶ ଶର୍ମାଙ୍କୁ ଶ୍ରୀଲଙ୍କା ବିପକ୍ଷ ଗୁରୁତ୍ୱହୀନ ମ୍ୟାଚ୍‌ରେ ଖେଳାଯାଇପାରେ। ମିଡିଲ ଅର୍ଡରରେ ଜୀତେଶଙ୍କ ପ୍ରଦର୍ଶନ ଆଇପିଏଲରେ ଖୁବ ଭଲ ରହିଛି। ତେବେ ଦଳୀୟ ଫିଲ୍ଡିଂ ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ନୈରାଶ୍ୟଜନକ ରହିଛି। କାରଣ ଗତ ୫ ମ୍ୟାଚ୍‌ରେ ଭାରତୀୟ ଖେଳାଳିମାନେ ୧୦ କ୍ୟାଚ୍ ହାତଛଡ଼ା କରିଛନ୍ତି, ଯାହାକି ସର୍ବାଧିକ। ଏଥିଲାଗି ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମର ଫ୍ଲଡ୍‌ଲାଇଟ୍ ଡିଜାଇନକୁ ଦାୟୀ କରାଯାଇପାରିବ। କିନ୍ତୁ ଏହା ସହ ଖେଳାଳିଙ୍କୁ ଫାଇନାଲ ପୂର୍ବରୁ ଖାପ ଖୁଆଇବାକୁ ପଡ଼ିବ। ଏହି ମ୍ୟାଚ୍ ଲାଗି ଭାରତୀୟ ଦଳ ପ୍ରିମିୟର ପେସର ଯଶପ୍ରୀତ ବୁମରାଙ୍କୁ ବିଶ୍ରାମ ଦେଇପାରେ।

**ସମ୍ଭାବ୍ୟ ଭାରତୀୟ ଦଳ:** ଅଭିଷେକ ଶର୍ମା, ଶୁବମନ ଗିଲ, ସୂର୍ଯ୍ୟକୁମାର ଯାଦବ(ଅଧିନାୟକ), ତିଲକ ବର୍ମା, ଶିବମ ଦୁବେ, ସଞ୍ଜୁ ସାମସନ/ଜୀତେଶ ଶର୍ମା (ଉଇକେଟକିପର), ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ଯଶପ୍ରୀତ ବୁମରା/ଅର୍ଶଦୀପ ସିଂ, ବରୁଣ ଚକ୍ରବର୍ତ୍ତୀ, କୁଲଦୀପ ଯାଦବ।

# ଓଡ଼ିଶା ବାଳକ, ବାଳିକା ହ୍ୟାଣ୍ଡବଲ ଦଳ ଘୋଷିତ



ଜାତୀୟ ହ୍ୟାଣ୍ଡ୍‌ବଲ୍ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ବାଳିକା ଓ ବାଳକ ଦଳ।

ଭୁବନେଶ୍ୱର,୨୫।୯(ଅନାଦି କର)

ହାଇଦ୍ରାବାଦରେ ହେବାକୁ ଯାଉଥିବା ୧୭ତମ ମିନି ବାଳକ ଓ ବାଳିକା ଜାତୀୟ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଗୁରୁବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଏହି ଦଳ କଟକରୁ ଟ୍ରେନ ଯୋଗେ ହାଇଦ୍ରାବାଦ୍ ଅଭିମୁଖେ ଯାତ୍ରା କରିଛି। ବାଳକ ଦଳରେ ପରବିନ କାନହାର, ଫ୍ଲୋରେନ୍ସ ପ୍ରଧାନ, ରାଜପ୍ରତ ମାଝୀ, ପରମେଶ୍ୱର ଗୁରିୟା, ଅଗସ୍ତି ଗୁଟା, ଅମରୁକାଶଂ ପଟ୍ଟନାୟକ, ଆଶିଷ ରଞ୍ଜନ ସାହୁ, କହ୍ନେଇ ସାମଲ, ଡି. ଅମୀର ଦୀପ, ସୌମ୍ୟଜିତ ବେହେରାଙ୍କ ସହ କୋଚ୍ ଭାବେ ସନ୍ତୋଷ ବେହେରା ଓ ମ୍ୟାନେଜର ଭାବେ ଅଶୋକ ପ୍ରଧାନ ସ୍ଥାନ ପାଇଛନ୍ତି। ବାଳିକା ଦଳରେ ପ୍ରିୟା ଦେହୁରୀ, ପ୍ରଭାସିନୀ ଡୁଙ୍ଗଡୁଙ୍ଗ, ପ୍ରିୟା ବରିହା, ସିମି ଆଲଡ଼ା, ସେନାଲୀ ମୁଣ୍ଡା, ପୂଜା ରେଙ୍ଗୀ, ତନିଶା ନାଥ, ସନ୍ଧ୍ୟାରାଣୀ ସାହୁ, ପ୍ରାଚୀ ସ୍ୱାଗତିକ ତାଣ୍ଡିୟା, ସ୍ନେହଲତା ଟୁଡୁ, କୋଚ୍ ଭାବେ ମୋନାଲିଶା ଦଳେଇ ଓ ମ୍ୟାନେଜର ଭାବେ ଅନ୍ନର୍ବ ସିହ୍ନା ଯାତ୍ରା କରିଛନ୍ତି। ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ସଂଘର ସମ୍ପାଦକ ବିରେନ୍ଦ୍ର ବେହେରା, ସଭାପତି ଗୋପୀନାଥ ସାହୁ, ବରିଷ୍ଠ ଉପସଭାପତି ପ୍ରେମାନନ୍ଦ ବିହାରୀ, କୋଷାଧ୍ୟକ୍ଷ ଉପେନ୍ଦ୍ରନାଥ ଦାଶ, ଯୁଗ୍ମ ସମ୍ପାଦକ ଯଶୋବନ୍ତ ପରମଗୁରୁ ଉଭୟ ଦଳର ଉନ୍ନତ ପ୍ରଦର୍ଶନ କାମନା କରିଛନ୍ତି।

## ଲିସା କିଟ୍‌ଲି ମୁମ୍ବାଇ ଇଣ୍ଡିଆନ୍ସର ମୁଖ୍ୟ କୋଚ

**ମୁମ୍ବାଇ, ୨୫।୯ (ପି.ଟି):** ମୁମ୍ବାଇ ଇଣ୍ଡିଆନ୍ସ ଗୁରୁବାର ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର ତଥା ଦୁଇଥର ବିଶ୍ୱକପ୍ ବିଜେତା ଲିସା କିଟ୍‌ଲିଙ୍କୁ ସେମାନଙ୍କ ମହିଳା ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ଦେଇଛି। କିଟ୍‌ଲୀ ୧୯୯୭ ଓ ୨୦୦୫ରେ ବିଶ୍ୱକପ୍ ଜିତିଥିବା ଅଷ୍ଟ୍ରେଲିଆ ଦଳର ଅଂଶବିଶେଷ ଥିଲେ। ସେ ଇତିମଧ୍ୟରେ ଅଷ୍ଟ୍ରେଲିଆ, ଇଂଲଣ୍ଡ ଏବଂ ବିଶ୍ୱର ଟପ୍ ଲିଗ୍‌ଗୁଡ଼ିକରେ କୋଚ୍ ଭାବେ କାର୍ଯ୍ୟ କରିଛନ୍ତି। ମହିଳା କ୍ରିକେଟରେ ସେ ଜଣେ ଅନ୍ୟତମ ସମ୍ମାନାସ୍ପଦ କୋଚ୍ ଭାବେ ପରିଗଣିତ ହେଉଛନ୍ତି। ଓମେନ୍ସ ପ୍ରିମିୟର



ଲିଗ୍ (ଡବ୍ଲ୍ୟୁପିଏଲ୍) ଇତିହାସରେ ମୁମ୍ବାଇ ଇଣ୍ଡିଆନ୍ସ ମହିଳା ହେଉଛି ସବୁଠାରୁ ସଫଳ ଦଳ। ଏପର୍ଯ୍ୟନ୍ତ ଅନୁଷ୍ଠିତ ତିନୋଟି ସିଜନ ମଧ୍ୟରୁ ଦୁଇଟିରେ ଟାଇଟଲ ବିଜୟୀ ହୋଇଛି। ଦଳ ୨୦୨୩ ଉଦ୍‌ଘାଟନୀ ସଂସ୍କରଣ ଏବଂ ପୁନର୍ବାର ୨୦୨୫ରେ ଟାଇଟଲ ବିଜେତା ହୋଇଛି। କିଟ୍‌ଲି ଜଣେ ଓପନର ଭାବେ ଅଷ୍ଟ୍ରେଲିଆ ତରଫରୁ ପ୍ରତିନିଧିତ୍ୱ କରି ୯ ଟେଷ୍ଟ, ୮୨ ଅନ୍ତର୍ଜାତୀୟ ଦିନିକିଆ ଏବଂ ଗୋଟିଏ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି।

# ପାକିସ୍ତାନର ବ୍ୟାଟିଂ ବିପର୍ଯ୍ୟୟ

ଦୁବାଇ,୨୫।୯

ଚଳିତ ଏସିଆ କପ୍‌ରେ ଗୁରୁବାର ଖେଳାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ସୁପର-୪ ମ୍ୟାଚ୍‌ରେ ପାକିସ୍ତାନ ଓ ବାଂଲାଦେଶ ପରସ୍ପରକୁ ଭେଟିଛନ୍ତି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରତିପକ୍ଷ ବାଂଲାଦେଶ ଆଗରେ ୧୩୬ ରନର ଟାର୍ଗେଟ ଛିଡ଼ା କରିଛି। ପାକିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୩୫ ରନ କରିବାକୁ ସକ୍ଷମ ହୋଇଛି। ଦଳ ପାଇଁ ମହମ୍ମଦ ହାରିସ ୩୧(୨ ଚୌକା ଓ ୧ ଛକା), ମହମ୍ମଦ ନୱାଜ ୨୫(୧ ଚୌକା ଓ ଛକା), ଅଧିନାୟକ ସଲମାନ ଅଲୀ ଆଘା ୧୯, ଶାହିନ ଶାହ ଆଫ୍ରିଦୀ ୧୯, ଫଖର ଜମାନ ୧୩ ଓ ଫହିମ ଆଶ୍ରଫ ଅପରାଜିତ ୧୪ ରନ କରିଥିଲେ। ବାଂଲାଦେଶ ପାଇଁ ଟସ୍କିନ ଅହମଦ ୩ ଉଇକେଟ ନେଇଥିବା ବେଳେ ରିଶଦ ହୋସେନ ଓ ମାହେଦି ହସନ ୨ ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି। ଏହି ମ୍ୟାଚ୍‌ର ବିଜେତା ଆସନ୍ତା ରବିବାର ହେବାକୁ ଥିବା ଫାଇନାଲରେ ଭାରତକୁ ଭେଟିବ।




ଉଇକେଟ ନେବା ପରେ ଉଲ୍ଲସିତ ମାହେଦି ହସନ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ: ୨୦ ଓଭରରେ ୧୩୫/୮ (ମହମ୍ମଦ ହାରିସ-୩୧, ମହମ୍ମଦ ନୱାଜ-୨୫, ସଲମାନ ଅଲୀ ଆଘା-୧୯, ଟସ୍କିନ ଅହମ୍ମଦ-୩/୨୮, ରିଶଦ ହୋସେନ-୨/୧୮, ମାହେଦି ହସନ-୨/୨୮)।

# ରୌଫ, ସାହିବଜାଦାଙ୍କ ବିରୋଧରେ ବିସିସିଆଇର ଅଭିଯୋଗ






ଦୁବାଇ,୨୫।୯(ପି.ଟି.)

ଗତ ରବିବାର ଭାରତ ବିପକ୍ଷ ଏସିଆ କପ୍ ସୁପର-୪ ମ୍ୟାଚ୍ ବେଳେ ଉସୁକାଇବା ଭଳି ବ୍ୟବହାର ଲାଗି ପାକିସ୍ତାନର ହାରିସ ରୌଫ ଓ ସାହିବଜାଦା ଫର୍ହାନଙ୍କ ବିରୋଧରେ ଭାରତ ପକ୍ଷରୁ ଆଇସିସି ନିକଟରେ ଆନୁଷ୍ଠାନିକ ଭାବେ ଅଭିଯୋଗ କରାଯାଇଛି। ଉଭୟଙ୍କ ବିରୋଧରେ ବିସିସିଆଇ ପକ୍ଷରୁ ବୁଧବାର ଅଭିଯୋଗ କରାଯାଇଛି। ଯଦି ସାହିବଜାଦା ଓ ରୌଫ ଅଭିଯୋଗକୁ ଲିଖିତ ଆକାରରେ ଖଣ୍ଡନ କରନ୍ତି, ତେବେ ଏ ସଂକ୍ରାନ୍ତ ଆଇସିସି ଶୁଣାଣି କରିବ। ସେମାନଙ୍କୁ ଆଇସିସି ଏଲିଟ୍ ପ୍ୟାନେଲ ରେଫରି ରିଚି ରିଚାର୍ଡସନଙ୍କ ଆଗରେ ହାଜର ହେବାକୁ ପଡ଼ିବ। ଅନ୍ୟପକ୍ଷରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ପୀଡ଼ିତଙ୍କ ପ୍ରତି ସମର୍ଥନ ବ୍ୟକ୍ତ କରିବା ସହ ଅପରେଶନ ସିନ୍ଦୂର ପାଇଁ ଭାରତୀୟ ସଶସ୍ତ୍ର ବଳକୁ ବିଜୟ ଉତ୍ସର୍ଗ କରିବା ପାଇଁ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ବିରୋଧରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ ଆଇସିସି ନିକଟରେ ଅଭିଯୋଗ କରାଯାଇଛି।

ଉଲ୍ଲେଖଯୋଗ୍ୟ, ଗତ ୨୧ ତାରିଖରେ ଖେଳାଯାଇଥିବା ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିବା ପରେ ସାହିବଜାଦା ତାଙ୍କ ବ୍ୟାଟ୍‌କୁ ମେଶିନଗନ ଭଳି ଦେଖାଇ ଉତ୍ସବ ମନାଇଥିଲେ। ସେହିଭଳି ରୌଫ ବୋଲିଂ ବେଳେ ଭାରତୀୟ ଓପନରଙ୍କୁ ଗାଳି ଗୁଲଜ କରିବା ସହ ଫିଲ୍ଡିଂ କଲା ବେଳେ ଭାରତୀୟ ସଶସ୍ତ୍ର ବଳ ପକ୍ଷରୁ କରାଯାଇଥିବା ସୈନ୍ୟ କାର୍ଯ୍ୟାନୁଷ୍ଠାନର ମଜାକ ଉଡ଼ାଇଥିଲେ।

## ଶ୍ରେୟସ ଭାରତ 'ଏ'ର ଅଧିନାୟକ

**ନୂଆଦିଲ୍ଲୀ, ୨୫।୯ (ପି.ଟି.):** ଅଷ୍ଟ୍ରେଲିଆ 'ଏ' ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ପାଇଁ ଶ୍ରେୟସ ଆୟରଙ୍କୁ ଗୁରୁବାର ଭାରତ 'ଏ' ଦଳର ଅଧିନାୟକ ମନୋନୀତ କରାଯାଇଛି। ଏହା ସେପ୍ଟେମ୍ବର ୩୦ରୁ କାନପୁରରେ ଆରମ୍ଭ ହେବ। କିନ୍ତୁ ପିଠିରେ ଯନ୍ତ୍ରଣା ଯୋଗୁ ତାଙ୍କୁ ରେଡ୍ ବଲ୍ କ୍ରିକେଟରୁ ୬ମାସ ପାଇଁ ଛୁଟି ଦିଆଯାଇଛି। ଆୟର ନିକଟରେ ବିସିସିଆଇ ଚୟନକମିଟି ଚେୟାରମ୍ୟାନ ଅଜିତ ଅଗରକରଙ୍କୁ ଅବଗତ କରାଇଥିଲେ ଯେ, ତାଙ୍କ ପିଠିରେ ଯନ୍ତ୍ରଣା ଯୋଗୁ ସେ ବର୍ତ୍ତମାନ ପାଇଁ ରେଡ୍ ବଲ୍ କ୍ରିକେଟ ଖେଳି ପାରିବେନି। ଭାରତ 'ଏ' ଦିନିକିଆ ଦଳରେ ସ୍ଥାନ ପାଇଥିବା ଅନ୍ୟ ପ୍ରମୁଖ ଖେଳାଳିମାନଙ୍କ ମଧ୍ୟରେ ଅଛନ୍ତି ରବି ବିଷ୍ଣୋଇ, ଉଇକେଟକିପର-ବ୍ୟାଟର ପ୍ରଭସିମରନ ସିଂ, ବିଗ୍ ହିଟିଂ ଅଲରାଉଣ୍ଡର ରିୟାନ ପରାଗ ଓ ଆୟୁଷ ବଦୋନୀ। ଅନ୍ୟପକ୍ଷରେ ବର୍ତ୍ତମାନ ଏସିଆ କପ୍ ଖେଳୁଥିବାରୁ ଟପ୍ ଅର୍ଡର ବ୍ୟାଟର ଅଭିଷେକ ଶର୍ମା, ମିଡଲ ଅର୍ଡର ବ୍ୟାଟର ତିଳକ ବର୍ମା ଏବଂ ଦୁଇ ପେସର ହର୍ଷିତ ରାଣା ଓ ଅର୍ଶଦୀପ ସିଂ ଅକ୍ଟୋବର ୩ ଓ ୫ରେ ଖେଳାଯିବାକୁ ଥିବା ଦ୍ୱିତୀୟ ଓ ତୃତୀୟ ମ୍ୟାଚ ପାଇଁ ପରେ ଦଳ ସହିତ ଯୋଗଦେବେ।

ନାଗପୁରରେ ଅକ୍ଟୋବର ୧ରୁ ଖେଳାଯିବାକୁ ଥିବା ବିଦର୍ଭ ବିପକ୍ଷ ଇରାନୀ ଟ୍ରଫି ମ୍ୟାଚ ପାଇଁ ରଜତ ପଟିଦାରଙ୍କୁ ଅବଶିଷ୍ଟ ଭାରତ ଏକାଦର ଅଧିନାୟକ ଭାବେ ନିଯୁକ୍ତି ଦିଆଯାଇଛି।

# ରାଜସ୍ଥାନରେ ଉଦ୍‌ଘାଟନୀ 'ଥର୍ ଦି ଟୁର୍'

ନୂଆଦିଲ୍ଲୀ, ୨୫।୯ (ପି.ଟି.)

ରାଜସ୍ଥାନ 'ଟୁର୍ ଦି ଥର୍'ର ପ୍ରଥମ ସଂସ୍କରଣ ଆୟୋଜନ କରିବ। ଅନ୍ତର୍ଜାତୀୟସ୍ତରର ଏହି ସାଇକେଲ ଇଭେଣ୍ଟ ନଭେମ୍ବର ୨୩ରେ ତିନୋଟି କାଟେଗୋରି ଯଥା ୩୦୦କି.ମି. ରିଲେ, ୨୦୦କି.ମି. ଓ ୧୦କି.ମି.ରେ ରେସ୍ ଅନୁଷ୍ଠିତ ହେବ। ଏଥିରେ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ ସୂଚନା ଦିଆଯାଇଛି। ଏହି ଇଭେଣ୍ଟ ବିକାନେରର ନୋରାଙ୍ଗଦେସାର ଗ୍ରାମରେ ଆରମ୍ଭ ହେବ। ଅମୃତସର-ଜାମନଗର ଏକ୍ସପ୍ରେସ୍‌ୱେ ଓ ଥର୍ ମରୁଭୂମି ବାଟ ଦେଇ ଏହି ରେସ୍ ଅନୁଷ୍ଠିତ ହେବ ବୋଲି ମନ୍ତ୍ରଣାଳୟ କହିଛି। ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ନୂଆଦିଲ୍ଲୀଠାରେ କେନ୍ଦ୍ର ଆଇନ ଓ ବିଚାର ବିଭାଗୀୟ ମନ୍ତ୍ରୀ ଅର୍ଜୁନ ରାମ୍ ମେଘୱାଲ ଏବଂ କେନ୍ଦ୍ର ଶ୍ରମ ଓ ନିଯୁକ୍ତି ଏବଂ ଯୁବ ଓ କ୍ରୀଡ଼ା ବ୍ୟାପାର ମନ୍ତ୍ରୀ ଡ. ମନସୁଖ ମାଣ୍ଡବ୍ୟଙ୍କ ସମେତ ଅନ୍ୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

# ୫୦ମିଟର ରାଇଫଲ ପ୍ରୋନ୍‌ରେ କ୍ଲିନ୍ ସୁଇପ୍

**ଜୁନିୟର ବିଶ୍ୱକପ୍**

ନୂଆଦିଲ୍ଲୀ, ୨୫।୯ (ପି.ଟି.)

ଆଇଏସ୍ଏସ୍ଏଫ୍ ଜୁନିୟର ବିଶ୍ୱକପ୍‌ର ପ୍ରଥମ ଦିବସରେ ଅନୁଷ୍ଠିତ ୫୦ମିଟର ରାଇଫଲ ପ୍ରୋନ୍‌ରେ ଭାରତୀୟ ମହିଳା ଦଳ କ୍ଲିନ୍ ସୁଇପ୍ ବିଜୟ ହାସଲ କରିଥିବାବେଳେ ପୁରୁଷ ଦଳ ସମାନ ଇଭେଣ୍ଟରେ ଗୋଟିଏ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛି। ଗୁରୁବାର ସ୍ଥାନୀୟ ଡକ୍ଟର କାର୍ନି ସିଂ ରେଞ୍ଜ୍‌ରେ ୟଙ୍ଗ ଅନୁଷ୍କା ଥୋକୁର ଜୁନିୟର ୫୦ ମିଟର ରାଇଫଲ ଥ୍ରି ପୋଜିଶନରେ ୬୨୧.୬ ସ୍କୋର ସହ ପ୍ରଥମ ସ୍ଥାନ ଅଧିକାର ସହ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଅନ୍ୟ ଜଣେ ୧୮ବର୍ଷୀୟା ଅଂଶିକା ୬୧୯.୨ ସ୍କୋର ସହ ରୌପ୍ୟ ପଦକ ପାଇଥିବା ବେଳେ ଏହି ଅଣ ଅଲିମ୍ପିକ ଇଭେଣ୍ଟରେ ୨୦ବର୍ଷୀୟା ଆଧ୍ୟା ଅଗ୍ରୱାଲ ୬୧୫.୯ ସ୍କୋର ସହ ବ୍ରୋଞ୍ଜ ଜିତିଥିଲେ। ପୁରୁଷ ବିଭାଗରେ ଦୀପେନ୍ଦ୍ର ସିଂ ଶେଖାୱତ ଓ ରୋହିତ କାନ୍ୟାନ



ପଦକ ବିଜେତା ଭାରତୀୟ ଶୁଟର।

ପୁରୁଷ ୫୦ମିଟର ରାଇଫଲ ପ୍ରୋନ୍‌ରେ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପାଇଛନ୍ତି। ଏହା ହେଉଛି ସେମାନଙ୍କର ପ୍ରଥମ ଅନ୍ତର୍ଜାତୀୟ ପଦକ। ଏହି ଇଭେଣ୍ଟର ସ୍ୱର୍ଣ୍ଣ ପଦକ ଇଣ୍ଡିଭିଜୁଆଲ ନ୍ୟୁଟ୍ରାଲ (ଏଆଇଏନ୍) ହାତକୁ ଯାଇଛି।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୬/୨୦୨୫ Bhubaneswar, Friday, September 26/ 2025

# କଳିଙ୍ଗରେ ଏକସଙ୍ଗେ ୩ ବଡ଼ କ୍ରୀଡ଼ା ଇଭେଣ୍ଟ

**ଭୁବନେଶ୍ୱର, ୨୫।୯ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଅକ୍ଟୋବର ଦ୍ୱିତୀୟ ସପ୍ତାହରେ ଏକସଙ୍ଗେ ୩ଟି ବଡ଼ ଇଭେଣ୍ଟ ଆୟୋଜନ ହେବ। ଅନ୍ତର୍ଜାତୀୟ ଟେବୁଲ ଟେନିସ ଫେଡେରେଶନ, ଏସିଆନ ଟେବୁଲ ଟେନିସ ୟୁନିୟନ, ଭାରତୀୟ ଟେବୁଲ ଟେନିସ ଫେଡେରେଶନ, ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଅକ୍ଟୋବର ୧୧ରୁ ୧୫ ପର୍ଯ୍ୟନ୍ତ ସମ୍ମାନଜନକ ଏସିଆନ ଟେବୁଲ ଟେନିସ ଟିମ୍ ଚାମ୍ପିୟନଶିପ୍ ଆୟୋଜନ ହେବ। ସେହିପରି ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଅକ୍ଟୋବର ୧୦ରୁ ୧୪ ଏବଂ ଆଇଟିଏଫ୍ ମାଷ୍ଟର୍ସ ୧୦୦ ଟେନିସ ଟୁର୍ନାମେଣ୍ଟ ୧୧ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଖବରଦାତା ସମ୍ମିଳନୀରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି। ଓଡ଼ିଶାର ସ୍ପୋର୍ଟ୍ସ ଇକୋ ସିଷ୍ଟମ, କ୍ରୀଡ଼ା ବିଭାଗ କର୍ମକର୍ତ୍ତା ଏବଂ ସମସ୍ତଙ୍କ ସହଯୋଗ କ୍ରମେ ଗୋଟିଏ ସମୟରେ ୩ଟି ବଡ଼ ଇଭେଣ୍ଟ ଆୟୋଜନ କରିବାକୁ ଯାଉଛୁ। ଏହା ଏକ ନୂଆ ଅନୁଭବ ହେବ। ଓଡ଼ିଶା ଏକ ସମୟରେ ବିଭିନ୍ନ ପ୍ରକାର ଖେଳ ଆୟୋଜନ କରିପାରୁଛି ବୋଲି ଏଥିରୁ ପ୍ରମାଣିତ ମଧ୍ୟ ହୋଇପାରିବ। ନ୍ୟାଶନାଲ ଜୁନିୟର ଆଥଲେଟିକ୍ସରେ ପାଖାପାଖି ୨୦୦୦ ଆଥଲେଟ୍ ଅଂଶଗ୍ରହଣ କରିବେ। ଭାରତ ଯେତେବେଳେ ୨୦୩୬ ଅଲିମ୍ପିକ୍ସ ଆୟୋଜନ କରିବା କଥା ଉଠୁଛି ସେତେବେଳେ ଓଡ଼ିଶାରେ ମଧ୍ୟ କିଛି ଇଭେଣ୍ଟ ହେବ ବୋଲି ଆଶା ରହିଛି। ତେଣୁ ତା’ ପୂର୍ବରୁ ଅକ୍ଟୋବର ଦ୍ୱିତୀୟ ସପ୍ତାହରେ ଏକାବେଳେ ୩ଟି ବଡ଼ ଇଭେଣ୍ଟ ଆୟୋଜନ କରି ଆମେ ନିଜ କାପାସିଟି ବିଲ୍ଡଅପ୍ କରିବା ଯୋଜନାରେ ଅଛୁ ବୋଲି କ୍ରୀଡ଼ାମନ୍ତ୍ରୀ ପ୍ରକାଶ କରିଛନ୍ତି।



ଖବରଦାତା ସମ୍ମିଳନୀରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି।

- ■ ଏସିଆନ ଟେବୁଲ ଟେନିସ: ଅକ୍ଟୋବର ୧୧ରୁ ୧୫
- ■ ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ: ଅକ୍ଟୋବର ୧୦ରୁ ୧୪
- ■ ଆଇଟିଏଫ୍ ମାଷ୍ଟର୍ସ ୧୦୦ ଟେନିସ: ଅକ୍ଟୋବର ୧୧ରୁ ୧୫

### ‘ଓଡ଼ିଶାରେ ଟିଟି ପାଇଁ ସ୍ୱତନ୍ତ୍ର ସ୍ପୃହା ସୃଷ୍ଟି କରିବ’

ଏସିଆନ ଟେବୁଲ ଟେନିସ ଟିମ୍ ଚାମ୍ପିୟନଶିପ୍ ଓଡ଼ିଶାରେ ପ୍ରଥମଥର ଏବଂ ଭାରତରେ ୫ମ ଥର ପାଇଁ ଆୟୋଜନ ହେବାକୁ ଯାଉଛି। ଦୀର୍ଘ ୧୬ ବର୍ଷ ପରେ ଏହି ଟୁର୍ନାମେଣ୍ଟ ଭାରତକୁ ଫେରିଛି। ଏସିଆନ ଟେବୁଲ ଟେନିସ ଟିମ୍ ଚାମ୍ପିୟନଶିପ୍ ଉଭୟ ମହିଳା ଓ ପୁରୁଷ ବର୍ଗରେ ଅନୁଷ୍ଠିତ ହେବ। ଏପର୍ଯ୍ୟନ୍ତ ପାଖାପାଖି ୨୨ଟି ଦେଶ ଆସିବା ପାଇଁ ସମ୍ମତି ଜଣାଇଛନ୍ତି। ଏ ସମସ୍ତ ଦେଶର ଶ୍ରେଷ୍ଠ ୪-୫ ଜଣ ଲେଖାଏ ଖେଳାଳି ଓଡ଼ିଶା ଆସିବେ। କଳିଙ୍ଗ ଷ୍ଟାଡିୟମର ଇନ୍‌ଡୋର ଆଥ୍‌ଲେଟିକ୍ ସେଣ୍ଟରରେ ଏହି ଟୁର୍ନାମେଣ୍ଟ ହେବାକୁ ଯାଉଛି। ଚାଇନାଠାରୁ ଆରମ୍ଭ କରି ଜାପାନ, କୋରିଆ, ତାଇପେ, ହଂକଂ, ମକାଓ, ସିଙ୍ଗାପୁର, ଇରାନ, କାଜାଖସ୍ତାନ, ମାଲେସିଆ, ମାଲଡିଭ୍ସ, ମଙ୍ଗୋଲିଆ, ନେପାଳ, ଓମାନ, କାତାର, ଶ୍ରୀଲଙ୍କା, ଥାଇଲାଣ୍ଡ ସହିତ ଆୟୋଜକ ଭାରତ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଉଛି। ଏସୀୟ ଟିଟି ଚାମ୍ପିୟନଶିପ୍ ଆୟୋଜନ ଓଡ଼ିଶାରେ ଟେବୁଲ ଟେନିସ ପାଇଁ ଏକ ସ୍ୱତନ୍ତ୍ର ସ୍ପୃହା ସୃଷ୍ଟି କରିବ। ତେଣୁ ୨୦୨୬ ଅଲିମ୍ପିକ୍ସ ଆୟୋଜନର ଏହା ଅୟମାରମ୍ଭ କହିଲେ ଅତ୍ୟୁକ୍ତି ହେବନାହିଁ ବୋଲି ସୂରଜ କହିଛନ୍ତି। ଗତବର୍ଷ ଆମ ୧୫ ବର୍ଷରୁ କମ୍ ଓଡ଼ିଶା ଦଳ ପ୍ରଥମ ଥର ପଦକ ଜିତିଛି। ଓଡ଼ିଶାରେ ଟେବୁଲ ଟେନିସ ପ୍ରତି ଆଗ୍ରହ ରହିଛି। ଏହାକୁ ଅଧିକ ପ୍ରସାର କରିବାକୁ ହେଲେ ଆମକୁ ଏହି କ୍ରୀଡ଼ାକୁ ସ୍କୁଲ ସ୍ତରକୁ ନେବାକୁ ପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ଟେବୁଲ ଟେନିସ ଫେଡେରେଶନ ଅଫ୍ ଇଣ୍ଡିଆ ମହାସଚିବ କମଲେଶ ମେହେଟା, କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଏମ. ଗଣେଶନ ଏବଂ ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ଦେଶ ପାଇଁ ଗର୍ବର ମୁହୂର୍ତ୍ତ: କମଲେଶ



ଓଡ଼ିଶାରେ ୨୮ତମ ଆଇଟିଟିଏଫ୍-ଏଟିଟିୟୁ ଏସିଆନ ଟେବୁଲ ଟେନିସ ଟିମ୍ ଚାମ୍ପିୟନଶିପ୍ ଆୟୋଜନ ହେବା ଦେଶ ପାଇଁ ଏକ ଗର୍ବର ମୁହୂର୍ତ୍ତ। ଏହି ପ୍ରତିଯୋଗିତା ଆଇଟିଟିଏଫ୍ ୱାର୍ଲ୍ଡ ଟିମ୍ ଟେବୁଲ ଟେନିସ ଚାମ୍ପିୟନଶିପ୍ ଫାଇନାଲ୍ସକୁ ଯୋଗ୍ୟତା ଅର୍ଜନ ପାଇଁ ସୁଯୋଗ ଆଣିବ। ବିଶ୍ୱସ୍ତରୀୟ ବିଭିନ୍ନ ଟୁର୍ନାମେଣ୍ଟକୁ ସଫଳତାର ସହ ଆୟୋଜନ କରିବାରେ ଓଡ଼ିଶା ଏବେ ବିଶେଷ ପରିଚିତ। ତେଣୁ ଆଗାମୀ ଟୁର୍ନାମେଣ୍ଟ ମଧ୍ୟ ସଫଳତାର ସହ ଆୟୋଜନ ହେବାନେଇ ମୁଁ ଆଶାବାଦୀ। ଟେବୁଲ ଟେନିସରେ ଏସିଆ ହେଉଛି ପାୱାର ହାଉସ। ଭୁବନେଶ୍ୱର ଟୁର୍ନାମେଣ୍ଟରେ ସବୁ ଦେଶର ଶୀର୍ଷ ଖେଳାଳିମାନେ ଅଂଶଗ୍ରହଣ କରିବେ। ଚାଇନା ଉଭୟ ମହିଳା ଓ ପୁରୁଷ ବିଭାଗରେ ଏହାର ଶ୍ରେଷ୍ଠ ଖେଳାଳିଙ୍କୁ ନେଇ ଆସୁଥିବାରୁ ମୁଁ ବହୁତ ଖୁସି। ତେଣୁ ଏଠାରେ ପ୍ରତିଦ୍ୱନ୍ଦ୍ୱିତା ତୀବ୍ରତର ହେବା ନିଶ୍ଚିତ ବୋଲି ଭାରତୀୟ ଟେବୁଲ ଟେନିସ ଫେଡେରେଶନ ମହାସଚିବ କମଲେଶ ମେହେଟା ପ୍ରକାଶ କରିଛନ୍ତି।

# ସିଡ୍‌ନୀ ଥଣ୍ଡର୍ସରେ ଅଶ୍ୱିନ

**ସିଡ୍‌ନୀ, ୨୫।୯ (ପି.ଟି.)**




### ବିଗ୍ ବାଶ୍ ଲିଗ୍

ବିଗ୍ ବାଶ୍ ଲିଗ୍ (ବିବିଏଲ୍)ରେ ଯୋଗଦାନ କରିବାରେ ଆର୍. ଅଶ୍ୱିନ ଭାରତର ପ୍ରଥମ ଷ୍ଟାର ଖେଳାଳି ହୋଇଛନ୍ତି। ଗୁରୁବାର ସେ ସିଡ୍‌ନୀ ଥଣ୍ଡର ଦଳ ସହିତ ଏକ ଚୁକ୍ତି କରିଛନ୍ତି। ଅଶ୍ୱିନ ନିକଟରେ ଇଣ୍ଡିଆ ପ୍ରିମିୟର ଲିଗ୍ (ଆଇପିଏଲ୍)ରୁ ତାଙ୍କର ଅବସର ଘୋଷଣା କରିଥିଲେ, ଯାହା ଫଳରେ ବିଶ୍ୱବ୍ୟାପୀ ଅନ୍ୟ ଲିଗ୍‌ଗୁଡ଼ିକରେ ଖେଳିବା ପାଇଁ ସେ ଉପଲବ୍ଧ ହେବେ। ୩୯ ବର୍ଷୀୟ ଏହି ଚାମ୍ପିୟନ ଅଫ୍ ସ୍ପିନର ଗତବର୍ଷ ଅଷ୍ଟ୍ରେଲିଆ ଟୁର୍ ମଧ୍ୟ ଭାଗରେ ଆକସ୍ମିକ ଅନ୍ତର୍ଜାତୀୟ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଥିଲେ। ଡିସେମ୍ବର ୧୪ରୁ ଜାନୁଆରୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁଥିବା ବିବିଏଲ୍‌ର ଦ୍ୱିତୀୟାର୍ଦ୍ଧ ବେଳକୁ ସେ ଉପଲବ୍ଧ ହେବେ। ଏହି ଅବସରରେ ଥଣ୍ଡର ଜେନେରାଲ ମ୍ୟାନେଜର ଟ୍ରେଣ୍ଟ କୋପ୍‌ଲାଣ୍ଡ ଏହାକୁ ବିବିଏଲ୍ ଇତିହାସରେ ସବୁଠାରୁ ବଡ଼ ଚୁକ୍ତି ବୋଲି କହିଛନ୍ତି।







Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୬/୨୦୨୫ (୧୨+୮=୨୦ ପୃଷ୍ଠା) Bhubaneswar, Friday, September 26/2025 Page 20 ₹ 7.00 | SAMBALPUR

୫୧ଶ ଭାଗ ୩୦୨ ସଂଖ୍ୟା VOLUME 51 ISSUE 302 ମୂଲ୍ୟ ₹୭/-

www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul


## ରେଳ ମୋବାଇଲ ଲଞ୍ଚରରୁ 'ଅଗ୍ନି ପ୍ରାଇମ'ର ପରୀକ୍ଷଣ

**ବାଲେଶ୍ୱର, ୨୫।୯(ବାଞ୍ଛାନିଧି ଦେ)**

ଭାରତୀୟ ସୈନ୍ୟବାହିନୀର ଷ୍ଟ୍ରାଟେଜିକ ଫୋର୍ସ କମାଣ୍ଡ ସହଯୋଗରେ ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ (ଡିଆର୍‌ଡିଓ) ପକ୍ଷରୁ ମଧ୍ୟମ ଦୂରଗାମୀ 'ଅଗ୍ନି ପ୍ରାଇମ' କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି। ଏକୀକୃତ ପରୀକ୍ଷଣ କେନ୍ଦ୍ର (ଆଇଟିଆର୍)ର ଧାମରାସ୍ଥିତ ଅବଦୁଲ କଲାମ ଦ୍ୱୀପରୁ ବୁଧବାର ଏହି କ୍ଷେପଣାସ୍ତ୍ରର ଉତ୍‌କ୍ଷେପଣ କରାଯାଇଥିଲା। ପ୍ରଥମଥର ପାଇଁ ଏହି ପରୀକ୍ଷଣରେ ରେଳଧାରଣାଯୁକ୍ତ ମୋବାଇଲ ଲଞ୍ଚର ବ୍ୟବହାର କରାଯାଇଥିଲା। ପରବର୍ତ୍ତୀ ପିଢ଼ି ପାଇଁ ପ୍ରସ୍ତୁତ ଏହି କ୍ଷେପଣାସ୍ତ୍ରର ମାରକ କ୍ଷମତା ୨ହଜାର କି.ମି. ପର୍ଯ୍ୟନ୍ତ ଥିବା ବେଳେ ଏଥିରେ ଏକାଧିକ ଅତ୍ୟାଧୁନିକ ବ୍ୟବସ୍ଥା ☞ପୃଷ୍ଠା-୫



# ଆବର୍ଜନାରୁ ଶକ୍ତି ଉତ୍ପାଦନ ଯୋଜନା ରହିଛି: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଗୁରୁବାର ଲିଙ୍ଗରାଜ ମନ୍ଦିର ପାର୍ଶ୍ୱରେ ଆୟୋଜିତ ଗଣସଫେଇ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

**ଭୁବନେଶ୍ୱର,୨୫।୯ (ରବିନାରାୟଣ ଜେନା/ସୁନିତ୍ ମିଶ୍ର)**

ଓଡ଼ିଶାକୁ ସମୃଦ୍ଧ ଓଡ଼ିଶା ଓ ନୂଆ ଓଡ଼ିଶାରେ ପରିଣତ କରିବା ପାଇଁ ଆମ ସମସ୍ତଙ୍କୁ ସଂକଳ୍ପ ନେବାକୁ ପଡ଼ିବ। ସ୍ୱଚ୍ଛତା କ୍ଷେତ୍ରରେ ସମସ୍ତଙ୍କୁ ଅଧିକ ସଚେତନ କରାଇବାର ଆବଶ୍ୟକତା ରହିଛି। ସ୍ୱଚ୍ଛତା କ୍ଷେତ୍ରରେ ଦେଶର ପ୍ରଥମ ତିନୋଟି ସ୍ଥାନରେ ଓଡ଼ିଶା ଯେଭଳି ରହିପାରିବ ସେଥିନେଇ ଆମ ସମସ୍ତଙ୍କୁ କାର୍ଯ୍ୟକରିବାକୁପଡ଼ିବ।ଆଗାମୀଦିନରେଆବର୍ଜନାରୁ କୋଇଲା ଏବଂ କୋଇଲାରୁ ଶକ୍ତି ଉତ୍ପାଦନ କରିବା ପାଇଁ ରାଜ୍ୟ ସରକାରଙ୍କ ଯୋଜନା ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ବୁଧବାର ସ୍ୱଚ୍ଛତା ହିଁ ସେବା-୨୦୨୫ ଅଭିଯାନ ଏବଂ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୧୦ତମ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ପାର୍ଶ୍ୱରେ ଆୟୋଜିତ ଗଣସଫେଇ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ଭାରତୀୟ ସାଂସ୍କୃତିକ ବିଚାରଧାରା ସହିତ ସ୍ୱତନ୍ତ୍ର ଅର୍ଥନୈତିକ ଚିନ୍ତାଧାରାର ପ୍ରସାର କ୍ଷେତ୍ରରେ ଯଦି କାହାର ସର୍ବାଧିକ ଅବଦାନ ଥାଏ,

## ସ୍ୱଚ୍ଛତାରେ ଦେଶର ପ୍ରଥମ ୩ ସ୍ଥାନରେ ଓଡ଼ିଶାକୁ ରଖିବାକୁ ଆହ୍ୱାନ

ସେ ହେଉଛନ୍ତି ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ। ତାଙ୍କର ଚିନ୍ତାଧାରା ଥିଲା ଅନ୍ତ୍ୟୋଦୟ ଅର୍ଥାତ୍ ସମାଜର ସବୁଠୁ ଶେଷ ସୀମାରେ ଥିବା ମଣିଷ ପର୍ଯ୍ୟନ୍ତ ଉନ୍ନତିର ଆଲୋକ ପହଞ୍ଚିବା ଆବଶ୍ୟକ। ଦୀନଦୟାଲଙ୍କ ଆଦର୍ଶକୁ ପାଥେୟ କରି ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ଦେଶରେ ସୁଶାସନ ପ୍ରତିଷ୍ଠା କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ପଣ୍ଡିତ ଦୀନଦୟାଲଙ୍କ ସବୁଠାରୁ ବଡ଼ ଉପାସକ ହେଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟେକ କାର୍ଯ୍ୟକ୍ରମ ଓ ଯୋଜନା ସମାଜର ଶେଷ ପାହାଚରେ ଥିବା ଗରିବ ଓ ନିଃସହାୟଙ୍କ ପ୍ରତି ଉତ୍ସର୍ଗୀକୃତ। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ ଓ ଭୁବନେଶ୍ୱର ମହାନଗର ନିଗମ କମିଶନର ଚଞ୍ଚଳ ରାଣା ସାମିଲ ଥିଲେ।







### ସୋନମ୍ ୱାଙ୍ଗ୍‌ଚୁକଙ୍କ ବିରୋଧରେ ସିବିଆଇ ତଦନ୍ତ

# ଏନ୍‌ଜିଓ ଫଣ୍ଡିଂ ଲାଇସେନ୍ସ ରଦ୍ଦ

## ଲଦାଖରେ ହିଂସାତ୍ମକ ବିକ୍ଷୋଭ ପଛରେ ଆକ୍ଟିଭିଷ୍ଟ


ସୋନମ ୱାଙ୍ଗ୍‌ଚୁକ

ନୂଆଦିଲ୍ଲୀ/ଲେହ୍,୨୫ା୯

ଶିକ୍ଷାବିତ୍ ତଥା ଆକ୍ଟିଭିଷ୍ଟ ସୋନମ ୱାଙ୍ଗ୍‌ଚୁକ୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ ହିମାଳୟାନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଅଲ୍‌ଟର୍ନେଟିଭିସ୍ ଲଦାଖ (ଏଚ୍‌ଆଇଏଏଲ୍) ଏବଂ ଷ୍ଟୁଡେଣ୍ଟସ୍ ଏଜୁକେଶନାଲ ଆଣ୍ଡ କଲ୍‌ଚରାଲ ମୁଭ୍‌ମେଣ୍ଟ ଅଫ୍ ଲଦାଖ (ଏସ୍‌ଇସିଏମ୍‌ଓଏଲ୍) ବିଦେଶୀ ଅନୁଦାନ (ନିୟମାବଳୀ) ଆଇନ (ଏଫ୍‌ସିଆର୍‌ଏ) ଉଲ୍ଲଂଘନ କରିଥିବା ଅଭିଯୋଗରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଦନ୍ତ ଚଳାଇଛି। ଏସ୍‌ଇସିଏମ୍‌ଓଏଲ୍‌ର ଏଫ୍‌ସିଆର୍‌ଏ ପଞ୍ଜୀକରଣକୁ ଗୁରୁବାର ସନ୍ଧ୍ୟାରେ ରଦ୍ଦ କରାଯାଇଛି। ଲଦାଖକୁ ରାଜ୍ୟ ମାନ୍ୟତା ଦାବିରେ ହିଂସାତ୍ମକ ବିକ୍ଷୋଭର ୨୪ ଘଣ୍ଟା ନ ପୂରୁଣୁ ସରକାରଙ୍କ ପକ୍ଷରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଲଦାଖକୁ ରାଜ୍ୟ ମାନ୍ୟତା ଦାବି ଆନ୍ଦୋଳନ ପଛରେ ୱାଙ୍ଗ୍‌ଚୁକ୍ ରହିଥିବାବେଳେ ବୁଧବାର ହିଂସାରେ ୪ ଜଣଙ୍କ ଜୀବନ ଯିବା ଘଟଣା ପାଇଁ ତାଙ୍କୁ ଦାୟୀ କରାଯାଉଛି। ତାଙ୍କର ଉତ୍ତେଜନପୂର୍ଣ୍ଣ ଭାଷଣରୁ ଲୋକେ ସ୍ଥାନୀୟ ଭାଜପା କାର୍ଯ୍ୟାଳୟ ଏବଂ ଲଦାଖ ନିର୍ବାଚନ ଅଫିସରଙ୍କ ଉପରେ ଆକ୍ରମଣ କଲେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି।

ଅନ୍ୟପକ୍ଷରେ ଲଦାଖ ହିଂସା ଘଟଣାରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବଳିବୋଦା କୌଶଳ ଆପଣାଇ ତାଙ୍କ ଉପରେ ଦୋଷ ଲଦୁଥିବା ୱାଙ୍ଗ୍‌ଚୁକ୍ କହିଛନ୍ତି। ତାଙ୍କୁ ଗିରଫ କରିବା ପାଇଁ ଜନସୁରକ୍ଷା ଆଇନର ବ୍ୟବହାର କରିବାକୁ ଉଦ୍ୟମ ହେଉଛି। ସେ ଗିରଫ ହେବା ପାଇଁ ପ୍ରସ୍ତୁତ। ତେବେ ସେ ଜେଲରେ ରହିଲେ ଅଧିକ ସମସ୍ୟା ସୃଷ୍ଟି ହୋଇପାରେ ବୋଲି ଜଳବାୟୁ ଆକ୍ଟିଭିଷ୍ଟ ଗଣମାଧ୍ୟମକୁ କହିଛନ୍ତି। ଯୁବବର୍ଗଙ୍କ ମଧ୍ୟରେ ଦୀର୍ଘଦିନର ଅଭିଯୋଗରୁ କ୍ରୋଧ ହିଂସାତ୍ମକ ରୂପ ନେଲା। ସରକାର ପ୍ରକୃତ କାରଣର ସମାଧାନ ନ କରି ତାଙ୍କୁ ଏବଂ କଂଗ୍ରେସକୁ ଦୋଷ ଦେଉଥିବା ୱାଙ୍ଗ୍‌ଚୁକ୍ କହିଛନ୍ତି।

ୱାଙ୍ଗ୍‌ଚୁକ୍‌ଙ୍କ ଏନ୍‌ଜିଓରେ ଗମ୍ଭୀର ଆର୍ଥିକ ଅନିୟମିତତା ହୋଇଥିବା ତଦନ୍ତରୁ ଜଣାପଡ଼ିଛି। ଉକ୍ତ ସଂସ୍ଥା କ୍ରମାଗତ ଭାବେ ଏଫ୍‌ସିଆର୍‌ଏର ଉଲ୍ଲଂଘନ କରିଆସୁଥିଲା। ଗତ ୧୦ ତାରଖରେ ଏସ୍‌ଇସିଏମ୍‌ଓଏଲ୍‌କୁ ସରକାର କାରଣ ଦର୍ଶାଅ ନୋଟିସ ପଠାଇଥିଲେ। ସିବିଆଇ ଅଧିକାରୀମାନେ ସପ୍ତାହେ ହେଲା ଲଦାଖରେ ରହି ଏଚ୍‌ଆଇଏଏଲ୍‌ର ଫାଇନାନ୍ସିଆଲ ରେକର୍ଡଗୁଡ଼ିକୁ ଯାଞ୍ଚ କରୁଛନ୍ତି। ଏଫ୍‌ସିଆର୍‌ଏର ମଞ୍ଜୁରୀ ବିନା ଉପରୋକ୍ତ ସଂସ୍ଥା ବିଦେଶୀ ପାଣ୍ଠି ଗ୍ରହଣ କରିଥିବା ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଭିଯୋଗ କରିଥିଲା।

ଏ ସ୍ ଇ ସି ଏ ମ୍ ଓ ଏ ଲ୍ ର ଏଫ୍‌ସିଆର୍‌ଏ ଆକାଉଣ୍ଟରେ ୱାଙ୍ଗ୍‌ଚୁକ୍ ୩.୩୫ ଲକ୍ଷ ଟଙ୍କା ଜମା କରିଥିଲେ, ଯାହା ଏକ ପୁରୁଣା ବସ୍ ବିକ୍ରିରୁ ମିଳିଥିଲା ବୋଲି ଏନ୍‌ଜିଓ କହିଛି। ଏଫ୍‌ସିଆର୍‌ଏ ପାଣ୍ଠି କ୍ରେଡିଟ୍ ଏଣ୍ଟ୍ରିରେ ତାହା ଉଲ୍ଲେଖ ନାହିଁ। ଏଫ୍‌ସିଆର୍‌ଏ ଆଇନ ଧାରା ୧୭ର ଉଲ୍ଲଂଘନ କରାଯାଇ ନଗଦ ଟଙ୍କା ଗ୍ରହଣ କରାଯାଇଛି। ଜଳବାୟୁ ପରିବର୍ତ୍ତନ, ଆପ୍ରବାସନ ଏବଂ ଖାଦ୍ୟ ସୁରକ୍ଷା ଉପରେ ଯୁବ ସଚେତନତା କାର୍ଯ୍ୟକ୍ରମ ପାଇଁ ସୁଇଜରଲାଣ୍ଡର ଜଣେ ବ୍ୟକ୍ତି ଦାନ କରିଥିବା ୪.୯୩ ଲକ୍ଷ ଟଙ୍କାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଉକ୍ତ ଦାନ ଦେଶର ଜାତୀୟ ସ୍ୱାର୍ଥ ବିରୋଧରେ ଥିଲା ବୋଲି ସରକାର କହିଛନ୍ତି। ସେହିପରି ଏନ୍‌ଜିଓର ଏଫ୍‌ସିଆର୍‌ଏ ଆକାଉଣ୍ଟରେ ୧୯,୬୦ ଏବଂ ୭୯,୨୦୦ ଟଙ୍କା ଭୁଲ୍‌ରେ ଚଢ଼ାଯାଇଥିବା ଜଣାପଡ଼ିଛି।

ସିବିଆଇର ଏକ ଟିମ୍ ତାଙ୍କ ଅନୁଷ୍ଠାନକୁ ଆସି ବିଦେଶୀ ଅନୁଦାନ ଗ୍ରହଣରେ ଉପରୋକ୍ତ ସଂସ୍ଥା ଏଫ୍‌ସିଆର୍‌ଏ ନିୟମ ଉଲ୍ଲଂଘନ କରିଥିବା କହିଥିଲେ। ତେବେ ଜାତିସଂଘ, ସୁଇସ୍ ୟୁନିଭର୍ସିଟି ଏବଂ ଏକ ଇଟାଲୀୟ ସଂଗଠନ ସହ ଜ୍ଞାନବିନିମୟ ସେବା ପାଇଁ ଏହି ପାଣ୍ଠି ଗ୍ରହଣ କରାଯାଇଛି ଓ ଉପଯୁକ୍ତ ଟିକସ ପୈଠ କରାଯାଇଛି ବୋଲି ୱାଙ୍ଗ୍‌ଚୁକ୍ ସ୍ପଷ୍ଟୀକରଣ ଦେଇଛନ୍ତି।

## ଶାହରୁଖ୍‌ଙ୍କ ପଛରେ ପୁଣି ପଡ଼ିଲେ ସମୀର ୱାଙ୍ଖଡେ


ପୁଅ ଆର୍ଯ୍ୟାନ୍ ଓ ସ୍ତ୍ରୀ ଗୌରୀ ଖାନ୍‌ଙ୍କ ସହ ଶାହରୁଖ୍ ଖାନ୍


ସମୀର ୱାଙ୍ଖଡେ

■ 'ଦି ବ୍ୟାଡ୍ସ ଅଫ୍ ବଲିଉଡ୍'ରେ ଛବି ଖରାପ କରିବା ଅଭିଯୋଗ ଆଣିଲେ

■ ହାଇକୋର୍ଟରେ ୨ କୋଟିର ମାନହାନି ମାମଲା କଲେ ଏନ୍‌ସିବିର ପୂର୍ବତନ ଅଫିସର

ନୂଆଦିଲ୍ଲୀ/ମୁମ୍ବାଇ,୨୫ା୯

ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ର ପୂର୍ବତନ ଡାଇରେକ୍ଟର ସମୀର ୱାଙ୍ଖଡ଼େ ବଲିଉଡ୍ ଷ୍ଟାର ଶାହରୁଖ୍ ଖାନ୍ ଓ ତାଙ୍କ ପରିବାର ପଛରେ ପୁଣି ପଡ଼ିଛନ୍ତି। କିଙ୍ଗ୍ ଖାନ୍‌ଙ୍କ ପୁଅ ଆର୍ୟନ୍ ଖାନ୍‌ଙ୍କ ନିର୍ଦ୍ଦେଶିତ 'ଦି ବ୍ୟାଡ୍ସ ଅଫ୍ ବଲିଉଡ୍'ରେ ନାର୍କୋଟିକ୍ସ ଏଜେନ୍ସିର ଛବି ଖରାପ କରାଯାଇଥିବା ସେ ଅଭିଯୋଗ ଆଣିଛନ୍ତି। ଏହି ୱେବ୍ ସିରିଜର ପ୍ରଯୋଜନା ଶାହରୁଖ୍ ଓ ତାଙ୍କ ସ୍ତ୍ରୀ ଗୌରୀ ଖାନ୍‌ଙ୍କ ମାଲିକାନାରେ ଥିବା ରେଡ୍ ଚିଲିଜ୍ ଏଣ୍ଟରଟେନ୍‌ମେଣ୍ଟ କରିଥିବାବେଳେ ଓଟିଟି ପ୍ଲାଟ୍‌ଫର୍ମ ନେଟ୍‌ଫ୍ଲିକ୍ସରେ ଷ୍ଟ୍ରିମିଂ ହେଉଛି। ତେଣୁ ଶାହରୁଖ୍, ଗୌରୀ ଓ ଆର୍ୟନ୍‌ଙ୍କ ବିରୋଧରେ ସମୀର ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ୨ କୋଟି ଟଙ୍କାର ମାନହାନି ମାମଲା କରିଛନ୍ତି।

ହାଇକୋର୍ଟରେ ଦାଖଲ ପିଟିଶନରେ ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀ ସମୀର ୱାଙ୍ଖଡ଼େ ଉଲ୍ଲେଖ କରିଛନ୍ତି, 'ଦି ବ୍ୟାଡ୍ସ ଅଫ୍ ବଲିଉଡ୍'ରେ ଡ୍ରଗ୍ସ ନିରୋଧୀ ପ୍ରବର୍ତ୍ତନକାରୀ ଏଜେନ୍ସି ଏନ୍‌ସିବି ସହ ତାଙ୍କ ଭୂମିକାକୁ ବିଭ୍ରାନ୍ତିକର ଓ ନକାରାତ୍ମକ ଭାବେ ଦର୍ଶାଯାଇଛି। ଏହା ଏକ ମିଥ୍ୟା, ମନ୍ଦ ଉଦ୍ଦେଶ୍ୟ ପ୍ରଣୋଦିତ ଓ ଅପମାନଜନକ ସିରିଜ ହୋଇଥିବାରୁ ଏନ୍‌ସିବି ପ୍ରତି ଲୋକଙ୍କ ଆସ୍ଥା ହଟିଯାଉଛି। ୨୦୨୧ ଅକ୍ଟୋବର ୨ ରାତିରେ ମୁମ୍ବାଇରୁ ଗୋଆ ଯାଉଥିବା କାର୍ଡେଲିଆ କ୍ରୁଜ୍‌ରେ ଏନ୍‌ସିବି ଅତର୍କିତ ଚଢ଼ାଉ କରି କିଙ୍ଗ୍ ଖାନ୍‌ଙ୍କ ପୁଅ ଆର୍ୟନଙ୍କ ସମେତ ୮ ଜଣଙ୍କୁ ଗିରଫ କରିଥିଲା। ଏନ୍‌ସିବି ସେମାନଙ୍କ ବିରୋଧରେ ଡ୍ରଗ୍ସ ରଖିବା, ବ୍ୟବହାର କରିବା, କିଣାବିକା କରିବା, ଷଡ଼ଯନ୍ତ୍ର ରଚିବା ଓ ଅପରାଧରେ ସହଯୋଗ କରିବା ଭଳି ସଙ୍ଗିନ ଅଭିଯୋଗ ଆଣି ନାର୍କୋଟିକ୍ସ ଡ୍ରଗ୍ସ ଆଣ୍ଡ ସାଇକୋଟ୍ରୋପିକ୍ ସବ୍‌ଷ୍ଟାନ୍ସେସ୍ ଆକ୍ଟ (ଏନ୍‌ଡିପିଏସ୍)ର ବିଭିନ୍ନ ଧାରାରେ ମାମଲା ରୁଜୁ କରିଥିଲା। ଚଢ଼ାଉର ନେତୃତ୍ୱ ନେଇଥିବା ତତ୍କାଳୀନ ଏନ୍‌ସିବି ଅଫିସର ସମୀର ଚର୍ଚ୍ଚାକୁ ଆସିଥିଲେ।

## ବାୟୁସେନାକୁ ମିଳିବ ୯୭ ତେଜସ୍ ଏମ୍‌କେ୧ଏ ଜେଟ୍

ନୂଆଦିଲ୍ଲୀ, ୨୫ା୯

ଭାରତୀୟ ବାୟୁସେନାକୁ ଖୁବ୍‌ଶୀଘ୍ର ୯୭ ତେଜସ୍ ଏମ୍‌କେ୧ଏ ଜେଟ୍ ମିଳିବାକୁ ଯାଉଛି। ଏଥିରେ ୬୮ଟି ସିଙ୍ଗଲ ସିଟ୍ ଯୁଦ୍ଧ ବିମାନ ଏବଂ ୨୯ ଡବଲ ସିଟ୍ ଟ୍ରେନର ଏୟାରକ୍ରାଫ୍ଟ ସାମିଲ ହୋଇଛି। ଏନେଇ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ହିନ୍ଦୁସ୍ଥାନ ଏରୋନଟିକ୍ ଲିମିଟେଡ୍ (ଏଚ୍‌ଏଏଲ୍) ସହ ୬୨,୩୭୦ କୋଟି ଟଙ୍କାର ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଚୁକ୍ତି ଅନୁଯାୟୀ, ଏହି ଯୁଦ୍ଧ ବିମାନର ବିତରଣ ୨୦୨୭-୨୮ରୁ ଆରମ୍ଭ ହୋଇ ୬ ବର୍ଷ ମଧ୍ୟରେ ସମାପ୍ତ ହେବ। ଏହା ବାୟୁସେନାର ଶକ୍ତିକୁ ବଢ଼ାଇବା ସହ ଆତ୍ମନିର୍ଭର ଭାରତକୁ ମଜଭୁତ କରିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ସାର୍କୋଜିଙ୍କୁ ୫ ବର୍ଷ ଜେଲ

ପ୍ୟାରିସ୍,୨୫ା୯

ଲିବ୍ୟା ସହ ଡିଲ୍‌କୁ ନେଇ ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ନିକୋଲାସ୍ ସାର୍କୋଜିଙ୍କୁ ପ୍ୟାରିସ୍‌ର ଏକ କୋର୍ଟ ଗୁରୁବାର ଦୋଷୀସାବ୍ୟସ୍ତ କରିବା ସହ ୫ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଫ୍ରାନ୍ସର ଜଣେ ଶୀର୍ଷ ରାଜନେତାଙ୍କ ପାଇଁ ଏହା ଅଭୂତପୂର୍ବ ଦଣ୍ଡବିଧାନ। ୨୦୦୭ରୁ ୨୦୧୨ ସାର୍କୋଜି ଫ୍ରାନ୍ସର ରାଷ୍ଟ୍ରପତି ଥିଲେ। କୂଟନୈତିକ ଅନୁକମ୍ପା ପାଇବା ପାଇଁ ୨୦୦୭ ରାଷ୍ଟ୍ରପତି ନିର୍ବାଚନ ପ୍ରଚାରରେ ସାର୍କୋଜିଙ୍କ ପାଇଁ ଲିବ୍ୟା ପାଣ୍ଠି ଯୋଗାଇଥିଲା। ଦୁର୍ନୀତି, ବେଆଇନ ପ୍ରଚାର ପାଣ୍ଠି ଏବଂ ସରକାରୀ ପାଣ୍ଠି ହେରଫେର ତଥ୍ୟ ଲୁଚାଇବା ଅଭିଯୋଗରେ କୋର୍ଟ ସାର୍କୋଜିଙ୍କୁ ଦୋଷୀସାବ୍ୟସ୍ତ କରିଛନ୍ତି।

## ଧର୍ମେନ୍ଦ୍ର ବିହାର, ଭୂପେନ୍ଦ୍ର ପଶ୍ଚିମବଙ୍ଗ ପ୍ରଭାରୀ

ନୂଆଦିଲ୍ଲୀ,୨୫ା୯

ଭାରତୀୟ ଜନତା ପାର୍ଟି (ଭାଜପା) ଗୁରୁବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଭୂପେନ୍ଦ୍ର ଯାଦବଙ୍କୁ ଯଥାକ୍ରମେ ବିହାର ଓ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ପ୍ରଭାରୀ ଦାୟିତ୍ୱ ଦେଇଛି। ଉଭୟେ ନିର୍ବାଚନ ପରିଚାଳନାରେ ସିଦ୍ଧହସ୍ତ ତଥା ଭାଜପାର ଓବିସି ଚେହେରା ହୋଇଥିବାରୁ ଦୁଇ ରାଜ୍ୟରେ ସଫଳତା ହାସଲ ଆଶାରେ ଦଳ ଏହି ନିଷ୍ପତ୍ତି ନେଇଥାଇପାରେ। ସେହିପରି ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ହେବାକୁ ଥିବା ତାମିଲନାଡୁ ପାଇଁ ଭାଜପା ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କୁ ପ୍ରଭାରୀ ନିଯୁକ୍ତ କରାଯାଇଥିବା ଦଳ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ବିହାର ବିଧାନସଭା ନିର୍ବାଚନ ଆସନ୍ତା ନଭେମ୍ବର ଆଡ଼କୁ ହୋଇପାରେ। ସେହିପରି ପଶ୍ଚିମବଙ୍ଗ ଓ ତାମିଲନାଡୁରେ ୨୦୨୬ ମାର୍ଚ୍ଚ-ଏପ୍ରିଲ ଆଡ଼କୁ ବିଧାନସଭା ଭୋଟ ହୋଇପାରେ।

ଭାଜପା ଗୁଜରାଟ ସଭାପତି ତଥା କେନ୍ଦ୍ରମନ୍ତ୍ରୀ ସି.ଆର୍. ପାଟିଲ ଏବଂ ଉତ୍ତର ପ୍ରଦେଶ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟଙ୍କୁ ବିହାର ନିର୍ବାଚନ ପାଇଁ ସହପ୍ରଭାରୀ ଦାୟିତ୍ୱ ଦିଆଯାଇଛି। ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଲବ କୁମାରଦେବଙ୍କୁ ପଶ୍ଚିମବଙ୍ଗ ସହପ୍ରଭାରୀ କରାଯାଇଥିବାବେଳେ କେନ୍ଦ୍ରମନ୍ତ୍ରୀ ମୁରଲୀଧର ମୋହୋଲଙ୍କୁ ତାମିଲନାଡୁ ସହପ୍ରଭାରୀ ଦାୟିତ୍ୱ ଦିଆଯାଇଛି। କେଶବ ଓବିସିରୁ ଆସୁଥିବାବେଳେ ବିପ୍ଲବ ଜଣେ ବଙ୍ଗାଳୀ। ତେଣୁ ଉଭୟଙ୍କୁ ଦାୟିତ୍ୱ ଦିଆଯାଇଥିବା ରାଜ୍ୟରେ ଦଳକୁ ସଫଳତା ମିଳିପାରେ ବୋଲି ଭାଜପା ଆଶାବାଦୀ।

ଧର୍ମେନ୍ଦ୍ର ହରିୟାଣା ଏବଂ ପରେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଦାୟିତ୍ୱରେ ଥିବାବେଳେ ଉଭୟ ରାଜ୍ୟରେ ଭାଜପାକୁ ସଫଳତା ମିଳିଥିଲା। ଏହା ପୂର୍ବରୁ ୨୦୧୦ରେ ସେ ବିହାର ନିର୍ବାଚନ ବେଳେ ସହପ୍ରଭାରୀ ଥିଲେ। ଧର୍ମେନ୍ଦ୍ର ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ ଓ କର୍ଣ୍ଣାଟକରେ ମଧ୍ୟ ପ୍ରଭାରୀ ଦାୟିତ୍ୱରେ ରହିସାରିଛନ୍ତି। ଅନୁରୂପ ଭାବେ ଭୂପେନ୍ଦ୍ର ମଧ୍ୟ ଅତୀତରେ ବିହାର, ଗୁଜରାଟ ଓ ଅନ୍ୟ କେତେକ ରାଜ୍ୟରେ ଦାୟିତ୍ୱ ସମ୍ଭାଳିସାରିଛନ୍ତି।

ରାଜ୍ୟ ବିଧାନସଭାଗୁଡ଼ିକର ପ୍ରଚାର ବେଳେ ଭାଜପା ପ୍ରଭାରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାନ୍ତି। ରାଜ୍ୟ ଓ କେନ୍ଦ୍ରୀୟ ନେତୃତ୍ୱ ମଧ୍ୟରେ ପ୍ରଭାରୀ ସେତୁ ଭଳି କାର୍ଯ୍ୟ କରିବା ସହ ତୃଣମୂଳ ସ୍ତରରେ ଦଳର ରଣନୀତିକୁ କାର୍ଯ୍ୟକାରୀ କରିଥାନ୍ତି।






## ୨ ଭାରତୀୟଙ୍କ ଉପରେ ଆମେରିକାର କଟକଣା

ୱାଶିଂଟନ୍,୨୫।୯

ଆମେରିକା ସାରା ନକଲି ଫେଣ୍ଟାସିଲ ଯୋଗାଣ ଅଭିଯୋଗରେ ୟୁଏସ୍ ଟ୍ରେଜେରିର ଓଏଫ୍ଏସି ୨ ଜଣ ଭାରତୀୟ ନାଗରିକଙ୍କ ଉପରେ କଟକଣା ଜାରି କରିଛି। ଏହି ୨ ଜଣ ହେଲେ ସାଦିକ୍ ଅବାସ ହବିବ ସୟେଦ ଓ ଖିଜାର ମହମ୍ମଦ ଇକବାଲ ଶେଖ। ଉଭୟେ ୨୦୨୪ରେ ଧରାପଡ଼ି ଦୋଷୀ ସାବ୍ୟସ୍ତ ହେବା ସତ୍ତ୍ୱେ ନାର୍କୋଟିକ୍ ଚାଲାଣରେ ଜଡ଼ିତ ରହି ଅନ୍‌ଲାଇନ ଫାର୍ମାସି ଜରିଆରେ ଅପରେଟ୍ କରୁଥିଲେ। ଏମାନେ ଡୋମିନିକ୍ ସାଧାରଣତନ୍ତ୍ର ଓ ଆମେରିକା ଭିତ୍ତିକ ନାର୍କୋଟିକ୍ସ ଟ୍ରାଫିକରଙ୍କ ସହଯୋଗରେ ରିହାତି ମୂଲ୍ୟରେ ଫେଣ୍ଟାନିଲ ଓ ଅନ୍ୟ ବେଆଇନ ଔଷଧ କାରବାର କରୁଥିଲେ। ଏହାବାଦ୍ ଭାରତର ଏକ ଅନ୍‌ଲାଇନ ଫାମାସି କେଏସ୍ ଟ୍ରେଡର୍ସର ଭୂମିକା ମଧ୍ୟ ଆପରାଧିକ ଅପରେଶନ୍‌ରେ ସମ୍ପୃକ୍ତ ଥିବା ସାମ୍ନାକୁ ଆସିଛି ବୋଲି ସଂସ୍ଥା ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

## ନିଜ ଲୋକଙ୍କୁ ବିସ୍ଫୋରଣରେ ଉଡ଼ାଉଛି ପାକିସ୍ତାନ

ନ୍ୟୁୟର୍କ,୨୫।୯(ପି.ଟି.)

ଖାଇବର ପାଖ୍‌ତୁନ୍‌ଖ୍ୱାରେ ସୋମବାର ଏୟାରଷ୍ଟ୍ରାଇକ୍ କରି ୩୦ ଜଣଙ୍କୁ ଉଡ଼ାଇଦେଇଛି। ଏହି ପ୍ରସଙ୍ଗରେ ଭାରତ ବୁଧବାର ଜାତିସଂଘ ମାନବ ଅଧିକାର ପରିଷଦ (ୟୁଏନ୍‌ଏଚ୍‌ଆର୍‌ସି)ରେ ପଡ଼ୋଶୀ ଦେଶକୁ ଟାର୍ଗେଟ କରିଛି। ଜେନେଭାସ୍ଥିତ ଭାରତର ସ୍ଥାୟୀ କମିଶନ କ୍ଷୀତିଜ ତ୍ୟାଗୀ ୟୁଏନ୍‌ଏଚ୍‌ଆର୍‌ସିର ୬୦ତମ ଅଧିବେଶନକୁ ସମ୍ବୋଧିତ କରି କହିଛନ୍ତି, ପାକିସ୍ତାନ ଆତଙ୍କବାଦୀଙ୍କୁ ରପ୍ତାନି କରିବା ସହ ନିଜ ଲୋକଙ୍କୁ ବିସ୍ଫୋରଣରେ ଉଡ଼ାଉଛି। ପାକିସ୍ତାନ ଭାରତ ବିରୋଧରେ ଭିତ୍ତିହିନ ଓ ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ ଦେଇ ଏହି ମଞ୍ଚର ଦୁରୁପଯୋଗ ବନ୍ଦ କରିବା ଉଚିତ। ସେମାନେ ଭାରତୀୟ ଭୂଖଣ୍ଡକୁ ବେଆଇନ ଦଖଲ କରିବା ଛାଡ଼ି ନିଜ ଅର୍ଥନୀତିକୁ ସଜାଡ଼ନ୍ତୁ।

## ଭୂପେଶ ବଘେଲଙ୍କ ପୁଅ ଗିରଫ

ରାୟପୁର,୨୫।୯(ପି.ଟି.)

ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ପୁଅ ଚୈତନ୍ୟ ବଘେଲଙ୍କୁ ବୁଧବାର ଆଣ୍ଟି କରପ୍ସନ ବ୍ୟୁରୋ/ଆର୍ଥିକ ଅପରାଧ ଶାଖା ପକ୍ଷରୁ ଗିରଫ କରାଯାଇଛି। ଚୈତନ୍ୟ ମଦ ଦୁର୍ନୀତି ମାମଲାରେ ଜୁଲାଇ ୧୮ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଗିରଫ ହୋଇ ବିଚାର ବିଭାଗୀୟ ହାଜତରେ ଅଛନ୍ତି।

# ମହାନଦୀ ବିବାଦ କୃତ୍ରିମ ଥିଲା: ପୀତାମ୍ବର

### ଏଜିଙ୍କ ମନ୍ତବ୍ୟ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ: ବିଜେଡି

ଭୁବନେଶ୍ୱର, ୨୫।୯(ସୁନିତ୍ ମିଶ୍ର)

ମହାନଦୀ ବିବାଦ ପ୍ରସଙ୍ଗକୁ ନେଇ ପୁଣିଥରେ ଜୋର୍ ଧରିଛି ରାଜନୀତି। ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟଙ୍କ ମନ୍ତବ୍ୟ ପରେ ପ୍ରତିକ୍ରିୟାଶୀଳ ହୋଇଛି ବିଜେଡି। ମହାନଦୀ ବିବାଦ କୃତ୍ରିମ ଥିଲା ବୋଲି ପୀତାମ୍ବରଙ୍କ ମନ୍ତବ୍ୟ ପରେ ବିଜେଡି କହିଛି ଏଜିଙ୍କ ବୟାନ ରାଜନୀତି ପାଇଁ ଉଦ୍ଦିଷ୍ଟ।

ମହାନଦୀ ବିବାଦ ପ୍ରସଙ୍ଗରେ ଏବେ ଟ୍ରିବ୍ୟୁନାଲରେ ଶୁଣାଣି ଚାଲିଛି। ଟ୍ରିବ୍ୟୁନାଲରେ ଉଭୟ ରାଜ୍ୟ ସହମତି ଭିତ୍ତିରେ ସମସ୍ୟାର ସମାଧାନ କରିବେ ବୋଲି କହିଛନ୍ତି। ଏହାକୁ ଟ୍ରିବ୍ୟୁନାଲ ସ୍ୱାଗତକରିବା ସହ ସହମତିଭିତ୍ତିକ ଆଲୋଚନା କେତେ ବାଟ ଗଲା ସେକଥା ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ ବୈଠକ ସରିଥିବା ବେଳେ ଆଉ ଥରେ ଆଗକୁ ହେବ। ଏହାସହ ୨ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ବୈଠକ ହେବା ନେଇ ନିଷ୍ପତ୍ତି ସରିଛି। ଏପରି ସ୍ଥିତି ଭିତରେ ଗୁରୁବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପୀତାମ୍ବର କହିଛନ୍ତି, ମହାନଦୀ ବିବାଦର ସମାଧାନ ଲାଗି ଉଦ୍ୟମ ହୋଇଛି। ମହାନଦୀ ପ୍ରସଙ୍ଗ ନେଇ କୃତ୍ରିମ ବିବାଦ ସୃଷ୍ଟି କରାଯାଇଥିଲା। ଏହି ପ୍ରସଙ୍ଗରେ ଦାମୀ ଓକିଲଙ୍କୁ ପୋଷିବା ପାଇଁ ଯୋଜନା କରାଯାଇଥିଲା। ଭାଜପା ସରକାର ରାଜ୍ୟରେ ଆସିବା ପରେ ସମାଧାନ ହେଉଛି। କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତାରେ ସମାଧାନ ପାଇଁ ପ୍ରୟାସ କରାଯାଇଛି। ସମସ୍ୟାର ସମାଧାନ ହୋଇଯିବା ଆଶା କରାଯାଉଛି ବୋଲି ପୀତାମ୍ବର କହିଛନ୍ତି।

ଅନ୍ୟପଟେ ପୀତାମ୍ବରଙ୍କ ମନ୍ତବ୍ୟକୁ ନେଇ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ତାଙ୍କ ହିସାବରେ ଯଦି ଏହା କୃତ୍ରିମ ସମସ୍ୟା ଥିଲା, ତେବେ ଭାଜପା କ୍ଷମତାକୁ ଆସିବାର ୧୫ ମାସ ପରେ ମଧ୍ୟ ଏହାକୁ ସମାଧାନ କରିବାକୁ କାହିଁକି ସଫଳ ହୋଇପାରିନାହିଁ। ଏଜି ଗୋଟିଏ ସାମ୍ବିଧାନିକ ପଦବୀ। ସେହି ପଦବୀରେ ଥିବା ବ୍ୟକ୍ତିମାନେ ସାଧାରଣତଃ କୌଣସି ରାଜନୈତିକ ବକ୍ତବ୍ୟ ପ୍ରଦାନ କରନ୍ତି ନାହିଁ। ହେଲେ ଆଚାର୍ଯ୍ୟ ଦେଇଥିବା ବକ୍ତବ୍ୟ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ଏହା ପୂର୍ବ ସରକାରଙ୍କ ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ ପାଇଁ ଉଦ୍ଦିଷ୍ଟ। ଏହାଛଡ଼ା ତାଙ୍କ ବକ୍ତବ୍ୟରେ କୌଣସି ସତ୍ୟତା ନାହିଁ। ତାଙ୍କ ବକ୍ତବ୍ୟ ଅନୁସାରେ ଯଦି ମହାନଦୀ ଜଳ ବିବାଦ କୃତ୍ରିମ ଥିଲା ତେବେ ସରକାର ପରିବର୍ତ୍ତନ ପରେ ସମସ୍ୟା ସମାଧାନ ପାଇଁ ଗୋଟିଏ ମିନିଟ୍ ମଧ୍ୟ ଲାଗିବା ଉଚିତ ନୁହେଁ। କେବଳ ଓଡ଼ିଶା ନୁହେଁ କେନ୍ଦ୍ର ଓ ଛତିଶଗଡ଼ରେ ମଧ୍ୟ ଭାଜପା ସରକାର ଅଛି। ଅର୍ଥାତ୍ ଟ୍ରିପଲ ଇଞ୍ଜିନ ସରକାର ଥାଇ ମଧ୍ୟ ୧୫ ମାସ ବିତିଥିଲେ ସୁଦ୍ଧା ସମସ୍ୟାର ସମାଧାନ ହୋଇପାରି ନାହିଁ। ଏଥିରୁ ସ୍ପଷ୍ଟ ହେଉଛି, ମହାନଦୀ ଜଳ ବିବାଦ କୃତ୍ରିମ ନ ଥିଲା ବୋଲି ଲେନିନ୍ କହିଛନ୍ତି।




## ରେଳ କର୍ମଚାରୀଙ୍କୁ ୧୮୬୬ କୋଟିର ବୋନସ୍

ନୂଆଦିଲ୍ଲୀ, ୨୫।୯: କେନ୍ଦ୍ର ସରକାର ବୁଧବାର ୧୦.୯୦ ଲକ୍ଷ ରେଳ କର୍ମଚାରୀଙ୍କ ପାଇଁ ୧୮୬୬ କୋଟି ଟଙ୍କାର ପ୍ରଡକ୍ଟିଭିଟି ଲିଙ୍କଡ୍ ବୋନସ୍ (ପିଏଲ୍‌ବି)କୁ ଅନୁମୋଦନ କରିଛନ୍ତି। ୯୦୦,୯୧,୧୪୬ କର୍ମଚାରୀଙ୍କ ପାଇଁ ଘୋଷିତ ଉପରୋକ୍ତ ବୋନସ୍ ସେମାନଙ୍କ ୭୮ ଦିନର ମଜୁରୀ ସହ ସମାନ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ କେନ୍ଦ୍ର ସରକାର ପ୍ରତିବର୍ଷ ଦୁର୍ଗାପୂଜା/ଦଶହରା ଛୁଟି ପୂର୍ବରୁ ରେଳ କର୍ମଚାରୀଙ୍କୁ ପିଏଲ୍‌ବି ପ୍ରଦାନ କରିଥାନ୍ତି।

# ଦକ୍ଷତା ବିକାଶ ଯୁବପିଢ଼ିଙ୍କୁ ବିଶ୍ୱସ୍ତରୀୟ ନିଯୁକ୍ତି ନିମନ୍ତେ ସକ୍ଷମ କରିବ

### ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମରେ ସଫଳ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧନା



ନାନୋ ୟୁନିକର୍ନ ଯୋଜନାର ଜଣେ ମହିଳା ହିତାଧିକାରୀଙ୍କୁ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ୧ଲକ୍ଷ ଟଙ୍କାର ଆର୍ଥିକ ସହାୟତା ବାବଦକୁ ଚେକ୍ ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୨୫।୯(ସୁଚିସ୍ମିତା ସାହୁ)

ସଫଳ ଯୁବ ଉଦ୍ୟୋଗୀମାନଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରିବା ପାଇଁ ଗୁରୁବାର ୱାର୍ଲ୍ଡ ସ୍କିଲ୍ ସେଣ୍ଟରଠାରେ ଏକ ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଆଜି ସାମାଜିକ ଓ ଆର୍ଥିକ ପ୍ରଗତି ପାଇଁ ଦକ୍ଷତା ବିକାଶ ଏବଂ ଔଦ୍ୟୋଗିକତା ଉପରେ ଗୁରୁତ୍ୱ ଦିଆଯାଉଛି। ଦକ୍ଷତା ବିକାଶ ଆମର ଯୁବପିଢ଼ିଙ୍କୁ ବିଶ୍ୱସ୍ତରୀୟ ନିଯୁକ୍ତି ନିମନ୍ତେ ସକ୍ଷମ କରିବା ସହ ଉଦ୍ୟୋଗୀଙ୍କୁ ନିଯୁକ୍ତି ସୃଷ୍ଟିକାରୀ ହେବାକୁ ସକ୍ଷମ କରିଛି। ଏହି ସଶକ୍ତୀକରଣ ଏକ ବିକଶିତ ସମୃଦ୍ଧ ଓଡ଼ିଶା ଗଠନରେ ସହାୟକ ହୋଇପାରିବ। ଇତିମଧ୍ୟରେ ୧୦ ହଜାରରୁ ଅଧିକ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରାଯାଇଛି। ସେଥିମଧ୍ୟରେ ୭୦ ପ୍ରତିଶତ ମହିଳା ରହିଛନ୍ତି। ଉପଯୁକ୍ତ ପରାମର୍ଶ, ସହଜ ଋଣ ସହାୟତା ଏବଂ ଆବଶ୍ୟକ ବଜାରର ସୁବିଧା ଯୋଗୁ ଓଡ଼ିଶାରେ ଏକ ହଜାରରୁ ଅଧିକ ଉଦ୍ୟୋଗ ପ୍ରତିଷ୍ଠା ହୋଇପାରିଛି ବୋଲି ମନ୍ତ୍ରୀ କହିଥିଲେ। ଏହି ଅବସରରେ ମନ୍ତ୍ରୀ ସ୍ୱାଇଁ ନାନୋ ୟୁନିକର୍ନ ଯୋଜନା ଅଧୀନରେ ମନୋନୀତ ହିତାଧିକାରୀଙ୍କୁ ୧ ଲକ୍ଷ ଟଙ୍କାର ସିଡ୍ ଫଣ୍ଡିଂ ସହାୟତା ପ୍ରଦାନ କରିବା ସହ ସେମାନଙ୍କୁ ସେମାନଙ୍କ ବ୍ୟବସାୟ ବୃଦ୍ଧି କରିବା ପାଇଁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ୧୦୦ରୁ ଉର୍ଦ୍ଧ୍ୱ ପ୍ରେରଣାଦାୟୀ ଉଦ୍ୟୋଗୀଙ୍କ ସଫଳତାର କାହାଣୀକୁ ନେଇ ପ୍ରସ୍ତୁତ ଏକ କଫି ଟେବୁଲ ବୁକ୍ ଉନ୍ମୋଚନ କରାଯାଇଥିଲା। ବିଶ୍ୱ ଦକ୍ଷତା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରଶ୍ମିତା ପଣ୍ଡା ଓ ମୁଖ୍ୟ ପରିଚାଳନା ଅଧିକାରୀ ପିନାକୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।




## ପଶ୍ଚିମ ଓଡ଼ିଶା

## ବିଦ୍ୟୁତ୍ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

ସମ୍ବଲପୁର,୨୫।୯(ବି.ଶଙ୍କର)

ଟିପିଡବ୍ଲ୍ୟୁଓଡିଏଲ୍‌ର ସମ୍ବଲପୁର ପୂର୍ବ ବିଦ୍ୟୁତ୍ ବିଭାଗ ଅନ୍ତର୍ଗତ ପରମାନପୁର ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ସେ ହେଲେ ଜିତୁ ପ୍ରଧାନ(୨୫)। ଜିତୁଙ୍କ ଏତଲା କ୍ରମେ ଶାସନ ଥାନା ପୋଲିସ ଏକ ମାମଲା ରୁଜୁ କରିଛି। ଜିତୁ ଏବଂ ତାଙ୍କର ସହଯୋଗୀ ନନ୍ଦ ରାଉତ, ଏଓସି ତ୍ରିନାଥ ସାହୁ ଏବଂ ହେଲପର ନୀଳମଣି ଷଣ୍ଢ ଏବଂ ସତ୍ୟସାର ଗୁପ୍ତା ବାରିକ ଗତ ୧୯ ତାରିଖ ରାତି ପ୍ରାୟ ୭.୨୦ ମିନିଟରେ ଏକ ଫ୍ୟୁଜ୍ କଲ ଅଭିଯୋଗର ସମାଧାନ ପାଇଁ ପରମାନପୁର ବିଦ୍ୟୁତ୍ ସେକ୍ସନ ଅନ୍ତର୍ଗତ ସାଇବ୍ରିକ୍ସ ସେରସୁଆଁତଲ ଅଞ୍ଚଳକୁ ଯାଇଥିଲେ। ସେମାନେ ଟ୍ରାନ୍ସଫର୍ମରକୁ ଯାଞ୍ଚ କରିବା ପରେ ଜାଣିବାକୁ ପାଇଲେ ଯେ, ଅଭିଯୋଗକାରୀଙ୍କ ନିଜ ପରିସର ଭିତରେ କିଛି ଆଭ୍ୟନ୍ତରୀଣ ତ୍ରୁଟି ଯୋଗୁ ବିଦ୍ୟୁତ୍ ସେବାରେ ବ୍ୟାଘାତ ଘଟିଛି । ପରେ ଉକ୍ତ ଅଭିଯୋଗକାରୀଙ୍କୁ ଅସୁବିଧା ସମ୍ବନ୍ଧରେ ଜଣାଇବା ସହ ଏହା ସେମାନଙ୍କ ଦାୟିତ୍ୱ ଅନ୍ତର୍ଭୁକ୍ତ ନୁହେଁ ବୋଲି କହିଥିଲେ। ଏଥିରେ ଅଭିଯୋଗକାରୀ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ତେବେ ପ୍ରଧାନଙ୍କୁ ବଞ୍ଚାଇବାକୁ ଯାଇ ତାଙ୍କ ସହଯୋଗୀମାନେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଏଥିସହିତ ଆକ୍ରମଣକାରୀମାନେ ଜିତୁ ପ୍ରଧାନଙ୍କୁ ହତ୍ୟା ଧମକ ମଧ୍ୟ ଦେଇଥିଲେ । ସେହିପରି ଅଭିଯୁକ୍ତମାନେ ମଧ୍ୟ ବିଦ୍ୟୁତ କର୍ମଚାରୀଙ୍କ ଗାଡ଼ି (ନମ୍ବର ଓଡି୦୪ଏ୦୬୮୬)ର ପଛ ପାର୍ଶ୍ୱ କାଚକୁ ଭାଙ୍ଗ ଦେଇଥିଲେ । ଏହି ଘଟଣା ନେଇ ଶାସନ ଥାନରେ ଜିତୁ ପ୍ରଧାନ ଏକ ଏତଲା ଦାଏର କରିଛନ୍ତି । ପୋଲିସ ଏକ ମାମଲା (ନଂ.୨୬୪/୨୫) ରୁଜୁ କରି ତଦନ୍ତ ଚଳାଇଛି। ଏ ନେଇ ଗୁରୁବାର ଟିପିଡବ୍ଲ୍ୟୁଓଡିଏଲ୍ ବୁର୍ଲା ସ୍ଥିତ କର୍ପୋରେଟ କାର୍ଯ୍ୟାଳୟ ଯୋଗାଯୋଗ ଏବଂ ସରକାରୀ ସମ୍ପର୍କ ମୁଖ୍ୟ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି । ଏଥିସହ ସମସ୍ତ ଗ୍ରାହକଙ୍କୁ ସୂଚିତ କରିଛନ୍ତି ଯେ, କାର୍ଯ୍ୟରତ ବିଦ୍ୟୁତ୍ କର୍ମଚାରୀଙ୍କୁ କୌଣସି ପ୍ରକାରର ଅପବ୍ୟବହାର କରିବା ଆଇନ ଅନୁଯାୟୀ ଏକ ଦଣ୍ଡନୀୟ ଅପରାଧ। ତେବେ ବିଦ୍ୟୁତ୍ କର୍ମଚାରୀଙ୍କୁ ସଦାସର୍ବାଦା ସହଯୋଗ କରନ୍ତୁ ବୋଲି ସେମାନେ ଅନୁରୋଧ କରିଛନ୍ତି।

## କେନାଲରୁ ଯୁବକଙ୍କ ମୃତଦେହ ଜବତ

ଜମନକିରା,୨୫।୯(ରବୀନ୍ଦ୍ର ପ୍ରସାଦ ଦାନୀ)

ଜମନକିରା ଜମନକିରା ବ୍ଲକ କୁଚିଣ୍ଡା ଥାନା ବଡବାହଲ ଗ୍ରାମରେ ବୁଧବାର ପୋଲିସ ଜଣେ ଯୁବକଙ୍କ ମୃତଦେହ କେନାଲରୁ ଜବତ କରିଛି। ସେ ହେଲେ ବଡବାହଲ ଗ୍ରାମର ବୀରେନ୍ଦ୍ର ମାଝୀ (୩୬)। ସ୍ଥାନୀୟ ଥାନା ଡିମିରୀମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ନରେନ୍ଦ୍ର ପିଙ୍ଗଲଙ୍କ ଏତଲା କ୍ରମେ ତାଙ୍କ ଭିଣୋଇ ବୀରେନ୍ଦ୍ର ବୁଧବାର ସନ୍ଧ୍ୟାରେ ଶୌଚ ପାଇଁ କେନାଲକୁ ଯାଇଥିଲେ। କିନ୍ତୁ ସେଠାରୁ ସେ ଫେରି ନ ଥିଲେ। କିଛି ସମୟ ପରେ ସ୍ଥାନୀୟ ଲୋକେ ବୀରେନ୍ଦ୍ରଙ୍କୁ ନାଳରେ ଭାସୁଥିବା ଦେଖିଥିଲେ। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ବୀରେନ୍ଦ୍ରଙ୍କୁ ପାଣିରୁ ବାହାର କରିଥିଲେ। ପରିବାର ଲୋକେ ତାଙ୍କୁ ସମ୍ବଲପୁର ଡାକ୍ତରଖାନା ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ବୀରେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## କ୍ଷତିଗ୍ରସ୍ତ ପରିବାରଙ୍କୁ ସହାୟତା, ପଥର ବ୍ଲାଷ୍ଟିଂ ବନ୍ଦକର

କୁଚିଣ୍ଡା,୨୫।୯(ବିରଞ୍ଚି ଦର୍ଭା)

ସମ୍ବଲପୁର ଜିଲା ଜମନକିରା ବ୍ଲକ ଭୋଜପୁର ପଞ୍ଚାୟତର ଗୁଡ୍ରାପଡା ଓ ଶିରିଡ ପଞ୍ଚାୟତର କୁଇଲାରିଯୋର ଗ୍ରାମ ପାର୍ଶ୍ୱରେ ବେଆଇନ ପଥର କ୍ୱାରି ଓ ବ୍ଲାଷ୍ଟିଂ ଯୋଗୁ ବହୁ ଆଦିବାସୀ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ଏନେଇ ମଙ୍ଗଳବାର ଜମନକିରା ବ୍ଲକ ସିରିଡ ପଞ୍ଚାୟତ ସରପଞ୍ଚ ଗଜେନ୍ଦ୍ର ନାଏକ, ଭୋଜପୁର ପଞ୍ଚାୟତ ସରପଞ୍ଚ କର୍ପୁର ପାତ୍ର, ଆଦିବାସୀ ନେତା ରମଣୀ କିଷାନଙ୍କ ମିଳିତ ନେତୃତ୍ୱରେ କୁଚିଣ୍ଡା ଉପଜିଲାପାଳଙ୍କ ଜରିଆରେ



### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିବାସହ ଅବହେଳା ପ୍ରଦର୍ଶନ କରିଥିବା ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜଣାଇଛନ୍ତି। କୁଚିଣ୍ଡା ଉପଜିଲାପାଳ ସରଓ୍ୱନନ ସଙ୍କ ଅନୁପସ୍ଥିତରେ ଡେପୁଟି କଲେକ୍ଟର ସରିତା ଓରାମଙ୍କୁ ଦାବିପତ୍ର ଦିଆଯାଇଥିଲା।

## ୬ ଲକ୍ଷ ବର୍ଗଫୁଟ ଭୂମି ସଫା କରିବ ଏମ୍‌ସିଏଲ୍

ସମ୍ବଲପୁର,୨୫।୯(ବି.ଶଙ୍କର)

ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ମୋଦିଙ୍କ ନେତୃତ୍ୱରେ ଭାରତ ସରକାରଙ୍କ ଦ୍ୱାରା ପରିକଳ୍ପିତ ଏକ ସ୍ୱଚ୍ଛତା ଏବଂ ଦକ୍ଷତା ଅଭିଯାନ ପ୍ରସ୍ତୁତ ହେଉଛି। ଏହି ସ୍ୱତନ୍ତ୍ର ଅଭିଯାନ ୫.୦ ପାଇଁ କମ୍ପାନୀର ସମସ୍ତ କାର୍ଯ୍ୟକ୍ଷମ କ୍ଷେତ୍ରରେ ମହାତ୍ମା ଗାନ୍ଧୀଙ୍କ ଜୟନ୍ତି ଅକ୍ଟୋବର ୨ ରୁ ୩୧ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ । ଏହି କ୍ରମରେ ଏମସିଏଲ ୨୩୧ଟି ସ୍ଥାନରେ ପ୍ରାୟ ୫ ଲକ୍ଷ ବର୍ଗଫୁଟ ଭୂମି ସଫା କରିବା ପାଇଁ ଚିହ୍ନଟ କରିଛି। ଯେଉଁଥିରେ ଖଣି କ୍ଷେତ୍ର, କେନ୍ଦ୍ରୀୟ କର୍ମଶାଳା, ଆବାସିକ କଲୋନୀ ଏବଂ କାର୍ଯ୍ୟାଳୟ ପରିସର ଅନ୍ତର୍ଭୁକ୍ତ। ଏଥିସହ ୫୪୩ ମେଟ୍ରିକ୍ ଟନ୍ ସ୍କ୍ରାପ୍ ମଧ୍ୟ ନିଷ୍କାସନ ପାଇଁ ସ୍ଥିର କରାଯାଇଛି। ଏହି ଅଭିଯାନ ଇ-ଅବର୍ଜନାର ବୈଜ୍ଞାନିକ ପରିଚାଳନା, ସ୍ଥାନ ବ୍ୟବହାର, ରେକର୍ଡ ପରିଚାଳନା ଏବଂ କ୍ଷେତ୍ର କାର୍ଯ୍ୟାଳୟଗୁଡ଼ିକରେ ଉନ୍ନତ କର୍ମକ୍ଷେତ୍ର ଅଭିଜ୍ଞତା ଉପରେ ଧ୍ୟାନ ଦେବ। ଏହାସହ ସମାଧାନ କେନ୍ଦ୍ର ଏବଂ ସୂଚନା କିଓସ୍କ ଭଳି ସେବା ପ୍ରଦାନ ପଏଣ୍ଟରେ ଜନକୈନ୍ଦ୍ରିକ ଅଭ୍ୟାସଗୁଡ଼ିକୁ ମଧ୍ୟ ସୁଦୃଢ଼ କରିବାକୁ ଚେଷ୍ଟା କରିବ । ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ସ୍ୱଚ୍ଛତା, ଦକ୍ଷତା ଏବଂ ସୁଶାସନକୁ ପ୍ରୋତ୍ସାହିତ କରିବା ପାଇଁ ଦେଶବ୍ୟାପୀ ଏକ ପ୍ରୟାସର ଏକ ଅଂଶ ହେଉଛି ସ୍ୱତନ୍ତ୍ର ଅଭିଯାନ ୫.୦ ବୋଲି ଗୁରୁବାର ଏମସିଏଲ ଜନ ସମ୍ପର୍କ ବିଭାଗ ପକ୍ଷରୁ ପ୍ରେସ ବିବୃତିରେ ସୂଚିତ କରାଯାଇଛି।

## ୨୦ ସ୍ଲୁଇସ୍ ଗେଟ୍‌ରେ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର,୨୫।୯(ପ୍ରମୋଦ ବହିଦାର)



ହୀରାକୁଦ ଜଳଭଣ୍ଡାରକୁ ବନ୍ୟାଜଳ ପ୍ରବେଶ ପରିମାଣ କ୍ରମଶଃ ବୃଦ୍ଧି ପାଉଥିବାରୁ ଗୁରୁବାର ଜଳଭଣ୍ଡାରର ପୁଣି ୪ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି। ଫଳରେ ବର୍ତ୍ତମାନ ଜଳଭଣ୍ଡାରର ବାମପାର୍ଶ୍ୱସ୍ଥ ୧୩ଟି ଓ ଦକ୍ଷିଣ ପାର୍ଶ୍ୱସ୍ଥ ୭ଟି ମିଶି ମୋଟ୍ ୨୦ଟି ସ୍ଲୁଇସ ଗେଟ୍‌ରେ ବନ୍ୟାଜଳ ନିଷ୍କାସନ କରାଯାଉଛି। ଗୁରୁବାର ରାତି ସାଢ଼େ ୯ ଟାରେ ମିଳିଥିବା ସର୍ବଶେଷ ସୂଚନା ଅନୁସାରେ, ଜଳଭଣ୍ଡାରର ଜଳ ପତନ ୬୨୮.୮୩ ଫୁଟ୍‌କୁ ଖସି ଆସିଛି। ଏହିସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୨ ଲକ୍ଷ ୯୭ ହାଜର ୯୦୩ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଥିବାବେଳେ ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ମୋଟ୍ ହାରାହାରି ୩ ଲକ୍ଷ ୬୧ ହାଜର ୪୩୨ ଘନଫୁଟ୍ ବନ୍ୟାଜଳ ନିଷ୍କାସନ କରାଯାଉଛି। ସେଥିମଧ୍ୟରେ ୨୦ ଟି ସ୍ଲୁଇସ୍ ଗେଟ୍ ଜରିଆରେ ମହାନଦୀକୁ ପ୍ରତି ସେକେଣ୍ଡରେ ହାରାହାରି ମୋଟ୍ ୩ ଲକ୍ଷ ୨୭ ହାଜର ୪୦ ଘନଫୁଟ୍, ଶକ୍ତି ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୧,୯୪୯ ଘନଫୁଟ୍, ଶିଳ୍ପସଂସ୍ଥା ପାଇଁ ୨୪୩ ଘନଫୁଟ୍ ଏବଂ ଜଳ ସେଚନ ପାଇଁ ବରଗଡ଼ କେନାଲରେ ୨୧୯୩ଘନଫୁଟ ଓ ସମ୍ବଲପୁର କେନାଲରେ ୭ ଘନଫୁଟ୍ ଜଳ ମିଶି ମୋଟ୍ ୨୨୦୦ ଘନଫୁଟ୍ ଫୁଟ୍ ଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାର ପାଣିପାଗ ନିମନ୍ତ୍ରଣ କକ୍ଷ ସୂଚନା ଅନୁସାରେ, ଗତ ୨୪ ଘଣ୍ଟା ମଧ୍ୟରେ ଜଳଭଣ୍ଡାର ଉପରମୁଣ୍ଡରେ ୫୪.୧୮ ମିଲିମିଟର ଓ ତଳମୁଣ୍ଡରେ ୭.୦୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

■ଜଳସ୍ତର ୬୨୮.୮୩କୁ ଖସିଲା

■ସେକେଣ୍ଡ ପ୍ରତି ୩ ଲକ୍ଷ ଘନଫୁଟ୍‌ରୁ ଅଧିକ ବନ୍ୟାଜଳ ନିଷ୍କାସନ

# ଦେବଝରଣର ବିକାଶ, ସୁରକ୍ଷା ଦାବି

ସମ୍ବଲପୁର,୨୫।୯(ଭବାନୀ ଶଙ୍କର ଭୋଇ)

■ଗ୍ରାମବାସୀ ଶ୍ରମଦାନ କରି ସଫେଇ କଲେ ପର୍ଯ୍ୟଟନସ୍ଥଳୀ

■ଉଦ୍ୟାନର ରକ୍ଷଣାବେକ୍ଷଣ ହେଉ

ଯୁଯୋମୁରା ବ୍ଲକ ନିକଟସ୍ଥ ଗୟଲଗୁଡିର ଗ୍ରାମବାସୀ ଏବଂ ବନ ସୁରକ୍ଷା ସମିତି ମିଶି ଗୁରୁବାର ଦେବଝରଣ ପର୍ଯ୍ୟଟନସ୍ଥଳୀର ସଫେଇ କାର୍ଯ୍ୟ କରିଛନ୍ତି । ଆଉ କିଛି ଦିନ ପରେ ଦେବଝରଣକୁ ପର୍ଯ୍ୟଟକଙ୍କ ଭିଡ଼ ଆରମ୍ଭ ହୋଇଯିବ। ଯେହେତୁ ଗୟଲଗୁଡି ଗ୍ରାମବାସୀଙ୍କ ରୋଜଗାର ପର୍ଯ୍ୟଟକଙ୍କୁ ଉପରେ ଅଧିକ ମାତ୍ରାରେ ନିର୍ଭର କରିଥାଏ ସେଥିପାଇଁ ଗ୍ରାମବାସୀ ନିଜେ ଶ୍ରମଦାନ କରି ପର୍ଯ୍ୟଟନସ୍ଥଳୀକୁ ସଫାସୁତୁରା କରିବାକୁ ଚେଷ୍ଟା କରିଥିଲେ। କିଛି ଦିନ ପୂର୍ବରୁ ଗୟଲଗୁଡି ବନ ସୁରକ୍ଷା ସମିତିର ନୂତନ କର୍ମକର୍ତ୍ତା ଚୟନ ହେବା ପରେ ଏବେ ଯୁବକମାନେ ବନ ସୁରକ୍ଷାର ଦାୟିତ୍ୱ ନେଇଛନ୍ତି । ସେଥିପାଇଁ ବନ ସୁରକ୍ଷା ସମିତି ପକ୍ଷରୁ ପ୍ରଥମ କାର୍ଯ୍ୟକ୍ରମ ଭାବେ ନିଜ ଅଞ୍ଚଳର ପ୍ରାକୃତିକ ସମ୍ପଦକୁ ସଫାସୁତୁରା କରିବାକୁ ଅଣ୍ଟା ଭିଡ଼ିଥିଲେ। ବନ ସୁରକ୍ଷା ସମିତିର ସଦସ୍ୟମାନେ ଗଣ ସଫେଇ କାର୍ଯ୍ୟକ୍ରମ ହାତକୁ ନେଉଥିବା ଜାଣି ସେଥିରେ ପୁରା ଗାଁ ସହଯୋଗ ପାଇଁ ଉଠିଯାଇଥିଲା। ଆଦିବାସୀ ବହୁଳ ଗୟଲଗୁଡି ଗାଁରେ ୩ ଶହ ଲୋକ ବସବାସ କରୁଥିବା ବେଳେ କାର୍ଯ୍ୟକ୍ରମରେ ପ୍ରତି ପରିବାରର ସଦସ୍ୟମାନେ ସାମିଲ ହୋଇଥିଲେ। ପର୍ଯ୍ୟଟକଙ୍କ ଭୋଜିଭାତ କରୁଥିବା ସ୍ଥାନ ଅପରିଷ୍କାର ହୋଇ ପଡ଼ିଥିବା ବେଳେ ତାକୁ ପ୍ରଥମେ ସଫା କରାଯାଇଥିଲା। ଏହାସହ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଗାଡ଼ି ରହୁଥିବା ସ୍ଥାନ ଆଦିକୁ ମଧ୍ୟ ସଫା କରାଯାଇଥିଲା । ଏହାସହ ବନ ସୁରକ୍ଷା ସମିତି ପକ୍ଷରୁ ଦେବଝରଣକୁ ଆହୁରି ଆକର୍ଷଣୀୟ କରିବା ପାଇଁ ଶୀତ ପୂର୍ବରୁ ଅନେକ କିଛି ଆବଶ୍ୟକ ବ୍ୟବସ୍ଥା କରିବାକୁ ଦାବି କରାଯାଇଥିଲା । ବିଶେଷକରି ସରକାର ପିକନିକ ଆସୁଥିବା ଲୋକଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା ସହ ଅଧିକ ସଂଖ୍ୟକ ପିଣ୍ଡିର ବ୍ୟବସ୍ଥା କରିବାକୁ ବନ ସୁରକ୍ଷା ସମିତିର ସଭାପତି ଜଗଦିଶ ଭୋଇ ଦାବି କରିଛନ୍ତି । ଏହାସହ ଅନେକ ସମୟରେ ଦେବଝରଣରେ ଦୁର୍ଘଟଣା ଘଟୁଥିବାରୁ ପର୍ଯ୍ୟଟନ ଋତୁରେ ଏଠାରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବାକୁ ସେ ଦାବି କରିଛନ୍ତି। ସେହିପରି ଦେବଝରଣ ନିକଟରେ ରହିଥିବା ଉଦ୍ୟାନ ଦୀର୍ଘ ବର୍ଷ ହେବ ଅବହେଳିତ ହୋଇ ପଡିରହିଛି । ତେଣୁ ଏହାକୁ ବିକାଶ କରି ଏହାର ଉଚିତ ରକ୍ଷାଣାବେକ୍ଷଣ କରାଗଲେ ଆସୁଥିବା ପର୍ଯ୍ୟଟକ ବେଶ ଉପକୃତ ହୁଅନ୍ତେ ବୋଲି ଗ୍ରାମବାସୀ ଅକ୍ଷୟ କୁମାର ଭୋଇ କହିଛନ୍ତି । ଆଜିର କାର୍ଯ୍ୟକ୍ରମରେ ବନ ସୁରକ୍ଷା ସମିତିର ସଭାପତି ଜଗଦିଶ ଭୋଇଙ୍କ ନେତୃତ୍ୱରେ କୋଷାଧକ୍ଷ ଶୁଶିଲ ଶବର, ଅକ୍ଷୟ କୁମାର ଭୋଇ, ସମାରୁ ଭୋଇ, ସୁଜାତା ଡାଙ୍ଗ, ଜିତୁ ଶବରଙ୍କ ସମେତ ବହୁସଂଖ୍ୟାରେ ଗ୍ରାମବାସୀ ସାମିଲ ହୋଇଥିଲେ।

# ଲାଞ୍ଚ ନେଇ ଟିପିସିଓଡିଏଲ୍ ଅଧିକାରୀ ଗିରଫ

## ଭଡ଼ାଘରୁ ୯.୫୩ ଲକ୍ଷ ଜବତ କଲା ଭିଜିଲାନ୍ସ

ଭୁବନେଶ୍ୱର,୨୫।୯
(ସତ୍ୟଜିତ୍ ରାଉତ)

ଜଣେ ଠିକାଦାରଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍)ର ଜଣେ ଅଧିକାରୀ ଭିଜିଲାନ୍ସ ଜାଲରେ ଫସିଛନ୍ତି। ସେ ହେଲେ ଟିପିସିଓଡିଏଲ୍ ଭୁବନେଶ୍ୱର ସର୍କଲ-୧ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (କ୍ୱାଲିଟି) ତୁଷାରକାନ୍ତ ରାୟ। ତୁଷାରଙ୍କଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନା ପକ୍ଷରୁ ମାମଲା (ନଂ.୨୧/୨୦୨୫) ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଛି। ଗୁରୁବାର ଅଭିଯୁକ୍ତ ତୁଷାରଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ଟିମ୍ ଶୈଳଶ୍ରୀବିହାରସ୍ଥିତ ତୁଷାରଙ୍କ ଆବାସିକ ଭଡ଼ାଘର, କାନନ ବିହାରସ୍ଥିତ ପୈତୃକ ଘର ଓ ଅଫିସ୍ ଚାମ୍ବରରେ ଚଢ଼ାଉ କରାଯାଇଥିଲା। ତେବେ ଶୈଳଶ୍ରୀବିହାରସ୍ଥିତ ଆବାସିକ ଭଡ଼ାଘର ଯାଞ୍ଚ ବେଳେ ଭିଜିଲାନ୍ସ ଅଧିକାରୀମାନେ ୯ ଲକ୍ଷ ୫୩ ହଜାର ଟଙ୍କା ଜବତ କରିଛନ୍ତି। ଏହାବ୍ୟତୀତ ଘରୁ ୧୫୦ ଗ୍ରାମ ସୁନା ଅଳଙ୍କାର ମିଳିଥିବାବେଳେ ତାଙ୍କର ବ୍ୟାଙ୍କ, ପୋଷ୍ଟାଲ ଓ ଅନ୍ୟାନ୍ୟ ଜମାରାଶି ୧.୮୫ କୋଟି ଟଙ୍କା ଥିବା ଜଣାପଡ଼ିଛି। ଏସବୁ ଜମା ଟଙ୍କା ଲାଞ୍ଚରୁ ସଂଗ୍ରହ କରାଯାଇଥିବା ଭିଜିଲାନ୍ସ ସନ୍ଦେହ କରି ଅଧିକ ତଦନ୍ତ ଜାରି ରଖିଛି।

ଭିଜିଲାନ୍ସ ସୂଚନା ଅନୁଯାୟୀ, ଏହି ମାମଲାରେ ଅଭିଯୋଗକାରୀ ହେଲେ ଇଲେକ୍ଟ୍ରିକାଲ୍ କଣ୍ଟ୍ରାକ୍ଟର ଅମୂଲ୍ୟ ସାହୁ। ସେ ଟେଣ୍ଡର ନେଇ ଏକ ଆପାର୍ଟମେଣ୍ଟରେ ଟ୍ରାନ୍ସଫର୍ମର ଲଗାଇ ବିଦ୍ୟୁତ୍ ସଂଯୋଗ ଦେଇଥିଲେ। ଏହାର ଶେଷ ନିରୀକ୍ଷଣ ରିପୋର୍ଟ ଦେବାକୁ ତୁଷାରକାନ୍ତ ଦିନ ଗଡ଼ାଇ ଚାଲିଥିଲେ। ଫଳରେ ଠିକାଦାର ଜଣକ ଏହି କାମର ବିଲ୍ କରିପାରୁ ନ ଥିଲେ। ସେ ୨ ମାସ ହେଲା ଅନୁରୋଧ


ଗିରଫ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତୁଷାରକାନ୍ତ ରାୟ।

କରିଆସୁଥିଲେ ମଧ୍ୟ ତୁଷାରକାନ୍ତ ଶୁଣୁ ନ ଥିଲେ। ଟଙ୍କା ଦେଲେ ରିପୋର୍ଟ ଦିଆଯିବ ବୋଲି ସେ କହିଥିଲେ। ଅନ୍ୟ କୌଣସି ଉପାୟ ନ ପାଇ କଣ୍ଟ୍ରାକ୍ଟର ଅମୂଲ୍ୟ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ତାଙ୍କୁ ଧରିବାକୁ ଭିଜିଲାନ୍ସ ପକ୍ଷରୁ ଯୋଜନା କରାଯାଇଥିଲା। ସେହି ଅନୁସାରେ


ଘରୁ ମିଳିଥିବା ଟଙ୍କା ଓ ସୁନା।

ବୁଧବାର ରାତିରେ ତୁଷାରକାନ୍ତ ତାଙ୍କ ଭଡ଼ାଘର ବାହାରେ ଥିବା ପାର୍କରେ ଠିକାଦାରଙ୍କଠାରୁ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା।

# ପୋଲିସ୍ ଫାଣ୍ଡି ନିକଟରେ ଯୁବକଙ୍କୁ ହାଣିଲେ

## ପାର୍ବଣରେ ରାଜଧାନୀରେ ଅପରାଧୀଙ୍କ ଆତଙ୍କ

ଭୁବନେଶ୍ୱର,୨୫।୯
(ସତ୍ୟଜିତ୍ ରାଉତ)

ପାର୍ବଣରେ ରାଜଧାନୀରେ ଆତଙ୍କ ରଚିଛନ୍ତି ଅପରାଧୀ। ଭିଏସ୍ଏସ୍‌ନଗରସ୍ଥିତ ପୋଲିସ ଫାଣ୍ଡି ନିକଟରେ ଗୁରୁବାର ଜଣେ ଯୁବକଙ୍କୁ କେତେଜଣ ଅସାମାଜିକ ଯୁବକ ଗୋଡ଼ାଇ ଖଣ୍ଡାରେ ଆକ୍ରମଣ କରିଛନ୍ତି। ଆକ୍ରମଣରେ ଗୁରୁତର ଯୁବକ ହେଲେ ଭିଏସ୍ଏସ୍‌ନଗର ତ୍ରିନାଥ ବସ୍ତିର ଆଜାଦ୍ ଶବର। ଆଜାଦ୍‌ଙ୍କ ବାମହାତ ଆଙ୍ଗୁଠି କଟିଯାଇଥିବା ବେଳେ ବେକରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏନେଇ ଶହୀଦନଗର ଥାନା ପୋଲିସ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଫାଣ୍ଡିଠାରୁ ମାତ୍ର ୧୦୦ ମିଟର ଦୂର ରାସ୍ତାରେ ଦୁର୍ବୃତ୍ତମାନଙ୍କ ଏଭଳି କାଣ୍ଡକୁ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ପ୍ରାଥମିକ ତଦନ୍ତରୁ ଆକ୍ରମଣ ପଛରେ ପୂର୍ବ ଶତ୍ରୁତା ଥିବା ପୋଲିସ ଜାଣିବାକୁ ପାଇଛି। ତେବେ କେଉଁମାନେ ଏବଂ କେତେଜଣ ଏହି ଆକ୍ରମଣ କରିଛନ୍ତି, ତାହା ଜାଣିବାକୁ ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ପଚରାଉଚରା ଆରମ୍ଭ କରିଛି। ନିକଟ ପଥରବନ୍ଧ ବସ୍ତିର କେତେଜଣ ଯୁବକ ଏହି କାଣ୍ଡ ଘଟାଇଥିବା ସମ୍ପର୍କୀୟମାନେ ଗଣମାଧ୍ୟମକୁ କହିଛନ୍ତି। ଅପରପକ୍ଷରେ ଟଙ୍କା ନ ଦେବାରୁ ତାଙ୍କୁ ଆକ୍ରମଣ କରାଯାଇଥିବା ଆଜାଦ୍ କହିଛନ୍ତି।

ସୂଚନା ଅନୁଯାୟୀ, ଦିନ ପ୍ରାୟ ୧୦ଟା ୩୦ରେ ଆଜାଦ୍ ଶହୀଦନଗରରୁ ଫେରୁଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ଟାର୍ଗେଟ୍ କରିଥିଲେ। ଧାରୁଆ


ଆକ୍ରମଣରେ ଗୁରୁତର ଆହତ ହୋଇଥିବା ଆଜାଦ୍ ଶବର।

ଖଣ୍ଡାରେ ତାଙ୍କୁ ସଂଘବଦ୍ଧ ଭାବେ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରି ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ତେବେ କ୍ରାଇମ୍ ସ୍ପଟ୍‌ରେ ପ୍ରବଳ ରକ୍ତଛିଟା ପଡ଼ିଥିବାବେଳେ ଆଜାଦ୍ ଗୁରୁତର ଅବସ୍ଥାରେ ଭିଏସ୍ଏସ୍‌ନଗର ଫାଣ୍ଡି ନିକଟରେ ବସି ରହିଥିଲେ। ପ୍ରଥମେ ସ୍ଥାନୀୟ ଲୋକେ ତାଙ୍କର ଆଶୁ ଚିକିତ୍ସା କରିବା ପରେ ହସ୍ପିଟାଲ ନିଆଯାଇଥିଲା।

# ଘସିପୁରାରୁ ନିଖୋଜ ୩ ଝିଅ ଠାକୁରମୁଣ୍ଡାରୁ ଉଦ୍ଧାର

## ଜଣଙ୍କୁ ଅଟକ ରଖି ପୋଲିସର ଛାନ୍‌ଭିନ୍

ଆନନ୍ଦପୁର/ଘସିପୁରା,୨୫।୯
(ସୁଶାନ୍ତ କୁମାର ସାହୁ/ନିରଞ୍ଜନ ସାହୁ)

କେନ୍ଦୁଝର ଜିଲା ଘସିପୁରା ଥାନା ନଦୁଆଁ ଗ୍ରାମରୁ ବୁଧବାର ଅପରାହ୍ନରେ ନିଖୋଜ ହୋଇଯାଇଥିବା ୩ ଝିଅଙ୍କୁ ଗୁରବାର ସନ୍ଧ୍ୟାରେ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅଞ୍ଚଳରୁ ପୋଲିସ ଉଦ୍ଧାର କରିଛି। ଉଦ୍ଧାର ଝିଅଙ୍କ ମଧ୍ୟରେ ୨ଜଣ ଯୁବତୀ ଥିବା ବେଳେ ଜଣେ ନାବାଳିକା ଅଛନ୍ତି। ଏହି ଘଟଣାରେ ପୋଲିସ ମାମଲା ରୁଜୁକରି ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଗ୍ରାମର ୨ ଯୁବତୀ (୨୧ ଏବଂ ୧୮ ବୟସ) ଓ ଜଣେ ନାବାଳିକା(୧୫) ବୁଧବାର ଅପରାହ୍ନ ୫ଟା୩୦ଟାରେ ଘରେ ବଜାରକୁ ଯାଉଥିବା କହି ଯାଇଥିଲେ। ରାତି ୯ଟା ପର୍ଯ୍ୟନ୍ତ କେହି ବି ଘରକୁ ଫେରି ନ ଥିଲେ। ପରିବାର ଲୋକେ ବ୍ୟସ୍ତହୋଇ ବଜାର, ଗାଁ, ପରିଜନଙ୍କ ଘରେ ଖୋଜାଖୋଜିକରି ପାଇ ନ ଥିଲେ। ରାତି ତମାମ ପ୍ରୟାସ ପରେ ବି ନ ପାଇବା ପରେ ଗୁରୁବାର ଘସିପୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେମାନେ ବସ୍ ଯୋଗେ ଠାକୁରମୁଣ୍ଡା ପଳାଇ ଆସିଥିଲେ। ବସ୍‌ଷ୍ଟାଣ୍ଡରୁ ଉଦ୍ଧାର ପରେ ପରିବାର ଲୋକଙ୍କୁ ଖବର ଦିଆଯାଇଥିବା ଠାକୁରମୁଣ୍ଡା ଥାନା ଅଧିକାରୀ ସାବିତ୍ରୀ ଦଳେଇ ସୂଚନା ଦେଇଛନ୍ତି।

# ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

## ପ୍ରମାଣ ଅଭାବରୁ ୨ ନିର୍ଦ୍ଦୋଷରେ ଖଲାସ

ଯାଜପୁରଟାଉନ,୨୫।୯
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଜଣେ ନାବାଳିକାଙ୍କୁ ଅପହରଣ ଓ ପରେ ବଳାତ୍କାର ମାମଲାର ଗୁରୁବାର ରାୟପ୍ରକାଶ ପାଇଛି। ଯାଜପୁର ଅତିରିକ୍ତ ଜିଲା ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ଅଭିଜିତ ପଲେଇ ମାମଲାର ବିଚାର କରି ଦୋଷୀଙ୍କୁ ୨୦ ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିବା ସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ମାସ ଜେଲ୍ ଦଣ୍ଡାଦେଶ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହିତ ପୀଡ଼ିତାଙ୍କୁ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ୧ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାରେ ସମ୍ପୃକ୍ତ ଯୁବକଙ୍କ ମା' ଓ ଭାଉଜ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଜେନାପୁର ଥାନା ଅଞ୍ଚଳର ସମ୍ପୃକ୍ତ ନାବାଳିକାଙ୍କୁ ସେହି ଅଞ୍ଚଳର ପ୍ରଦୀପ୍ତ ରାଉତ ପ୍ରେମଜାଲରେ ଫସାଇ ଅପହରଣ କରିନେଇ ବଳାତ୍କାର କରିଥିଲେ। ନାବାଳିକାଙ୍କ ବାପା ଅପହରଣ ସମ୍ପର୍କରେ ୨୦୨୨ ଏପ୍ରିଲ ୮ରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୯୦/୨୨ରେ ଏକ ଅପହରଣ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୋଲିସ ଜାଣିବାକୁ ପାଇଥିଲା ଯେ, ୨୦୨୧


ପ୍ରଦୀପ୍ତ ରାଉତ

ଅକ୍ଟୋବର ୨୫ରେ ଅଭିଯୁକ୍ତ ପ୍ରଦୀପ୍ତ ନାବାଳିକାଙ୍କୁ ଅପହରଣ କରିନେଇ ୧୮ ଦିନ ବାହାରେ ରଖିବା ପରେ ଘରକୁ ଆଣିଥିଲେ। ୧୮ ବର୍ଷ ହେଲେ ବିବାହ କରିବେ ବୋଲି ଭଦ୍ରଲୋକ ନିଷ୍ପତ୍ତି ନେଇଥିଲେ। ହେଲେ ପ୍ରଦୀପ୍ତ, ତାଙ୍କ ମା' ଓ ଭାଉଜ ନାବାଳିକାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ନିର୍ଯାତନା ସହି ନ ପାରି ନାବାଳିକା ତାଙ୍କ ବାପାଙ୍କୁ ଜଣାଇଥିଲେ। ଏହାପରେ ନାବାଳିକାଙ୍କ ବାପା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ପ୍ରଦୀପ୍ତ, ତାଙ୍କ ମା' ଓ ଭାଉଜଙ୍କ ବିରୋଧରେ ମାମଲା ରୁଜୁକରିବା ସହ ସେମାନଙ୍କୁ କୋର୍ଟଚାଲାଣ କରିଥିଲା। ମାମଲାର ବୃତ୍ତାନ୍ତ ଶୁଣାଣି କରି ୧୦ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସର ଦସ୍ତାବିଜ୍‌କୁ ଆଧାରକରି ବିଚାରପତି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଜୀବ ମହାନ୍ତି ପରିଚାଳନା କରୁଥିଲେ।

# ୩୪୫ ଗ୍ରାମ୍ ବ୍ରାଉନସୁଗାର ଜବତ

ବାହାନଗା(ଅରୂପ୍ କୁମାର ଦାସ)/ ସୋର(ଜନ୍ମେଜୟ ମିଶ୍ର), ୨୫।୯

ବାଲେଶ୍ୱର ଜିଲା ବାହାନଗା ଓ ସୋର ଅଞ୍ଚଳରେ ଗୁରୁବାର ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ୩୪୫ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଛି।

ବାହାନଗା ବ୍ଲକ ୧୬ ନମ୍ବର ଜାତୀୟ ରାଜପଥ ବାରିକପୁର ନିକଟରେ ରବୀନ୍ଦ୍ର ଟୁଡୁ ନାମକ ଯୁବକ ବ୍ରାଉନସୁଗାର ବିକ୍ରି କରୁଥିବା ବେଳେ ଧରାପଡିଥିଲେ। ତାଙ୍କଠାରୁ ୧୨୫ ଗ୍ରାମ ବ୍ରାଉନସୁଗାର ଅବକାରୀ ଥାନା ଅଧିକାରୀ ଜଗନ୍ନାଥ ବେହେରା ଜବତ କରିଛନ୍ତି। ରବୀନ୍ଦ୍ରଙ୍କ ଘର ଖନ୍ତାପଡା ପଞ୍ଚାୟତ ଗଡଭଙ୍ଗ-୧ ଗ୍ରାମରେ। ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଏନେଇ ଗୋପାଳପୁର ଅବକାରୀ ଥାନାରେ ଏକ ମାମଲା(ନଂ. ୧୩୦/୨୫) ରୁଜୁ ହୋଇଛି। ଚଢାଉରେ ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ ଜଗନ୍ନାଥ ବେହେରାଙ୍କ ସମେତ ନିଳଗିରୀ ଅବକାରୀ ଥାନା ଅଧିକାରୀ କେଶବ ଚନ୍ଦ୍ର ଦାସ,ଗୋପାଳପୁର ଅବକାରୀ ଥାନା ଏଏସ୍ଆଇ ଲମ୍ବୋଧର ମହାନ୍ତି, ଏଏସ୍ଆଇ ମିନତୀ ଯେନା ଓ ବିଦ୍ୟାଧର ବିନ୍ଧାଣୀ ପ୍ରମୁଖ ସାମିଲ ଥିଲେ। ସେହିପରି ସୋର ଅବକାରୀ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଖନ୍ତାପଡା ଥାନା ଗଡଭଙ୍ଗା ଗ୍ରାମର ଦିବ୍ୟଲୋକ ରାଉତ ଏକ ବୁଲେଟ ଯୋଗେ ସୋର ଥାନା ଦହିସଡା ନିକଟରେ କେହି ଜଣେ ବ୍ୟବସାୟୀଙ୍କୁ ବ୍ରାଉନସୁଗାର ଦେବାକୁ ଆସିଥିଲେ। ସୋର ଅବକାରୀ ଥାନାଧିକାରୀ ସୁରଜ କୁମାର ଟିଗାଙ୍କ ନେତୃତ୍ୱରେ ଚଢାଉ ହୋଇଥିଲା। ଦିବ୍ୟଲୋକଙ୍କୁ ଗିରଫ କରାଯିବା ସହ ତାଙ୍କ ନିକଟରୁ ୨୨୦ଗ୍ରାମ୍ ବ୍ରାଉନସୁଗାର ଓ ବୁଲେଟକୁ ଜବତ କରାଯାଇ ସନ୍ଧ୍ୟାରେ କୋର୍ଟଚାଲାଣ କରାଯାଇଛି।

# ଅଟେଇ ଜଙ୍ଗଲରୁ ୩ ଶିକାରୀ ଗିରଫ

## ବାର୍ହା ମାଂସ, କୁରାଢ଼ି ଜବତ

ଆନନ୍ଦପୁର,୨୫।୯
(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଦେଓଗାଁ ବନଖଣ୍ଡ ଭଗମୁଣ୍ଡା ଅଟେଇ ସଂରକ୍ଷଣ ଜଙ୍ଗଲରୁ ଗୁରୁବାର ୩ ଜଣ ଶିକାରୀଙ୍କୁ ବନ ବିଭାଗ ଗିରଫ କରିଛି। ବାର୍ହା ମାଂସ ଓ ଏକ କୁରାଢ଼ି ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ ଶଗଡ଼ପଟା ପଞ୍ଚାୟତ ଖଡ଼ିବାହାଳୀ ଗ୍ରାମର ଖଗେଶ୍ୱର ମହାନ୍ତି, ଆମ୍ବଡାହି ଗ୍ରାମର ତାଇକାନ ଦରାଇ, ନାଥୁରାମ ଦରାଇ।

ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଅଟେଇ ସଂରକ୍ଷିତ ଜଙ୍ଗଲରୁ ଏକ ବାର୍ହା ଶିକାର କରିଥିଲେ। ବାଇକ୍ ଯୋଗେ ଆଣି କାଟି ଭାଗ କରୁଥିଲେ। ସୂଚନା ପାଇ କେନ୍ଦୁଝର ବନପ୍ରାଣୀ ବନଖଣ୍ଡ ଆନନ୍ଦପୁର ବନଖଣ୍ଡ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଭଗମୁଣ୍ଡା ସେକ୍ସନ ବନପାଳଙ୍କ ସମେତ ସମସ୍ତ ବନ କର୍ମଚାରୀ ଖଗେଶ୍ୱର ମହାନ୍ତିଙ୍କ ଘରେ ଚଢ଼ାଉ କରିଥିଲେ। ଖଗେଶ୍ୱର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଅନ୍ୟ ୨ ଅଭିଯୁକ୍ତଙ୍କୁ ବନ କର୍ମଚାରୀ କାବୁକରିଥିଲେ। ଘଟଣାସ୍ଥଳରୁ ଏକ ବାର୍ହା ମୁଣ୍ଡ, ଗୋଡ଼, ୧୨ କେଜି ୮୦୦ ଗ୍ରାମ ମାଂସ ମିଳିଥିଲା। ଏକ କୁରାଢ଼ି, ଛୁରି, ଅଖା ବସ୍ତା ସହ ବାଇକ୍ ବନ କର୍ମଚାରୀ ଜବତ କରିଥିଲେ। ବିଭିନ୍ନ ସ୍ଥାନରେ ଚଢ଼ାଉକରି ଖଗେଶ୍ୱରଙ୍କୁ ବନ ବିଭାଗ ଗିରଫ କରିଥିବା ଆନନ୍ଦପୁର ବନଖଣ୍ଡ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡା ସୂଚନା ଦେଇଥିଲେ।

# ଖଣିଜ ବୋଝେଇ ଟ୍ରକ୍, ଜେସିବି ଜବତ

ଯୋଡ଼ା,୨୫।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ନୟାଗଡ଼ ମୁକ୍ତେଶର ମନ୍ଦିର ନିକଟସ୍ଥ ବେଆଇନ ଲୁହାପଥର ଡିପୋରେ ବନ ବିଭାଗ ଚଢ଼ାଉ କରିଛି। ଘଟଣାସ୍ଥଳରୁ ଏକ ଚୋରା ଲୁହାପଥର ବୋଝେଇ ଟ୍ରକ୍, ଜେସିବି ମେଶିନ ଜବତ ହୋଇଛି। ଚଢ଼ାଉ ବିଷୟରେ ଜାଣିପାରି ଚୋରା ଖଣିଜ ବ୍ୟବସାୟୀ ଫେରାର ହୋଇଯାଇଥିଲେ।

ସୂଚନା ଅନୁଯାୟୀ, ଉକ୍ତ ସ୍ଥାନରେ ଦୀର୍ଘ ୧୫ ବର୍ଷ ହେଲା ବେଆଇନ ଲୁହାପଥର ଡିପୋ ରହିଛି। ବୁଧବାର ରାତିରେ ଡିପୋରୁ ଜେସିବି ମେଶିନ ଲଗାଇ ଟ୍ରକ୍ ଯୋଗେ ଚୋରାଚାଲାଣ ହେଉଥିଲା। ବନ ବିଭାଗ ଖବର ପାଇ ଚଢ଼ାଉ କରିଥିଲା। ଚୋରା ଖଣିଜ ବ୍ୟବସାୟୀ ଫେରାର ହୋଇଯାଇଥିବା ବେଳେ ବନ ବିଭାଗ ଲୁହାପଥର ବୋଝେଇ ଟ୍ରକ୍(ନଂ. ଓଡି ୧୦ ପି ୭୯୧୨), ଜେସିବି (ନଂ. ଓଡି ୦୯ ଏମ ୯୦୮୫)କୁ ଜବତ କରିଥିଲା। ଡିଏଫ୍ଓ ଏଚ୍‌ଡି ଧନ୍‌ରାଜ କହିଛନ୍ତି, ନରୋତ୍ତମ ନାଏକ ନାମକ ଲୋକର ଜମିରେ ଉକ୍ତ ଡିପୋ ରହିଛି। ଚୋରା କାରବାର ଖବର ମିଳିବା ପରେ ବନ ବିଭାଗ ଚଢ଼ାଉକରି ଗାଡ଼ି ଜବତ କରିଛି। ଖଣି ବିଭାଗ ମାମଲା ରୁଜୁ ନ କଲେ ବନ ବିଭାଗ ମାମଲା ରୁଜୁକରିବ ବୋଲି ଡିଏଫ୍ଓ କହିଥିଲେ।

# ଅଭିଯୁକ୍ତ ବାପାଙ୍କୁ ୨୦ବର୍ଷ ଜେଲଦଣ୍ଡ

## ନାବାଳିକା ଝିଅକୁ ବଳାତ୍କାର ମାମଲା

ଭୁବନେଶ୍ୱର,୨୫।୯ (ସତ୍ୟଜିତ୍ ରାଉତ)

ନାବାଳିକା ଝିଅକୁ ବଳାତ୍କାର ମାମଲାରେ ଅଭିଯୁକ୍ତ ବାପା ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଭୁବନେଶ୍ୱର ଆଡ୍‌ହକ୍ ଅତିରିକ୍ତ ଦୌରା ଜଜ୍ ତଥା ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର (ପୋକ୍ସୋ) କୋର୍ଟର ବିଚାରପତି ସରୋଜ କୁମାର ସାହୁ ମହିଳା ଥାନାରେ ରୁଜୁହୋଇଥିବା ଏହିମାମଲାରେ ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ବାପାଙ୍କୁ ୨୦ବର୍ଷ ଜେଲଦଣ୍ଡ ହୋଇଛି। ଏଥିସହ ତାଙ୍କୁ ୫ ହଜାର ଟଙ୍କା ଜରିମାନା ଦେବାକୁ ମଧ୍ୟ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟେ ଅଧିକ ୩ ମାସ ଜେଲରେ ରହିବାକୁ ହେବ ବୋଲି କୋର୍ଟ ରାୟରେ କହିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ପୀଡ଼ିତା ତାଙ୍କ ମା' ଓ ବାପାଙ୍କ ସହ ଶହୀଦନଗର ଥାନା ଅନ୍ତର୍ଗତ ଏକ ବସ୍ତିରେ ରହୁଥିଲେ। ୨୦୨୨ ଅକ୍ଟୋବର ୨୭ ସକାଳେ ମା' କାମରେ ବାହାରକୁ ଯାଇଥିବାବେଳେ ଘରେ ବାପାଙ୍କ ସହ ୮ବର୍ଷୀୟା ଝିଅ ଥିଲେ। ସକାଳ ପ୍ରାୟ ୧୦ଟାବେଳେ ଝିଅ ଘରେ ପାଠ ପଢୁଥିବା ବେଳେ ବାପା ଟିଭି ଦେଖୁଥିଲେ। ଏହି ସମୟରେ ବାପା ହଠାତ୍ ଝିଅକୁ ପାଖକୁ ଡାକି ବଳାତ୍କାର କରିଥିଲେ। ମା' ଘରକୁ ଫେରିବା ପରେ ପୀଡିତା ଝିଅ ଘଟଣା ବିଷୟରେ କହିଥିଲେ। ଏପରିକି ଅଭିଯୁକ୍ତ ବାପା ପୂର୍ବରୁ ମଧ୍ୟ ନିୟମିତ ବ୍ୟବଧାନରେ ବଳାତ୍କାର କରିଆସୁଥିବା ଜଣାଇଥିଲେ। ଏନେଇ ପୀଡିତାଙ୍କ ମା' ମହିଳା ଥାନାରେ ଅଭିଯୋଗ କରିଥିଲେ।

# ବସ୍ତା ଭିତରୁ ନାବାଳିକାଙ୍କ ମୃତଦେହ ଜବତ


ବସ୍ତା ଭିତରେ ଥିବା ମୃତଦେହ।

ବାଲେଶ୍ୱର, ୨୫।୯
(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ସମଲପୁର ଗାଁ ନିକଟରେ ଏକ ଘରୁ ବସ୍ତା ଭିତରୁ ଜଣେ ନାବାଳିକାଙ୍କ ମୃତଦେହକୁ ପୋଲିସ ଜବତ କରିଛି। ଅନ୍ୟ ଦୁଇ ଝିଅଙ୍କ ସହ ଉକ୍ତ ନାବାଳିକା ଜଣକ ଏଠାରେ ରହୁଥିଲେ। ତାଙ୍କ ଘର ବାହାନଗା ଅଞ୍ଚଳରେ ବୋଲି ଜଣାପଡ଼ିଛି। ସେମାନେ ଅଳିଆ ଆବର୍ଜନା ଗୋଟାଇ ପେଟ ପୋଷୁଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଆଇଆଇସି ଶ୍ୟାମାଘନ ବେହେରା ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ଏହା ଏକ ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି। ତେବେ ତଦନ୍ତ ପରେ ପ୍ରକୃତ ସତ୍ୟ ଜଣାପଡ଼ିବ ବୋଲି ଆଇଆଇସି ସୂଚନା ଦେଇଛନ୍ତି। ପରିଚୟ ଜଣାପଡ଼ି ନ ଥିବା ବେଳେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଛି।


## ଓଡ଼ିଶା ସରକାର
## ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ

## ପୋଷ୍ଟ-ମାଟ୍ରିକ୍ ଛାତ୍ରବୃତ୍ତି ଆବେଦନ

No.V-08:ଯୋଗ୍ୟ ଅନୁସୂଚିତ ଜନଜାତି/ଅନୁସୂଚିତ ଜାତି/ଅନ୍ୟାନ୍ୟ ପଛୁଆ ବର୍ଗ/ ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀମାନେ ୨୦୨୫-୨୬ ବର୍ଷ ପାଇଁ ନୂତନ ପାଠ୍ୟକ୍ରମ ନିମନ୍ତେ ପଞ୍ଜୀକରଣ ଏବଂ ନବୀକରଣ http://www.scholarship.odisha.gov.in URL ରେ କରିବେ ।

ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇବା ପାଇଁ ଯୋଗ୍ୟତା:

- ଆବେଦନକାରୀ ଯୋଗ୍ୟ ଅନୁସୂଚିତ ଜନଜାତି/ଅନୁସୂଚିତ ଜାତି/ଅନ୍ୟାନ୍ୟ ପଛୁଆ ବର୍ଗ/ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀ ହୋଇଥିବା ଆବଶ୍ୟକ ଏବଂ ସେମାନେ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ ।
- ସେ ସରକାରୀ/ସରକାରୀ ସ୍ୱୀକୃତିପ୍ରାପ୍ତ ଶିକ୍ଷାନୁଷ୍ଠାନରେ General/Technical/Professional ଉଚ୍ଚଶିକ୍ଷା ପାଠ୍ୟକ୍ରମରେ ଅଧ୍ୟୟନ କରୁଥିବେ ।
- ସମସ୍ତ ସୂତ୍ରରୁ ପରିବାରର ବାର୍ଷିକ ଆୟ ଟ.୨,୫୦,୦୦୦/- (ଦୁଇ ଲକ୍ଷ ପଚାଶ ହଜାର) ରୁ ଅଧିକ ହୋଇନଥିବ ।
- ଅନ୍ୟାନ୍ୟ ପଛୁଆବର୍ଗ/ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀମାନେ ପୂର୍ବ ପରୀକ୍ଷାରେ ଅତିକମ୍‌ରେ ୫୦% ଭାଗ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବେ ।
- ରାଜ୍ୟ ବାହାରେ କେବଳ ସରକାରୀ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ଓଡ଼ିଶାର ବାସିନ୍ଦା ଛାତ୍ରବୃତ୍ତି ପାଇଁ ଯୋଗ୍ୟ ହେବେ ।

### ନୂତନ ପଞ୍ଜୀକରଣ ଏବଂ ନୂତନ ପାଠ୍ୟକ୍ରମରେ ନବୀକରଣ କରିବାର ସମୟ ସାରଣୀ

| କ୍ର.ନଂ. | କାର୍ଯ୍ୟକ୍ରମ | ତାରିଖ |
|---|---|---|
| ୧ | ଦରଖାସ୍ତ ଆବେଦନ ନିମନ୍ତେ ପୋର୍ଟାଲର ଖୋଲିବା ତାରିଖ | ୨୬.୦୯.୨୦୨୫ |
| ୨ | ଦରଖାସ୍ତ ଆବେଦନ କରିବା ନିମନ୍ତେ ଶେଷ ତାରିଖ | ୩୦.୧୧.୨୦୨୫ |
| ୩ | ଦରଖାସ୍ତଗୁଡିକ ଅନୁଷ୍ଠାନ ଦ୍ୱାରା ଯାଞ୍ଚ ଏବଂ ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ online ପ୍ରେରଣ କରିବାର ଶେଷ ତାରିଖ | ୧୫.୧୨.୨୦୨୫ |
| ୪ | ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀମାନଙ୍କ ଦ୍ୱାରା ଦରଖାସ୍ତଗୁଡିକର online ମଞ୍ଜୁରୀ କରିବାର ଶେଷ ତାରିଖ | ୩୧.୦୧.୨୦୨୬ |

**ଛାତ୍ରଛାତ୍ରୀମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ:**

1. ଛାତ୍ରଛାତ୍ରୀମାନେ ପଞ୍ଜୀକରଣର ସମ୍ପୂର୍ଣ୍ଣ ପ୍ରକ୍ରିୟା ODISHA STATE SCHOLARSHIP PORTAL (OSSP) ରେ "HOW TO APPLY" ବିଭାଗରେ ଜାଣିପାରିବେ ।
2. OTP ମାଧ୍ୟମରେ ଆଧାର ପ୍ରାମାଣିକରଣ ହୋଇ ID ସୃଷ୍ଟି ହେବ, ତେଣୁ ଛାତ୍ରଛାତ୍ରୀମାନେ OTP ପାଇବା ପାଇଁ ସେମାନଙ୍କ ଆଧାର ନିଜର ସକ୍ରିୟ ଥିବା ମୋବାଇଲ ନମ୍ବର ସହିତ ସଂଯୁକ୍ତ ହୋଇଥିବା ଆବଶ୍ୟକ ।
3. ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ୨୦୨୫-୨୬ ବର୍ଷରୁ "ଓଡ଼ିଶା ରାଜ୍ୟ ଛାତ୍ରବୃତ୍ତି ପୋର୍ଟାଲ" (OSSP) ଅର୍ଥାତ୍ scholarship.odisha.gov.in ରେ ଅନଲାଇନ ଛାତ୍ରବୃତ୍ତି ଆବେଦନ କରିବା ପୂର୍ବରୁ NSP ଅର୍ଥାତ୍ scholarships.gov.in କୁ ଯାଇ ଏକକାଳୀନ ପଞ୍ଜୀକରଣ ନମ୍ବର (OTR) ସୃଷ୍ଟି କରିବା ବାଧ୍ୟତାମୂଳକ ଅଟେ । ଏହାର ସମ୍ପୂର୍ଣ୍ଣ ପ୍ରକ୍ରିୟା OSSPର ହୋମ୍ ପେଜ୍‌ରେ ପ୍ରଦାନ କରାଯାଇଛି ।
4. NSP ରୁ OTR ପାଇବା ପରେ OSSP ରେ ହିଁ ଛାତ୍ରବୃତ୍ତି ଆବେଦନ କରାଯିବ । ଛାତ୍ରଛାତ୍ରୀମାନଙ୍କୁ NSP ରେ କୌଣସି ଆବେଦନ ନକରିବାକୁ ପରାମର୍ଶ ଦିଆଯାଉଛି ।
5. ଛାତ୍ରବୃତ୍ତି ରାଶି କେବଳ ଆଧାର-ସଂଯୋଜିତ ବ୍ୟାଙ୍କ ଖାତାରେ ହିଁ ପ୍ରଦାନ କରାଯିବ । ତେଣୁ, ଆବେଦନକାରୀମାନେ ନିଶ୍ଚିତ କରିବେ ଯେ ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟ ଆଧାର ନମ୍ବର ସହିତ ସଂଯୋଜିତ ହୋଇଛି । ଛାତ୍ରବୃତ୍ତିର ଏକ ଛୋଟ ଅଂଶ (top-up) ଆବେଦନକାରୀ ଦ୍ୱାରା ପ୍ରଦତ୍ତ ବ୍ୟାଙ୍କ-ଆକାଉଣ୍ଟରେ ପ୍ରଦାନ କରାଯିବ ।
6. ଛାତ୍ରଛାତ୍ରୀମାନଙ୍କୁ ଆବେଦନ ପତ୍ର ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ କାଗଜପତ୍ର ଗୁଡିକର ହାର୍ଡକପି ଦାଖଲ ନକରିବାକୁ ପରାମର୍ଶ ଦିଆଯାଇଛି । ତେଣୁ ଆବେଦନକାରୀମାନଙ୍କୁ ଅନୁରୋଧ ସେମାନେ ଆୟ, ଜାତି, ମେଟ୍ରିକ, ବ୍ୟାଙ୍କ ଆକାଉଣ୍ଟ ଇତ୍ୟାଦି ସମ୍ବନ୍ଧୀୟ ତଥ୍ୟ ସତର୍କତାର ସହିତ ପୋର୍ଟାଲରେ ପୂରଣ କରିବେ ।
7. ୧ ଫେବୃଆରୀ, ୨୦୨୦ ପରେ ଜାରି ହୋଇଥିବା ଆୟ ଏବଂ ଜାତି ପ୍ରମାଣପତ୍ର ଇ-ଡିଷ୍ଟ୍ରିକ୍ଟ ପୋର୍ଟାଲ ମାଧ୍ୟମରେ ଯାଞ୍ଚ କରାଯିବ । ଛାତ୍ରଛାତ୍ରୀମାନେ ଅନଲାଇନ୍ ଆବେଦନରେ ଆୟ/ଜାତି ପ୍ରମାଣପତ୍ରର ରେଫରେନ୍ସ ନମ୍ବର (E-CAS/INC....) ଏବଂ token number ପ୍ରଦାନ କରିବେ । ଯେଉଁ ଛାତ୍ରଛାତ୍ରୀମାନେ ୧ ଫେବୃଆରୀ ୨୦୨୦ ପୂର୍ବରୁ ଜାତି ପ୍ରମାଣପତ୍ର ପାଇଛନ୍ତି ସେମାନେ ଅନଲାଇନ୍ ଆବେଦନରେ ଏହାକୁ ଅପଲୋଡ୍ କରିବେ ।
8. ନୂତନ ପଞ୍ଜୀକରଣ ଏବଂ ନୂତନ ପାଠ୍ୟକ୍ରମରେ ନବୀକରଣ ଆବେଦନରେ କେବଳ ଚଳିତ ବର୍ଷ ୨୦୨୫-୨୬ କିମ୍ବା ତା ପୂର୍ବ ଦୁଇ ବର୍ଷ ଅର୍ଥାତ୍ ୨୦୨୩-୨୪ ଏବଂ ୨୦୨୪-୨୫ ରେ ଜାରି କରାଯାଇଥିବା ଆୟ ପ୍ରମାଣପତ୍ର ହିଁ ଗ୍ରହଣ କରାଯିବ ।
9. ଛାତ୍ରଛାତ୍ରୀମାନେ ଶିକ୍ଷାଗତ ଯୋଗ୍ୟତା ହାସଲ କରିଥିବା ବିବରଣୀ ଏବଂ ପ୍ରମାଣପତ୍ର/ମାର୍କସିଟ୍ ସମ୍ପୃକ୍ତ ବିଭାଗରେ ପ୍ରଦାନ କରିବେ ।
10. ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦିଆଯାଉଛି ଯେ ସେମାନେ ସେମାନଙ୍କର ଡିଜିଲକର ବ୍ୟବହାର କରନ୍ତୁ ଏବଂ ସେଥିରେ ସମ୍ପୃକ୍ତ ବୋର୍ଡ/ବିଶ୍ୱବିଦ୍ୟାଳୟରୁ ମାର୍କ-ସିଟ୍/ସାର୍ଟିଫିକେଟ୍ ଭଳି ଶିକ୍ଷାଗତ ଡକ୍ୟୁମେଣ୍ଟ ରଖନ୍ତୁ । ଛାତ୍ରଛାତ୍ରୀମାନେ OSSPରେ ଡିଜିଲକର ସୁବିଧା ବ୍ୟବହାର କରି ସେମାନଙ୍କର ଛାତ୍ରବୃତ୍ତି ଆବେଦନରେ ଆବଶ୍ୟକ ଶିକ୍ଷାଗତ ଡକ୍ୟୁମେଣ୍ଟ ଆଣିପାରିବେ ।
11. ରାଜ୍ୟ ବାହାରେ ପଢୁଥିବା ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ଫର୍ମାଟରେ (ଫର୍ମ ଲଗଇନ୍ ପୃଷ୍ଠାରେ ପ୍ରଦାନ କରାଯାଇଛି) ଅନୁଷ୍ଠାନ ମୁଖ୍ୟ/କର୍ତ୍ତୃପକ୍ଷଙ୍କ ଦ୍ୱାରା ସିଲ୍ ଏବଂ ସ୍ୱାକ୍ଷର ହୋଇଥିବା institution declaration form ଅପଲୋଡ୍ କରିବେ ।
12. ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ID ଏବଂ Password ଗୋପନୀୟ ରଖିବାକୁ ଅନୁରୋଧ । ଯଦି ଆବେଦନକାରୀ ନିଜର ID କିମ୍ବା password ଅନ୍ୟକୁ ଜଣାଇଲେ କିମ୍ବା ହସ୍ତାନ୍ତର କଲେ, ଯଦି ବୃତ୍ତି ରାଶିରେ କୌଣସି ଭୁଲ ପଇଠ ହୁଏ ବା କୌଣସି ପ୍ରକାରର ଚଞ୍ଚକତା ହୁଏ ସେଥିପାଇଁ ସମ୍ପୃକ୍ତ ଆବେଦନକାରୀ ଦାୟୀ ରହିବେ ।

**ଶିକ୍ଷାନୁଷ୍ଠାନଗୁଡିକ ପାଇଁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ:**

1. ଅନୁଷ୍ଠାନର OSSP ପ୍ରୋଫାଇଲରେ ପ୍ରତ୍ୟେକ ପାଠ୍ୟକ୍ରମ ପାଇଁ ସମ୍ପୃକ୍ତ ସଂସ୍ଥା/ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସ୍ୱୀକୃତି ପ୍ରମାଣପତ୍ର ଏବଂ affiliation କପି ନିଶ୍ଚିତ ଭାବରେ ଅପଲୋଡ୍ କରିବେ ।
2. ଭାରତ ସରକାରଙ୍କ ସର୍ତ୍ତ ଅନୁଯାୟୀ, ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ (HoI) ଏବଂ ସ୍କଲାରସିପ୍ ନୋଡାଲ୍ ଅଫିସର (INO) ମାନେ ୨୦୨୪-୨୦୨୫ ରୁ ରାଜ୍ୟ ସ୍କଲାରସିପ୍ ପୋର୍ଟାଲରେ ବାୟୋମେଟ୍ରିକ୍ E-KYC ପ୍ରାମାଣୀକରଣ କରିବା ଅନିବାର୍ଯ୍ୟ ଅଟେ । ପୋର୍ଟାଲରେ ଯେଉଁ ଶିକ୍ଷାନୁଷ୍ଠାନମାନଙ୍କ ବାୟୋମେଟ୍ରିକ୍ E-KYC ପ୍ରମାଣୀକରଣ ହୋଇଛି, କେବଳ ସେମାନେ ହିଁ ଆବେଦନ ଗୁଡିକୁ ଆଗକୁ ପ୍ରକ୍ରିୟାକରଣ କରିପାରିବେ । ପୋର୍ଟାଲରେ ଶିକ୍ଷାନୁଷ୍ଠାନ ଗୁଡିକର ନିଜର ଲଗ-ଇନ୍ ପେଜରେ ବାୟୋମେଟ୍ରିକ୍ E-KYC ପ୍ରମାଣୀକରଣର ବ୍ୟବସ୍ଥା ରହିଛି ।
3. ଯେଉଁ ଅନୁଷ୍ଠାନର ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀ (HoI) କିମ୍ବା/ଏବଂ ସ୍କଲାରସିପ୍ ନୋଡାଲ୍ ଅଫିସର (INO) ବଦଳି ହୋଇଛନ୍ତି, ସେଠାରେ ବର୍ତ୍ତମାନ HOI/INO ପଦବୀରେ ଥିବା ବ୍ୟକ୍ତିଙ୍କୁ OSSP ରେ ବାୟୋମେଟ୍ରିକ୍ E-KYC ପ୍ରାମାଣୀକରଣ ଏବଂ ସେମାନଙ୍କର ପ୍ରୋଫାଇଲ୍ ପୃଷ୍ଠାରେ ବିବରଣୀକୁ ବାଧ୍ୟତାମୂଳକ ଭାବରେ ଅପଡେଟ୍ କରିବେ ।
4. ଅନୁଷ୍ଠାନ/DWOମାନେ ଶେଷ ତାରିଖକୁ ଅପେକ୍ଷା ନକରି ପରବର୍ତ୍ତୀ ସ୍ତରକୁ ଆବେଦନ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି ।

**OIPR-26001/11/0016/2526**

## ଅଦାଲତଙ୍କ ଆଦେଶ ଅପେକ୍ଷାରେ ୪ ପୌରସଂସ୍ଥାର ନିର୍ବାଚନ: ମନ୍ତ୍ରୀ

ଭୁବନେଶ୍ୱର,୨୫ା୯(ରବିନାରାୟଣ ଜେନା):ଓଡ଼ିଶା ଉଚ୍ଚନ୍ୟାୟାଳୟଙ୍କ ଆଦେଶ ମିଳିଲେ ରାଜ୍ୟର ୪ଟି ପୌରସଂସ୍ଥାରେ ନିର୍ବାଚନ ହେବ ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଚଳିତ ବିଧାନସଭା ଅବସରରେ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ସମ୍ବଲପୁର ମହାନଗର ନିଗମ ସମେତ ରାଉରକେଲା, ପୁରୀ ଏବଂ ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦରେ ନିର୍ବାଚନ ଲାଗି ଉଚ୍ଚନ୍ୟାୟାଳୟଙ୍କ ସ୍ଥଗିତାଦେଶ ରହିଛି। ଏନେଇ ଉଚ୍ଚନ୍ୟାୟାଳୟଙ୍କ ଆଦେଶ ମିଳିବା ପରେ ହିଁ ନିର୍ବାଚନ ହୋଇପାରିବ।

# ସଚେତନତାକୁ ଗୁରୁତ୍ୱ

**ଆଜି ବିଶ୍ୱ ଗର୍ଭନିରୋଧ ଦିବସ**




ଅବାଞ୍ଛିତ ଗର୍ଭଧାରଣକୁ ରୋକିବା ସହିତ ଜନ୍ମହାରକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୨୬ରେ ଗର୍ଭ ନିରୋଧ ଦିବସ ଭାବେ ପାଳନ କରାଯାଉଛି। ୨୦୦୭ ମସିହାରେ ଆରମ୍ଭ ହୋଇଥିବା ଏହିଦିବସର ଲକ୍ଷ୍ୟ ଗର୍ଭନିରୋଧ ପ୍ରତି ସଚେତନତା ବୃଦ୍ଧି ଏବଂ ଯୁବପିଢ଼ିଙ୍କୁ ସେମାନଙ୍କର ଯୌନ ଏବଂ ପ୍ରଜନନ ସ୍ୱାସ୍ଥ୍ୟ ବିଷୟରେ ସଚେତନ କରାଇବା। ତେବେ ଚଳିତ ବର୍ଷ ଉକ୍ତ ଦିବସ ପାଇଁ ବିଷୟବସ୍ତୁ ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଇ ନାହିଁ, କିନ୍ତୁ ଏହି ଦିବସର ସାମଗ୍ରିକ ଲକ୍ଷ୍ୟ ହେଉଛି ଲୋକମାନଙ୍କୁ ସେମାନଙ୍କର ଯୌନ ଏବଂ ପ୍ରଜନନ ସ୍ୱାସ୍ଥ୍ୟ ବିଷୟରେ ଅବଗତ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବା ପାଇଁ ଗର୍ଭନିରୋଧକ ପଦ୍ଧତିଗୁଡ଼ିକର ପ୍ରବେଶ ଏବଂ ଜ୍ଞାନକୁ ଉନ୍ନତ କରାଇବା। ପ୍ରତିଟି ମହିଳା ନିଜର ଗର୍ଭଧାରଣର ସମୟ ଓ ବ୍ୟବଧାନକୁ ଲକ୍ଷ୍ୟ ରଖିବା ତାଙ୍କର ପ୍ରଥମ ମୌଳିକ ଅଧିକାର। ଗର୍ଭନିରୋଧ ଭଳି ନିଷ୍ପତ୍ତି ନେବା ମଧ୍ୟ ତାଙ୍କର ଅଧିକାର ପରିସରର । ତେବେ ଗର୍ଭ ନିରୋଧକ ବ୍ୟବହାର ଦ୍ୱାରା ମାତୃମୃତ୍ୟୁ ହ୍ରାସ ପାଇବା ସହିତ ନବଜାତ ଶିଶୁ ମୃତ୍ୟୁହାର କମିବା, ଗର୍ଭପାତ ହ୍ରାସ ଏବଂ ଅନିଚ୍ଛାକୃତ ଗର୍ଭହ୍ରାସ ଭଳି ବିଭିନ୍ନ ପ୍ରକାର ଉପକାର ହୋଇଥାଏ। ଏନେଇ ମହିଳାଙ୍କଠାରୁ ଆରମ୍ଭ କରି ସବୁ ବର୍ଗଙ୍କର ଲୋକଙ୍କୁ ସଚେତନତା କରିବାର ଆବଶ୍ୟକତା ରହିଛି।

–ସୁଚିସ୍ମିତା ସାହୁ ,ଭୁବନେଶ୍ୱର

# ଗୋଇଠି ଯନ୍ତ୍ରଣା ଦୂର ପାଇଁ 'ଫୋର୍ସ ପ୍ଲେଟ୍'

**ରାଉରକେଲା ଏନ୍ଆଇଟି ଦ୍ୱାରା ବିକଶିତ**

ରାଉରକେଲା,୨୫ା୯ (ସଙ୍ଗୀତା ଜେନା)

ରାଉରକେଲା ନ୍ୟାଶନାଲ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏନ୍ଆଇଟି) ସ୍ୱଦେଶୀ ଜ୍ଞାନକୌଶଳ ଉପଯୋଗ କରି ଏକ 'ଫୋର୍ସ ପ୍ଲେଟ୍ ' ବିକଶିତ କରିଛି, ଯାହାକି ମେଦବହୁଳଗ୍ରସ୍ତ ବ୍ୟକ୍ତିଙ୍କଠାରେ ବୃଦ୍ଧି ପାଇଥିବା ଗୋଇଠି ଯନ୍ତ୍ରଣାକୁ ଦୂର କରିପାରିବ। ଶିକ୍ଷାନୁଷ୍ଠାନର ବାୟୋଟେକ୍ନୋଲୋଜି ଆଣ୍ଡ୍ ମେଡିକାଲ ଇଞ୍ଜିନିୟରିଂ ବିଭାଗ ପ୍ରାଧ୍ୟାପକ ପ୍ରଫେସର ଏ. ତିରୁଗଗାନମ୍ଙ୍କ ନେତୃତ୍ୱରେ ଏକ ଗବେଷକ ଦଳ ବହୁଅକ୍ଷୀୟ ଗ୍ରାଉଣ୍ଡ ରିଆକ୍ସନ ଫୋର୍ସ (ଜିଆର୍ପି) ପରିମାପ ପାଇଁ ଏହି ସ୍ୱଳ୍ପ ମୂଲ୍ୟର ଉପକରଣକୁ ବିକଶିତ କରିଛନ୍ତି। ଫୋର୍ସ ପ୍ଲେଟ ଦ୍ୱାରା ମାପ କରାଉଥିବା ଜିଆର୍ପିଗୁଡ଼ିକ ଅସ୍ୱାଭାବିକ ଚାଲିବା ଶୈଳୀ ନିର୍ଣ୍ଣୟ କରିବାରେ ସହାୟକ ହେବ। ଉକ୍ତ ଉପକରଣ ବିଦେଶୀ ଯୋଗାଣକାରୀଙ୍କ ତୁଳନାରେ ସ୍ୱଳ୍ପ ମୂଲ୍ୟରେ ଉପଲବ୍ଧ ହେବା କାରଣରୁ ଭାରତରେ କ୍ରୀଡ଼ାନୁଷ୍ଠାନ, ଶିକ୍ଷାନୁଷ୍ଠାନ, ହସ୍ପିଟାଲ ଓ ପୁନର୍ବାସ କେନ୍ଦ୍ରଗୁଡ଼ିକରେ ମଧ୍ୟ ଉପଯୋଗୀ ହୋଇପାରିବ। ପ୍ରଫେସର ତିରୁଗଗାନମ୍ଙ୍କ ମାର୍ଗଦର୍ଶନରେ ରିସର୍ଚ୍ଚ ସ୍କଲାର କୁମାରୀ ଧରଣୀ କୁମାରନ୍ ଓ ମୋନିଷା ଗୋରୀ ଶ୍ରୀନିବାସନ ଏହି ଉତ୍ପାଦ ବିକଶିତ କରିଛନ୍ତି। ଏହାର ପେଟେଣ୍ଟ ଦାଖଲ କରାଯିବା ସହ ଅନ୍ତର୍ଜାତୀୟ ମାଗାଜିନ୍ 'ମେକାନିକ୍ସ ଇନ୍ ମେଡିସିନ୍ ଆଣ୍ଡ୍ ବାୟୋଲୋଜି'ରେ ଉକ୍ତ ଗବେଷଣା ପ୍ରବନ୍ଧ ପ୍ରକାଶିତ ହୋଇଛି। ଗବେଷକ ଦଳ ପ୍ରତିଷ୍ଠାନରେ ଏକ ସ୍ୱଦେଶୀ ଫୋର୍ସ ପ୍ଲେଟ୍ ଓ ମୋଶନ କ୍ୟାପ୍ଚର ସିଷ୍ଟମ ଜରିଆରେ ଏକ ଅଣଶଲ୍ୟଚିକିତ୍ସା କୌଶଳ ବ୍ୟବହାର କରି ହିଲ୍ ପ୍ୟାଡ୍ କଠିନତାର ମୂଲ୍ୟାଙ୍କନ କରିଛନ୍ତି। ହିଲ୍ ପ୍ୟାଡ୍ ପାଦର ପ୍ରାକୃତିକ କୁଶନ ଅଟେ। ବିଭିନ୍ନ ଓଜନର ଲୋକଙ୍କଠାରେ ଏହା କିପରି କାର୍ଯ୍ୟ କରେ ତାହା ଅଧ୍ୟୟନ କରି ଗବେଷକ ଦଳ ଗୋଇଠି ଯନ୍ତ୍ରଣା ହ୍ରାସ କରିବା ପାଇଁ ପ୍ରଭାବଶାଳୀ ଜୋତା ତଥା ଚିକିତ୍ସା ରଣନୀତି ବିକାଶ ଦିଗରେ ପ୍ରମୁଖ ପଦକ୍ଷେପ ନେଇଛନ୍ତି। ଏହା ବାର୍ଦ୍ଧକ୍ୟ, ଆଘାତ, ମେଦ ବହୁଳତା, ମଧୁମେହ ତଥା ଭୁଲ ଆକାରରେ ଜୋତା ପିନ୍ଧିବା ଯୋଗୁ ମଧ୍ୟ ହୋଇପାରେ। ସାଧାରଣ ଓଜନ, ଅଧିକ ଓଜନ ଓ ମେଦବହୁଳତାକୁ ନେଇ ୧୫ ଜଣ ସ୍ୱେଚ୍ଛାସେବୀଙ୍କୁ ୩ଟି ଗୋଷ୍ଠୀରେ ବିଭକ୍ତ କରାଯାଇଥିଲା। ଗବେଷଣାର ନିଷ୍କର୍ଷ ବିଷୟରେ ପ୍ରଫେସର ତିରୁଗାଗନମ୍ କହିଛନ୍ତି, ଅଧିକାଂଶ ନ୍ୟୁରୋମସ୍କୁଲାର ରୋଗ ଯୋଗୁ ଜଣେ ବ୍ୟକ୍ତିଙ୍କ ଚାଲିବା ଢାଞ୍ଚାକୁ ପ୍ରଭାବିତ କରେ। ଚାଲିବା ପାଇଁ ମାଂସପେଶୀ ଶକ୍ତି ଓ ସନ୍ତୁଳନ ସଠିକ ସମନ୍ୱୟ ଆବଶ୍ୟକ। ମାନବ କଙ୍କାଳ ମାଂସପେଶୀ ସ୍ୱାସ୍ଥ୍ୟ ବିଶ୍ଳେଷକ ପାଇଁ ଉକ୍ତ ଫୋର୍ସ ପ୍ଲେଟ୍ଗୁଡ଼ିକୁ ବିଶ୍ୱସ୍ତରରେ ଏକ ଅତ୍ୟାବଶ୍ୟକ ନିଦାନ ଉପକରଣ ଭାବେ ସ୍ୱୀକୃତି ଦିଆଯାଇଛି। ଉଚ୍ଚମୂଲ୍ୟ ତଥା ଭାରତରେ ନିର୍ମାତାଙ୍କ ଅଭାବ ଯୋଗୁ ଏହି ଉପକରଣ ଦେଶରେ ସୀମିତ ଭାବେ ଉପଲବ୍ଧ। ରାଉରକେଲା ଏନ୍ଆଇଟିର ନୂତନ ଉପକରଣକୁ ଅନ୍ତର୍ଜାତୀୟ ସିଷ୍ଟମର ଏକ ଚତୁର୍ଥାଂଶ ମୂଲ୍ୟରେ ଉପଲବ୍ଧ କରାଯାଇପାରିବ, ଯାହାକି ଏକ ସୁଲଭ ବିକଳ୍ପ। ଆମଦାନୀ କରାଯାଉଥିବା ଫୋର୍ସ ପ୍ଲେଟ୍ର ମୂଲ୍ୟ ସାଧାରଣତଃ ୩୦ରୁ ୫୦ ଲକ୍ଷ ଟଙ୍କା। ହେଲେ ଏହି ସ୍ୱଦେଶୀ ପ୍ଲେଟ କେବଳ ୮ରୁ ୧୦ ଲକ୍ଷ ଟଙ୍କାରେ ଉପଲବ୍ଧ ହୋଇପାରିବ। ଏହି ଗୁରୁତ୍ୱପୂର୍ଣ୍ଣ ମୂଲ୍ୟ ସୁବିଧା ଅତ୍ୟାଧୁନିକ ବାୟୋମେକାନିକ୍ସ ପ୍ରଯୁକ୍ତିକୁ ଅଧିକ ସୁଗମ କରିବ। ଏହି ପ୍ରକଳ୍ପକୁ ବାୟୋମେଡିକାଲ ଡିଭାଇସ୍ ଆଣ୍ଡ ଟେକ୍ନୋଲୋଜି ଡେଭଲପମେଣ୍ଟ (ବିଡ଼ିଟିଡ଼ି) ଯୋଜନା ଅଧୀନରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ (ଡିଏସ୍ଟି)ଠାରୁ ପାଣ୍ଠି ମିଳିଥିଲା। ସେମାନଙ୍କ ଶିଳ୍ପ ସହଯୋଗରେ କୋଲକାତାର ମେସର୍ସ ଏନ୍. କେ. ଇନଷ୍ଟ୍ରୁମେଣ୍ଟ୍ସ କୀର୍ତ୍ତି ନାୟକ ଓ ତାଙ୍କ ଟିମ୍ ଏହାର ନିର୍ମାଣରେ ସହଯୋଗ କରିଥିଲେ। ଏହାର ବାଣିଜ୍ୟକରଣ କରାଯାଉଛି, ଯାହା ରାଉରକେଲା ଏନ୍ଆଇଟିର ଏଫ୍ଟିବିଆଇ ଅନ୍ତର୍ଭୁକ୍ତ। ଏହି ଷ୍ଟାର୍ଟଅପ୍କୁ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ପାରିପାର୍ଶ୍ୱିକ ବିକାଶ ପାଣ୍ଠିରୁ ଅନୁଦାନ ଏବଂ କେରଳ ଷ୍ଟାର୍ଟ ଅପ୍ ମିଶନ୍ (କେଏସ୍ୟୁଏମ୍) ଏବଂ ଏମ୍ଇଆଇଟିୱାଇଇ-୨.୦ ଠାରୁ ଅନ୍ୟାନ୍ୟ ଉତ୍ପାଦ ବିକାଶ ପାଇଁ ସହାୟତା ମିଳିଛି।



'ଫୋର୍ସ ପ୍ଲେଟ୍ ' ସହ ବିକଶିତ କରିଥିବା ଗବେଷକ ଟିମ୍।

# ଡ୍ୟାମ୍ ଭିତରେ ୭୦ ଫୁଟ୍ ତଳକୁ ଖସିପଡ଼ିଲା କଣ୍ଟେନର

**କିଛି ସମୟ ଭାସି ଗଭୀରରେ ବୁଡ଼ିଗଲା, ଅଳ୍ପକେ ବର୍ତ୍ତିଲେ ଚାଳକ**



ଅଗ୍ନିଶମ କର୍ମଚାରୀମାନେ ଡ୍ୟାମ୍ରେ କଣ୍ଟେନରଟିକୁ ବାହାର କରିବା ପାଇଁ ତଲାସି ଚଳାଇଛନ୍ତି।

ମୋହନା,୨୫ା୯(ମନ୍ମଥ ମିଶ୍ର)

ରାୟଗଡାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ କଣ୍ଟେନର ବୁଧବାର ବିଳମ୍ବିତ ରାତି ପ୍ରାୟ ଗୋଟାଏରେ ଗଜପତି ଜିଲା ଅଡବା ଥାନା ଅନ୍ତର୍ଗତ ଅଡାପଙ୍କା ଗ୍ରାମ ନିକଟରେ ଥିବା ହରଭଙ୍ଗୀ ଡ୍ୟାମ୍କୁ ଖସିପଡିଛି। ଫଳରେ କଣ୍ଟେନରଟି ଗଭୀର ଜଳରାଶିରେ ବୁଡିଯାଇଛି। ତେବେ ଚାଳକ ଅଳ୍ପକେ ବର୍ତ୍ତିଯାଇଛନ୍ତି।

ଖବରରୁ ଜଣାପଡିଛି, ବିହାର ସମସ୍ତିପୁର ଜିଲା ବାସିନ୍ଦା ସଞ୍ଜୀବ ଯାଦବ (୩୨) କଟକରୁ କିଛି ବୁଲେଟ ମୋଟର ସାଇକେଲ କଣ୍ଟେନର (ଓଡି ୦୫ଏଜି-୫୭୬୦)ରେ ନେଇ ରାୟଗଡା ଶୋ'ରୁମକୁ ଯାଇଥିଲେ। ସେଠାରେ ଗାଡ଼ିଗୁଡ଼ିକୁ ଖାଲି କରି କଟକ ଫେରୁଥିବା ବେଳେ ରାତି ପ୍ରାୟ ଗୋଟାଏ ବେଳେ ଅଡ଼ବା ଥାନା ଅନ୍ତର୍ଗତ ଅଡ଼ାପଙ୍କା ଗ୍ରାମ ନିକଟ ଜାତୀୟ ରାଜପଥ ବୁଲାଣି ନିକଟରେ ଅପର ପାର୍ଶ୍ୱରୁ ଦ୍ରୁତ ଗତିରେ ଆସୁଥିବା ଏକ କାର୍କୁ ସାଇଡ୍ ଦେବାକୁ ଯାଇ ପୋଲକୁ ଧକ୍କା ଦେଇ ହରଭଙ୍ଗୀ ଡ୍ୟାମର ୭୦ ଫୁଟ୍ ଜଳରାଶିକୁ ଖସିପଡିଥିଲା। ପାଣିରେ କଣ୍ଟେନରଟି କିଛି ସମୟ ଭାସି ପରେ ବୁଡ଼ି ଯାଇଥିଲା। ଗାଡିଟି ଭାସୁଥିବା ବେଳେ ସେଥିରୁ ବାହାରି ପହଁରି ପହଁରି ସେ କୂଳକୁ ଚାଲି ଆସିଥିଲେ ବୋଲି ଚାଳକ ସଞ୍ଜୀବ କହିଛନ୍ତି। ଖବର ପାଇ ଅଡବା ପୋଲିସ ଓ ମୋହନା ଅଗ୍ନିଶମବାହିନୀ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଡ୍ୟାମରେ ୭୦ ଫୁଟରୁ ଅଧିକ ପାଣି ଥିବାରୁ କଣ୍ଟେନରଟିକୁ ପାଣି ଭିତରୁ ବାହାର କରିବା ଗୁରୁବାର ସନ୍ଧ୍ୟା ସୁଦ୍ଧା ସମ୍ଭବ ହୋଇପାରିନି। ଉଦ୍ଧାର କାର୍ଯ୍ୟ ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଉଥିବା ଅଗ୍ନିଶମ ଅଧିକାରୀ କବିରାଜ ସେଠୀ କହିଛନ୍ତି।

# ଇଭିଏମ୍ ଚୂଡ଼ାନ୍ତ ପର୍ଯ୍ୟାୟ ପୂର୍ବରୁ ପୋଷ୍ଟାଲ ବାଲଟ ଗଣା ଶେଷ ହେବ

**ଭୋଟଗଣତି ନିୟମରେ ସଂଶୋଧନ**

ନୂଆଦିଲ୍ଲୀ,୨୫ା୯

